# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୮/୨୦୨୨ (୧୮ ପୃଷ୍ଠା)    Bhubaneswar, Wednesday, September 28/2022 Page 18 ₹ 7.00 | ★★★★★★

୪୮ଶ ଭାଗ ୩୦୪ ସଂଖ୍ୟା    www.orissakhabar.com/www.dharitri.com | Printed at Bhubaneswar    VOLUME 48 ISSUE 304    ମୂଲ୍ୟ ₹୭/-




## ଗାଭାସ୍କରଙ୍କୁ ଏସ୍‌ଜେଏଫ୍‌ଆଇ ପଦକ

ସୁନୀଲ ଗାଭାସ୍କରଙ୍କୁ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସଜେଏଫ୍‌ଆଇ) ପଦକରେ ସମ୍ମାନିତ କରାଯାଇଛି।

୧୮

୧୫

## ଐଶ୍ୱର୍ଯ୍ୟାଙ୍କ ଗୁରୁଭକ୍ତି

'ପୋନିୟିନ ସେଲଭାନ:୧' ଫିଲ୍ମର ପ୍ରମୋଶନ ବେଳେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଫିଲ୍ମ ନିର୍ମାତା ମଣି ରତ୍ନମଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଛନ୍ତି।





ଇନ୍‌ଭେଷ୍ଟର୍ସ ମିଟ୍ ପାଇଁ ବେଙ୍ଗାଲୁରୁ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ୱିପ୍ରୋ ଲିମିଟେଡ୍‌ର ପୂର୍ବତନ ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀ ସାକ୍ଷାତ କରୁଛନ୍ତି।

## ଆଜି ବେଙ୍ଗାଲୁରୁ ଇନ୍‌ଭେଷ୍ଟର୍ସ ମିଟ୍

### ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଦିଲ୍ଲୀ, ମୁମ୍ବାଇ ପରେ ବେଙ୍ଗାଲୁରୁଠାରେ ବୁଧବାର ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଏକ ପ୍ରତିନିଧି ଦଳ ସହ ମଙ୍ଗଳବାର ବେଙ୍ଗାଲୁରୁରେ ପହଞ୍ଚିଛନ୍ତି। ବୁଧବାର ସନ୍ଧ୍ୟାରେ ଓଡ଼ିଶା ସରକାର ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ତାଜ ୱେଷ୍ଟ ଏଣ୍ଡ ☞ପୃଷ୍ଠା-୪






# ଯୋଜନାବଦ୍ଧ ପିଲାଚୋରି

## ଏସ୍‌ସିବିରୁ ଶିଶୁକନ୍ୟା ନେଇଥିବା ଦମ୍ପତି ଗିରଫ

କଟକ ଅଫିସ,୨୭।୯

ପିଲା ଚୋରିକୁ ନେଇ ଏବେ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବିଶ୍ୱସ୍ତରୀୟ ହେବାକୁ ଯାଉଥିବା କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ। ସୋମବାର ଏସ୍‌ଏନ୍‌ସିୟୁରେ ଚିକିତ୍ସିତ ହେଉଥିବା ଏକ ନବଜାତ ଶିଶୁ କନ୍ୟା ଚୋରି ଘଟଣା ଏଠାକାର ସୁରକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏସ୍‌ଏନ୍‌ସିୟୁ ଭଳି କଡ଼ା ସୁରକ୍ଷା ବଳୟ ସ୍ଥାନରୁ ଶିଶୁ କନ୍ୟାକୁ କିଭଳି ଆଉ ଏକ ଦମ୍ପତି ନେଇଗଲେ ତାକୁ ନେଇ ଉଠିଛି ପ୍ରଶ୍ନ। ଏଠାରେ ପିଲା ଚୋରି ର୍ୟାକେଟ ସକ୍ରିୟ ଭାବେ କାମ କରିବା ସହ ସେମାନଙ୍କୁ ହସ୍ପିଟାଲର କିଛି କର୍ମଚାରୀ ସହଯୋଗ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷରେ ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି। ସେ କିପରି ଏସ୍‌ଏନ୍‌ସିୟୁ ମଧ୍ୟକୁ ପ୍ରବେଶ କଲେ, ଅନ୍ୟ କେଉଁମାନଙ୍କ ଏଥିରେ ସମ୍ପୃକ୍ତି ରହିଛି ଏବଂ ବ୍ୟବସ୍ଥାରେ କ'ଣ ସବୁ ତ୍ରୁଟି ରହିଛି ସେ ନେଇ ମଧ୍ୟ ତଦନ୍ତ ଚାଲିଛି। ଆମ ପାଖରେ ସିସିଟିଭିର ସମ୍ପୂର୍ଣ୍ଣ ଫୁଟେଜ ଅଛି। ତାର ଆଧାରରେ ଆମେ ପୋଲିସକୁ ସମସ୍ତ ତଥ୍ୟ ଦେଇଛୁ। ଯେଉଁମାନେ ଏଥିରେ ସମ୍ପୃକ୍ତ ରହିଛନ୍ତି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି। ସେହିପରି କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଏହା ଏକ ସୁଚିନ୍ତିତ ଏବଂ ଯୋଜନାବଦ୍ଧ କାର୍ଯ୍ୟ। ନକଲି ପ୍ରମାଣ ପତ୍ର ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିବା ପରେ ଶିଶୁକନ୍ୟାକୁ ନେଇଥିବା ଦମ୍ପତିଙ୍କ ବିରୋଧରେ ମଙ୍ଗଳାବାଗ ଥାନାରେ ଆଇପିସି ଦଫା ୩୬୩, ୩୭୦(ଏ), ୪୫୫, ୪୬୭, ୪୬୮, ୪୭୧/୩୪ରେ ଏକ ମାମଲା (ନଂ.୨୪୫/୨୦୨୨) ରୁଜୁ କରାଯାଇଛି। ଏଥିସହ ଦମ୍ପତି ବବଲୁ ବେହେରା(୨୬) ଏବଂ ସୁଇଟି ରାଉତ(୨୧)ଙ୍କୁ ଗିରଫ କରାଯାଇଛି ବୋଲି ମିଶ୍ର କହିଛନ୍ତି।

ସୂଚନା ଅନୁଯାୟୀ ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ତୋଫାନ କୁମାର ଜେନାଙ୍କ ୫ଦିନ ପୂର୍ବରୁ ଯାଆଁଳା ଶିଶୁ କନ୍ୟା ଜନ୍ମ ହୋଇଥିଲେ। ସେଥିମଧ୍ୟରୁ ସାନ କନ୍ୟାକୁ ଏସ୍‌ଏନ୍‌ସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ଣ ୩ଟା ବେଳେ ତୋଫାନ ଏସ୍‌ଏନ୍‌ସିୟୁରେ ଥିବା ତାଙ୍କ ଶିଶୁ କନ୍ୟା ଚୋରି ହୋଇଯାଇଥିବା ଜାଣିବା ପରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ☞ପୃଷ୍ଠା-୪






## ଆଶା ପାରେଖଙ୍କୁ ଦାଦା ସାହେବ ଫାଲ୍‌କେ



ନୂଆଦିଲ୍ଲୀ,୨୭।୯: ଖ୍ୟାତନାମା ଅଭିନେତ୍ରୀ ଆଶା ପାରେଖଙ୍କୁ ବର୍ଷ ୨୦୨୦ ପାଇଁ ମର୍ଯ୍ୟାଦାଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦିଆଯିବ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଅନୁରାଗ କହିଛନ୍ତି, ବର୍ଷୀୟାନ ଅଭିନେତ୍ରୀ ଆଶା ପ୍ରାୟ ୯୫ ଫିଲ୍ମରେ ଅଭିନୟ କରିଛନ୍ତି। ସେ ୧୯୯୮ରୁ ୨୦୦୧ ପର୍ଯ୍ୟନ୍ତ ସେନ୍ସର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏପଟ ନା ସେପଟ**

## ଭାରତ ପ୍ରଥମେ ସ୍ପେନ୍‌କୁ ଭେଟିବ

ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)

### ହକି ବିଶ୍ୱକପ୍ ପାଇଁ କାର୍ଯ୍ୟସୂଚୀ ଘୋଷିତ

- ଆର୍ଜେଣ୍ଟିନା-ଦକ୍ଷିଣ ଆଫ୍ରିକା ଉଦ୍‌ଘାଟନୀ ମ୍ୟାଚ
- କଳିଙ୍ଗ ଷ୍ଟାଡିୟମରେ ସେମିଫାଇନାଲ ଓ ଫାଇନାଲ




ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ହେବାକୁ ଯାଉଥିବା ହକି ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ପାଇଁ ମଙ୍ଗଳବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଭୁବନେଶ୍ୱର ଓ ରାଉରକେଲାରେ ଏହି ପ୍ରତିଯୋଗିତା ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୪୪ଟି ମ୍ୟାଚ ଖେଳାଯିବ। ଭୁବନେଶ୍ୱରରେ ୨୪ଟି ଓ ରାଉରକେଲାରେ ୨୦ଟି ମ୍ୟାଚ ଅନୁଷ୍ଠିତ ହେବ। ୧୩ ତାରିଖ ଅପରାହ୍ଣ ୧ଟାରେ ୨୦୧୬ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଆର୍ଜେଣ୍ଟିନା ଓ ଆଫ୍ରିକାର ସର୍ବୋଚ୍ଚ ର୍ୟାଙ୍କପ୍ରାପ୍ତ ଦଳ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ ସେହିଦିନ ଅପରାହ୍ଣ ୩ଟାରେ ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ ଓ ଫ୍ରାନ୍ସ ମଧ୍ୟରେ ଖେଳାଯିବ। ୨୦୧୮ ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଏହି ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମ ଥର ପାଇଁ ଏଫ୍‌ଆଇଏଚ୍ ବିଶ୍ୱକପ୍ ମ୍ୟାଚ ଆୟୋଜନ କରିବାକୁ ଯାଉଥିବା ରାଉରକେଲାର ନବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ୧୩ ତାରିଖ ଅପରାହ୍ଣ ୫ଟାରେ ଇଂଲଣ୍ଡ-ୱେଲ୍ସ ☞ପୃଷ୍ଠା-୪






# ଆଷ୍ଟରଏଡ୍‌କୁ ଧକ୍କାଦେଲା ସ୍ପେସ୍‌କ୍ରାଫ୍ଟ

କେପ୍ କାନାଭେରାଲ, ୨୭।୯

ପୃଥିବୀକୁ ବାହ୍ୟ ବିପଦରୁ ରକ୍ଷା ପାଇଁ ଆମେରିକୀୟ ମହାକାଶ ଏଜେନ୍ସି ନାସାର ପରୀକ୍ଷଣ ମଙ୍ଗଳବାର ସଫଳ ହୋଇଛି। ଡାର୍ଟ (ଡବଲ ଆଷ୍ଟରଏଡ ରିଡିରେକ୍ସନ୍ ଟେଷ୍ଟ) ମିଶନରେ ମହାକାଶକୁ ପଠାଯାଇଥିବା ସ୍ପେସ୍‌କ୍ରାଫ୍ଟ ସଫଳତାର ସହ ଡାଇମୋର୍‌ଫସ୍ ଆଷ୍ଟରଏଡ୍‌କୁ ଧକ୍କା ଦେଇଛି। ଡାର୍ଟ ସ୍ପେସ୍‌କ୍ରାଫ୍ଟ ୨୨,୫୦୦ କିମି ପ୍ରତି ଘଣ୍ଟାରେ ଯାଇ ୧୬୦ ମିଟର ବ୍ୟାସ ବିଶିଷ୍ଟ ଏହି ଛୋଟ ଗ୍ରହାଣୁପୁଞ୍ଜକୁ ସିଧାସଳଖ ଧକ୍କା ଦେଇଥିଲା। ଏହି ସ୍ପେସ୍ ମିଶନକୁ ବିଭିନ୍ନ ପଏଣ୍ଟରେ ଟେଲିସ୍କୋପ୍ ମାଧ୍ୟମରେ ବୈଜ୍ଞାନିକମାନେ ନିରୀକ୍ଷଣ କରିଥିଲେ। କୌଣସି ଆଷ୍ଟରଏଡ୍‌କୁ ଏପରି ଧକ୍କା ଦେଇ ତାହାକୁ ପୃଥିବୀ ନିକଟତର ହେବାରୁ ଦୂରେଇ ରଖିବା ଏବଂ ତାହାର ଦିଗ ବଦଳାଇବାରେ ଏପ୍ରକାର ମିଶନ ପ୍ରଥମ। ଡିଡିମୋସ୍‌ର ଚନ୍ଦ୍ରମା ଡାଇମୋରଫୋସ୍ ପୃଥିବୀ ପ୍ରତି ବିପଦ ସୃଷ୍ଟି କରି ନ ଥିଲେ ହେଁ ନାସା ପରୀକ୍ଷଣ ପାଇଁ ଏହାକୁ ଟାର୍ଗେଟ କରିଥିଲା। ପ୍ରାୟ ୧୬୫ ନିୟୁତ ବର୍ଷ ଧରି ପୃଥିବୀରେ ରାଜ୍ କରୁଥିବା ଡାଇନୋସରର ବିଲୁପ୍ତି ପାଇଁ ଆଷ୍ଟରଏଡକୁ ଦାୟୀ କରାଯାଏ। ଏହାର ବ୍ୟାସ ପ୍ରାୟ ୧୦ କିଲୋମିଟର ଥିଲା ବୋଲି ବୈଜ୍ଞାନିକମାନେ ଦାବି କରନ୍ତି।



**ବିଚାରାଧୀନ କଏଦୀଙ୍କ ମୃତ୍ୟୁ**

ବୌଦ୍ଧ, ୨୭।୯(ସ୍ୱ.ପ୍ର.): ମଙ୍ଗଳବାର ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଜିଲା କଣ୍ଟାମାଳ ଥାନା କଲରାକୋଠା ଗ୍ରାମର ଅରକ୍ଷିତ ସାହୁ (୩୨) ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଗତ ଫେବୃୟାରୀ ୩ ତାରିଖରୁ ଉକ୍ତ ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଆସୁଥିଲେ। ଗତ ସୋମବାର ରାତିରେ ଅରକ୍ଷିତଙ୍କ ଦେହ ଖରାପ ହେବାରୁ ତାଙ୍କୁ ଜେଲ କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଆଲୋକ କରଙ୍କୁ ପଚାରିବାରେ କଏଦୀ ଜଣକର ହାର୍ଟ ଆଟାକ ହୋଇଥିବା ପ୍ରକାଶ କରିଛନ୍ତି।

# ମୋବାଇଲରେ ଦେଖିହେବ ସୁପ୍ରିମକୋର୍ଟ ଶୁଣାଣି

**ନୂଆଦିଲ୍ଲୀ, ୨୭।୯**

**ସିଧା ପ୍ରସାରଣ ଆରମ୍ଭ**



ସୁପ୍ରିମକୋର୍ଟ ଇତିହାସରେ ମଙ୍ଗଳବାର ନୂଆ ଅଧ୍ୟାୟ ଯୋଡ଼ିହୋଇଛି। ଏକ ସାମ୍ବିଧାନିକ ପୀଠରେ ଶିବସେନା ମାମଲାର ବିଚାର ଚାଲିଥିବାବେଳେ ପ୍ରଥମ ଥର ପାଇଁ ଏହାର ସିଧା ପ୍ରସାରଣ (ଲାଇଭ୍ ଷ୍ଟ୍ରିମିଂ) କରାଯାଇଛି। ଆଗକୁ ମଧ୍ୟ ସାମ୍ବିଧାନିକ ପୀଠର ଶୁଣାଣି webcast.Gov.In/scindia/ରେ ଉପଲବ୍ଧ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

୨୦୧୮ ସେପ୍ଟେମ୍ବର ୨୭ରେ ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ସାମ୍ବିଧାନିକ ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ଶୁଣାଣି ବେଳେ ଲାଇଭ୍ ଟେଲିକାଷ୍ଟ ବା ୱେବ୍‌କାଷ୍ଟ କରାଯିବା ନେଇ ଐତିହାସିକ ରାୟ ଦେଇଥିଲେ। ସେ କହିଥିଲେ, ସୂର୍ଯ୍ୟାଲୋକ ହେଉଛି ସର୍ବୋତ୍ତମ ଜୀବାଣୁନାଶକ। ଅର୍ଥାତ୍ ଅଦାଲତ ନ୍ୟାୟ ପ୍ରଦାନ ସହ ରାୟକୁ ସର୍ବସାଧାରଣଙ୍କ ପାଇଁ ଦୃଶ୍ୟମାନ କରାଇବା ଆବଶ୍ୟକ। କୋର୍ଟରୁମ୍‌ର ବିଚାର ପ୍ରକ୍ରିୟା ସମ୍ପର୍କରେ ଜାଣିବା ଅଧିକାର ନାଗରିକଙ୍କର ରହିଛି। ଲାଇଭ୍ ଷ୍ଟ୍ରିମିଂ ଜରିଆରେ ନ୍ୟାୟପାଳିକାର ନିଷ୍ପତ୍ତି ଲୋକଙ୍କ ପାଇଁ ଉପଲବ୍ଧ କରାଯିବ। ଜଷ୍ଟିସ୍ ମିଶ୍ରଙ୍କ ଘୋଷଣାର ଠିକ୍ ୪ ବର୍ଷ ପରେ ସିଜେଆଇ ୟୁ. ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଜଷ୍ଟିସ୍ ଲଳିତ ଗତ ସୋମବାର କହିଥିଲେ, ସର୍ବୋଚ୍ଚ ଅଦାଲତ ନିଜସ୍ୱ ଲାଇଭ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ଶୁଣାଣିଗୁଡ଼ିକର ସିଧା ପ୍ରସାରଣ କରିବେ। ପ୍ରଥମେ ୟୁଟ୍ୟୁବ୍‌ରେ ଲାଇଭ୍ ଷ୍ଟ୍ରିମିଂ କରାଯିବ ଓ ପରେ ସୁପ୍ରିମକୋର୍ଟ ସର୍ଭରରେ ଲୋକେ ନିଜ ଫୋନ୍, ଲାପ୍‌ଟପ୍ ଓ କମ୍ପ୍ୟୁଟରଗୁଡ଼ିକରେ ଅନାୟାସରେ ଦେଖିପାରିବେ। ଅଗଷ୍ଟ ୨୬ରେ ତତ୍କାଳୀନ ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠରେ ଶୁଣାଣି ଚାଲିଥିବାବେଳେ ୱେବ୍‌କାଷ୍ଟରେ ଏହାର ପ୍ରଥମ ସିଧା ପ୍ରସାରଣ କରାଯାଇଥିଲା। ଜଷ୍ଟିସ୍ ରମନା ଅବସର ନେବାକୁ ଥିବାବେଳେ ଏହା ଥିଲା ଏକ ବିଧିସମ୍ମତ ପ୍ରଣାଳୀ।

# ରତ୍ନଭଣ୍ଡାର ପ୍ରସଙ୍ଗକୁ ପୁଣି ଅଣଦେଖା

**ପୁରୀ ଅଫିସ, ୨୭।୯**

- ପରିଚାଳନା କମିଟି ବୈଠକରେ ପ୍ରସଙ୍ଗ ଉଠିଲା
- ଏଜେଣ୍ଡାରେ ନ ଥିବା କହି ଏଡ଼ାଇ ଦିଆଗଲା



ଶ୍ରୀମନ୍ଦିରସ୍ଥିତ ନୀଳାଦ୍ରି ଭକ୍ତ ନିବାସଠାରେ ମଙ୍ଗଳବାର ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିବା ବେଳେ ବହୁ ପ୍ରତୀକ୍ଷିତ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗକୁ ପୁଣିଥରେ ଅଣଦେଖା କରାଯାଇଛି। ପୂର୍ବରୁ ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନା ହେବା ନେଇ ଚର୍ଚ୍ଚା ହୋଇଥିଲା। ଏପରି କି ହାଇକୋର୍ଟ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ନଗେନ୍ଦ୍ର କୁମାର ମହାନ୍ତି ମଧ୍ୟ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ବୈଠକରେ ଆଲୋଚନା ହେବ ବୋଲି ଗଣମାଧ୍ୟମରେ କହିଥିଲେ। ହେଲେ ବାସ୍ତବରେ ସେଭଳି କିଛି ହେଲା ନାହିଁ। ରତ୍ନଭଣ୍ଡାର ମରାମତି ଓ ରତ୍ନ ଅଳଙ୍କାର ଗଣନା ପାଇଁ ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ଚର୍ଚ୍ଚା ହେଉଛି।

ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଥମେ ପରିଚାଳନା କମିଟି ବୈଠକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆରମ୍ଭରୁ ହିଁ ସେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇ ରତ୍ନଭଣ୍ଡାରର ସାମ୍ପ୍ରତିକ ସ୍ଥିତି ଓ ମରାମତି ସମ୍ପର୍କରେ ଆଲୋଚନା କରାଯିବା ପାଇଁ କମିଟି ଅଧ୍ୟକ୍ଷଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ମାତ୍ର କମିଟି ଏହି ପ୍ରସ୍ତାବକୁ କର୍ଣ୍ଣପାତ କରି ନ ଥିଲା। ରତ୍ନଭଣ୍ଡାର ପ୍ରସଙ୍ଗ ଏଜେଣ୍ଡାରେ ନ ଥିବା କହି ଏଡ଼ାଇ ଦିଆଯାଇଥିଲା। ଜମିଜମା, ଗୁରୁକୁଳ ଓ କାର୍ତ୍ତିକ ନୀତିକାନ୍ତି ଭଳି ପ୍ରସଙ୍ଗରେ ଆଲୋଚନା କରାଯାଇ ବୈଠକ ଶେଷ କରାଗଲା। ଅନ୍ୟପକ୍ଷେ ନିକଟ ଅତୀତରେ ପରିଚାଳନା କମିଟି ଅଧ୍ୟକ୍ଷ ତଥା ସ୍ଥାୟୀ ସଦସ୍ୟ ମହାରାଜ ଗଜପତି ଦିବ୍ୟସିଂହଦେବ ରତ୍ନ ଅଳଙ୍କାର ଗଣନା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିଲେ। ରତ୍ନଭଣ୍ଡାର ସ୍ଥିତି ଭଲ ନ ଥିବା କଥା କହିଥିଲେ। ଏହାସତ୍ତ୍ୱେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରି ନାହିଁ। ସେହିଭଳି ଅଗଷ୍ଟ ୮ରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ରତ୍ନଭଣ୍ଡାର ମରାମତି ଦାବି କରିଥିଲେ। ଏତେ ସବୁପରେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନା ପାଇଁ ପରିଚାଳନା କମିଟି କାହିଁକି ପ୍ରସ୍ତୁତ ନୁହେଁ, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପରିଚାଳନା କମିଟିର ପ୍ରତି ମାସରେ ବୈଠକ ବସୁଥିଲେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗ କେବେହେଲେ ଆଲୋଚନା ବିଷୟସୂଚୀରେ ସାମିଲ ହେଉନାହିଁ। ଅନ୍ୟପକ୍ଷେ ଗତ ପରିଚାଳନା କମିଟି ବୈଠକରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କୁ ଏଏସ୍‌ଆଇ କାର୍ଯ୍ୟଧାରା ସମ୍ପର୍କିତ ତଥ୍ୟ ଦାଖଲ କରିବା ପାଇଁ ପରିଚାଳନା କମିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଅରୁଣ ମଲ୍ଲିକ ରତ୍ନଭଣ୍ଡାର ସମ୍ପର୍କିତ ସମସ୍ତ କାର୍ଯ୍ୟଧାରା ଓ ତଥ୍ୟ ଧରି ମଙ୍ଗଳବାର ବୈଠକରେ ଉପସ୍ଥିତ ଥିଲେ ମଧ୍ୟ କେହି ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନା ପାଇଁ ଚାହିଁ ନ ଥିଲେ।

ରତ୍ନଭଣ୍ଡାର ପ୍ରସଙ୍ଗ ପରିଚାଳନା କମିଟି ବୈଠକର ଏଜେଣ୍ଡାରେ ସାମିଲ ନ ଥିଲା। ଏଜେଣ୍ଡାରେ ସାମିଲ ହୋଇ ଆଲୋଚନା ହେଲେ ସବିଶେଷ ସୂଚନା ଦେବୁ।

**– ବୀର ବିକ୍ରମ ଯାଦବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ବୈଠକରେ କ'ଣ ଆଲୋଚନା ହୋଇଛି ତାହା ସାର୍ବଜନୀନ କରିପାରୁବୁ ନାହିଁ। ପରିଚାଳନା କମିଟିର ନିର୍ଦ୍ଦେଶ, ପରିଚାଳନା କମିଟି ସଦସ୍ୟମାନେ ବୈଠକର ଗୋପନୀୟତା ରକ୍ଷା କରିବେ ଓ କେବଳ କର୍ତ୍ତୃପକ୍ଷ ବୈଠକ ସମ୍ପର୍କରେ ପ୍ରତିକ୍ରିୟା ରଖିବେ। ଏଣୁ ସମ୍ପ୍ରତି ଏହି ସ୍ଥାନରେ ରତ୍ନଭଣ୍ଡାର ପ୍ରସଙ୍ଗରେ କିଛି ବି କହିବା ଠିକ୍ ହେବନି ନାହିଁ।

**– ସୁଦର୍ଶନ ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ**

ରାଜ୍ୟରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସ୍ୱାର୍ଥରେ ନିର୍ମିତ ପରିଚାଳନା କମିଟି ସାଧାରଣ ଆଲୋଚନାଟିଏ ପାଇଁ ମଧ୍ୟ ପ୍ରସ୍ତୁତ ନୁହେଁ। ଏହାର ପଛର ରହସ୍ୟ କ'ଣ ତାହା ସବୁଠାରୁ ବଡ଼ ପ୍ରଶ୍ନ। ରତ୍ନଭଣ୍ଡାର ସୁରକ୍ଷା ଦିଗରେ ପଦକ୍ଷେପ ନେଲେ ପରିଚାଳନା କମିଟି ଓ ରାଜ୍ୟ ସରକାର ଅସୁରକ୍ଷିତ ହୋଇପଡ଼ିବେ।

**– ଦିଲୀପ ବରାଳ, ସୂଚନା ଅଧିକାର କର୍ମୀ**

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ଅସ୍ମିତା ସହ ଜଡ଼ିତ। ଏଣୁ ଏହାକୁ ତୁରନ୍ତ ଖୋଲାଯାଉ। ରତ୍ନ ଅଳଙ୍କାର ଗଣନା କରାଯିବା ସହ ମରାମତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ।

**– ପ୍ରଭଞ୍ଜନ ମହାପାତ୍ର, ଭାଜପା ନେତା**

# ଆଇନଜୀବୀଙ୍କ ଆତ୍ମହତ୍ୟା

**ରାଉରକେଲାର ପୂର୍ବତନ ନଗରପାଳ ଥିଲେ**

**ରାଉରକେଲା ଅଫିସ, ୨୭।୯**



ରମେଶ ବଳ

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଡେଲିମାର୍କେଟ ଅଞ୍ଚଳରେ ରହୁଥିବା ରାଉରକେଲା ବାର୍ ଆସୋସିଏଶନର ପୂର୍ବତନ ସଭାପତି, ପୂର୍ବତନ ନଗରପାଳ ତଥା ବରିଷ୍ଠ ଆଇନଜୀବୀ ରମେଶ ବଳ(୬୨) ସୋମବାର ବିଳମ୍ବିତ ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୨।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୋଲିସ ସୂଚନା ଅନୁସାରେ, ରମେଶ ବଳ ପେଷାରେ ଜଣେ ଆଇନଜୀବୀ। ସେ ନିଜ ଘରେ ଏକ ଅଫିସ୍ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ସେ ନିଜ ଅଫିସ ପଙ୍ଖାରେ ଏକ ପ୍ଲାଷ୍ଟିକ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକେ ରମେଶଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତାଙ୍କ ଅଫିସ୍ ଟେବୁଲ ଉପରେ ଥିବା ଏକ ସୁଇସାଇଡ୍ ନୋଟ୍‌କୁ ପୋଲିସ ଜବତ କରିଛି। ଏହି ସୁଇସାଇଡ୍ ନୋଟ୍‌ରେ ଆତ୍ମହତ୍ୟାର ବିଭିନ୍ନ କାରଣ ଉଲ୍ଲେଖ ରହିଛି। ରମେଶ ମାନସିକ ଅବସାଦରେ ରହୁଥିଲେ। ତାଙ୍କର ଭୁଲ୍ ନିଷ୍ପତ୍ତି ଯୋଗୁ ଛେଣ୍ଡ୍ ସ୍ଥିତ କଳିଙ୍ଗ ବିହାର ଘର ତାଙ୍କ ହାତରୁ ଖସି ଯାଇଥିଲା ଏବଂ ପୁଅ ବୋହୂ ତାଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଶାଶୁ, ଦେଢ଼ଶାଶୁ ଓ ସ୍ତ୍ରୀ ବହୁ ହଇରାଣ ହେଉଥିଲେ। ବିଭିନ୍ନ ସମୟରେ ତାଙ୍କ ପାଖରେ କେହି ରହୁ ନ ଥିବା ଏବଂ ମୃତ୍ୟୁ ପାଇଁ ସେ କାହାକୁ ଦାୟୀ କରି ନ ଥିବା ଉକ୍ତ ସୁଇସାଇଡ୍ ନୋଟରେ ଉଲ୍ଲେଖ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରରେ ଶୋକର ଛାୟା ଖେଳିଯାଇଛି। ବହୁ ଆଇନଜୀବୀ, ସମାଜସେବୀ, ରାଜନେତା ଓ ସମ୍ପର୍କୀୟ ତାଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଆଇନଜୀବୀ ରମେଶ ବଳଙ୍କ ମୃତ୍ୟୁକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଓ ବହୁ ବୁଦ୍ଧିଜୀବୀଗଣ ଶୋକବ୍ୟକ୍ତ କରିଛନ୍ତି। ରମେଶ ୧୨ ବର୍ଷ ଧରି ରାଉରକେଲା ଓକିଲ ସଂଘ ସଭାପତି ଭାବେ କାର୍ଯ୍ୟ କରିଥିବାବେଳେ ରାଉରକେଲାର ନଗରପାଳ ମଧ୍ୟ ଥିଲେ।

# ଆପୋସ ବୁଝାମଣାକୁ ଅନୁଭବଙ୍କ ନା

**କଟକ ଅଫିସ, ୨୭।୯**

**ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲା**



ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଚାଲିଥିବା ବିବାହ ବିଚ୍ଛେଦ ମାମଲାରେ କଟକ ପରିବାର ଅଦାଲତରେ ଚାଲିଥିବା ବୁଝାମଣା (କନ୍‌ସିଲିଏଶନ) ପ୍ରକ୍ରିୟାରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ମାମଲାର ଶୁଣାଣି ହୋଇଥିଲା। ଉଭୟଙ୍କୁ ବିଚାରପତି ଆପୋସ ବୁଝାମଣା ପାଇଁ ନିଜ ଚ୍ୟାମ୍ବରରେ କାଉନସେଲିଂ କରିଥିଲେ। ହେଲେ ଆପୋସ ବୁଝାମଣା ପାଇଁ ଅନୁଭବ ମନା କରିବା ସହ ମାମଲା ଆଗକୁ ବଢ଼ାଇବାକୁ ନିବେଦନ କରିଥିଲେ। ଅପରପକ୍ଷରେ ବର୍ଷା ପ୍ରିୟଦର୍ଶିନୀ କୌଣସି ମତ ଉପସ୍ଥାପନ କରି ନ ଥିବା ସହ କୋର୍ଟ ଯାହା ନିଷ୍ପତ୍ତି ନେବେ ବୋଲି କହିଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ ଯେ, ଅନୁଭବଙ୍କ ପକ୍ଷରୁ କଟକ ପରିବାର ଅଦାଲତରେ ଦାଏର ଛାଡ଼ପତ୍ର ମାମଲାରେ ବର୍ଷା କୋର୍ଟ କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରୁଥିବା ଓ ଅନୁଭବ ବିବାହ ସ୍ଥାନ ସମ୍ପର୍କିତ ଭୁଲ ତଥ୍ୟ ଦେଇଥିବା କାରଣରୁ ଅଦାଲତ ଉଭୟଙ୍କୁ ୫ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନୁଭବ ଓ ବର୍ଷା ଗତ ୧୪ ତାରିଖଦିନ ଅଦାଲତରେ ପହଞ୍ଚିବା ପରେ ଜରିମାନା ଅର୍ଥ ଦାଖଲ କରିଥିଲେ। ଏଥିସହ ବର୍ଷା ଅଦାଲତରେ ସତ୍ୟପାଠ ଦାଖଲ କରି ଅଯଥା ଅଦାଲତଙ୍କ ସମୟ ନଷ୍ଟ କରିବେ ନାହିଁ ଓ ବିଚାର ପ୍ରକ୍ରିୟାରେ ସହଯୋଗ କରିବେ ବୋଲି ଉଲ୍ଲେଖ କରିଥିଲେ। ଉକ୍ତ ଦିନ ବିଚାରପତି ନିଜ ଚ୍ୟାମ୍ବରରେ ଉଭୟଙ୍କୁ ଦୀର୍ଘ ୨ ଘଣ୍ଟା କାଳ ଆପୋସ ବୁଝାମଣା ନିମନ୍ତେ ବୁଝାଶୁଝା କରିଥିଲେ। ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣାର ସମ୍ଭାବନା ଥିବା ଅନୁଭବ କରିବା ପରେ ଅଦାଲତ ଆଉ ଥରେ କାଉନ୍‌ସେଲିଂ କରିବା ଉଦ୍ଦେଶ୍ୟରେ ମଙ୍ଗଳବାରକୁ ଦିନ ଧାର୍ଯ୍ୟ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟ ଅଦାଲତରେ ପହଞ୍ଚିଥିଲେ। ହେଲେ ଅନୁଭବ ଏକ ପିଟିଶନ ଦାଖଲ କରିବା ସହ ବୁଝାମଣା ନୁହେଁ ବରଂ ବିଚାର ପ୍ରକ୍ରିୟା ପାଇଁ ଶୁଣାଣି କରିବାକୁ ପ୍ରାର୍ଥନା କରିଥିଲେ। ଫଳରେ ଅଦାଲତ ବୁଝାମଣାକୁ ବନ୍ଦ କରି ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଓ ଶାଶ୍ୱତ ଆଚାର୍ଯ୍ୟ ଏବଂ ବର୍ଷାଙ୍କ ପକ୍ଷରୁ ସିଦ୍ଧାର୍ଥ ଦାସ ଓ ରାମକୃଷ୍ଣ ରଥ ମାମଲା ପରିଚାଳନା କରୁଛନ୍ତି।







**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୦୮,୯୫,୬୫୦ | ୬୫,୪୨,୦୪୯ | ୬୦,୧୧,୮୬,୩୭୨ |
| ଭାରତ | ୪,୪୫,୭୫,୪୭୩ | ୫,୨୮,୫୬୨ | ୪,୪୦,୦୪,୫୫୩ |
| ଓଡ଼ିଶା | ୧୩,୩୩,୪୯୯ | ୯୧୧୨(+୫୩) | ୧୩,୨୩,୦୩୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆପାର୍ଟମେଣ୍ଟ କ୍ରେତାଙ୍କୁ ମିଳିବ ସୁରକ୍ଷା

## ପଞ୍ଜୀକରଣ ଉପରୁ କଟକଣା ହଟିଲା



- ସଂଶୋଧିତ ରୁଲ୍ସ ଆଧାରରେ ହେବ ପଞ୍ଜୀକରଣ
- ଖୁବ୍‌ଶୀଘ୍ର ଆପାର୍ଟମେଣ୍ଟ ମାଲିକାନା ଆଇନ
- କମନ ଏରିଆକୁ ଭାଗ କରିପାରିବେନି କ୍ରେତା

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଆପାର୍ଟମେଣ୍ଟ କିଣୁଥିବା କ୍ରେତାଙ୍କୁ ମିଳିବ ସୁରକ୍ଷା। ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭଲପ୍‌ମେଣ୍ଟ) ରୁଲ୍‌ସ-୨୦୧୭ର ସଂଶୋଧନ କରିଛନ୍ତି। ଓଡ଼ିଶା ରିୟଲ ଇଷ୍ଟେଟ(ରେଗୁଲେଶନ ଆଣ୍ଡ ଡେଭଲପ୍‌ମେଣ୍ଟ) ସଂଶୋଧିତ ରୁଲ୍‌ସ-୨୦୨୨ କାର୍ଯ୍ୟକାରୀ ହେବ। ସଂଶୋଧନ ରୁଲ୍‌ସ ଅନୁଯାୟୀ ନିର୍ମାତା ପ୍ରକଳ୍ପ ଶେଷ ହେବାର ଧାର୍ଯ୍ୟ ତାରିଖ ପରେ କ୍ରେତାଙ୍କଠାରୁ କୌଣସି ଅତିରିକ୍ତ ଦେୟ ନେଇପାରିବେ ନାହିଁ। ଆପାର୍ଟମେଣ୍ଟରେ ଥିବା କମନ ଏରିଆକୁ କୌଣସି କ୍ରେତା ଭାଗ କରି ନିଜ ଦଖଲରେ ରଖିପାରିବେ ନାହିଁ। ସ୍ୱୀକୃତିପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଆକୁପାନ୍ସି ସାର୍ଟିଫିକେଟ ପାଇବା ପରେ ପ୍ରମୋଟର ଆପାର୍ଟମେଣ୍ଟ ଆସୋସିଏଶନକୁ ଉକ୍ତ କମନ ଏରିଆ ପ୍ରଦାନ କରିବେ। ଘର କିଣିବାକୁ ପଞ୍ଜୀକରଣ କରିଥିବା ବ୍ୟକ୍ତି ନିର୍ମାଣ ସମୟରେ ପ୍ରକଳ୍ପ ପରିଦର୍ଶନ କରିପାରିବେ। ପ୍ରମୋଟରମାନେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କରିବେ। ଘର ନେବା ପରେ କ୍ରେତାମାନେ କମନ ଏରିଆ ପରିଚାଳନା ଫି' ପ୍ରମୋଟର କିମ୍ବା ଆପାର୍ଟମେଣ୍ଟ ଆସୋସିଏଶନକୁ ପ୍ରଦାନ କରିବା ନେଇ ସଂଶୋଧିତ ରୁଲ୍ସରେ ବ୍ୟବସ୍ଥା ରହିଛି। ଏହି ସଂଶୋଧିତ ରୁଲ୍‌ସ ଅନୁଯାୟୀ ଘର ବିକିବା ପାଇଁ ଆପାର୍ଟମେଣ୍ଟ ନିର୍ମାଣ କରୁଥିବା ପ୍ରମୋଟରମାନେ କ୍ରେତାଙ୍କ ସହ ଏଗ୍ରିମେଣ୍ଟ କରିବେ। ମଙ୍ଗଳବାର ରାଜ୍ୟ ସରକାର ରେଜିଷ୍ଟ୍ରେଶନକୁ ନେଇ ଦାଏର ହୋଇଥିବା ମାମଲାର ଶୁଣାଣି ବେଳେ ହାଇକୋର୍ଟଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ସର୍ବୋଚ୍ଚ ଅଦାଲତ ନୂତନ ନିୟମ ଅନୁସାରେ ଗ୍ରାହକଙ୍କୁ ଘର ବିକିବା ପୂର୍ବରୁ ପଞ୍ଜୀକରଣ କରିବାକୁ ଓରେରାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୬ ମାସ ଧରି ଆପାର୍ଟମେଣ୍ଟ ବିକ୍ରି ଉପରେ ଲାଗିଥିବା ରୋକ ହଟିଯାଇଛି। ଏଣିକି ଆପାର୍ଟମେଣ୍ଟ ବିକ୍ରି ନେଇ ପଞ୍ଜୀକରଣ ହୋଇପାରିବ। ଉଲ୍ଲେଖଯୋଗ୍ୟ ପଞ୍ଜୀକରଣକୁ ନେଇ ହାଇକୋର୍ଟରେ ୨୦୨୨ ମେ' ୧୨ରେ ଏକ ମାମଲା ଦାଏର ହୋଇଥିଲା। ସେବେଠାରୁ ଆପାର୍ଟମେଣ୍ଟ ବିକ୍ରି ପାଇଁ ଏଗ୍ରିମେଣ୍ଟ ଫର୍ ସେଲ୍ ହୋଇପାରୁ ନ ଥିଲା।

ସେହିପରି ସେଲ୍‌ଡିଡ୍ ବା ରେକର୍ଡ ଅଫ୍ ରାଇଟସକୁ ନେଇ ମଧ୍ୟ ହାଇକୋର୍ଟରେ ମାମଲା ଚାଲିଛି। ସେଲ୍‌ଡିଡ୍ କିପରି ହେବ ସେ ନେଇ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ(ଆଇଜିଆର୍)ଙ୍କ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଚୂଡ଼ାନ୍ତ କରାଯିବ ବୋଲି ସରକାର କୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଥିସହିତ ଆପାର୍ଟମେଣ୍ଟ ସଂଘ ଗଠନ ନେଇ ରାଜ୍ୟ ସରକାର ଏକ ବାଇ-ଲ ପ୍ରସ୍ତୁତ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଓରେରାକୁ ଦାୟିତ୍ୱ ଦିଆଯାଇଛି। ଆପାର୍ଟମେଣ୍ଟ ମାଲିକାନା ଆଇନ ଖୁବ୍‌ଶୀଘ୍ର ଆସିବ। ଏ ନେଇ ଚିଠା ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ସୂଚନା ଦିଆଯାଇଛି। ଆସନ୍ତା ନଭେମ୍ବର ୨୭ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ବେଳେ ରାଜ୍ୟ ସରକାର ସତ୍ୟପାଠ ଆକାରରେ ତାହା ପ୍ରଦାନ କରିବେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି।

# ଚୋରି କରିବାକୁ ଆସି ଘର ମାଲିକଙ୍କୁ ହତ୍ୟା

- ଜଣେ ଅଟକ, ପୋଲିସ ତଦନ୍ତ ଜାରି
- ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି

ବରୀ,୨୭।୯(ଡି.ଏନ.ଏ.)

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଭଅଁରା ପଞ୍ଚାୟତ ଚରୁମାରି ଗ୍ରାମରେ ସୋମବାର ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଚୋରି କରିବାକୁ ଆସିଥିବା ଦୁର୍ବୃତ୍ତ ଘର ମାଲିକଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ବିଶ୍ୱରଞ୍ଜନ ବିଶ୍ୱାଳ(୪୩)। ଏହି ଘଟଣାରେ ପୋଲିସ ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ଖୋଳତାଡ଼ ଆରମ୍ଭ କରିଛନ୍ତି।

ସୂଚନା ମୁତାବକ, ବିଶ୍ୱରଞ୍ଜନଙ୍କ ଘରେ ୨ ଜଣ ଦୁର୍ବୃତ୍ତ ଚୋରି କରିବାକୁ ପଶିଥିଲେ। ତାଙ୍କ ସ୍ତ୍ରୀ ବନଲତା ବିଶ୍ୱାଳ ଉଠିପଡ଼ି ଚିତ୍କାର କରିଥିଲେ। ଏହାଶୁଣି ବିଶ୍ୱରଞ୍ଜନ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଏକ ଲୁହା ରଡ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ବିଶ୍ୱରଞ୍ଜନ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ବରୀ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

ମଙ୍ଗଳବାର ସକାଳେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ୍ ପି.ଆର୍., ଡିଏସ୍‌ପି ସରୋଜ କୁମାର ଉପାଧ୍ୟାୟ, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସନ୍ଧାନୀ କୁକୁର ଓ ବୈଷୟିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବରୀ ବିଧାୟିକା ସୁନନ୍ଦା ଦାସ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ସମବେଦନା ଜଣାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ବେଳେ ସରପଞ୍ଚ ପ୍ରଭାତୀ ପଲାଇଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ଏନେଇ ଥାନାରେ ନଂ.୩୦୨/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଉକ୍ତ ରାତିରେ ସେହି ଗ୍ରାମର ଅନ୍ୟ ୩ ଜଣଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।




ADMISSION OPEN FOR
BHMS
BACHELOR OF HOMOEOPATHIC MEDICINE & SURGERY
Duration: 4 ½ + 1 Years, Session: 2022-23
MANJARI DEVI HOMOEOPATHIC MEDICAL COLLEGE & HOSPITAL
Recognised by AYUSH, Govt. of Odisha, H&FW Department,
Approved by National Commission for Homoeopathy, New Delhi
Affiliated to Utkal University, Vani Vihar
Purana Padhan, Balakati, Bhubaneswar
Web site: www. mdhmch.org, Email: manjaridevihospitalbhubaneswar@gmail.com
NEET Qualified Aspirant can take part in CENTRAL & OJEE COUNSELLING for 15% AIQ & 85% state Quota
Contact: 7019799641, 7978608747
Experienced faculty, Well equipped Laboratories & Hospital, State of the Art Library, Affordable Course fee, Excellent Hostel facilities for Boys and Girls Ideal & Peaceful Environment for Studies, Well Connected by Rail & Road

# ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ

ବାଲେଶ୍ୱର ଅଫିସ, ୨୭।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଦ୍ୱାରା ଅତି ସ୍ୱଳ୍ପ ଦୂରତା ବିଶିଷ୍ଟ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍) କ୍ଷେପଣାସ୍ତ୍ରର ଦୁଇଟି ପରୀକ୍ଷଣ ସଫଳ ହୋଇଛି। ମଙ୍ଗଳବାର ଚାନ୍ଦିପୁରସ୍ଥିତ ଲଞ୍ଚପ୍ୟାଡ୍‌ରୁ ଭୂପୃଷ୍ଠରେ ରଖାଯାଇଥିବା ଏକ ପୋର୍ଟେବଲ ଲଞ୍ଚରରୁ ଏହି କ୍ଷେପଣାସ୍ତ୍ରର ଫ୍ଲାଇଟ ଟେଷ୍ଟ କରାଯାଇଥିଲା। ଭିଏସ୍‌ଏଚଓଆରଏଡିଏସ୍ ଏକ ପୋର୍ଟେବଲ ମାନବବାହିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ମ୍ୟାନପାଡ) ଯାହାକୁ ହାଇଦ୍ରାବାଦସ୍ଥିତ ଡିଆରଡିଓର ଗବେଷଣା କେନ୍ଦ୍ର ଇମାରତ (ଆରସିଆଇ) ଦ୍ୱାରା ଡିଜାଇନ କରାଯାଇଛି।


ଉତ୍‌କ୍ଷେପଣ ହେଉଥିବା କ୍ଷେପଣାସ୍ତ୍ର।

ଡିଆରଡିଓ ଲାବରୋଟୋରୀ ଏବଂ ଉଦ୍ୟୋଗ ଜଗତର ସହଭାଗିତାରେ ଏହି ସ୍ୱଦେଶୀ କ୍ଷେପଣାସ୍ତ୍ର ନିର୍ମିତ ହୋଇଛି।

ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ରେ ରହିଛି କ୍ଷୁଦ୍ର ଆକୃତିର ପ୍ରତିକ୍ରିୟା ନିୟନ୍ତ୍ରଣ ପ୍ରଣାଳୀ (ଆରସିଏସ) ଏବଂ ସମନ୍ୱିତ ଆଭିଓନିକ୍ସ ଭଳି ବହୁ ନୂଆ ଜ୍ଞାନକୌଶଳ। ଏସବୁ ଅତ୍ୟାଧୁନିକ ବ୍ୟବସ୍ଥା ଆଜିର ପରୀକ୍ଷଣ ସମୟରେ ସଫଳତା ପୂର୍ବକ ପ୍ରମାଣିତ ହୋଇଥିଲା। ଏହି କ୍ଷେପଣାସ୍ତ୍ରରେ ଥିବା ଦୁଇଟିକିଆ ସଲିଡ୍ ମୋଟର କ୍ଷମତା ଯାହାକି ଆକାଶମାର୍ଗରୁ ଆସୁଥିବା କମ ଉଚ୍ଚତା ବିଶିଷ୍ଟ ବିପଦକୁ ଅଳ୍ପ ଦୂରତାରେ ଧ୍ୱଂସ କରିବାରେ ସକ୍ଷମ ହୋଇପାରିବ। ସହଜରେ ପରିବହନ କରିବା ଲାଗି ଏହି କ୍ଷେପଣାସ୍ତ୍ର ଓ ଏହାର ଲଞ୍ଚରକୁ ଅଧିକ ସଙ୍ଗଠିତ କରାଯାଇଛି। ତେବେ ଏହି ଦୁଇଟି ଯାକ ଆକାଶମାର୍ଗ ପରୀକ୍ଷଣ ମିଶନର ସମସ୍ତ ଲକ୍ଷ୍ୟ ହାସଲ କରିଥିବା ନେଇ ଡିଆରଡ଼ିଓ ପକ୍ଷରୁ ସୂଚିତ କରାଯାଇଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ଏହାର ଉଦ୍ୟୋଗ ସହଯୋଗୀଙ୍କୁ ଉଚ୍ଚ ପ୍ରଶଂସା କରି କହିଛନ୍ତି, ଉକ୍ତ ନୂଆ କ୍ଷେପଣାସ୍ତ୍ରରେ ଆଧୁନିକ ପ୍ରଯୁକ୍ତି ରହିଛି ଯାହାକି, ସେନାବାହିନୀର ପ୍ରଯୁକ୍ତିଗତ ସାମର୍ଥ୍ୟକୁ ବୃଦ୍ଧି କରିବ। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମ୍ପୂର୍ଣ୍ଣ ଭିଏସ୍‌ଏଚଓଆରଏଡିଏସ୍ ଟିମ୍‌କୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଜି. ସତୀଶ ରେଡ୍ଡୀ ଅଭିନନ୍ଦନ ଜଣାଇଛନ୍ତି।



**ଆଜିର ମନ୍ତବ୍ୟ**

"ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ କିପରି ଅଛି ତାହା ଆମେ ଦେଖୁନାହୁଁ। ଉଭୟ ଦେଶ ଆମେରିକାର ସହଯୋଗୀ। ଏହି ଦୁଇ ପଡ଼ୋଶୀ ରାଷ୍ଟ୍ରର ସମ୍ପର୍କରେ ସକରାତ୍ମକତା ଆଣିବା ପାଇଁ ୱାଶିଂଟନ୍ ସବୁ ପ୍ରକାର ଉଦ୍ୟମ କରିବାକୁ ଚାହେଁ।

–ନେଡ୍ ପ୍ରାଇସ୍, ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classifieds

**Everyday**
**0674-2580101, 2549302**




**GROOM WANTED**

Govt. ଚାକିରିଆ 33 ବୟସ୍କା କରଣ Divorce ଝିଅଙ୍କୁ any caste ଘରଜ୍ୱାଇଁ ଆବଶ୍ୟକ। 9124023134. D-1616




**SALE**

Land with building for sale at Cuttack Alisha Bazar. 7978751719. D-71356

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number- 9238315816.** D-73976

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

**Duplex sale at Bhubaneswar @45 lakhs and apartment @63lakhs. 9439206202.** D-74129

**5.700 Acres gharabari projects, 30' road Single Owner, 95 plots immediate registration. sqft.-1050/-. Contact: 9040045759.** D-74125

ପାହାଳ ଜଗନ୍ନାଥ ମନ୍ଦିର କଡ଼ରେ ଘରବାରି ପାଚେରି yellowzone North, East corner plot sqft.-2450/-. 9938558169. D-74128

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । Mob.- 9827119799** D-1580

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828.** D-1520

**ନଖରା East College Front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846520.** D-74126

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-73967

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1539

**Readymade 2/3 BHK flat sale at Acharyavihar. Contact: 7978209277.** D-1537




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295




Tolet for Shop infront of Bijupattanaik College mainroad Bhubaneswar. 7008296802. D-1647

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**






(ମାମୁନି)

**ସଂଘମିତ୍ରା ପାତ୍ର**
୪୨ ମୌଜା, କଟକ
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ତୋର ବାପା, ବୋଉ, ଅଜା, ଆଈ, ନନା, ପାପା, ତିତ୍‌ଲି, ପାପା, ମାମା, ଭାଇ ଓ ଛୁଆପାପା। ଧ-୧୬୩୭




Ashirvaad Saloon and SPA getgood massage for your health tha best therapy. 7077181074. D-73973

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly open full body massage ladies and gents. 9040171280. D-73977

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

Hearbal full body relax massage by trend ledy therapist. 6371676208. D-73644

Newly open Spa positively health benefit with expert. Contact: 7749976301. D-73873

Newly opened full body massage center by expert therapist. 7381172169. D-73648

**AFFIDAVIT**

Affidavit before Executive Magistrate, Dhenkanal, my name has changed from Jhunurani Sethy to Jhunarani Sethy. Henceforth, I shall be known as Jhunarani Sethy, W/o. Dr. Raj Kishore Sethy, D/o. Dharmu@Dharmananda Sethy, At-Marutinagar, Karigarsahi, PS- Town, Dist.- Dhenkanal for all purposes. D-74017

**ନିରୁଦ୍ଦିଷ୍ଟ**



ରାଜେନ୍ଦ୍ର ନାୟକ, ୫୪ବର୍ଷ, ୫ଫୁଟ୍ ୩ ଇଞ୍ଚ, ଶ୍ୟାମଳ ବର୍ଣ୍ଣ, ୦୯।୦୯।୨୦୨୨ ଓଲଡ୍ ଟାଉନ୍ ଭୁବନେଶ୍ୱରରୁ କେଉଁଆଡ଼େ ଚାଲି ଯାଇଛନ୍ତି। ସେ ନୀଳ ଟି-ଶାର୍ଟ ଓ କଳା ହାଫ୍ ପ୍ୟାଣ୍ଟ ପିନ୍ଧିଥିଲେ। ଯେକୌଣସି ବ୍ୟକ୍ତି ଏହାଙ୍କ ସନ୍ଧାନ ପାଇଲେ ଏଇ ନମ୍ବରକୁ ଯୋଗାଯୋଗ କରନ୍ତୁ। 9861084502, 9337330630. D-1640


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସିସୋଦିଆଙ୍କ ସହଯୋଗୀ ଗିରଫ

**ଅବକାରୀ ନୀତି ମାମଲା**

**ନୂଆଦିଲ୍ଲୀ,୨୭।୯:** ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଆଣିଥିବା ଅବକାରୀ ନୀତିରେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଘନିଷ୍ଠ ସହଯୋଗୀ ବିଜୟ ନାୟାରଙ୍କୁ ଗିରଫ କରିଛି। ଏକଦା ଏକ ଇଭେଣ୍ଟ କମ୍ପାନୀ ମୁଖ୍ୟ ଥିବା ନାୟାର କିଛିଦିନ ପାଇଁ ବିଦେଶରେ ଥିଲେ। ଦେଶ ଛାଡ଼ି ପଳାଇଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ମଙ୍ଗଳବାର ତାଙ୍କୁ ଜେରା ପାଇଁ ସିବିଆଇ କାର୍ଯ୍ୟାଳୟକୁ ଡକାଯାଇଥିଲା। ଦିଲ୍ଲୀରେ ମଦ ଲାଇସେନ୍ସ ପ୍ରଦାନ ଅନିୟମିତତାରେ ଷଡ଼ଯନ୍ତ୍ର ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ମୁମ୍ବାଇର ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ 'ଓନ୍ଲି ମଚ୍ ଲାଉଡର'ର ପୂର୍ବତନ ସିଇଓ ନାୟାର ମଦ କମ୍ପାନୀ ମାଲିକଙ୍କଠାରୁ ଉତ୍କୋଚ ସଂଗ୍ରହ କରୁଥିଲେ ବୋଲି ସିବିଆଇ କହିଛି। ମଦ ଲାଇସେନ୍ସ ପ୍ରଦାନ ଅନିୟମିତତାରେ ସିବିଆଇ ମନୀଷ ସିସୋଡିଆଙ୍କ ସମେତ ୧୫ ଜଣଙ୍କ ବିରୋଧରେ ତଦନ୍ତ ଚଳାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବରଷା ରାତି ଶୀତ ପାହାନ୍ତି**
**ଦି'ପହରର ଖରା**
**ଏତିକି ବେଳେ ଯେ ବାଡ଼ି କୁ ଗଲା**
**ଜିଇ ଥାଉଁ ଥାଉଁ ମଲା।**

ବର୍ଷା ରାତିରେ ଘରୁ ପଦାକୁ ଗୋଡ଼ କାଢ଼ିବା ନିରାପଦ ହୋଇ ନ ଥାଏ। ସେହିପରି ଶୀତ ଦିନ ଭୋର ସମୟରେ ଏବଂ ଦିପ୍ରହର ଖରା ବେଳରେ ବାହାରକୁ ଶୌଚ କରିବାକୁ ଯାଉଥିବା ବ୍ୟକ୍ତି ହଇରାଣ ବା ହୀନସ୍ତା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାର ଘଇତାରେ ଘର**
**ମୁଁ କାହାକୁ କରିବି ପର।**

ବ୍ୟକ୍ତିର ବହୁ ଆପଣାର ଲୋକ ଥିଲେ ସେ କାହାକୁ ସନ୍ତୁଷ୍ଟ କରିବ ସେନେଇ କିଛି ବୁଦ୍ଧିବାଟ ପାଇନଥାଏ। କାହାକୁ ପର ବା ଆପଣାର କରିବା ନେଇ ମନରେ ଦ୍ୱନ୍ଦ୍ୱ ଉପୁଜିବା ସହ ହରଡ଼ଘଣାରେ ପଡିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ଆଜି ବେଙ୍ଗାଲୁରୁ...

ପ୍ରଥମ ପୃଷ୍ଠାରୁ...

ହୋଟେଲରେ ହେବାକୁ ଥିବା ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ୫୦୦ରୁ ଉର୍ଦ୍ଧ୍ୱ ଶିଳ୍ପପତି, ବ୍ୟବସାୟୀ ଏବଂ ପୁଞ୍ଜିନିବେଶକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଇନ୍‌ଭେଷ୍ଟର୍ସ ମିଟ୍‌କୁ ସମ୍ବୋଧନ କରିବା ସହ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ଯୋଗଦେବାକୁ ପୁଞ୍ଜିପତିଙ୍କୁ ଆମନ୍ତ୍ରଣ କରିବେ। ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତିଙ୍କ ସହ ନବୀନ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ରାଜ୍ୟରେ ବ୍ୟବସାୟ ଓ ପୁଞ୍ଜିନିବେଶ ଲାଗି ଅନୁକୂଳ ବାତାବରଣ ସୃଷ୍ଟି କରିବା ଇନ୍‌ଭେଷ୍ଟର୍ସ ମିଟ୍‌ର ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ବରିଷ୍ଠ ଶିଳ୍ପପତିଙ୍କ ସହ ଓଡ଼ିଶାକୁ ନେଇ ସେମାନଙ୍କର ଯୋଜନା ସମ୍ପର୍କରେ ଆଲୋଚନା କରିବେ।

ଏଥିସହିତ ରାଜ୍ୟ ସରକାର ବୃହତ୍ ବ୍ୟବସାୟିକ ବାତାବରଣ ପାଇଁ ନେଇଥିବା ସଂସ୍କାର ବିଷୟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିବେ। ରାଜ୍ୟ ସରକାର ଘରୋଇ ଏବଂ ରପ୍ତାନି ମାର୍କେଟ ପାଇଁ କି ପ୍ରକାର ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି ସେ ନେଇ ଆଲୋଚନା ହେବ। ଏଥିସହିତ ଆଇବିଏମ୍ ଇଣ୍ଡିଆର ଅମିତ ଶର୍ମା, ୱିପ୍ରୋ- ଜିଇ ହେଲ୍‌ଥ କେୟାରର ଶ୍ରବଣ ସୁବ୍ରମନ୍ୟମ, ଏବିବି ଲିମିଟେଡର ଟି.କେ. ଶ୍ରୀଧର, ଟିଟିକେ ପ୍ରେଷ୍ଟିଜର ସରନ୍ୟାୟନ ପି. ପ୍ରମୁଖ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ୍ ଓଡ଼ିଶାର ଏକ୍ଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ ପ୍ରମୁଖ ବେଙ୍ଗାଲୁରୁ ଗସ୍ତ କରିଛନ୍ତି।

ମଙ୍ଗଳବାର ଅନୁଷ୍ଠିତ ଗଭର୍ନମେଣ୍ଟ ଟୁ ବିଜ୍‌ନେସ( ଜି-୨ ବି) ବୈଠକରେ ଖାଦ୍ୟ ପ୍ରକ୍ରିୟାକରଣ, ଏରୋସ୍ପେସ୍, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ପୁଞ୍ଜିନିବେଶକାରୀଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଶିଳ୍ପର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ବ୍ୟବସାୟ ଅନୁକୂଳ ବାତାବରଣ ସୃଷ୍ଟି କରିବା ସହ କେତେକ ବୃହତ୍ ବ୍ୟବସାୟିକ ସଂସ୍କାର ଆଣିଛନ୍ତି। ଏଥିସହିତ ରାଜ୍ୟରେ ଶିଳ୍ପକୁ ଖାପ ଖୁଆଇଲା ଭଳି ବ୍ୟବସ୍ଥା କରିଥିବା ବୈଠକରେ ସୂଚନା ଦେଇଥିଲେ। ଏହି ଅବସରରେ ୱିପ୍ରୋ ଲିମିଟେଡ୍‌ର ପୂର୍ବତନ ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ। ଏଥିସହିତ ଗୋଲ୍‌ଡେନ ହାଚେରୀ ଲିମିଟେଡର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଏଦ ଫାହାଦ, ସ୍ୱିଙ୍ଗବୋର୍ଡର କୋ ପ୍ରତିଷ୍ଠାତା ବରୁଣ ଚାୱାଲା ଏବଂ ପ୍ରଣୟ ଗୁପ୍ତା, ଡୋଡ୍‌ଲା ଡାଏରୀ ନିର୍ଦ୍ଦେଶକ ଏଏମ୍‌ଏସ୍ ରେଡ୍ଡୀ, ନନ୍ଦୀ ପାୱାରଟ୍ରୋନିକ୍ସ ପରିଚାଳନା ନିର୍ଦ୍ଦେଶକ ଏଚ୍.ଏନ୍. ଆମକ୍ରିଷ୍ଣାୟା, ନେଷ୍ଟୱେର ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦ୍ର ସାହୁ, ମେରଲିନ ହକ୍ ଏରୋସ୍ପେସର ଡାଇରେକ୍ଟର ଜେବି ଜୋଶେଫ ଆନଡ୍ରୋଥ, ଏମ୍‌ଭିଏମ୍ ଇଣ୍ଡଷ୍ଟ୍ରିଜର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ନନ୍ଦ ଭେଙ୍କଟରାଓ, ଶ୍ରାବଣୀ ଏନର୍ଜିର ପରିଚାଳନା ନିର୍ଦ୍ଦେଶକ ଏନ.ପ୍ରଶାନ୍ତରାଓ ଜି-୨ବି ବୈଠକରେ ଯୋଗ ଦେଇଥିଲେ।

## ଭାରତ ପ୍ରଥମେ...

ଏବଂ ରାତି ୭ଟାରେ ଭାରତ ଏହାର ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ଭେଟିବ। କାର୍ଯ୍ୟସୂଚୀ ଅନୁସାରେ ପ୍ରତି ଦଳ ଉଭୟ ଭେନ୍ୟୁରେ ଖେଳିବା ସୁଯୋଗ ପାଇବେ। କଳିଙ୍ଗ ଷ୍ଟାଡିୟମରେ ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଟିକେଟ ବିକ୍ରି ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ସୂଚନା ଦିଆଯାଇଛି। ଦର୍ଶକଙ୍କୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଟିକେଟ ପାଇଁ ଦର୍ଶକମାନେ https://fih.formstack.com/forms/world_cup_tickets_pre_registration ରେ ରେଜିଷ୍ଟର କରିପାରିବେ। ସେପ୍ଟେମ୍ବର ୮ରେ ଭୁବନେଶ୍ୱରରେ ପ୍ରତିଯୋଗିତାର ଡ୍ର' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ୍ର' ଅନୁସାରେ ପୁଲ୍ 'ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ପୁଲ୍ 'ବି'ରେ ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ, ପୁଲ୍ 'ସି'ରେ ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ, ଚିଲି ଏବଂ ପୁଲ୍ 'ଡି'ରେ ଭାରତ, ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ ସ୍ଥାନ ପାଇଛନ୍ତି। ଚିଲି ଓ ୱେଲ୍ସ ପ୍ରଥମଥର ପାଇଁ ପୁରୁଷ ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବେଲ୍‌ଜିୟମ ହେଉଛି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ। ୨୦୧୮ ଫାଇନାଲରେ ଏହି ଦଳ ନେଦରଲାଣ୍ଡ୍ସକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା।

## ଯୋଜନାବଦ୍ଧ...

ପ୍ରସାରିତ ହେବା ପରେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀର ଏକ ଦମ୍ପତି ମେଡିକାଲରୁ ଚୋରି କରିଥିବା ଶିଶୁ କନ୍ୟାକୁ ଫେରାଇ ଆଣିଥିଲେ। ସେମାନେ ଭୁଲ୍‌ବଶତଃ ସେମାନଙ୍କ ଶିଶୁ ପୁତ୍ର ବଦଳରେ ଶିଶୁ କନ୍ୟାକୁ ନେଇଯାଇଥିବା ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମାସକ ତଳେ ଉକ୍ତ ଦମ୍ପତିଙ୍କ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମାତ୍ର ତା'ର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାକୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ସୋମବାର ଶିଶୁପୁତ୍ରକୁ ଡିସ୍‌ଚାର୍ଜ କରାଯିବା ପରେ ତାକୁ ନେବା ପରିବର୍ତ୍ତେ ଶିଶୁ କନ୍ୟାକୁ ନେଇଯାଇଥିଲେ ବୋଲି କହିବା ସହ ଶିଶୁପୁତ୍ରକୁ ଦେବାକୁ କହିଥିଲେ। ଏପରି କି ସେମାନଙ୍କ କଥାକୁ ଯେପରି ସମସ୍ତେ ବିଶ୍ୱାସ କରିବେ ସେଥିପାଇଁ ଡିସ୍‌ଚାର୍ଜ ସାର୍ଟିଫିକେଟ ଏବଂ ଆଉଟଡୋର ଟିକେଟ ମଧ୍ୟ ଦେଖାଇଥିଲେ। ତେବେ ସେମାନଙ୍କ କଥାରେ ସନ୍ଦେହ ହେବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଭୟଙ୍କୁ ଅଟକ ରଖିବା ସହ କାଗଜପତ୍ର ଏବଂ ହସ୍ପିଟାଲ ରେକର୍ଡ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଦମ୍ପତି ଦେଖାଇଥିବା ଡିସ୍‌ଚାର୍ଜ ସାର୍ଟିଫିକେଟ ଏବଂ ଆଉଟଡୋର ଟିକେଟ ନକଲି ବୋଲି ଜଣାପଡ଼ିଥିଲା। ଦମ୍ପତିଙ୍କ କୌଣସି ପୁତ୍ର ସନ୍ତାନ ଜନ୍ମ ହୋଇନାହିଁ ବରଂ ଏହା ଏକ ସୁଚିନ୍ତିତ ଏବଂ ଯୋଜନାବଦ୍ଧ କାର୍ଯ୍ୟ ବୋଲି ଜଣାପଡ଼ିବା ପରେ ଉଭୟଙ୍କୁ ପୋଲିସ ଗିରଫ କରିଛି। ତେବେ ଏହି ଶିଶୁ କନ୍ୟା ଚୋରି ଘଟଣାରେ ଦମ୍ପତିଙ୍କୁ ମେଡିକାଲର କେଉଁ କର୍ମଚାରୀ ସହଯୋଗ କରିଛନ୍ତି, କାହା ସହଯୋଗରେ ଏସ୍‌ଏନ୍‌ସିୟୁର କଡ଼ା ସୁରକ୍ଷା ବଳୟରୁ ଶିଶୁକନ୍ୟାକୁ ନିଆଯାଇପାରିଲା, ଏହି ଘଟଣାରେ ଏସ୍‌ଏନ୍‌ସିୟୁ ଦାୟିତ୍ୱରେ ଥିବା ଡାକ୍ତରଙ୍କ ଭୂମିକାକୁ ନେଇ ତଦନ୍ତ ଚାଲିଛି।

### ଶିଶୁ ଚୋରି ରାକେଟ ସକ୍ରିୟ

ସମ୍ପୃକ୍ତ ଦମ୍ପତି ଶିଶୁ କନ୍ୟା ଅପହରଣ କରିବା ପାଇଁ ବେଶ୍ କିଛି ଦିନ ପୂର୍ବରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ପ୍ରଥମେ ମେଡିକାଲ ଯାଇ ପ୍ରସୂତି ବିଭାଗରେ ଥିବା ଗର୍ଭବତୀଙ୍କୁ ଅନୁଧ୍ୟାନ କରିଥିଲେ। ଏହାପରେ ସେ ଟାର୍ଗେଟ କରି ତୋଫାନଙ୍କ ଯାଆଁଳା କନ୍ୟାଙ୍କ ମଧ୍ୟରୁ ଜଣଙ୍କୁ ସେ ଏସ୍‌ଏନ୍‌ସିୟୁରୁ ନେଇଯାଇଥିଲେ। ତେବେ ଏହି ଚୋରି ରାକେଟ ମେଡିକାଲ କର୍ମଚାରୀଙ୍କ ସମ୍ପୃକ୍ତିରେ ଚାଲିଥିବା କୁହାଯାଉଛି। କାରଣ ବିନା ମେଡିକାଲ କର୍ମଚାରୀଙ୍କ ସମ୍ପୃକ୍ତିରେ ଉକ୍ତ ଦମ୍ପତି ଏଭଳି କାଣ୍ଡ ରଚାଇବା ସାଧାରଣରେ ସମ୍ଭବ ମନେ ହେଉନାହିଁ।

### କାର୍ଯ୍ୟ ପ୍ରଣାଳୀ, ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ

ଏସ୍‌ସିବି ମେଡିକାଲର ସ୍ତ୍ରୀ ପ୍ରସୂତି ବିଭାଗରେ ଭର୍ତ୍ତି ହେଉଥିବା ଗର୍ଭବତୀ ମେଡିକାଲରୁ ଡିସ୍‌ଚାର୍ଜ ହେବା ପାଇଁ ଏକ ପ୍ରଣାଳୀ ରହିଛି। ନବଜାତକ ଏବଂ ମା'ର ସ୍ୱାସ୍ଥ୍ୟାବସ୍ଥା ଠିକ ଥିଲେ ହିଁ ଡାକ୍ତର ତାଙ୍କୁ ସେଠାରୁ ଡିସଚାର୍ଜ କରିଥାନ୍ତି। ଏହାପରେ ବିଭାଗରୁ ବାହାରିବା ସମୟରେ ଉପସ୍ଥିତ ସୁରକ୍ଷା କର୍ମଚାରୀ କାଗଜ ପତ୍ର ସହ ଶିଶୁକୁ ଯାଞ୍ଚ କରି ବାହାରକୁ ଛାଡିଥାନ୍ତି। ତେବେ ସମ୍ପୃକ୍ତ ଦମ୍ପତି ପ୍ରସୂତି ବିଭାଗ ମୁଖ୍ୟ ଫାଟକ ଦେଇ ଶିଶୁ କନ୍ୟାକୁ ନେଇ ଯାଉଥିବା ସିସି ଟିଭିରେ ରେକର୍ଡ ହୋଇଛି। ହେଲେ ସେମାନେ ଉକ୍ତ ଶିଶୁ କନ୍ୟାର ପ୍ରକୃତ ମାତାପିତା ନୁହନ୍ତି ବୋଲି ମେଡିକାଲର କୌଣସି କର୍ମଚାରୀ କିପରି ଜାଣି ପାରି ନ ଥିଲେ। ଏପରିକି ଦମ୍ପତି ଶିଶୁ ପୁତ୍ର ଜାଲ କାଗଜ ପତ୍ର ପ୍ରସ୍ତୁତ କରିଥିବାବେଳେ ପ୍ରକୃତରେ ସେ ପୁଅ କି ଝିଅ ଶିଶୁ ନେଇ ଯାଉଛନ୍ତି ତାହା ମଧ୍ୟ ସୁରକ୍ଷା କର୍ମଚାରୀ ଯାଞ୍ଚ କରି ନ ଥିଲେ। ଯେଉଁଥିପାଇଁ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ମେଡିକାଲ ପରିସରରେ ଘଟଯାଇଛି। ଏପରି କି ଗାଇନିଂ ୱାର୍ଡ ମଧ୍ୟରେ ପ୍ରବେଶ ପାଇଁ ପାସ୍ ବ୍ୟବସ୍ଥା କରାଯାଇଛି। ସେଠାରେ ଦାୟିତ୍ୱରତ ପାରାମେଡିକାଲ ଷ୍ଟାଫ, ନର୍ସ ଏବଂ ଅନ୍ୟ ମେଡିକାଲ କର୍ମଚାରୀ ଯଦି ଠିକ୍‌ଭାବେ ସେମାନଙ୍କ ଦାୟିତ୍ୱ କରିଥାନ୍ତେ ତେବେ ଏଭଳି ଘଟଣା ଉପୁଜି ନ ଥାନ୍ତା ବୋଲି କୁହାଯାଉଛି।

### ଏସ୍‌ସିବି ରିପୋର୍ଟ ଜାଲିଆତି

ମେଡିକାଲ ଆସିଲେ, ଜାଲ୍ କାଗପତ୍ର ଦେଖାଇଲେ ଏବଂ ଶିଶୁ କନ୍ୟାକୁ ନେଇ ଚାଲିଗଲେ। ଏହାପରେ ଆମର ଝିଅ ନୁହଁ ପୁଅ ହୋଇଛି। ଭୁଲରେ ଝିଅ ନେଇଯାଇଛୁ କହି ଶିଶୁ କନ୍ୟାକୁ ଫେରାଇବା ସହ ପୁଅକୁ ନେବା ପାଇଁ ସୁଜନ ବେହେରା, ତାଙ୍କ ପୁଅ ଏବଂ ବୋହୂ ଦାବି କରିଥିଲେ। ତେବେ ଏହି ଘଟଣାର ପ୍ରକୃତ ସତ୍ୟତା ଜାଣିବା ପାଇଁ ସୋମବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମେଡିକାଲ୍ କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡ଼ିଥିଲା। କାରଣ ସମ୍ପୃକ୍ତ ଦମ୍ପତି ମେଡିକାଲର ଅବିକଳ ଜାଲ କାଗଜପତ୍ର ସାଙ୍ଗରେ ଧରି ଆସିଥିଲେ। ଯେଉଁଥିରେ ଏସ୍‌ସିବିରେ ତାଙ୍କର ଶିଶୁ ପୁତ୍ର ହୋଇଥିବା ଉଲ୍ଲେଖ ରହିଛି। ଦୀର୍ଘ ସମୟ ତଦନ୍ତ ପରେ ତାହା ଜାଲ୍ ବୋଲି ଜଣା ପଡ଼ିଥିଲା। ତେବେ କିପରି ଜଣେ ସାଧାରଣ ବ୍ୟକ୍ତି ମେଡିକାଲର ତମାମ କାଗଜପତ୍ରର ଜାଲ ପ୍ରସ୍ତୁତି କରି ପାରୁଛନ୍ତି, ତେବେ ପୂର୍ବରୁ ମଧ୍ୟ ଏଭଳି ଅନେକ ଘଟଣା ଘଟିଥାଇପାରେ ବୋଲି କୁହାଯାଉଛି।

## ଆଶା ପାରେଖଙ୍କୁ ଦାଦା...

ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି) ଅଧ୍ୟକ୍ଷା ଥିଲେ। ସେପ୍ଟେମ୍ବର ୩୦ରେ ହେବାକୁ ଥିବା ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ତାଙ୍କୁ ଏହି ସମ୍ମାନ ଦିଆଯିବ। ହେମା ମାଳିନୀ, ପୁନମ ଧିଲୋନ୍, ଟି.ଏସ୍. ନାଗବରଣ, ଉଦିତ୍ ନାରାୟଣ ଓ ଆଶା ଭୋଁସଲେଙ୍କୁ ନେଇ ଗଠିତ ୫ ଜଣିଆ ବିଚାରକ ମଣ୍ଡଳୀ ୭୯ ବର୍ଷୀୟା ଆଶା ପାରେଖଙ୍କୁ ୫୨ତମ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ କରିଛନ୍ତି। ୧୯୬୦-୭୦ ଦଶକରେ ଆଶା ପାରେଖଙ୍କୁ 'ହିଟ୍ ଗର୍ଲ' କୁହାଯାଉଥିଲା। କାରଣ ତାଙ୍କ ଅଭିନୀତ ଫିଲ୍ମଗୁଡ଼ିକ ଲଗାତର ଭାବେ ୨୫-୫୦ ସପ୍ତାହ ଧରି ପ୍ରେକ୍ଷାଳୟଗୁଡ଼ିକରେ ହିଟ୍ ହେଉଥିଲା। ସିନେମା ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଆଶାଙ୍କୁ ୧୯୯୨ରେ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧି ଦେଇଥିଲେ। ୧୯୬୯ ମସିହାରୁ ଭାରତୀୟ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦିଆଯାଉଛି। ରାଜ କପୁର, ଯଶ ଚୋପ୍ରା, ଲତା ମଙ୍ଗେସ୍‌କର, ମୃଣାଳ ସେନ, ଅମିତାଭ ବଚ୍ଚନ, ବିନୋଦ ଖାନ୍ନାଙ୍କ ଭଳି ସିନେ ବ୍ୟକ୍ତିତ୍ୱମାନେ ଏହି ପୁରସ୍କାର ଲାଭ କରିଛନ୍ତି। ଅଭିନେତ୍ରୀ ଦେବୀକା ରାଣୀ ପ୍ରଥମେ ଏହି ସମ୍ମାନର ଅଧିକାରିଣୀ ହୋଇଥିବାବେଳେ ସୁପରଷ୍ଟାର ରଜନୀକାନ୍ତଙ୍କୁ ଶେଷ ଥର ଲାଗି ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ପାପଗ୍ରହ କବଳରେ ଅବସ୍ଥାନ କରୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ଦୁରୂହ ହେବ । ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଦ୍ୱିଜା ନକ୍ଷତ୍ରର ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଅସଫଳତା ମନରେ ଲଘୁ କ୍ରୋଧ ସୃଷ୍ଟି କରିପାରେ। ସଭାସମିତିରେ, ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦୁର୍ବଳ ରବିଙ୍କ କୁପ୍ରଭାବରୁ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ରୋହିଣୀ ନକ୍ଷତ୍ର ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟରରୁ ଭଲ ଲାଭ ପାଇବେ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ତଥାପି ବୃହସ୍ପତିଙ୍କ ଶୁଭ ସଂସ୍ଥାନରୁ ଆଜି ନୂତନ କର୍ମସନ୍ଧାନ ପାଇଁ ମନ ବଳିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ କ୍ଷେତ୍ରରେ ଖଳ ଲୋକ କଳହକୁ ବଢ଼ାଇଦେଇ ପାରନ୍ତି ।

**କର୍କଟ** ଆଜି ଯାହା କଲେ ସଫଳତା ନିଶ୍ଚିତ ପାଇବେ, କିନ୍ତୁ ଶନିଙ୍କ ପ୍ରଭାବରୁ ବିଳମ୍ବ ହେବ। ଦୂରଯାତ୍ରା ଓ ବନ୍ଧୁ ମିଳନରୁ ଆନନ୍ଦ ଅନୁଭବ କରିବେ । ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ପୁଷ୍ୟା ନକ୍ଷତ୍ର ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ବହୁତ ଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବ ରୂପ ଦେବା ଦିଗରେ ଚେଷ୍ଟା କରି ସଫଳ ହେବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ମଘା ନକ୍ଷତ୍ର ସକାଶେ ସହକର୍ମୀମାନେ ଆବଶ୍ୟକ ସହଯୋଗ କରିବେ।

**କନ୍ୟା** ଶୁକ୍ରଙ୍କ ପ୍ରଭାବରୁ କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଶନିଙ୍କ ସୁପ୍ରଭାବରୁ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ନେଇ ବ୍ୟସ୍ତ ହେବେ। ସ୍ୱାତୀ ନକ୍ଷତ୍ର କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବିଛା** ମଙ୍ଗଳଙ୍କ ମଙ୍ଗଳମୟ ସୁଦୃଷ୍ଟିରୁ ଶାରୀରିକ ସୁସ୍ଥତା ମାନସିକ ସୁସ୍ଥତାକୁ ବୃଦ୍ଧି କରିବ। ଆଜିର କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇଦେବ। ଯିବା ଆସିବା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ପ୍ରତ୍ୟେକ କ୍ଷେତ୍ରର ପରିସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହୋଇ ନ ପାରେ । ମନୋରଞ୍ଜନ କାର୍ଯ୍ୟରେ ସାମିଲ୍ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ । ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବହନରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** ଯେତେ ସତର୍କରେ ଚଳିଲେ ମଧ୍ୟ ଅନ୍ୟର ଶ୍ରଦ୍ଧାଭାଜନ ହୋଇପାରିବେ ନାହିଁ। ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ରାହୁଙ୍କ କୁପ୍ରଭାବରୁ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟାଇବେ ।

**କୁମ୍ଭ** ସମସ୍ୟା ମଧ୍ୟରେ ଯୋଜନା ବିଗିଡି ଯାଉଥିବାରୁ ପ୍ରତ୍ୟେକ କାମରେ କିଛି ଅଭାବ ଅସୁବିଧା ରହିଥିବା ଅନୁଭବ କରିବେ। କେତୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ, ଯଦ୍ୱାରାକି ଆପଣଙ୍କୁ କଟୂକ୍ତି ଶୁଣିବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ହେବା ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକମାନଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ର ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ।

**ସ୍କୁଲ୍ ଛାତ୍ରଙ୍କୁ ନେଇ ଆସୁଥିବା ଅଟୋ ଓଲଟି ୮ ଆହତ**

ଧାମନଗର,(ଡି.ଏନ.ଏ./ସ୍ୱ.ପ୍ର.): ଭଦ୍ରକ ଜିଲା ଧାମନଗର ଥାନା ପଳିକିରି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ଆସୁଥିବା ଅଟୋ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୮ ଛାତ୍ରୀଛାତ୍ରଙ୍କ ସହ ଅଟୋ ଚାଳକ ମଧ୍ୟ ଆହତ ହୋଇଛନ୍ତି। ଗାଡ଼ିଟି ସ୍କୁଲ ତରଫରୁ ନିୟୋଜିତ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ବେଳେ ଧାମନଗର ଛକଠାରେ ଥିବା ଉକ୍ତ ଘରୋଇ ବିଦ୍ୟାଳୟର ପ୍ରାୟ ୧୨ ଛାତ୍ରୀଛାତ୍ରଙ୍କୁ ନେଇ ଅଟୋଟି ଫେରୁଥିଲା। ଧାମନଗର ମୁଖ୍ୟରାସ୍ତାର ପଳିକିରି ଛକ ନିକଟରେ ରାସ୍ତାକଡ଼ରେ ଗଦା ହୋଇଥିବା ଇଟାକୁ ଧକ୍କା ଦେଇ ଗାଡ଼ିଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଧାମନଗର ଡାକ୍ତରଖାନାକୁ ନେଇଥିଲେ।

# ଛୁଆ ହାତୀ ମୃତଦେହ ଜବତ


ମୃତ ହାତୀ ଶାବକ।

**ବାରିପଦା ଅଫିସ/ବାଙ୍ଗିରିପୋଷି, ୨୭।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳର ନଟୋ ସଂରକ୍ଷିତ ଜଙ୍ଗଲରୁ ୩ଦିନ ତଳେ ଏକ ଛୁଆ ହାତୀର ମୃତଦେହ ମିଳିଥିବା ବେଳେ ମଙ୍ଗଳବାର ବାଙ୍ଗିରିପୋଷି ରେଞ୍ଜ ନାଫ୍ରି ଗ୍ରାମ୍ୟ ଜଙ୍ଗଲରୁ ପୁଣି ହାତୀ ଶାବକର ମୃତଦେହକୁ ବନବିଭାଗ ଜବତ କରଛି। ବାରିପଦା ଡିଏଫ୍ଓ ସନ୍ତୋଷ କୁମାର ଯୋଶୀଙ୍କ ସମେତ ବନ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ମୃତ୍ୟୁର ତଦନ୍ତ ଜାରି ରଖିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ହାତୀପଲରେ ଲଢ଼େଇ କିମ୍ବା ଆନ୍ଥ୍ରାକ୍ସ ରୋଗ ଯୋଗୁ ଉକ୍ତ ଶାବକର ମୃତ୍ୟୁ ହୋଇଥିବା ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂଚନା ଦେଇଛି।

ସୂଚନାଯୋଗ୍ୟ, କିଛି ଦିନ ହେଲା ନାଫ୍ରି ଗ୍ରାମ୍ୟ ଜଙ୍ଗଲରେ ହାତୀପଲ ରହିଆସୁଛନ୍ତି। ୨/୩ଦିନ ପୂର୍ବରୁ ଗାଁ ଲୋକେ ଜଙ୍ଗଲକୁ ଯାଇ ମୃତ ହାତୀ ଶାବକକୁ ଠାବ କରି ବନବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ରେଞ୍ଜରଙ୍କ ସହ ବନ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିଥିଲେ। ବିଦ୍ୟୁତ୍ ଓ ଶିକାରୀଙ୍କ ଯୋଗୁ ହାତୀ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଖାଦ୍ୟାଭାବରୁ ହାତୀମାନେ ଜଙ୍ଗଲ ଛାଡ଼ି ଗାଁ ଓ ସହରମୁହାଁ ହେଉଛନ୍ତି। ଏ ଦିଗରେ ସରକାର କିମ୍ବା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ହାତୀ ମଣିଷ ଲଢ଼େଇରେ ଧନଜୀବନ ନଷ୍ଟ ହେଉଥିବା ବେଳେ ସରକାର ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦେଇ ଚୁପ୍ ହୋଇ ବସୁଛନ୍ତି। ଖାଲି ପଡ଼ିଥିବା କର୍ମଚାରୀ ପଦବୀଗୁଡ଼ିକ ପୂରଣ କରିବା ଓ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖି ଜନସଚେତନତା ସୃଷ୍ଟି କରାଗଲେ ସାମାନ୍ୟ ସୁଧାର ଆସିପାରନ୍ତା ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିଶା ସେବନ ଭିଡିଓ ଭାଇରାଲ

**ବ୍ରହ୍ମପୁର ଅଫିସ,୨୭।୯**

ସରକାର ହସ୍ପିଟାଲରେ ରୋଗୀମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଅନେକ ବିଭାଗ ଖୋଲିଛନ୍ତି। ହେଲେ ହସ୍ପିଟାଲ ଭିତରେ ଥିବା ନିଜ କାର୍ଯ୍ୟାଳୟରେ ଜଣେ ସ୍ୱାସ୍ଥ୍ୟ ଅଧିକାରୀ ନିଶା ସେବନ କରୁଥିବା ଭିଡିଓ ଭାଇରାଲ ହୋଇଛି। ପରେ ଜଣେ ମହିଳା କର୍ମଚାରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ଅଭିଯୋଗ ହୋଇଛି।

ଗଞ୍ଜାମ ଜିଲା ବ୍ରହ୍ମପୁର ସିଟି ହସ୍ପିଟାଲରେ ଥିବା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍କେ)କାର୍ଯ୍ୟାଳୟରେ ମଙ୍ଗଳବାର ଏହା ଦେଖିବାକୁ ମିଳିଛି। ଆରବିଏସ୍କେ ସହକାରୀ ମ୍ୟାନେଜର ସନ୍ଦୀପ ତ୍ରିପାଠୀ ନିଜ ଅଫିସ ଭିତରେ ଫିଲ୍ମି ଷ୍ଟାଇଲରେ ନିଶାପାନ



କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ଜାଣିବାକୁ ପାଇଥିଲେ। ପରେ ସେ ତ୍ରିପାଠୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଅନ୍ୟପଟେ ଏହି ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର/କଲ୍ୟାଣ) ଡା. ଭି.ସରୋଜିନୀ ଦେବୀ ଓ ସିଟି ହସ୍ପିଟାଲ ଅଧୀକ୍ଷକ ଡା. ବିଶ୍ୱମ୍ଭର ବେହେରାଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ମଙ୍ଗଳବାର ଘଟଣାର ତଦନ୍ତ ସରିଛି ବୋଲି ସିଡିଏମ୍ଓ ମିଶ୍ର କହିଛନ୍ତି। ରିପୋର୍ଟ ମିଳିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଆରବିଏସ୍କେର ସହକାରୀ ମ୍ୟାନେଜର ସନ୍ଦୀପ ତ୍ରିପାଠୀଙ୍କୁ ପଚାରିବାରୁ ମୋ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ମୁଁ ଅଫିସ ଭିତରେ ନିଶାପାନ କରିନାହିଁ। ମୋ ବିରୋଧରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦୃଶ୍ୟଟି ଭିତ୍ତିହୀନ ବୋଲି ସେ କହିଛନ୍ତି।




# ଯୁକ୍ତ୨ ନାମଲେଖା: ୧ରେ ମେଧା ତାଲିକା

- ସରିଲା ଦ୍ୱିତୀୟ ପର୍ଯ୍ୟାୟ ଆବେଦନ
- ୧୧ରୁ ୧୩ ପର୍ଯ୍ୟନ୍ତ ନାମଲେଖା

**ଭୁବନେଶ୍ୱର,୨୭।୯(ବ୍ୟୁରୋ):** ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଯୁକ୍ତ୨ ନାମଲେଖା ପାଇଁ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶେଷ ହୋଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଦେଢ଼ଲକ୍ଷ ଛାତ୍ରୀଛାତ୍ର ଆବେଦନ କରିଥିବା ଜଣାପଡ଼ିଛି। ଆସନ୍ତା ଅକ୍ଟୋବର ୧ତାରିଖ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ନାମଲେଖା ହେବ। ମନୋନୀତ ଛାତ୍ରୀଛାତ୍ରମାନେ ପ୍ରତିଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ୧୮ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ, ଯାହାକି ବଳକା ସିଟ୍‌ର ୫ଗୁଣା ରହିବ। ୧୮ ତାରିଖ ଅପରାହ୍ନ ୨ଟା ୩୦ରୁ ୧୯ ତାରିଖ ଅପରାହ୍ନ ୪ଟା ଭିତରେ ମନୋନୀତ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ପଞ୍ଜୀକରଣ କରିବେ। ୨୦ ତାରିଖ ପୂର୍ବାହ୍ନ ୧୧ଟା ୫୦ରେ ସ୍ପଟ୍ ନାମଲେଖା ପାଇଁ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମନୋନୀତ ଛାତ୍ରୀଛାତ୍ରଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୨୦ ତାରିଖ ଅପରାହ୍ନ ୨ଟାରୁ ୨୧ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଯୁକ୍ତ୨ ନାମଲେଖା ଅଗଷ୍ଟ ୧୯ରୁ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ସହ ସ୍ପଟ୍ ନାମଲେଖା ସରିଛି। କିନ୍ତୁ ବହୁ ଛାତ୍ରୀଛାତ୍ର ଯୁକ୍ତ୨ ପାଇଁ ଆବେଦନ କରିପାରି ନ ଥିଲେ। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଥମ ଥର ପାଇଁ ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆରମ୍ଭ କରିଥିଲା। ଏଥିପାଇଁ ଗତ ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଶେଷ ହୋଇଛି। ରାଜ୍ୟରେ ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୦୮,୭୭୮ ସିଟ୍ ରହିଥିବାବେଳେ ୩,୭୪,୦୧୬ଜଣ ନାମ ଲେଖାଇ ସାରିଛନ୍ତି। ଆଉ ୧,୩୪,୭୬୨ ସିଟ୍ ବଳକା ପଡ଼ିଛି।






ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। -ଶ୍ରୀମା



# ଏପଟ ନା ସେପଟ

ଭାରତର ଭୁଲ୍ ବୈଦେଶିକ ଓ ଅର୍ଥନୈତିକ ନୀତି ଯୋଗୁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେଉଥିବାର ଏକାଧିକ ପ୍ରମାଣ ମିଳିସାରିଲାଣି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବେଳେ ଚାଇନା ସହ ଭାରତ ସ୍ୱର ମିଳାଇ ପରୋକ୍ଷରେ ରୁଷିଆକୁ ସମର୍ଥନ କରିଥିଲା। ଯୁଦ୍ଧ ହେବା ପରେ ଯେତେବେଳେ ରୁଷିଆ ବିରୋଧରେ ଜାତିସଂଘରେ ବୈଠକ ବସିଲା ସେତେବେଳେ ଭାରତ ଭୋଟଦାନରୁ ବିରତ ରହିଥିଲା। ଆଶା କରିଥିଲା ରୁଷିଆରୁ କମ୍ ମୂଲ୍ୟରେ ପେଟ୍ରୋଲିୟମ୍ ପଦାର୍ଥ ଆଣି ନିଜ ଅର୍ଥନୀତିକୁ ସୁଦୃଢ଼ କରିବ। କିନ୍ତୁ ତାହା ନ ହୋଇଲା। ନିକଟ ଅତୀତରେ ଯେବେଠାରୁ ରୁଷିଆ ଯୁଦ୍ଧ ହାରୁଛି ବୋଲି ବିଶ୍ୱବ୍ୟାପୀ ଧାରଣା ସୃଷ୍ଟି ହେଲାଣି ସେବେଠାରୁ ଭାରତ ତା'ର ପୂର୍ବ କଥାକୁ ବଦଳାଇବାକୁ ପ୍ରାଣମୂର୍ଚ୍ଛା ଚେଷ୍ଟା କରୁଛି। ଏଭଳି ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ଦୂରଦୃଷ୍ଟିହୀନତାକୁ ଦର୍ଶାଉଛି। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଯେତେ ଦମ୍ଭୋକ୍ତି ଦେଖାଉଛନ୍ତି, ସେତିକି ଦୁର୍ବଳ ଭାରତ ହୋଇଯାଉଛି ବୋଲି ସ୍ପଷ୍ଟ ବୁଝାପଡୁଛି। ରୁଷିଆ ସହିତ ନିବିଡ଼ ସମ୍ପର୍କ ରହିଛି ବୋଲି ସବୁ ଭାରତୀୟ ଜାଣନ୍ତି। କାରଣ ଭାବେ, ବାରମ୍ବାର ଦର୍ଶାଯାଉଛି ଭାରତର ପ୍ରତିରକ୍ଷା ସାମଗ୍ରୀ ମୁଖ୍ୟତଃ ରୁଷିଆ ନିର୍ମିତ ହୋଇଥିବାରୁ ଏଭଳି ପଦକ୍ଷେପ ନେବାକୁ ପଡୁଛି। କିନ୍ତୁ ଟାଣୁଆ ନେତୃତ୍ୱ କଥା ବାରମ୍ବାର ଦୋହରାଉଥିବା ଜୟଶଙ୍କର ସାଧାରଣ ନାଗରିକଙ୍କୁ ବୁଝାଇବାରେ ଅସମର୍ଥ ହେଲା ଭଳି ମନେହେଉଛି। କାରଣ ଟାଣୁଆ ନେତୃତ୍ୱର ମୁଖ୍ୟ ପରିଚୟ ହେଉଛି ଦୂରଦୃଷ୍ଟି। 'ଅବ୍ କି ବାର୍ ଟ୍ରମ୍ପ ସରକାର' ଧ୍ୱନିର ପ୍ରାୟଶ୍ଚିତ୍ତ କରିବାର ସୁଯୋଗ ଗତ ଫେବୃୟାରୀରେ ୟୁକ୍ରେନ୍ ଯୁଦ୍ଧ ଆଣିଦେଇଥିଲା। ସେତେବେଳେ ୟୁକ୍ରେନ୍‌କୁ ସମର୍ଥନ କରିଥିଲେ ପରିସ୍ଥିତି ସୁଧୁରିବାର ସମ୍ଭାବନା ସୃଷ୍ଟି ହୋଇପାରିଥାଆନ୍ତା। ଆଜି ପାକିସ୍ତାନକୁ ତାହାର ଏଫ୍-୧୬ ଲଢୁଆ ବିମାନକୁ ଅଧିକ ଦିନ କାର୍ଯ୍ୟକ୍ଷମ କରି ରଖିବା ଲାଗି ୪୫୦ ମିଲିୟନ ଆମେରିକୀୟ ଡଲାର ଦେଇଛି ୱାଶିଂଟନ। ମନେରଖିବାକୁ ହେବ ଯେ, ପାକିସ୍ତାନର ସଫଳ ବୈଦେଶିକ ନୀତି ଯୋଗୁ କେବଳ ଚାଇନା ନୁହେଁ, ଉଭୟ ଆମେରିକା ଓ ରୁଷିଆ ସେହି ଦେଶକୁ ଆର୍ଥିକ ଓ ସାମରିକ ସାମଗ୍ରୀ ଦେଇ ସାହାଯ୍ୟ କରୁଛନ୍ତି। ଭାରତର ଜୟଶଙ୍କର ନେତୃତ୍ୱର ଟାଣୁଆପଣ ଦେଖାଇବା ସହ କେବଳ କାନ୍ଦୁଛନ୍ତି।

ବାସ୍ତବରେ ଦୂରଦୃଷ୍ଟି ଥିଲେ ବୈଦେଶିକ ନୀତିରେ ସ୍ଥାୟିତ୍ୱ ଥାଏ। ପ୍ରଥମେ ଭାରତର ଅପରିପକ୍ୱ ବୈଦେଶିକ ନୀତି ଧରାପଡ଼ିଥିଲା ଯେତେବେଳେ ଟ୍ରମ୍ପଙ୍କ ପରାଜୟ ହୋଇସାରିବା ପରେ ମଧ୍ୟ ସଙ୍ଗେ ସଙ୍ଗେ ବାଇଡେନ୍‌ଙ୍କୁ ଶୁଭେଚ୍ଛା ଜଣାଇବା ହୋଇ ନ ଥିଲା। ପୁନର୍ବାର ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କଲା ବେଳକୁ ରୁଷିଆକୁ ସମର୍ଥନ ଜଣାଇଥିବା ଭାରତ ଜାତିସଂଘରେ ରୁଷିଆ ବିରୋଧୀ ସଂକଳ୍ପରେ ଭାଗ ନେଇ ନ ଥିଲା। ଏହା ପରେ ଯେତେବେଳେ ରୁଷିଆର ଦୁର୍ବଳତା ଦେଖାଦେଲାଣି ସେତେବେଳେ ଭାରତ କରଛଡ଼ା କରୁଛି ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଜାତିସଂଘରେ ଭାଷଣ ଦେବାର ଅନୁମତିକୁ ସମର୍ଥନ କଲା। ଦଳେ ଦେଶ ରହିଲେ ରୁଷିଆ ବିରୋଧୀ। ଆଉ କିଛି ରହିଲେ ରୁଷିଆ ସମର୍ଥକ। ଭାରତ ପରୋକ୍ଷରେ ରୁଷିଆ ସମର୍ଥକ ଭାବେ ନିଜକୁ ଦର୍ଶାଇବା ପରେ ଏବେ ବିଶ୍ୱାସଘାତକ ଭାବେ ରୁଷିଆଠାରୁ ଦୂରେଇଯାଉଛି। ଏହି ଯୁଦ୍ଧ ଅସରନ୍ତି ନୁହେଁ। ବିଶ୍ୱ ମାନଚିତ୍ରରୁ ରୁଷିଆ ଲିଭିଯିବ ନାହିଁ। କିନ୍ତୁ ରୁଷିଆ ସରକାର ଜାଣିଲା ଭାରତ ବେଇମାନ କଲା। ଅନ୍ୟପଟେ ପାଶ୍ଚାତ୍ୟ ଶକ୍ତି ଜାଣିଲା ଭାରତ ତାଙ୍କ ପଟେ ନାହିଁ। ଅର୍ଥାତ୍ ଭାରତ ନା ଏପଟ ନା ସେପଟ ହୋଇ ରହିଯାଇଛି।

ବୈଦେଶିକ ବ୍ୟାପାର ପରିଚାଳନା କରୁଥିବା ବ୍ୟକ୍ତିମାନେ ଉଚିତ ବୁଦ୍ଧି ଖଟେଇବା କଥା। ଗୋଟେ ଦେଶର ବିଦେଶ ନୀତି ତାହାର ଅର୍ଥନୀତିକୁ ପ୍ରଭାବିତ କରିଥାଏ। ଦୁଇ ଦେଶ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ପୁଞ୍ଜିନିବେଶ, ଆମଦାନୀ ଓ ରପ୍ତାନି ଭଳି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥାଏ। କିନ୍ତୁ ଏବେ ଭାରତର ଆର୍ଥିକ ସ୍ଥିତି ଦେଖିଲେ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ୨୬ ସେପ୍ଟେମ୍ବର ୨୦୨୨ରେ ଆମେରିକାର ଡଲାର ତୁଳନାରେ ଭାରତର ମୁଦ୍ରା ସର୍ବକାଳୀନ ହ୍ରାସ ପାଇଛି। ଅର୍ଥାତ୍ ଡଲାର ମୂଲ୍ୟ ୮୧ ଟଙ୍କା ୬୩ ପଇସା ଯାଏ ଯାଇଛି। ଫଳରେ ଡଲାରକୁ ଷ୍ଟାଣ୍ଡାର୍ଡ ବିନିମୟ ମୁଦ୍ରା ଭାବେ ନେଇ ଭାରତ ଯେଉଁସବୁ ରାଷ୍ଟ୍ର ସହ ବାଣିଜ୍ୟିକ କାରବାର କରୁଛି, ସବୁଥିରେ କ୍ଷତି ସହିବା ଥୟ। ଏମିତି ଦେଖିଲେ କିଛି ବର୍ଷ ହେବ ଭାରତୀୟ ପୁଞ୍ଜିବଜାରରୁ ବିଦେଶ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ଅର୍ଥ ଉଠାଇ ନେଉଛନ୍ତି। କାରଣ ଭାରତୀୟ ବଜାରକୁ ସେମାନେ ଏକ ଅସ୍ଥିର ସ୍ଥିତିରେ ଗତି କରୁଥିବା ଲକ୍ଷ୍ୟ କରୁଛନ୍ତି। ଏଥିପାଇଁ ଆଭ୍ୟନ୍ତରୀଣ ରାଜନୀତି ମୁଖ୍ୟତଃ ଦାୟୀ। ବୈଦେଶିକ ଓ ଆର୍ଥିକ ନୀତିର ଭୁଲ୍ ପରିଚାଳନା ଯୋଗୁ ଭାରତ ବଦ୍‌ଗୁଣର ଶିକାର ହେଉଛି ବୋଲି ବୁଝିବାକୁ ହେବ।

# ବନ୍ଧୁକ ସଂସ୍କୃତି

ସେପ୍ଟେମ୍ବର ୨୬ରେ ରୁଷିଆର ଇଜେଭ୍‌ସ୍କ ସହରସ୍ଥିତ ସ୍କୁଲ ନମ୍ବର-୮୮ରେ ଆର୍ତେମ୍ କାଜାଣ୍ଟସେଭ୍ ଆଖିବୁଜା ଗୁଳି ଚଳାଇଥିଲେ। ଶେଷରେ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଉକ୍ତ ଘଟଣାରେ ୧୧ ଜଣ ଛାତ୍ରଙ୍କ ସମେତ ୧୫ ଜଣଙ୍କ ମୃତ୍ୟୁ ଘଟିଛି ଓ ପାଖାପାଖି ଦୁଇ ଡଜନ ଗୁରୁତର ହୋଇଛନ୍ତି। ତାଙ୍କ ଟି ଶର୍ଟରେ ସ୍ୱସ୍ତିକ ଚିହ୍ନଥିବାରୁ ଆର୍ତେମ୍‌ଙ୍କର ନାଜି ଲିଙ୍କ୍ ରହିଥିବା ପୋଲିସ ସନ୍ଦେହ କରିଛି। ଏହା ଏକ ଆତଙ୍କବାଦୀ କାର୍ଯ୍ୟ ଓ ଏଥିରେ ଫାସିବାଦୀ ସଂଗଠନର ହାତ ଅଛି ବୋଲି ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିଛନ୍ତି। ସ୍କୁଲ ନମ୍ବର-୮୮ ଗୁଳିକାଣ୍ଡରେ ଫାସିବାଦୀଙ୍କ ହାତ ଅଛି କି ନାହିଁ, ତାହା ତଦନ୍ତ ପରେ ଜଣାପଡ଼ିବ। କିନ୍ତୁ ସ୍ୱୀକାର କରିବାକୁ ପଡ଼ିବ ଯେ ସ୍କୁଲ ଓ କଲେଜରେ ଏଭଳି ଘଟଣା ରୁଷିଆରେ ପ୍ରଥମ କି ଦ୍ୱିତୀୟ ନୁହେଁ, ବହୁବାର ଘଟିଛି। ବିଗତ ଦୁଇ ବର୍ଷ ମଧ୍ୟରେ ତିନୋଟି ବଡ଼ ଗୁଳିକାଣ୍ଡ ମଧ୍ୟରେ ପିରିମ୍ ଷ୍ଟେଟ ୟୁନିଭର୍ସିଟି ଓ କାଜାନ ସ୍କୁଲ ଗୁଳିକାଣ୍ଡ ପରେ ଏବକାର ଘଟଣା ନିଶ୍ଚିତ ଚିନ୍ତାଜନକ। କେବଳ ରୁଷିଆ ନୁହେଁ, ବିଶ୍ୱରେ କଲେଜ କିମ୍ବା ସ୍କୁଲ ଗୁଳିକାଣ୍ଡରେ ଆମେରିକା ରହିଛି ସବୁଠୁ ଆଗରେ। ପିଲାମାନଙ୍କ ମଧ୍ୟରେ ମୃତ୍ୟୁର ମୁଖ୍ୟ କାରଣ ହେଉଛି ଗୁଳିକାଣ୍ଡ। ଏହା ତୁଳନାରେ ରାସ୍ତା ଦୁର୍ଘଟଣା, ପାଣିରେ ବୁଡ଼ିଯିବା ଇତ୍ୟାଦି ଗୌଣ ହୋଇଯାଉଛି। ୨୦୧୮ଠାରୁ ଏଯାବତ୍ ଆମେରିକାରେ ଶିକ୍ଷାନୁଷ୍ଠାନରେ ୧୧୮ଟି ଛୋଟବଡ଼ ଗୁଳିକାଣ୍ଡରେ ଅନେକରେ ଛାତ୍ରମାନେ ଜଡ଼ିତ ଥିବା ଜଣାପଡ଼ିଛି। ସେଠାରେ ପ୍ରଚଳିତ ବନ୍ଧୁକ ସଂସ୍କୃତି ହିଁ ଏଭଳି ଗୁଳିକାଣ୍ଡର ପ୍ରମୁଖ କାରଣ। ଆମେରିକାର ବନ୍ଧୁକ ସଂସ୍କୃତି ଖୁବ୍ ମଜଭୁତ। ଆମେରିକା ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ମାତ୍ର ୪%, କିନ୍ତୁ ବିଶ୍ୱରେ ଲୋକମାନଙ୍କ ପାଖରେ ଥିବା ୮୫୬ ମିଲିୟନ ବନ୍ଧୁକର ୪୬% ରହିଛି ଆମେରିକୀୟଙ୍କ ପାଖରେ। ସେମାନଙ୍କ ନିକଟରେ ମୋଟରେ ୩୯୩ ମିଲିୟନ ବନ୍ଧୁକ ରହିଛି। ବିଶ୍ୱର ଶୀର୍ଷ ୨୫ ଦେଶରେ ଲୋକମାନଙ୍କ ପାଖରେ ଯେତିକି ବନ୍ଧୁକ ଅଛି, ତାହାଠାରୁ ଅଧିକ ବନ୍ଧୁକ ରଖିଛନ୍ତି ଆମେରିକୀୟମାନେ।

ବନ୍ଧୁକ ସଂସ୍କୃତି ଆପଣାଇ ଆମେରିକା ବିଶ୍ୱରେ ଗମ୍ଭୀର ପରିଣାମ ଭୋଗ କରୁଛି। ତେବେ ଚଳିତ ବର୍ଷ ମେ'ରେ ଟେକ୍ସାସର ଉଭାଲ୍‌ଡେସ୍ଥିତ ଏକ ପ୍ରାଥମିକ ସ୍କୁଲ ଗୁଳିକାଣ୍ଡରେ ୧୯ ଜଣ ଛାତ୍ରଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ହେବା ପରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଚିନ୍ତା ପ୍ରକଟ କରିଥିଲେ। ଆମେ ବନ୍ଧୁକ ନିୟନ୍ତ୍ରଣ କରିବା ସପକ୍ଷରେ କେବେ ଠିଆ ହେବା ବୋଲି ଦେଶବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହା ଉପରେ ତ୍ୱରିତ ପଦକ୍ଷେପ ନେବାକୁ ହେବ ବୋଲି ସେ ମଧ୍ୟ ପ୍ରକାଶ କରିଥିଲେ। ତେବେ ଦୀର୍ଘ ଦଶନ୍ଧି ଧରି ଆମେରିକାରେ ବଳବତ୍ତର ରହିଥିବା ବନ୍ଧୁକ ସଂସ୍କୃତି ଦୂର କରିବାରେ ସେ କେତେ ସଫଳ ହେବେ ତାହା ସମୟ କହିବ। କିନ୍ତୁ ବନ୍ଧୁକ ସଂସ୍କୃତିରୁ ସୃଷ୍ଟି ଶିକ୍ଷାନୁଷ୍ଠାନ ଗୁଳିକାଣ୍ଡର ଭୟାବହତାକୁ ଏବେ ଯେଉଁଭଳି ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସାମ୍ନା କରିବାରେ ଲାଗିଛନ୍ତି, ତାହା ଏକ ଆହ୍ୱାନ ଭାବେ ଉଭା ହୋଇଛି। ଗବେଷଣାରୁ ଜଣାପଡ଼ିଛି ଯେ ସହଜରେ ବନ୍ଧୁକ ଉପଲବ୍ଧ ହେବା, ପରିବାରର ଦୁର୍ବଳତା, ମାନସିକ ରୋଗ ଓ ଅନ୍ୟ ମନସ୍ତାତ୍ତ୍ୱିକ ସମସ୍ୟା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଳିକାଣ୍ଡ ଘଟୁଛି। ଏହାବାଦ୍ ବୁଲିଂ, ପ୍ରତିଶୋଧ ମନୋଭାବ, ସ୍କୁଲ ତରଫରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଛାତ୍ରମାନଙ୍କୁ ଏସବୁ କାର୍ଯ୍ୟ ଲାଗି ପ୍ରେରିତ କରୁଛି।

ଆମେରିକାରେ ନୀତିର ପରିବର୍ତ୍ତନ ହୋଇପାରୁ ନ ଥିବାରୁ ବନ୍ଧୁକ କିଣିବା ଅତ୍ୟନ୍ତ ସହଜ ହେଉଛି। ଏପରି କି ନାବାଳକ ମଧ୍ୟ ଦୋକାନକୁ ଯାଇ ବନ୍ଧୁକ କିମ୍ବା ପିସ୍ତଲ କିଣିପାରିବ। ପ୍ରତିଷେଧକ ନୀତିକୁ ବିରୋଧ କରିଆସୁଛି ବନ୍ଧୁକ ନିର୍ମାତାମାନଙ୍କ ଶକ୍ତିଶାଳୀ ଗୋଷ୍ଠୀ। ସେହି ଦେଶରେ ସାଧାରଣ ନାଗରିକ ଅସୁରକ୍ଷିତ ଏବଂ ନିଜ କତିରେ ବନ୍ଧୁକ ରଖିବା ଆବଶ୍ୟକ ବୋଲି ଏହି ନିର୍ମାତା ଗୋଷ୍ଠୀ ଅନେକ କାଳରୁ ବାରମ୍ବାର ପ୍ରଚାର କରିଆସୁଥିବାର ଦେଖାଯାଉଛି। ତାହାର ଫଳ ଆଜି ଭୋଗିବାକୁ ମଧ୍ୟ ପଡୁଛି।

# ମୂଲ୍ୟସ୍ଫୀତିର ଆଘାତ ଅସହ୍ୟ



କିଶୋର ଜେନା

କରୋନାର ଧକ୍କା ସମ୍ଭାଳି ଉଠୁ ଉଠୁ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସାରା ବିଶ୍ୱକୁ ଏକ ନୂଆ ସଙ୍କଟ ମଧ୍ୟକୁ ଠେଲିଦେଇଛି। ଏଭଳି ଅବସ୍ଥାରେ ଦେଶରେ ଆଲୋଚ୍ୟ ବିଷୟ ହେଉଛି ଦ୍ରବ୍ୟ ମୂଲ୍ୟର ଊର୍ଦ୍ଧ୍ୱଗତି କିମ୍ବା ମୂଲ୍ୟସ୍ଫୀତି ବା ମୁଦ୍ରାସ୍ଫୀତି ଓ ବେକାରି। ସମ୍ପ୍ରତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ମୁଦ୍ରାସ୍ଫୀତି ତାଙ୍କ ସରକାରଙ୍କ ପାଖରେ ମୁଖ୍ୟ ସମସ୍ୟା ନୁହେଁ। ସେ ସତ କଥା କହିଛନ୍ତି, ବେକାରି ଓ ଅର୍ଥନୀତିର ଅଭିବୃଦ୍ଧି ସରକାରଙ୍କ ପାଖରେ ମୁଖ୍ୟ ଚିନ୍ତାର ବିଷୟ। ଏତେଦିନ ପରେ ସରକାର ସ୍ୱୀକାର କଲେ ଯେ, ବେକାରି ଓ ଜିଡିପି ସରକାରଙ୍କ ପାଇଁ ସମସ୍ୟାର ବିଷୟ। ତେବେ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ବିଷୟ ହେଉଛି ଜିନିଷପତ୍ରର ଅହେତୁକ ଦରବୃଦ୍ଧି ଏବଂ ଏହାର ଊର୍ଦ୍ଧ୍ୱଗତି, ମୁଦ୍ରାସ୍ଫୀତି ବା ମୂଲ୍ୟସ୍ଫୀତି। ଏହି ଦୁଇ ଅବସ୍ଥାର ଚୂଡ଼ାନ୍ତ ପରିଣତି ଏକ ହେଲେ ମଧ୍ୟ ଦୁଇଟି ଧାରଣା ମଧ୍ୟରେ କିଛି ପାର୍ଥକ୍ୟ ରହିଛି। ଅର୍ଥନୀତିର ଭାଷାରେ ମୁଦ୍ରାସ୍ଫୀତି କହିଲେ ଦେଶର ବଜାରରେ ପଣ୍ୟର ସରବରାହ ଅପରିବର୍ତ୍ତିତ ରହିଲେ ମଧ୍ୟ ମୁଦ୍ରା ବା ଅର୍ଥ ସରବରାହ ବୃଦ୍ଧିକୁ ବୁଝାଏ। ଏଭଳି ଅବସ୍ଥାରେ ଅନେକ ବେଶି ଟଙ୍କା ସୀମିତ ପଣ୍ୟର ପଛରେ ଯାଏ। ଫଳରେ ପଣ୍ୟର ଚାହିଦା ଓ ମୂଲ୍ୟ ସ୍ତର ବଢ଼ିଯାଏ। ସୁତରାଂ ମୁଦ୍ରାସ୍ଫୀତିର କାରଣରୁ ସବୁ ଧରଣର ପଣ୍ୟ ଓ ସେବାମୂଲ୍ୟର କ୍ରମାଗତ ବୃଦ୍ଧି ଘଟିଥାଏ। ଅତିରିକ୍ତ ଯୋଗାଣ ହେଲେ ସ୍ୱାଭାବିକ ଭାବେ ଅର୍ଥର ମୂଲ୍ୟ ବା କ୍ରୟ କ୍ଷମତା କମିଯାଏ। ଏଭଳି ପରିସ୍ଥିତିରେ କୁହାଯାଏ, ମୁଦ୍ରାସ୍ଫୀତିରେ କେବଳ ଟଙ୍କା ଛଡ଼ା ସବୁକିଛିର ଦାମ୍ ବଢ଼ିଯାଏ। ସାଧାରଣ ଅର୍ଥରେ ମୁଦ୍ରାସ୍ଫୀତି ସହ ମୂଲ୍ୟସ୍ଫୀତିର ଏହା ଏକ ସହଜବୋଧ ସମ୍ପର୍କ। କିନ୍ତୁ ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତିକୁ ସବୁ ସମୟରେ ଏକ ଓ ଅଭିନ୍ନ କରି ଦେଖିବା ଠିକ୍ ନୁହେଁ। କାରଣ ମୁଦ୍ରାସ୍ଫୀତି ନ ଥିଲେ ମଧ୍ୟ କୌଣସି ବିଶେଷ ଦ୍ରବ୍ୟର ମୂଲ୍ୟସ୍ଫୀତି ଘଟିପାରେ। ବର୍ତ୍ତମାନର ମୁଦ୍ରାସ୍ଫୀତି ସରକାରଙ୍କ ପାଖରେ ମୂଳ ବିବେଚନାର ବିଷୟ ନୁହେଁ। କିନ୍ତୁ ମୂଲ୍ୟସ୍ଫୀତି ପ୍ରତି ସରକାରଙ୍କ ଚିନ୍ତା ଭାବନା ଅଛି ନା ନାହିଁ, ବିଚାର କରିବାକୁ ହେବ।

ଅର୍ଥମନ୍ତ୍ରୀ କହିଲେ, ମୁଦ୍ରାସ୍ଫୀତି ତାଙ୍କ ସରକାର ପାଇଁ ଚିନ୍ତାର ବିଷୟ ନୁହେଁ। ତେବେ ମୂଲ୍ୟସ୍ଫୀତି ସମ୍ପର୍କରେ ସେ ନୀରବ। ଗତ ଜୁଲାଇ ମାସରେ ଖୁଚୁରା ମୂଲ୍ୟବୃଦ୍ଧିର ହାର ଥିଲା ୬.୭୧ ପ୍ରତିଶତ ଯାହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଘୋଷଣାର ଅନେକ ଉପରେ। ଅଗଷ୍ଟରେ ଏହି ଖୁଚୁରା ମୁଦ୍ରାସ୍ଫୀତି ୭ ପ୍ରତିଶତ ଉପରେ। ଏହି ଖୁଚୁରା ମୁଦ୍ରାସ୍ଫୀତି ଏପ୍ରିଲ-ଜୁନ୍‌ରେ ୭ ପ୍ରତିଶତ ଉପରେ ଥିଲା। ଖୁଚୁରା ମୂଲ୍ୟସ୍ଫୀତି ଯଦି କେନ୍ଦ୍ର ସରକାରଙ୍କ ପାଇଁ ବିଚାର୍ଯ୍ୟ ବିଷୟ ନ ହୁଏ, ତେବେ ସାଧାରଣ ମଣିଷର ଆୟ ଦିଗକୁ ଦେଖିବାକୁ ହେବ। ସେ କ୍ଷେତ୍ରରେ ସରକାର କୌଣସି ପ୍ରକାର ପଦକ୍ଷେପ ନେବାକୁ ସକ୍ଷମ ହୋଇଛନ୍ତି କି? ବହୁ ଜିନିଷପତ୍ରର ଦାମ୍ ଆଜି ସାଧାରଣ ଜନତାଙ୍କ ହାତ ବାହାରେ। ବଜାରରେ କ୍ରେତା ନାହିଁ, ଚାହିଦାର ଅଭାବ। ପ୍ରକୃତରେ ଲୋକଙ୍କ ହାତରେ କ୍ରୟ କ୍ଷମତା ନାହିଁ। ଦାମ୍ ବଢ଼ିଛି ଯାବତୀୟ ଖାଦ୍ୟ ସାମଗ୍ରୀର। ନୀତି ଆୟୋଗର କର୍ତ୍ତା ରାଜୀବ କୁମାର କହିଲେ, ଦେଶର ଅର୍ଥନୈତିକ ଅଭିବୃଦ୍ଧି ଧିମେଇ ଯାଇ ନାହିଁ, ମୂଲ୍ୟବୃଦ୍ଧି ସହନସୀମା ମଧ୍ୟରେ ଅଛି। ଅଦ୍ଭୁତ କଥା। ମୂଲ୍ୟସ୍ଫୀତି ଯେଉଁଭଳି ଭାବେ ବଢୁଛି, ତାହା ଭାରତବର୍ଷକୁ ଅବସ୍ଫୀତି ଦିଗକୁ ନେଇଯାଉଛି। ଏହା ସାଙ୍ଗକୁ ଯୁବସମାଜ ମଧ୍ୟରେ ବେକାରି ବୃଦ୍ଧି ରେକର୍ଡ ସ୍ତରରେ। ଅଗଷ୍ଟରେ ବେକାରି ହାର ୮.୩ ପ୍ରତିଶତ ବୋଲି ସିଏମ୍ଆଇଇର ଏବକାର ରିପୋର୍ଟରେ ପ୍ରକାଶ ପାଇଛି। ସହରରେ ବେକାରି ହାର ୯.୫ ପ୍ରତିଶତ, ୧୫ରୁ ୨୪ ବର୍ଷ ବୟସ୍କଙ୍କ ମଧ୍ୟରେ ବେକାରି ହାର ୩୪ ପ୍ରତିଶତ। ବେକାରି ସାଙ୍ଗକୁ ମୂଲ୍ୟସ୍ଫୀତି ଦେଶରେ ଏକ ଗୁରୁତର ସାମାଜିକ ସଙ୍କଟ ସୃଷ୍ଟି କରିଛି।



ଆର୍ଥିକ ସଂସ୍କାର ନାମରେ ରାଷ୍ଟ୍ରାୟତ୍ତ କ୍ଷେତ୍ରକୁ ଦୁର୍ବଳ, ଏପରିକି ବିଲୋପ କରିଦେବାର ବ୍ୟବସ୍ଥା ହେଉଛି।

ଅର୍ଥନୀତିର ତତ୍ତ୍ୱରେ ଅଛି ମୂଲ୍ୟବୃଦ୍ଧି ସହ ବେକାରିତ୍ୱର ବିପରୀତମୁଖୀ ସମ୍ପର୍କର କଥା। ଦେଶର ଅର୍ଥନୀତି ଯେତେବେଳେ ଉଜ୍ଜ୍ୱଳ, ସେତେବେଳେ ଭୋଗ୍ୟ ପଣ୍ୟର ପ୍ରଚୁର ଚାହିଦା ବଢ଼ିବ। ଫଳରେ ଉତ୍ପାଦନ ବୃଦ୍ଧି ପାଇବ। ଶ୍ରମିକଙ୍କ ଚାହିଦା ଓ ମଜୁରି ବଢ଼ିବ। ଏହା ସହ ଜିନିଷପତ୍ରର ଦାମ୍ ମଧ୍ୟ ବଢ଼ିବ। ବେକାରି କମିବ। ବର୍ତ୍ତମାନ କ'ଣ ଦେଶରେ ସେହି ଅବସ୍ଥା ଚାଲିଛି! ଏହା ତ ନୁହେଁ। ଏବେ ଅର୍ଥନୀତିର ଚମକ ନାହିଁ। ସୀତାରାମନ କ'ଣ ଏହା ଜାଣିନାହାନ୍ତି। ମୂଲ୍ୟସ୍ଫୀତି ନିୟନ୍ତ୍ରଣ ନ କଲେ ଦେଶର କ'ଣ 'ଶ୍ରୀବୃଦ୍ଧି' ଘଟିବ!

ଆଉ କେନ୍ଦ୍ର ସରକାର କ'ଣ ସତରେ ଗରିବ କଲ୍ୟାଣରେ ଟଙ୍କା ବ୍ୟୟ କରୁଥିବା କାରଣରୁ ଏହି ମୂଲ୍ୟସ୍ଫୀତି? ଅସଲରେ ଯେଉଁ ନୀତି ଅର୍ଥମନ୍ତ୍ରୀ ନେଇଛନ୍ତି ସେ ଗରିବ କଲ୍ୟାଣ ପ୍ରକଳ୍ପ ହେଉ ବା ଅନ୍ୟ କିଛି ତାହା ପାଇଁ ଆବଶ୍ୟକ ଅର୍ଥ ତାଙ୍କୁ ହିଁ ଯୋଗାଇବାକୁ ହେଉଛି। ଗତ ବଜେଟରେ କର୍ପୋରେଟ୍ କର ହାର ୩୦ ପ୍ରତିଶତରୁ ୨୨-୨୫ ପ୍ରତିଶତକୁ କମାଇ ଦିଆଯାଇଛି। ଆଉ ନୂଆ କୌଣସି ଉଦ୍ୟୋଗ ହେଲେ ୧୫ ପ୍ରତିଶତରୁ କମ୍ କର ଦେବାକୁ ହେବ। ଅଥଚ ବ୍ୟକ୍ତିଗତ ଆୟକର ୩୦ ପ୍ରତିଶତ ଏବଂ ଏହା ସହ ୪ ପ୍ରତିଶତ ସର୍‌ଚାର୍ଜ। ସମ୍ପତ୍ତି କର ଆଉ ନାହିଁ। କି ସୁନ୍ଦର ବ୍ୟବସ୍ଥା! ଏପରିକି ଉତ୍ତରାଧିକାର କର ମଧ୍ୟ ନାହିଁ। ସରକାରଙ୍କ ରାଜସ୍ୱର ମୂଳ ଉତ୍ସ ଜିଏସ୍‌ଟି ଓ ଜାଳେଣି ଉପରେ ବି କର। ତା'ହେଲେ ସାଧାରଣ ଜନତାକୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ଜିଏସ୍‌ଟି ଦେବାକୁ ପଡୁଛି ଓ ଜାଳେଣି ପାଇଁ କର ଦେବାକୁ ପଡୁଛି। ଅଥଚ ଧନିକ ବର୍ଗ ଓ କର୍ପୋରେଟ୍‌ମାନଙ୍କୁ କର ଛାଡ଼ କରାଯାଉଛି। ଗରିବ କଲ୍ୟାଣ ପ୍ରକଳ୍ପରେ ନଗଦ ହସ୍ତାନ୍ତର ହୋଇଛି ୨ ଲକ୍ଷ ୨୫ ହଜାର କୋଟି ଟଙ୍କା। ଆଉ କେବଳ ଜାଳେଣି କ୍ଷେତ୍ରରୁ ଏହାଠାରୁ ଯଥେଷ୍ଟ ଅଧିକ କର ଆଦାୟ ହେଉଛି। କେନ୍ଦ୍ରୀୟ ରାଜସ୍ୱରେ ପେଟ୍ରୋଲିୟମ କ୍ଷେତ୍ରର କର ବାବଦରେ ଯେଉଁ ଅର୍ଥ ଜମା ହେଉଛି, ତାହା ଅଭାବନୀୟ। ୨୦୧୪-୧୫ରେ ଆୟ ହୋଇଥିଲା ଏହି କ୍ଷେତ୍ରରୁ ୧୭୨,୦୬୫ କୋଟି ଟଙ୍କା, ୨୦୧୭-୧୮ ରେ ଏହା ହୋଇଥିଲା ୩,୩୬,୧୭୫ କୋଟି ଟଙ୍କା। ୨୦୨୦-୨୧ ରେ ତାହା ହୋଇଛି ୪,୫୫,୦୬୯ କୋଟି ଟଙ୍କା। ଏହି ଯେଉଁ ଜାଳେଣି ଉପରେ କର ବସାଯାଉଛି, ତାହାର ଦାୟ ଦେଶର ୯୫ ପ୍ରତିଶତ ଲୋକଙ୍କୁ ଦେବାକୁ ପଡ଼େ। ଏହା ହିଁ ବିସ୍ମୟ!

ଆଶ୍ଚର୍ଯ୍ୟଜନକ ଭାବେ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତିକୁ ନିୟନ୍ତ୍ରଣ କରିବାର ଭାର ଛାଡ଼ି ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ବା ରିଜର୍ଭ ବ୍ୟାଙ୍କ କେବଳ ଅର୍ଥର କ୍ରୟ କ୍ଷମତାକୁ ନିୟନ୍ତ୍ରଣ କରିପାରେ, କିନ୍ତୁ ଜୀବନଯାତ୍ରାର ବ୍ୟୟ ବୃଦ୍ଧିକୁ ରୋକିବାରେ ଅକ୍ଷମ। ଜୀବନଯାତ୍ରାର ବ୍ୟୟ ବଢ଼େ ଅନ୍ୟ ଜିନିଷର ସହ, ବିଶେଷକରି ଆୟ ତୁଳନାରେ କୌଣସି ନିର୍ଦ୍ଦିଷ୍ଟ ପଣ୍ୟର ତୁଳନାତ୍ମକ ମୂଲ୍ୟବୃଦ୍ଧି କାରଣରୁ। ତେବେ ଗୋଟିଏ ପରିବାରର ଜୀବନଯାତ୍ରାର କୌଣସି ନିର୍ଦ୍ଦିଷ୍ଟ ଉପାଦାନର ଯଦି ଦାମ୍ ବଢ଼ିଯାଏ, ତେବେ ଜୀବନଯାତ୍ରାର ବ୍ୟୟ ବୃଦ୍ଧିପାଏ। ତାକୁ ଅର୍ଥମନ୍ତ୍ରୀ ମୁଦ୍ରାସ୍ଫୀତି ବା ମୂଲ୍ୟସ୍ଫୀତି ବୋଲି ମାନିବାକୁ ରାଜି ନୁହନ୍ତି।

ତେବେ ଏଠାରେ ଉଲ୍ଲେଖ କରାଯାଇପାରେ, ସୁଧର ହାର ଦ୍ୱାରା ନିୟନ୍ତ୍ରଣ କରାଯାଏ ଚାହିଦାଜାତ ମୂଲ୍ୟସ୍ଫୀତିକୁ। କିନ୍ତୁ ଯେଉଁ ମୂଲ୍ୟସ୍ଫୀତି ବ୍ୟୟବୃଦ୍ଧିଜନିତ, ତାକୁ ସୁଧର ହାର ବୃଦ୍ଧି ନିୟନ୍ତ୍ରଣ କରିବାକୁ ଅକ୍ଷମ। ବର୍ତ୍ତମାନ ପରିସ୍ଥିତିରେ ଆମର ଅର୍ଥନୀତିରେ ଯେଉଁ ମୂଲ୍ୟବୃଦ୍ଧି ଦେଖାଦେଇଛି, ତାହା ବ୍ୟୟବୃଦ୍ଧିଜନିତ। ଏହାବ୍ୟତୀତ ଜିଏସ୍‌ଟି ବୃଦ୍ଧି ମଧ୍ୟ ସବୁ ଜିନିଷର ଦାମ୍ ବଢ଼ାଇଛି।

ମୋ: ୯୪୩୭୩୮୪୮୬୭

# ପାର୍ବଣ ଋତୁ ଓ ଚାନ୍ଦା



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଭିନ୍ନ ଏବଂ ସ୍ୱତନ୍ତ୍ର। ଭାରତର ସାଂସ୍କୃତିକ ଇତିହାସରେ ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ କିଛି ସମଭାବାପନ୍ନ ବ୍ୟକ୍ତିବିଶେଷ ବିଭିନ୍ନ ଅନୁଷ୍ଠାନ ଗଢ଼ି ତା' ମାଧ୍ୟମରେ ଦେବଦେବୀ ଓ ମହାପୁରୁଷଙ୍କ ପୂଜା ଏବଂ ଜୟନ୍ତୀ ଉତ୍ସବ ପାଳନ କରିଆସୁଛନ୍ତି। ବିଶେଷକରି ପାର୍ବଣ ଋତୁ ଆସିଗଲେ ସେହି ଅନୁଷ୍ଠାନ ସମୂହ ଚଳଚଞ୍ଚଳ ହୋଇ ଉଠନ୍ତି ଏବଂ ବିନା ବାଧାବିଘ୍ନରେ ପୂଜା ଶେଷ କରିବାକୁ ଉଦ୍ୟମ କରନ୍ତି।

ସମୟକ୍ରମେ ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ସାଂସ୍କୃତିକ ଅନୁଷ୍ଠାନ ଗଠନ କରାଯାଇଥିଲା ସେସବୁରୁ ପୁରୁଖା ସଦସ୍ୟମାନେ ବିଦାୟ ନେଲାପରେ ନୂତନ ପିଢ଼ିଙ୍କର ପୂର୍ବପରି ଭକ୍ତିଭାବ ନ ରହିବା ଲକ୍ଷ୍ୟ କରାଯାଉଛି। ତେବେ ଅନେକ କ୍ଷେତ୍ରରେ ଯୁବପିଢ଼ିମାନେ କିଛି ସେବାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସନୀୟ ଭାବେ ସାମିଲ କରୁଛନ୍ତି। ସ୍ଥଳବିଶେଷରେ କେତେକ ଅନୁଷ୍ଠାନ ନାମରେ ମଧ୍ୟ ପରିବର୍ତ୍ତନ ହେଲା। ଦେବଦେବୀ ଓ ପୂଜ୍ୟପୂଜାଙ୍କ ସମ୍ମାନାର୍ଥେ ଯେଉଁ ଅନୁଷ୍ଠାନ ଗଢ଼ି ଉଠିଥିଲା ତାହା ପୂଜା କମିଟି ବା କ୍ଲବ ଘରରେ ପରିଣତ ହେଲା। ନୈତିକତା ଓ ଆଦର୍ଶରୁ ବିଚ୍ୟୁତ ହୋଇ ଯୁବକମାନେ ଭକ୍ତି ବଦଳରେ ଭୋଗ ପ୍ରତି ଆଗ୍ରହୀ ହେଲେ। ନେତୃତ୍ୱକୁ ନେଇ ସଭ୍ୟମାନଙ୍କ ମଧ୍ୟରେ ମନାନ୍ତର ଓ କ୍ରମେ ମତାନ୍ତର ସୃଷ୍ଟି ହୋଇ ଗୋଟିଏ ଗୋଟିଏ ଗାଁରେ, ସାହିରେ, ସହରର ପ୍ରତିଟି ୟୁନିଟ୍‌ରେ ଦୁଇ ତିନୋଟି ପୂଜା କମିଟି ବା କ୍ଲବ୍ ଘର ଜନ୍ମ ନେଲା। ସୁନ୍ଦର ଓ ଦାମିକା ପ୍ରତିମୂର୍ତ୍ତି ସାଙ୍ଗକୁ ମନଲୋଭା ଚିକିଚିକି ତୋରଣ ତିଆରିରେ କର୍ମକର୍ତ୍ତାମାନେ ଲାଗିପଡ଼ିଲେ। ଭକ୍ତି ସଂଗୀତ ପ୍ରତି ରୁଚି ନ ରଖି ମେଲୋଡି ପାର୍ଟିର ଆୟୋଜନ କଲେ। ନିଜ ନିଜର ଅହମିକାକୁ ଲୋକଲୋଚନକୁ ଆଣିବା ପାଇଁ ସେମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା। ଏସବୁ ଆବଶ୍ୟକତାର ମୂଳରେ ରହିଲା ଅର୍ଥ। ଆଜିର ଦୁନିଆରେ ଅର୍ଥ ବିନା କିଛି ବି ସମ୍ଭବ ନୁହେଁ ଏବଂ ଯେଉଁମାନେ ସଭ୍ୟ ରହିଲେ କେତେକଙ୍କୁ ବାଦ୍ ଦେଲେ ଅନ୍ୟମାନେ ନିଜ ପକେଟ୍‌ରୁ ପଇସାଟିଏ କାଢ଼ି ଖର୍ଚ୍ଚ କରିବାକୁ ଉଚିତ ମଣିଲେ ନାହିଁ। ଫଳସ୍ୱରୂପ ସାଧାରଣ ଜନତା ଓ ଛୋଟବଡ଼ ବ୍ୟବସାୟୀଙ୍କୁ ଟାର୍ଗେଟ କରି ଚାନ୍ଦା ଆଦାୟ ଯୋଜନା ଆରମ୍ଭ ହେଲା। ଏହି ଚାନ୍ଦା ଆଦାୟର ତରିକା ଏପରି ହେଲାଣି ଯେ କ୍ଲବ ବା କମିଟିର ସଭ୍ୟମାନେ ରାସ୍ତାକଡ଼ର ଉଠା ଦୋକାନୀ ଓ କଲୋନୀର ବାସିନ୍ଦାମାନଙ୍କୁ ମଧ୍ୟ ଛାଡ଼ିଲେ ନାହିଁ। ଦେଖାଯାଏ ଅନେକ ପୂଜା କମିଟି ପୂଜାଚାନ୍ଦାକୁ ବର୍ଷ ତମାମ ପ୍ରତି ଦିନ ହିସାବରେ କେଉଁଠୁ ଦୁଇଟଙ୍କା, କେଉଁଠୁ ଦଶଟଙ୍କା ହିସାବରେ ଆଦାୟ କରିଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ ମହଙ୍ଗା ଭତ୍ତା ବଢ଼ାଇବା ପରି ପୂଜା କମିଟି ତରଫରୁ ଚାନ୍ଦାର ପରିମାଣ ମଧ୍ୟ ବର୍ଷକୁ ବର୍ଷ ବଢ଼ି ଚାଲିଲା। ଏସବୁ ଯୋଗୁ କେତେକ ଜାଗାରେ ଚାନ୍ଦା ଦେବାକୁ ନେଇ ମଧ୍ୟ ଗଣ୍ଡଗୋଳ ହେଲା ଓ ହେଉଛି ମଧ୍ୟ। ଚଳିତବର୍ଷ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ପୂଜା କାର୍ଯ୍ୟକ୍ରମ ପାଇଁ ସହାୟତା ବା ଚାନ୍ଦାକୁ ନେଇ ପୋଲିସ କଠୋର ପଦକ୍ଷେପ ନେଇଛି। ନିର୍ଦ୍ଦିଷ୍ଟ ଭାବେ ନମ୍ବର ଦିଆଯାଇଛି କୌଣସି ଅନୁଷ୍ଠାନ ପୂଜାଚାନ୍ଦା ଜୋରଜୁଲମ କଲେ ପୋଲିସର ଏହି ନମ୍ବରରେ ସହାୟତା କରିବା ପାଇଁ। ଜୋରଜବରଦସ୍ତ ଚାନ୍ଦା ଆଦାୟ ଏପରି ହେବାକୁ ଲାଗିଲା ଯେ ଶେଷରେ ପୋଲିସ ପ୍ରଶାସନ ଏହାକୁ ଅପରାଧଭାବେ ଗ୍ରହଣ କରି ଚାନ୍ଦା ମାଗିଲେ ବନ୍ଧା ହେବ ବୋଲି ସତର୍କ କରାଇଛନ୍ତି।



ମନ୍ଦିର, ଦେବଦେବୀ, ପୂଜ୍ୟପୂଜାଙ୍କ ମହୋତ୍ସବ ପାଳନ ନିମିତ୍ତ ଚାନ୍ଦା ଦେବା ବିଶେଷ କିଛି ବଡ଼କଥା ନୁହେଁ। କିନ୍ତୁ କଥା ହେଉଛି ମନ୍ଦିର ଓ ଦେବଦେବୀଙ୍କ ସଂଖ୍ୟା କ୍ରମଶଃ ବଢ଼ି ବଢ଼ି ଚାଲିଛି। ପର୍ବ ପାଳନର ପ୍ରଣାଳୀ ମଧ୍ୟ। ଆୟୋଜକମାନେ ନିଷ୍ଠାର ସହିତ ପୂଜା ପାଳନକୁ ଗୁରୁତ୍ୱ ନ ଦେଇ ମଉଜ ମଜ୍‌ଲିସ୍‌କୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ତାହା ବୁଦ୍ଧିଜୀବୀମାନଙ୍କୁ ଅସନ୍ତୁଷ୍ଟ କରୁଛି। ସଂସ୍କୃତି ଓ ପରମ୍ପରାର ସୁରକ୍ଷା ନାମରେ ଆଜିର ପୂଜା କମିଟିମାନ ଅପସଂସ୍କୃତିକୁ ଆପଣାଇବାକୁ ଚେଷ୍ଟା କରୁଛନ୍ତି। ଏମିତି ହେଲାଣି ଦେବଦେବୀଙ୍କ ପ୍ରତିମୂର୍ତ୍ତିକୁ ମୂଳ ରୂପ ନ ଦେଇ ଆଧୁନିକ ଢଙ୍ଗରେ ଠିଆ କଲେଣି। କେଉଁଠି ଗଣେଶ ଜିନ୍ ପ୍ୟାଣ୍ଟ ପିନ୍ଧି, ମୁଣ୍ଡରେ ଟୋପି ଦେଇ ବ୍ୟାଟ୍ ଓ ବ୍ୟାଟ୍ ଧରିଲେଣି ତ କେଉଁଠି ଦେବୀ ସରସ୍ୱତୀ ମିନି ସ୍କର୍ଟ ପିନ୍ଧି ଟଚ୍ ସ୍କ୍ରିନ୍ ମୋବାଇଲ ଧରିଲେଣି। ଏ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ କିଛିଦିନ ତଳେ ପୋଲିସ ପ୍ରଶାସନକୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଅବଶ୍ୟ ସବୁ ପୂଜା କମିଟିର ଆୟୋଜକମାନେ ଏମିତି ନିର୍ବୋଧତାର ପରିଚୟ ଦିଅନ୍ତି ନାହିଁ। ସେମାନଙ୍କ ହୃଦୟରେ ଏବେ ମଧ୍ୟ ବୈଦିକ ପରମ୍ପରା ପ୍ରତି ସମ୍ମାନ ଅଛି। ଠାକୁର ଠାକୁରାଣୀଙ୍କ ପ୍ରତି ଗଭୀର ଭକ୍ତିଭାବ ରହିଛି। ନ ହେଲେ ଏତେ ବର୍ଷ ଧରି ଏ ପରମ୍ପରା ବଞ୍ଚିଛି କିପରି? ଅନେକ ପୂଜା କମିଟି ସେବା କାର୍ଯ୍ୟକ୍ରମ କରି ପ୍ରଶଂସା ଅର୍ଜନ କରିଥାନ୍ତି। ସାହିରେ କୌଣସି ମେଧାବୀ ଛାତ୍ରଙ୍କୁ ପାଠପଢ଼ା ପାଇଁ ଆର୍ଥିକ ସହାୟତା ହେଉ ବା ଗରିବ ଝିଅର ବିବାହ କାର୍ଯ୍ୟ, ଅନାଥାଶ୍ରମରେ ଖାଦ୍ୟ ବଣ୍ଟନ ବା ବସ୍ତ୍ରଦାନ, ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ କେହି କେହି ଅର୍ଥ ସଞ୍ଚୟ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବା ରେଡ୍‌କ୍ରସକୁ ଅର୍ଥ ଦାନ କରିଥାନ୍ତି। ସେହିପରି ଅନେକ ସ୍ଥାନରେ ଦେଖାଯାଏ ଯେ ଏହି କାର୍ଯ୍ୟକ୍ରମରେ ମେଲୋଡି ଆୟୋଜନ କରାଯାଉଥିବାରୁ ସେମାନଙ୍କର ଖର୍ଚ୍ଚ ବୃଦ୍ଧି ପାଏ। କରୋନା ମହାମାରୀ ପାଇଁ ଦୁଇବର୍ଷ କଟକ ଦଶହରାର ପାର୍ବଣକୁ ଫିକା କରିଦେଇଥିଲା। ଚଳିତବର୍ଷ ଧୁମ୍‌ଧାମରେ ପାଳନ କରିବା ପାଇଁ ସମସ୍ତେ ଅଣ୍ଟା ଭିଡ଼ିଛନ୍ତି। ତେବେ ଶାନ୍ତି ଶୃଙ୍ଖଳା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଥାନ୍ତି କିଛି ଅସାମାଜିକ ତତ୍ତ୍ୱ। ସେମାନଙ୍କୁ ପ୍ରତିରୋଧ କରିବା ସହ ସ୍ଥାନୀୟ ପୂଜା କମିଟି ଓ ପ୍ରଶାସନକୁ ସାହାଯ୍ୟ କରିବା ଆମ ସମସ୍ତଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ। ସଂସ୍କୃତି ଓ ପରମ୍ପରାର ସୁରକ୍ଷା ହେଉ, ଏହା ଆନନ୍ଦର କଥା। କିନ୍ତୁ ପୂଜ୍ୟପୂଜା ନାମରେ ତାମସା କରା ନ ଯାଉ। ଆମ ଯାବତୀୟ ଉନ୍ନତିର ମୂଳକାରଣ, ଆମ ସୁଖସମୃଦ୍ଧିର ମୂଳ ଉତ୍ସ ହେଉଛି ଆମ ଉନ୍ନତ ସଂସ୍କୃତି ଓ ପରମ୍ପରା। ଏହାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ।

'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ, ମୋ: ୯୪୩୮୨୭୬୭୭୦

## ଏଇ ଭାରତରେ

ବିହାର ବକ୍ସରର ହରି ଓମ୍ ଚୌବେ ସାପକାମୁଡ଼ାକୁ ନେଇ ରହିଥିବା ଅନ୍ଧବିଶ୍ୱାସ ଦୂର କରିବାରେ ଲାଗିଛନ୍ତି। ଈଶ୍ୱର ସନ୍ତୁଷ୍ଟ ନ ହେଲେ ସାପ କାମୁଡନ୍ତି ବୋଲି ଉକ୍ତ ଅଞ୍ଚଳରେ ଅନ୍ଧବିଶ୍ୱାସ ରହିଛି। ଏଣୁ କାହାକୁ ସାପ କାମୁଡ଼ିଲେ ସେମାନେ ପ୍ରାଥମିକ ଚିକିତ୍ସାରୁ ବିରତ ରହିବା ଦ୍ୱାରା ବହୁ ଲୋକଙ୍କ ମୃତ୍ୟୁ ଘଟିଥାଏ। ଏଭଳି ଅନ୍ଧବିଶ୍ୱାସ ଦୂର କରିବା ଏବଂ ସାପକାମୁଡ଼ାଜନିତ ମୃତ୍ୟୁ ରୋକିବା ଲାଗି ଚୌବେ ସାପ ଉଦ୍ଧାର କାର୍ଯ୍ୟ କରିବା ସହ ଲୋକମାନଙ୍କୁ ସଚେତନ କରୁଛନ୍ତି। ଏଯାବତ୍ ସେ ୩୦୦୦ ସାପ ଉଦ୍ଧାର କରିସାରିଲେଣି। ତାଙ୍କ ଦାଦାଙ୍କଠାରୁ ପାଇଥିବା 'ସ୍ନେକ୍ସ ଅଫ୍ ଇଣ୍ଡିଆ' ପୁସ୍ତକ ପଢ଼ି ସେ ବିଷଧର ସାପ ଉଦ୍ଧାର ପଦ୍ଧତି ଶିକ୍ଷା କରିଥିଲେ। ଏହି ଜ୍ଞାନ ଏବେ ତାଙ୍କୁ ସହଯୋଗ କରୁଛି। କେବଳ ଏତିକି ନୁହେଁ, ସେ ଚୁରାମନପୁରରେ ଏକ ପ୍ରାଣୀ ଉଦ୍ଧାର କେନ୍ଦ୍ର ଖୋଲିଛନ୍ତି। ୧୫୨ ପ୍ରାଣୀଙ୍କୁ ଉଦ୍ଧାର କରି ସେଠାରେ ରଖିଛନ୍ତି। ପ୍ରତିଦିନ କୁକୁର, ମାଙ୍କଡ଼, ବିଲେଇ, ସାପ ଆଦି ଉଦ୍ଧାର କରିବା ଲାଗି ପାଖାପାଖି ୨୫ କଲ୍ ପାଉଛନ୍ତି। ସାପ ଉଦ୍ଧାର କରି ଯାହା ରୋଜଗାର କରୁଛନ୍ତି ତାହାକୁ ଏହି କେନ୍ଦ୍ରରେ ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୭

- ମାଲେସିଆ ଉପକୂଳସ୍ଥ ମାଲାକା ପ୍ରଣାଳୀରେ ଏକ ଭାରତୀୟ ମାଲବାହୀ ଜାହାଜ ଅନ୍ୟ ଏକ ଜାହାଜ ସହ ଧକ୍କା ଲାଗିବା ଫଳରେ ୨୯ ଭାରତୀୟ ମୃତ।
- ଭାରତ ଓ ବେଲାରୁଷ ମଧ୍ୟରେ ଆନ୍ତଃ-ସରକାରୀ କମିଶନ ଗଠନ ତଥା ବିମାନ ଚଳାଚଳ ନେଇ ୪ଟି ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ପଥେ ପଥେ ରୂପେ ରୂପେ
ରୂପର ବିଳାସ,
ଫେରିଆସେ ବାର ବାର
ସେହି ମଧୁମାସ। -(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | |
| 8 | | | 4 | | | 1 | 9 | |
| | 6 | | | 3 | | | | |
| | 9 | 4 | | | 2 | | 3 | |
| | | | | | | | | |
| | | | | | 9 | | 2 | 6 |
| | 4 | 3 | 7 | | | | | 8 |
| | | | 1 | | | 5 | 7 | |
| | 7 | | | 9 | | | 4 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 4 | 9 | 7 | 5 | 8 | 1 | 6 |
| 8 | 9 | 6 | 1 | 4 | 2 | 5 | 7 | 3 |
| 1 | 5 | 7 | 3 | 6 | 8 | 2 | 9 | 4 |
| 4 | 6 | 8 | 2 | 9 | 7 | 3 | 5 | 1 |
| 9 | 3 | 1 | 8 | 5 | 6 | 4 | 2 | 7 |
| 2 | 7 | 5 | 4 | 3 | 1 | 9 | 6 | 8 |
| 6 | 1 | 3 | 5 | 2 | 4 | 7 | 8 | 9 |
| 5 | 8 | 9 | 7 | 1 | 3 | 6 | 4 | 2 |
| 7 | 4 | 2 | 6 | 8 | 9 | 1 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାକ୍ ସ୍ୱାଧୀନତା ବିପନ୍ନ

**ମହାଶୟ,** ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବହୁ ଖ୍ୟାତନାମା ଅନ୍ତର୍ଜାତୀୟ ଲେଖକ ଓ କଳାକାର ଏଠାରେ ବାକ୍ ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ଅଭିଯୋଗ କରି ଚିନ୍ତା ପ୍ରକଟ କରିଛନ୍ତି। ଏଥିପାଇଁ ସେମାନେ ଏହି ଗଣତାନ୍ତ୍ରିକ ଆଦର୍ଶକୁ ସମର୍ଥନ କରିବା ପାଇଁ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଅନୁରୋଧ ଜଣାଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟା ଆସି ନ ଥିଲେ ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ଏହି ଅଭିଯୋଗର ସତ୍ୟତା ରହିଛି।

**- ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପାରିବାରିକ କଳହ: ସାନଭାଇ ନେଲେ ବଡଭାଇଙ୍କ ଜୀବନ

**ବରଗଡ଼ ଅଫିସ, ୨୭।୯:** ବରଗ ଜିଲା ବିଜେପୁର ଥାନା ଅନ୍ତର୍ଗତ ଲେମଧର ଗ୍ରାମରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର କୈଳାସ ସାହୁ ନିଜ ବଡଭାଇ ଝସକେତନଙ୍କୁ କୁରାଢ଼ିରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବିଜେପୁର ଥାନା ଆଇଆଇସି ସନୟ କୁମାର ନାଏକ କହିଛନ୍ତି। ପୋଲିସ ଏ ନେଇ ବିଜେପୁର ଥାନାରେ ଏକ ହତ୍ୟା ମାମଲା (ନଂ.୨୦୪/୨୨) ରୁଜୁ କରିବା ସହ ଅଭିଯୁକ୍ତ କୈଳାସଙ୍କୁ ପୋଲିସ ଗିରଫ କରିଛି।

# ପାହାଡ଼ୀ ମଣିଷ ହରିହରଙ୍କ ପରଲୋକ

## ପାହାଡ଼ କାଟି ଗାଁକୁ ରାସ୍ତା ଫିଟାଇ ଚର୍ଚ୍ଚାରେ ଥିଲେ

**ଓଡ଼ଗାଁ,୨୭।୯(ସ୍ୱ.ପ୍ର.)**


ହରିହର ବେହେରା

ଦିନେ ଅସମ୍ଭବକୁ ସମ୍ଭବ କରିଥିବା ପାହାଡ଼ୀ ମଣିଷ ହରିହରଙ୍କୁ ମୃତ୍ୟୁ କୋଳେଇ ନେଇଛି। ବଣ ପାହାଡ଼ କାଟି ଗାଁକୁ ରାସ୍ତା ଫିଟାଇ ଥିବା ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ବାଣପୁର ପଞ୍ଚାୟତ ତୁଳୁବି ଗାଁର ହରିହର ବେହେରାଙ୍କ ମଙ୍ଗଳବାର ରାତିପ୍ରାୟ ୮ଟା ସମୟରେ ପରଲୋକ ଘଟିଛି। ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ସେ ଗତ କିଛି ମାସ ହେବ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ।

ହରିହରଙ୍କ ପାହାଡ଼ କାଟି ରାସ୍ତା ନିର୍ମାଣ ସମ୍ପର୍କରେ ୨୦୧୦ ମାର୍ଚ୍ଚ ୨୮ରେ ଧରିତ୍ରୀରେ 'ପାହାଡ଼ିଆ ଗାଁକୁ ରାସ୍ତା ଫିଟାଉଥିବା ବ୍ୟକ୍ତି' ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ସେ ଚର୍ଚ୍ଚାକୁ ଆସିଥିଲେ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତୁଳୁବି ଗାଁରେ ହରିହରଙ୍କ ଜନ୍ମ। ଦିନଥିଲା, ତାଙ୍କ ଗାଁ ଚାରିପାର୍ଶ୍ୱରେ ବିରାଟ ପାହାଡ଼ ଘେରି ରହିଥିଲା। ବାଘ, ଭାଲୁଙ୍କ ମେଳରେ ଗ୍ରାମବାସୀ ଜୀବନଯାପନ କରୁଥିଲେ। ଗାଁକୁ ନିତିଦିନିଆ ରାସ୍ତା ପାଇଁ ପାହାଡ଼ ବାଧକ ସାଜିଥିଲା। ବନ୍ଧୁବାନ୍ଧବ ଆସିଲେ ଅଧା ରାସ୍ତାରୁ ଫେରି ଯାଉଥିଲେ। ଦିନେ ରାସ୍ତା ତିଆରି କରିବାର ସଂକଳ୍ପ ନେଇଥିଲେ ହରିହର। ନିହାଣ ମୁନରେ ସେ ପଥର କାଟି କାଟି ଗାଁକୁ ଫିଟାଇ ଥିଲେ ନିତିଦିନିଆ ରାସ୍ତା। ଏଥିପାଇଁ ତାଙ୍କୁ ବହୁ ଦିନ ଲାଗିଥିଲା। ତଥାପି ସେ ନିଜ ଲକ୍ଷ୍ୟପଥରୁ ଓହରି ନ ଥିଲେ।

କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହେବା ପରେ ହରିହର ଏକାଧିକ ଡାକ୍ତରଖାନାକୁ ଯାଇଥିଲେ। ହେଲେ ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିଲା। ଉଚ୍ଚତର ଚିକିତ୍ସା ପାଇଁ ଆର୍ଥିକ ଅନଟନ ପ୍ରତିବନ୍ଧକ ସାଜିଥିଲା। ଶେଷରେ ସେ ଘରେ ପଡି ରହିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

# ପାର୍ବଣରେ ପ୍ରବଳ ବର୍ଷା

## ବିଗାଡ଼ିପାରେ ଉତ୍ସାହ, ଆଶଙ୍କାରେ ଆୟୋଜକ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେବ ଦଶହରା ପୂଜା ବିନା ଶ୍ରଦ୍ଧାଳୁରେ ପାଳିତ ହୋଇଥିଲା। ମହାମାରୀ ପ୍ରକୋପ କମିଯାଇଥିବାରୁ ଚଳିତ ବର୍ଷ ମହାଆଡ଼ମ୍ବରରେ ପୂଜା ପାଳନ ନିମନ୍ତେ ପ୍ରସ୍ତୁତି ଜୋରଦାର ଚାଲିଛି। ବିଭିନ୍ନ ପୂଜା ମଣ୍ଡପଗୁଡ଼ିକୁ ଆକର୍ଷଣୀୟ କରିବାକୁ କମିଟି ପକ୍ଷରୁ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ପାଣିପାଗ ବିଭାଗର ଆକଳନ ଆୟୋଜକ ଏବଂ ଲୋକଙ୍କୁ ନିରାଶ କରିଛି। ବର୍ଷାରେ ପୂଜାର ମଜା ଫିକା ପଡ଼ିବା ସମ୍ଭାବନା ରହିଛି।

ଆସନ୍ତା ୧ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଦୁର୍ଗା ପୂଜା ଆରମ୍ଭ ହେଉଥିବାରୁ ବର୍ଷା ଯୋଗୁ ପୂଜା ବଜାର ଫିକାପଡ଼ିବା ଆଶଙ୍କା ଦୃଢ଼ୀଭୂତ ହୋଇଛି। ସମ୍ଭାବ୍ୟ ଲଘୁଚାପକୁ ଦେଖି ଆୟୋଜକମାନେ ନିରାଶ ହୋଇଛନ୍ତି। ଝାରପଡ଼ା ଦୁର୍ଗାପୂଜା ସମିତି ଆବାହକ ଶ୍ରୀଧର ଜେନା କହିଛନ୍ତି, ଦୈବ ଦୁର୍ବିପାକ କାହା ହାତର କଥା ନୁହେଁ। ପବନ ନ ହୋଇ କେବଳ ବର୍ଷା ହେଲେ କିଛି ଅସୁବିଧା ନାହିଁ। ଆମର ଯେଉଁ ତୋରଣ କରାଯାଇଛି ଯେତେ ବର୍ଷା ହେଲେ ବି କ୍ଷତି ହେବନାହିଁ।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସଙ୍କ କହିବା ଅନୁଯାୟୀ, ଆସନ୍ତା ୧ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। କେତେକ ଜିଲାରେ ମଙ୍ଗଳବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି, ବିଜୁଳି ସହ ତୁହାକୁ ତୁହା ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୮ ଏବଂ ୨୯ ତାରିଖରେ ରାଜ୍ୟର କେତେକ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବ। ତେବେ ଆସନ୍ତା ୨ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ମ୍ୟାନ୍‌ମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ତାହା ଲଘୁଚାପରେ ପରିଣତ ହେବ। ଏହା ପଶ୍ଚିମ– ଉତ୍ତର– ପଶ୍ଚିମ ଦିଗରେ ଗତି କରି ଅକ୍ଟୋବର ୩ ସୁଦ୍ଧା ଉତ୍ତର ଓଡ଼ିଶା ଉପକୂଳ ଆଡ଼କୁ ଆସିବ। ଏହାର ପ୍ରଭାବରେ ଅକ୍ଟୋବର ୨ରେ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଏବଂ ଅନୁଗୋଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ସେହିପରି ଅକ୍ଟୋବର ୩ରେ ଖୋର୍ଦ୍ଧା, କଟକ, ଯାଜପୁର, ନୟାଗଡ଼, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ଼, ବରଗଡ଼, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପାଇଁ ପାଗ ଅନୁକୂଳ ରହିଥିବା ଭୁବନେଶ୍ୱରସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# ପୁରସ୍କୃତ ହେବେ ରାଜ୍ୟର ୧୧ ସହର

## ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ଉତ୍ସବ

## କଟକ, ପିପିଲିକୁ ସ୍ୱଚ୍ଛତା ଲିଗ୍ ପୁରସ୍କାର

**ଭୁବନେଶ୍ୱର, ୨୭।୯(ବ୍ୟୁରୋ):** ଆସନ୍ତା ଅକ୍ଟୋବର ପହିଲାରେ ନୂଆଦିଲ୍ଲୀସ୍ଥିତ ତାଲ୍‌କାଟୋରା ଷ୍ଟାଡିୟମ୍‌ଠାରେ ସ୍ୱଚ୍ଛ ସର୍ବେକ୍ଷଣ– ୨୦୨୨ ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ। ଏହି ସର୍ବେକ୍ଷଣରେ ରାଜ୍ୟର ୧୧ଟି ସହର ପୁରସ୍କୃତ ହେବେ। ସେହି ସହରଗୁଡ଼ିକ ହେଲା, ବ୍ରହ୍ମପୁର, ଭୁବନେଶ୍ୱର, ବରଗଡ଼, ବାସୁଦେବପୁର, ପାରାଦୀପ, ପୁରୀ, ବେଲଗୁଣ୍ଠା, ବିଜେପୁର, ବିନିକା, ଚିକିଟି ଓ ଜୁନାଗଡ଼। ଉତ୍ସବରେ ଯୋଗଦେବା ପାଇଁ ରାଜ୍ୟ ମିଶନ ଡାଇରେକ୍ଟର ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) କଲ୍ୟାଣ ରଥ ସମ୍ପୃକ୍ତ ଜିଲାର ଜିଲାପାଳ, ମହାନଗର ନିଗମ କମିଶନର ଏବଂ ପୌର ସଂସ୍ଥାଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଙ୍ଗଳବାର ଚିଠି ଲେଖି ଜଣାଇଛନ୍ତି। ପ୍ରତ୍ୟେକ ସହରରୁ ୪ଜଣ ଲେଖାଏ ପ୍ରତିନିଧି ଉତ୍ସବରେ ଯୋଗଦେବା ପାଇଁ କୁହାଯାଇଛି। ସେହିପରି ଇଣ୍ଡିଆନ ସ୍ୱଚ୍ଛତା ଲିଗ୍‌ରେ ୩ ଲକ୍ଷରୁ ୧୦ ଲକ୍ଷ ସହର କଟକ ମହାନଗର ନିଗମ ଏବଂ ୧୫ ହଜାରରୁ ୨୫ ହଜାର ଲୋକସଂଖ୍ୟା ବିଶିଷ୍ଟ ସହର ପିପିଲି ମଧ୍ୟ ପୁରସ୍କୃତ ହେବ।

# ମଦ ଚଢ଼ାଉ ବେଳେ ପନିକି ଦେଖାଇଲେ ମହିଳା

**ପାରଳାଖେମୁଣ୍ଡି,୨୭।୯(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଲବାରସିଂ ଗାଁରେ ମଙ୍ଗଳବାର ମଦ ଚଢ଼ାଉ କରିବାକୁ ଯାଇଥିବା ଅବକାରୀ କର୍ମଚାରୀ ଓ ପୋଲିସକୁ ଜଣେ ମହିଳା ପନିକି ଦେଖାଇଛନ୍ତି। ଘର ଭିତରେ ରହି ମହିଳା ଜଣକ ଗେଟ୍‌କୁ ବନ୍ଦ କରିବା ସହ ଜବରଦସ୍ତ କେହି ପଶିଲେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଏହା ଦେଖି ପୋଲିସ ଓ ଅବକାରୀ କର୍ମଚାରୀମାନେ ଚଢ଼ାଉ ନ କରି ଫେରିଯାଇଛନ୍ତି। ଶୀଘ୍ର କୋର୍ଟରୁ ସର୍ଚ୍ଚ ୱାରେଣ୍ଟ ଆଣି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମହିଳାଙ୍କ ଘରେ ପୁଣି ଥରେ ଚଢ଼ାଉ କରାଯିବ ବୋଲି ଅବକାରୀ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ମୋ ବସ୍ ସେବା ପାଇଁ କୃଷିମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ମଙ୍ଗରାଜପୁର, ଆଗ୍ରାହାଟ, ଗୁରୁଡ଼ିଝାଟିଆ, ଗୋବରା, ଘଣ୍ଟିଖାଲ, ମଞ୍ଚେଶ୍ୱର ଆଦି ଅଞ୍ଚଳରୁ କଟକକୁ ଯିବା ଆସିବା କରିବା ନିମନ୍ତେ ପର୍ଯ୍ୟାପ୍ତ ସରକାରୀ ବସ୍ ସେବାରେ ଅଭାବ ରହିଛି। କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ବର୍ତ୍ତମାନ ଚଳାଚଳ କରୁଥିବା ମୋ ବସ୍ ସେବାକୁ ଉପରୋକ୍ତ ସ୍ଥାନଗୁଡ଼ିକକୁ ସମ୍ପ୍ରସାରଣ କରିବା ଆବଶ୍ୟକ। ଏଥି ନିମନ୍ତେ ମଙ୍ଗଳବାର ଲୋକସେବା ଭବନଠାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଷ୍ଟେଟ ଟ୍ରାନ୍ସପୋର୍ଟ ଅଥରିଟିର ସେକ୍ରେଟାରିଙ୍କ ସମେତ କଟକର ଉପଜିଲାପାଳ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଯୋଗଦେଇଛନ୍ତି। ବୈଠକରେ କଟକରୁ ଆଗ୍ରାହାଟ ଯାଉଥିବା କ୍ରୁଟ୍‌ର ମୋ ବସ୍ ସେବା ଭାୟା ଶଙ୍କରପୁର ଗ୍ରାମ ପଞ୍ଚାୟତ ମହକୁମା ହୋଇ ମଙ୍ଗରାଜପୁର ରାଜବାଟି ଏବଂ କୋଚିଲା–ନୂଆଗାଁ ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ଆଲୋଚନା ହୋଇଛି। କଟକରୁ ମଞ୍ଚେଶ୍ୱର–ଧବଳେଶ୍ୱର ପର୍ଯ୍ୟନ୍ତ ଯାଉଥିବା ମୋ ବସ୍ ମଞ୍ଚେଶ୍ୱରରୁ ଭାୟା ନାରଙ୍ଗବସ୍ତ–କଖଡ଼ି ହୋଇ ଘଣ୍ଟିଖାଲ ରେଳଷ୍ଟେଶନ ପର୍ଯ୍ୟନ୍ତ ଯାଇ ପୁନଃ ସେହି ରାସ୍ତାରେ କଟକ ଫେରିବା ପାଇଁ ଆଲୋଚନା ହୋଇଛି। ଯାତ୍ରୀମାନଙ୍କ ଆବଶ୍ୟକତାକୁ ଦେଖି କଟକର କ୍ରୁଟ୍ ବସ୍‌ସେବା ଭାୟା ଗୁରୁଡ଼ିଝାଟିଆ ହୋଇ ଗୋବରା ଗ୍ରାମପଞ୍ଚାୟତ ମହକୁମା ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଯିବା ପାଇଁ ଆଲୋଚନା ହୋଇଥିଲା।

# ପ୍ରେମିକଙ୍କ ନିର୍ଯ୍ୟାତନାରୁ ଅଧ୍ୟାପିକାଙ୍କ ଆତ୍ମହତ୍ୟା

## ଥାନା ସମ୍ମୁଖରେ ପରିବାର, ସମ୍ପର୍କୀୟଙ୍କ ଧାରଣା

**ସମ୍ବଲପୁର,୨୭।୯(ବ୍ୟୁରୋ):** ପ୍ରେମିକ ଓ ତାଙ୍କ ପରିବାର ମାନସିକ ନିର୍ଯ୍ୟାତନା ଦେବା ସହ ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରିବାରୁ ସମ୍ବଲପୁର ସଦର ଥାନା ରାଣନପୁର ତୁରିପଡାର ଅଧ୍ୟାପିକା ପ୍ରିୟଙ୍କା ନାଏକ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ପ୍ରେମିକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ ପାଇଁ ସେମାନେ ଅଭିଯୋଗରେ ଦାବି କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨୬୦/୨୨ରେ ମାମଲା ରୁଜୁ କରିଛି। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ପ୍ରିୟଙ୍କାଙ୍କ ପରିବାର ଓ ସମ୍ପର୍କୀୟ ସଦର ଥାନା ପରିସରରେ ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶତାଧିକ ମହିଳାପୁରୁଷ ଥାନା ପରିସରରେ ଭୋକଉପାସରେ ବସିରହିଥିଲେ। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୋଲିସର ଏକ ଟିମ୍ ପ୍ରେମିକଙ୍କ ଘରକୁ ଯାଇଛି। ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ଏସ୍‌ଡିସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ନିଯୁକ୍ତ

**ଭୁବନେଶ୍ୱର୨୭,୯(ବ୍ୟୁରୋ)**

ଆସନ୍ତା ୨ ବର୍ଷ ପାଇଁ ରାଜ୍ୟ ସରକାର ମଙ୍ଗଳବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ପାଇଁ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଏ ନେଇ ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମୟୂରଭଞ୍ଜ ଜିଲାରେ ଦେବାଶିଷ ମାରାଣ୍ଡିଙ୍କୁ ଏସ୍‌ଡିସି ଅଧ୍ୟକ୍ଷ ଓ କମଳା ତିରିଆଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ କେନ୍ଦୁଝର ଜିଲା ଏସ୍‌ଡିସିର ଅଧ୍ୟକ୍ଷ ଭାବେ ଲକ୍ଷ୍ମୀ ନାୟକ, ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି, ମାଲକାନଗିରି ଏସ୍‌ଡିସି ଅଧ୍ୟକ୍ଷ ଆଦମା ରବା ଓ ଉପାଧ୍ୟକ୍ଷ ରାଇଲା ନାଏକ, କୋରାପୁଟ ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି ଓ ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ନବରଙ୍ଗପୁର ଏସ୍‌ଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଓ ଉପାଧ୍ୟକ୍ଷ ଭାନୁମତୀ ପୂଜାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ରାୟଗଡ଼ା ଏସ୍‌ଡିସି ଅଧ୍ୟକ୍ଷ ଭାବେ ଅନସୂୟା ମାଝି ଓ ଉପାଧ୍ୟକ୍ଷ ବନମାଳୀ କାଡ୍ରାକାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଗଜପତି ଜିଲା ଏସ୍‌ଡିସି ଅଧ୍ୟକ୍ଷ ମାରିୟମ ରାଇତୋ ଓ ଉପାଧ୍ୟକ୍ଷ ଧନେଶ୍ୱର ଭୂୟାଁ, କନ୍ଧମାଳ ଏସ୍‌ଡିସି ଅଧ୍ୟକ୍ଷ ରୋଦାନ ମଲ୍ଲିକ ଓ ଉପାଧ୍ୟକ୍ଷ ନଳିନୀ କହଁର ଏବଂ ସୁନ୍ଦରଗଡ଼ ଏସ୍‌ଡିସି ଉପାଧ୍ୟକ୍ଷ ଭାବେ ସୁଶୀଳା ଟପ୍ପୋଙ୍କୁ ନିଯୁକ୍ତି ମିଳିଛି। ସୁନ୍ଦରଗଡ଼ ଜିଲା ଏସ୍‌ଡିସି ଅଧ୍ୟକ୍ଷ ଭାବେ ବିନୟ ଟପ୍ପୋ ୨୦୨୧ ନଭେମ୍ବର ୬ରୁ କାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ୯ ଆଦିବାସୀ ବହୁଳ ଜିଲାର ୧୧୭ଟି ବ୍ଲକ ଅନ୍ତର୍ଗତ ୨୦୨୨ ପଞ୍ଚାୟତର ୧୮୬୮୭ ଗାଁର ୧୪.୦୫ଲକ୍ଷ ଆଦିବାସୀ ପରିବାରର କଳା, ସଂସ୍କୃତି, ପରମ୍ପରା, କ୍ରୀଡ଼ା ଓ ଅନ୍ୟାନ୍ୟ ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଏସ୍‌ଡିସି ଗଠନ କରିଥିଲେ।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୧୮ଜଣ ଆଦିବାସୀ ନେତା ତଥା କର୍ମୀଙ୍କୁ ୯ ଜିଲାର ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦରେ ଥଇଥାନ କରିଥିବା ନେଇ ଚର୍ଚ୍ଚା ହେଉଛି। ଆଦିବାସୀବହୁଳ ୯ ଜିଲା ପାଇଁ ଏସ୍‌ଡିସି ଗଠନ ହୋଇଥିଲା ଓ ଏବେ କେବଳ ସୁନ୍ଦରଗଡ଼ରେ ଏସ୍‌ଡିସି ଅଧ୍ୟକ୍ଷ ଭାବେ ବିଜେଡି ନେତା ବିନୟ ଟପ୍ପୋ କାର୍ଯ୍ୟ କରୁଛନ୍ତି।

# ୨ କୁଇଣ୍ଟାଲ ଚନ୍ଦନ କାଠ ଜବତ

**କୋରାପୁଟ,୨୭।୯(ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡା ଅଞ୍ଚଳରୁ ସୋମବାର ଚନ୍ଦନକାଠ ଚୋରାଚାଲାଣ ହେବା ବେଳେ ଜବତ ହେବାର ୨୪ ଘଣ୍ଟା ନ ପୂରୁଣୁ ମଙ୍ଗଳବାର ଜିଲାର ନନ୍ଦପୁର ଅଞ୍ଚଳରୁ ୨ କୁଇଣ୍ଟାଲ ୧୪ କେଜି୭ଶହ ଗ୍ରାମ ଚନ୍ଦନକାଠ ପାଡୁଆ ପୋଲିସ ଜବତ କରିଛି।

ପଶ୍ଚିମବଙ୍ଗକୁ ଚାଲାଣ କରାଯିବା ଲାଗି ଡଙ୍ଗା ଯୋଗେ ନନ୍ଦପୁରର ଚମ୍ପାପୁଟ କୁଲାରସିଂ ନଦୀଘାଟକୁ ଅଣାଯାଇ ଏହି ଚନ୍ଦନକାଠ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି ୧୦ଏଫ୍–୮୩୦୦)ରେ ରଖାଯାଉଥିଲା। ଏନେଇ ସୂଚନା ପାଇ ପାଡୁଆ ଥାନା ଅଧିକାରୀ ସବ୍ୟାସାଚୀ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ ବଡ଼ି ଭୋରରୁ ଡଙ୍ଗା ଘାଟରେ ଚଢାଉ କରିଥିଲେ। ସେଠାରେ ୭ଟି ବସ୍ତାରେ ଥିବା ଚନ୍ଦନକାଠକୁ ଜବତ କରାଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOB VACANCY
IMMEDIATE HIRING IN JHARSUGUDA, ANGUL & BARBIL FOR THE POSITION OF HYDRAULIC SERVICE TECHNICIAN.
QUALIFICATION: ITI, DIPLOMA, BE/B.TECH
Interested candidates may send their resume to
sales.se@mencor.in or Whatsapp- 08305110851

Ori-Pipes Pvt. Ltd. at 152, New Industrial Estate, Jagatpur, Cuttack-754021 needs 10 Nos. of Graduates to work as Sales and Marketing Executive in certain districts of Odisha. Only experienced candidates may apply to above address or email at- oripipes@yahoo.co.in within 10 days of this publication.
Contact No. - 9853205500

See Career Appointment on every Wednesday & Saturday

Agi Greenpac Limited, Unit-Agi Glaspac a dominant & fast growing player in Container Glass Industry with a turnover in excess of 1500 Crores requires for its Factories at Hyderabad & Bhongir, Telangana.
Graduate/Diploma Trainee Engineers
Candidates passed BE/B.Tech/Diploma in Mechanical, Electronics and Instrumentation Engineering in first class throughout their academics may apply. Salary for BE/B.Tech is Rs.20000/- per month. Salary for Diploma is Rs.18000/- per month.
ITI FITTERS
Candidates passed ITI in Fitter Trade may apply. Starting Salary is Rs.12000/- pm. After 6 months it revised to Rs.13000/- pm. After one year it is revised to Rs.14000/- pm.
Interested candidates with relevant qualification may mail their Biodata to careers@agi-glaspac.com.

JOB VACANCY
CELEX TECHNOLOGIES PVT. LTD. is hiring hardworking and honest people in the following cities: Bhubaneswar, Brahmapur, Cuttack, Sambalpur, Balangir, Jeypore, Jajpur and Rourkela. Candidates should be comfortable in Rotational Shift.
Positions available:
A. Simple Machine Operator | B. Delivery Boy with Two-Wheeler
Earn upto Rs.15,000/- | Earn upto Rs.24,000/-
Walk in interview only in Bhubaneswar city.
Address: Plot No: 137, Chandrasekharpur Near Katos Gym
Monday to Saturday - 10 A.M. to 3 P.M.
Other cities call in number given below:
Contact Person : SAMUEL PRADHAN
Contact number: 9874799124 / 6292266575
Email Id : sailee@celex.co.in

OHPC
ISO 9001, 14001 & 45000
ODISHA HYDRO POWER CORPORATION LIMITED
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963
ADVERTISEMENT NO.OHPC:HQ:HRD: RECTT: 02/2022 Dated: 27.09.2022
CAREER OPPORTUNITIES FOR YOUNG PROFESSIONALS
The Corporation intends to recruit young, bright and energetic Professionals as Management Trainees (MTs) & Diploma Engineer Trainees (DETs) in various disciplines.
Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of 2099.80 MW) having 6 (six) projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as & Management Trainees (MTs) & Diploma Engineer Trainees (DETs) in various disciplines as per the following for their placement at various Units and Project sites:

| MT (Fin) | MT (HR) | MT (Estate) | MT (PR) | DET (Electrical) | DET (Civil) | DET (Mechanical) |
|---|---|---|---|---|---|---|
| 10 | 07 | 02 | 01 | 09 | 04 | 04 |

Important Dates:-
The Commencement of Online registration & payment of application fee - 12.10.2022
Last date for payment of online application fee - 11.11.2022
The last date for submission of Online application in complete shape - 11.11.2022
The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions will be available shortly on the company's website - www.ohpcltd.com
Director(HR)

UTKAL UNIVERSITY
UTKAL UNIVERSITY M.TECH. (IT)
NAAC-A+ Accreditation
CENTRE FOR IT EDUCATION
Department of Statistics, Utkal University.
ADMISSION 2022-23
Applications are invited against a few vacant seats for admission for the 2 Year Full time Program on M. Tech in Information Technology in the department under PPP mode for the academic session 2022-23 through an Eligibility Test to be held on 13.10.2022
ELIGIBILITY FOR ADMISSION
(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(ii) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level). Candidates those who have appeared the final examination/waiting for result are also eligible to apply.
How to Apply: Eligible candidates are required to apply through the website: http://www.citeutkal.com. The downloaded application forms are also available in the department.
Important Dates:
Last date of issue and submission of the application form :12.10.2022
Date of Admission : 17.10.2022
CONTACT: Course Director, Centre for IT Education, M.TECH.(IT) Department of Statistics, Utkal University, Vani Vihar, Bhubaneswar-751004,
Tel : 0674-2567711,MOB: +91-9438014469/ +91-6371615706
e-mail : centreforiteducation@gmail.com/citeutkal@gmail.com
Chairman, P.G. Council



## ସଂକ୍ଷେପରେ

### ଓଡ଼ିଆ ଭାଷାର ଅମୂଲ୍ୟ ସମ୍ପଦ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'

ଭୁବନେଶ୍ୱର, ୨୭।୯ (ବ୍ୟୁରୋ): ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ତଥା ସାହିତ୍ୟ ସାଧକ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୪୯ତମ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗ୍ରନ୍ଥାଗାର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷାର ଏକ ଅମୂଲ୍ୟ ସମ୍ପଦ ହେଉଛି ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ। ଗୋପାଳ ଚନ୍ଦ୍ର ପ୍ରହରାଜ ସମଗ୍ର ଜୀବନ ଓଡ଼ିଆ ଶବ୍ଦକୋଷର ସଙ୍କଳନ କରି ୭ଖଣ୍ଡରେ ପ୍ରକାଶନ କରିଛନ୍ତି। ଏଥିପାଇଁ ସେ ବର୍ଷ ବର୍ଷ ଧରି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସହିତ ଅନେକ ରାଜା ମହାରାଜା, ଜମିଦାରମାନଙ୍କ ଆର୍ଥିକ ସହାୟତା ଏବଂ ନିଜର ସାମଗ୍ରିକ ଜୀବନର ସଞ୍ଚିତ ଅର୍ଥକୁ ବିନିଯୋଗ କରିଥିଲେ। ଗୋପାଳ ଚନ୍ଦ୍ର ଏହି ଭାଷାକୋଷ ପ୍ରଣୟନ କରି ଯୁଗ ଯୁଗ ପାଇଁ ପାଠକ ଓ ଗବେଷକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ପଟ୍ଟନାୟକ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ରୁଦ୍ରପ୍ରସାଦ ବେହେରା, ପଦ୍ମନାଭ ଜେନା, ସଲିତା ପାତ୍ର, ମଞ୍ଜୁରାଣୀ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଉପେନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

### ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ 'କ୍ୟାପିଟାଲ ଟକିଜ'

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ଓଟିଟି ପ୍ଲାଟଫର୍ମ 'ଆଓ ନେକ୍ସଟ'ରେ ଆସନ୍ତା ୩୦ ତାରିଖରେ ରିଲିଜ ହେବାକୁ ଯାଉଛି ଏକ ନୂଆ ମୌଳିକ ସିନେମା 'କ୍ୟାପିଟାଲ ଟକିଜ୍'। ଏହା ଏକ ମନସ୍ତାତ୍ତ୍ୱିକ ଥ୍ରିଲର ସିନେମା। ଯେଉଁଥିରେ ଲୋଭ, ପ୍ରତିଶୋଧ ଏବଂ କ୍ରୋଧର ଭାବ ଦେଖିବାକୁ ମିଳିବ। ବର୍ତ୍ତମାନ ଏହି ଚଳଚ୍ଚିତ୍ର ଓଡ଼ିଆ ଭାଷାରେ ରିଲିଜ ହେବ ବୋଲି ମଙ୍ଗଳବାର 'ଆଓ ନେକ୍ସଟ୍' ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସେହିପରି ଏ ସମ୍ପର୍କରେ ପ୍ଲାଟଫର୍ମ ପ୍ରତିଷ୍ଠାତା କୌଶିକ ଦାସ କହିଛନ୍ତି ଯେ, 'ଆଓ ନେକ୍ସଟ' ବର୍ତ୍ତମାନ ଅସଲି ଓଡ଼ିଆ ଭାଷାର କଣ୍ଟେଣ୍ଟ ତିଆରି କରୁଛି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଦୈତାରି ପଣ୍ଡା, ହର ରଥ, ଲକ୍ଷ୍ୟ ଶର୍ମା ଥିବାବେଳେ ଦଗଦ୍ଧୀଶ ମିଶ୍ର ଓ ଅର୍ପିତା ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି।

### ଗୌତମନଗରରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ଗୌତମ ନଗର ଉନ୍ନୟନ ପରିଷଦ ଏବଂ ସ୍ଥାନୀୟ କେୟାର ହସ୍ପିଟାଲ ସହଯୋଗରେ ରବିବାର ଗୌତମନଗରସ୍ଥିତ କମ୍ୟୁନିଟି ହଲ୍‌ରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ପିଟାଲର ଡା. ସ୍ୱରୂପ ଭଞ୍ଜ, ଡା. ରବି ସିଂ, ଡା. ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତଚାପ, ବ୍ଲଡ୍ ସୁଗାର, ଇସିଜି ଆଦି ପରୀକ୍ଷା କରାଯାଇ ସେମାନଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଥିଲା। ହସ୍ପିଟାଲର ଜେନେରାଲ ମ୍ୟାନେଜର ଲୋକନାଥ ଦାସ, ମ୍ୟାନେଜର ଦୀପକ ଚୌଧୁରୀ, ପରଶୁଧର ସାମନ୍ତରାୟ, ସୁଚିସ୍ମିତା ସ୍ୱାଇଁ ଏବଂ ଯଶୋବନ୍ତ ବେହେରା ସହଯୋଗ କରିଥିଲେ। ପରିଷଦ କର୍ମକର୍ତ୍ତା ଅଶୋକ କୁମାର ମହାପାତ୍ର, ବିଶ୍ୱରଞ୍ଜନ ନାୟକ, ଗୁରୁଚରଣ ଦାସ, ରଜତ ବଲ୍ଲଭ ଦାସ, ଅନଙ୍ଗ ପ୍ରସାଦ ପଟ୍ଟନାୟକ, ଅଶୋକ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ହିତାଧିକାରୀଙ୍କୁ ଠିକ୍ ସମୟରେ ଭତ୍ତା ମିଳିବ'

■ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା
■ ହିତାଧିକାରୀଙ୍କ ଜମା ଖାତାକୁ ସିଧାସଳଖ ଅର୍ଥ ପ୍ରେରଣର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

କଳାକାରମାନଙ୍କୁ ସେମାନଙ୍କର ଭତ୍ତା ପାଇଁ ଆଉ ମାସ ମାସ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ହିତାଧିକାରୀଙ୍କ ଜମା ଖାତାକୁ ସିଧାସଳଖ ଅର୍ଥ ପ୍ରେରଣ କରାଯିବ। ଏଥିପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କମ୍ପ୍ୟୁଟରୀକୃତ ସିଧାସଳଖ ହିତାଧିକାରୀଙ୍କ ଜମା ଖାତାକୁ ଅନଲାଇନ୍ ଜରିଆରେ ଅର୍ଥ ପ୍ରେରଣ ବ୍ୟବସ୍ଥା (ଗୋ ଲାଇଭ) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସଂସ୍କୃତି ଭବନରେ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିବା ସହିତ ହିତାଧିକାରୀଙ୍କୁ ଠିକ ସମୟରେ ଭତ୍ତା ମିଳିପାରିବ ଏବଂ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ କହିଛନ୍ତି। ଅନଲାଇନ ବ୍ୟବସ୍ଥା ଜରିଆରେ ଜମାଖାତାକୁ ସିଧାସଳଖ ଅର୍ଥ ପ୍ରେରଣ ବ୍ୟବସ୍ଥା କଳାକାରମାନଙ୍କ ମନରେ ଖୁସି ଆଣିବ। ଏହା ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଯୋଗୁ ସମ୍ଭବ ହୋଇଛି ବୋଲି ସେ କହିବା ସହିତ କୃତଜ୍ଞତା ଜଣାଇଥିଲେ। ନୂଆ ଚିନ୍ତାଧାରା ଓ ନୂଆ ପଦ୍ଧତି ଆଧାରରେ ବିଭାଗର ଉନ୍ନତି ପାଇଁ ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ। ଏହି ବ୍ୟବସ୍ଥାରେ ସମସ୍ତ ହିତାଧିକାରୀ ଯେପରି ଉପକୃତ ହେବେ ସେଥିପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଯୋଗଦେଇ କହିଲେ, ପୂର୍ବରୁ ଏହି ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଠିକ ଭାବେ ଜାଣିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ନ ଥିଲା। ସେଥିପାଇଁ ପ୍ରାପ୍ୟ ପ୍ରଦାନରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏବେ ଜିଲା ସଂସ୍କୃତି ଅଧିକାରୀଙ୍କ ଜରିଆରେ ଭତ୍ତା ପାଉଥିବା ୩୫ ହଜାର କଳାକାରଙ୍କ ମଧ୍ୟରୁ ପ୍ରାୟ ୨୨ହଜାର କଳାକାରଙ୍କ ତଥ୍ୟ ସଂଗୃହୀତ ହୋଇଛି। ସେପ୍ଟେମ୍ବର ମାସର ଦେୟ ଅନ୍‌ଲାଇନ ଯୋଗେ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରଦାନର ବ୍ୟବସ୍ଥା ହୋଇଛି ଓ ଏହି ପ୍ରକ୍ରିୟା ଜାରି ରହିବ। ଅବଶିଷ୍ଟ ୧୬ହଜାର ହିତାଧିକାରୀଙ୍କୁ ଶୀଘ୍ର ଚୟନ କରାଯାଇ ଏହି ଯୋଜନାରେ ସାମିଲ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ ସହ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ। ଏ ସମସ୍ତ କାର୍ଯ୍ୟ ନୂଆବର୍ଷ ପୂର୍ବରୁ କରାଯିବ ବୋଲି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଥିଲେ। ରାଜ୍ୟ କୋଷାଗାର ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଯୋଗଦେଇ ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ୫ଟି ଉପକ୍ରମର ଅଂଶବିଶେଷ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଆଇସି ଓଡ଼ିଶା ମୁଖ୍ୟ ଅନୁପ ଗାୟନ୍ତ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆରମ୍ଭ କରିଥିଲେ। ରାଜ୍ୟରେ ୫୦ହଜାର ବିଭିନ୍ନ ପ୍ରକାର କଳାକାରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ସରକାର ଘୋଷଣା କରିଥିଲେ। ଏବେ ସୁଦ୍ଧା ପ୍ରାୟ ୩୫ ହଜାର କଳାକାର ମାସକୁ ୧୨ ଶହ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ମଙ୍ଗଳବାର ପ୍ରତୀକାତ୍ମକ ଭାବେ ୫ଜଣ ହିତାଧିକାରୀଙ୍କ ପେନସନ ପେପର ଅନଲାଇନ ବ୍ୟବସ୍ଥାରେ ପ୍ରସ୍ତୁତି କରାଯାଇ ଚିହ୍ନଟକରଣ ସାର୍ଟିଫିକେଟ ପ୍ରଦାନ ପୂର୍ବକ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ଅର୍ଥ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଉପଶାସନ ସଚିବ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ସଂସ୍କୃତି ବିଭାଗର ବିଭିନ୍ନ ଶାଖାର ମୁଖ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ଉପଦେଷ୍ଟା ଡ. ଫଣୀନ୍ଦ୍ର ନନ୍ଦ ମଞ୍ଚ ପରିଚାଳନା କରିଥିଲେ।


ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ହିତାଧିକାରୀଙ୍କ ଜମା ଖାତାକୁ ଅନଲାଇନ୍ ଜରିଆରେ ଅର୍ଥ ପ୍ରେରଣ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

## ଘର ପଟ୍ଟା ପାଇଲେ ୪୭ ହିତାଧିକାରୀ

ଆରଏୱାଇ ଯୋଜନା

ଭୁବନେଶ୍ୱର, ୨୭।୯ (ବ୍ୟୁରୋ)

ରାଜଧାନୀର ପଥରବନ୍ଧ ବସ୍ତିରେ ରହୁଥିବା ଲୋକଙ୍କୁ ରାଜୀବ ଆବାସ ଯୋଜନା (ଆରଏୱାଇ) ମାଧ୍ୟମରେ ଘର ପଟ୍ଟା ପ୍ରଦାନ କରାଯାଇଛି। ମଙ୍ଗଳବାର ୧୭ନମ୍ବର ୱାର୍ଡ ସ୍ଥିତ ଭିଏସ୍‌ଏସ୍ ନଗର କଲ୍ୟାଣ ମଣ୍ଡପଠାରେ ଏହି ଯୋଜନାରେ ୪୭ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ପୂର୍ବରୁ ୧୨୦ ହିତାଧିକାରୀଙ୍କୁ ପଟ୍ଟା ଦିଆଯାଇଥିବା ବେଳେ ମଙ୍ଗଳବାର ବାକି ହିତାଧିକାରୀଙ୍କୁ ଘର ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ୧୭ନମ୍ବର ୱାର୍ଡ କର୍ପୋରେଟର ପୂଜା ମହାରଣା, ଜେଡିସି ପୁରନ୍ଦର ନନ୍ଦ, ବସ୍ତି ସଭାପତି ନୀଳମଣି ସାହୁ, ସୁଶାନ୍ତ ସାହୁ, ମହିଳା ନେତ୍ରୀ ଦ୍ରୌପଦୀ ଦେବୀ, ସୁନାମଣୀ ଦାସ, ରଞ୍ଜିତା ଦାସ, ମାମା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଆୟୋଜିତ ଜାତୀୟ ନାଟକ ଉତ୍ସବରେ 'ପୁନଶ୍ଚ ଅବୋଲକରା' ନାଟକର ଏକ ଦୃଶ୍ୟ।

## ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା ପଣ୍ଡ, ୪ ଗିରଫ

■ ଗୋଟିଏ ଲୁହାରଡ଼, ୨ ଛୁରି, ଲଙ୍କାଗୁଣ୍ଡ ଜବତ
■ ଅଭିଯୁକ୍ତଙ୍କ ନାମରେ ରହିଛି ୫ରୁ ଅଧିକ ମାମଲା

ଭୁବନେଶ୍ୱର, ୨୭।୯(ବ୍ୟୁରୋ):

ଲିଙ୍ଗରାଜ ଥାନା ଅଞ୍ଚଳରେ ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା କଲାବେଳେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ପୁରୁଣା ଭୁବନେଶ୍ୱର ହରଚଣ୍ଡୀ ସାହିର ରାଜେଶ କୁମାର ମହାପାତ୍ର ଓରଫ ଚିକୁ (୪୮), ଭୋଇସାହିର ଦେବୀପ୍ରସାଦ ଭୋଇ ଓରଫ ବାବୁ (୨୦), ରୁଦ୍ର ଭୋଇ ଓରଫ ଇଲୁ (୨୨) ଓ କପିଳେଶ୍ୱର ଦାଣ୍ଡସାହିର ସୁରଜ ମହାପାତ୍ର ଓରଫ ସୋମ୍ (୨୬)। ସେମାନଙ୍କ ପାଖରୁ ଗୋଟିଏ ଲୁହାରଡ଼, ଦୁଇଟି ଛୁରି, ୨ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ୪ଟି ଖାଲି ମଦ ବୋତଲ ଜବତ ହୋଇଛି। ସୂଚନା ଅନୁଯାୟୀ, ନୂଆ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଅଭିଯୁକ୍ତମାନେ ସୋମବାର ବିଳମ୍ବିତ ରାତିରେ ନିଶାସକ୍ତ ହୋଇ ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା କରୁଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ.୨୪୫/୨୦୨୨) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଙ୍କ ନାମରେ ଲିଙ୍ଗରାଜ ଥାନାରେ ପୂର୍ବରୁ ୫ରୁ ଅଧିକ ଆପରାଧିକ ମାମଲା ରହିଛି। ସେମାନେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସିଆର୍‌ପିସି -୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଦକ୍ଷେପ ନିଆଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଭିଜିଲାନ୍ସ ଜାଲରେ ଜୁନିୟର ଇଞ୍ଜିନିୟର

ଭୁବନେଶ୍ୱର, ୨୭।୯ (ବ୍ୟୁରୋ):


ରମାକାନ୍ତ ବେହେରା

ଜଣେ ଠିକାଦାରଙ୍କ ବକେୟା ବିଲ୍ କରାଇଦେବାକୁ ୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବ୍ଲକର ଜୁନିୟର ଇଞ୍ଜିନିୟର ରମାକାନ୍ତ ବେହେରା ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୩୦/୨୦୨୨) ରୁଜୁ କରାଯାଇ ଅଭିଯୁକ୍ତ ରମାକାନ୍ତଙ୍କୁ ଗିରଫ କରାଯାଇଛି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ଏକ ରାସ୍ତାକାମ କରିଥିବା ଜନୈକ ଠିକାଦାରଙ୍କ ବିଲ୍ ବାକିଥିଲା। ଉକ୍ତ ବିଲ୍ କରାଇଦେବାକୁ ରମାକାନ୍ତ ସମ୍ପୃକ୍ତ ଠିକାଦାରଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ଏନେଇ ଠିକାଦାରଙ୍କ ପକ୍ଷରୁ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ରମାକାନ୍ତଙ୍କୁ ଧରିବାକୁ ଭିଜିଲାନ୍ସ ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ମଙ୍ଗଳବାର ରମାକାନ୍ତ ସମ୍ପୃକ୍ତ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ରଙ୍ଗବୋଳା ଟଙ୍କା ଜବତ ହୋଇଛି। ରମାକାନ୍ତଙ୍କ ଖଣ୍ଡଗିରି ସୌଭାଗ୍ୟ ନଗରସ୍ଥିତ ଭଡ଼ାଘର, କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳରେ ଥିବା ପୈତୃକ ଘର ଏବଂ ଭୁବନେଶ୍ୱରରେ ଥିବା ତାଙ୍କ କାର୍ଯ୍ୟାଳୟ ସମେତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି।

# ଅଭିଯୁକ୍ତଙ୍କଠାରୁ ତଥ୍ୟ ଓଟାଳୁଛି ପୋଲିସ

ନକଲି ମେଡିସିନ କାରବାର ମାମଲା
■ଧୀରେ ଧୀରେ ଖୋଲୁଛି ରହସ୍ୟ

କଟକ ଅଫିସ, ୨୭।୯:

ନକଲି ମେଡିସିନ କାରବାର ମାମଲାରେ ଗିରଫ ହୋଇଥିବା ୨ ବିହାରୀ ଅଭିଯୁକ୍ତଙ୍କୁ ପୁରୀଘାଟ ପୋଲିସ ପୁଣି ୩ ଦିନିଆ ରିମାଣ୍ଡରେ ଆଣିଛି। ସେମାନେ ହେଲେ ବିହାର ରାମପୁର ଶାସ୍ତ୍ରୀନଗରର ଆଲୋକ କୁମାର ମିଶ୍ରା ଓ ହରିଶ କୁମାର। ପୋଲିସ ପକ୍ଷରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉଭୟଙ୍କୁ ସୋମବାର ହାଜର କରାଯିବା ପରେ ପୁଣି ୫ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା। ମାତ୍ର ଅଦାଲତ ୩ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ମଙ୍ଗଳବାର ଠାରୁ ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି ବୋଲି କଟକ ଡିସିପି ପିନାକ ମିଶ୍ର ମଙ୍ଗଳବାର ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁସାରେ, ନକଲି ମେଡିସିନ ଯୋଗାଣ ଘଟଣାରେ ବିହାରରୁ ଗିରଫ ହୋଇଥିବା ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ହେପାଜତରେ ଜେରା କରାଯାଉଛି। ସେମାନେ କଟକ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାର ଭି. ଆର୍. ଡ୍ରଗ ଏଜେନ୍ସିକୁ କେବଳ ନକଲି ମେଡିସିନ ବିକିଛନ୍ତି ନା ଆଉ କାହାକୁ ବିକିଛନ୍ତି ତାହା ଉପରେ ପଚରାଉଚରା କରାଯାଉଛି। ସେହିପରି ଏମାନେ କେବଳ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ମେଡିସିନ କାରବାର ଚଳାଇଥିଲେ ନା ଅନ୍ୟ କୌଣସି ମେଡିସିନ କାରବାର କରୁଥିଲେ, ଏ ଦିଗ ପ୍ରତି ପୋଲିସ ଗୁରୁତ୍ୱର ସହ ବିଚାର କରୁଛି। ନକଲି ମେଡିସିନ କାରବାର ନିମନ୍ତେ ଏମାନଙ୍କର ଏକ ସୁସଙ୍ଗଠିତ ର୍ୟାକେଟ୍ କାମ କରୁଥିବା ପୋଲିସକୁ ଠୋସ୍ ପ୍ରମାଣ ମିଳିଛି। ତେବେ ଜେରା ସମୟରେ କି କି ପ୍ରଶ୍ନ ପଚରାଯିବ ପୋଲିସ ପକ୍ଷରୁ ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ସେହି ଅନୁସାରେ ଜେରା ଚାଲିଛି। ଧୀରେ ଧୀରେ ଏହି ଘଟଣାର ରହସ୍ୟ ଖୋଲୁଥିବାବେଳେ ଇତିମଧ୍ୟରେ ପୋଲିସକୁ ଅନେକ କିଛି ତଥ୍ୟ ହସ୍ତଗତ ହୋଇଛି। ଅଭିଯୁକ୍ତ ଦ୍ୱୟ କାହାଠାରୁ ନକଲି ମେଡିସିନ କିଣୁଥିଲେ ତାହା ପୋଲିସ ପାଇଁ ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏବେ ୩ ଦିନିଆ ରିମାଣ୍ଡ ସମୟରେ ଆହୁରି ବହୁତ ତଥ୍ୟ ମିଳିବ ବୋଲି ଆଶା କରାଯାଉଥିବା ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ନକଲି ମେଡିସିନ କାରବାର ମାମଲାର ତଦନ୍ତ ପାଇଁ ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ୪ ଜଣିଆ ପୋଲିସ ଟିମ୍ ଗତ ୨୧ ତାରିଖରେ ବିହାର ଯାଇଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଏବଂ ଭି. ଆର୍. ଡ୍ରଗ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ଜେରାବେଳେ ପୋଲିସ ଅନେକ ତଥ୍ୟ ହାସଲ କରିଥିଲା। ଏହି ତଥ୍ୟ ଆଧାରରେ ବିହାର ଗୟାସ୍ଥିତ ବାଲାଜୀ ଡ୍ରଗ ପଏଣ୍ଟ ଓ ପାଟନାସ୍ଥିତ ଶ୍ରୀ ବାଲାଜୀ ଏଜେନ୍ସିଜଠାରୁ ନକଲି ମେଡିସିନ ଆସୁଥିବା ଜାଣିବାକୁ ପାଇଥିଲା। ବାଲାଜୀ ଡ୍ରଗ ନିକଟରେ ପୋଲିସ ପହଞ୍ଚିବା ପରେ ୨ ବିହାରୀ ଅଭିଯୁକ୍ତ ଆଲୋକ ଓ ହରିଶ ମୁଖ୍ୟ ସୂତ୍ରଧର ବୋଲି ଜଣାପଡ଼ିଥିଲା। ଉଭୟ ଶ୍ରୀବାଲାଜୀ ଏଜେନ୍ସିଜ୍, ବାଲାଜୀ ଡ୍ରଗ୍ ପଏଣ୍ଟ ଆଦି ବିଭିନ୍ନ ନକଲି ଡ୍ରଗ୍ସ ଏଜେନ୍ସି ଖୋଲି ନକଲି ଇନ୍‌ଭଏସ୍ (ବିଲ୍) ଜରିଆରେ କାରବାର ଚଳାଇଥିଲେ।

## ଷ୍ଟୋରରେ ବିକ୍ରି ହେଉଛି ଏକ୍ସପାଏରି ମେଡିସିନ

ଏସ୍‌ସିବି ମେଡିକାଲ ପରିସର
■ବିକ୍ରି ପରେ ଦିଆଯାଉନି ବିଲ୍

କଟକ ଅଫିସ, ୨୭।୯:

କଟକ ଏସ୍‌ସିବି ମେଡିକାଲ ପରିସରସ୍ଥ ମେଡିସିନ ଷ୍ଟୋରରେ ଏକ୍ସପାଏରି ମେଡିସିନ ବିକ୍ରି ହେଉଥିବା ଓ ମେଡିସିନ୍‌ର ବିଲ୍ ଦିଆଯାଉ ନଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପବିତ୍ର କୁମାର ପଣ୍ଡା ନାମକ ଜଣେ ବ୍ୟକ୍ତି ଏନେଇ ମେଡିକାଲ କଲେଜର ରେଜିଷ୍ଟ୍ରାର ତଥା ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁସାରେ, ପବିତ୍ର ତାଙ୍କ ଭଉଣୀଙ୍କୁ ନ୍ୟୁରୋଲୋଜି ବିଭାଗରେ ଦେଖାଇବାକୁ ମଙ୍ଗଳବାର ଆଣିଥିଲେ। ତାଙ୍କ ଭଉଣୀଙ୍କର ଉଚ୍ଚ ରକ୍ତଚାପ ରୋଗ ଥିବାରୁ ସେ କିଛିଦିନ ହେବ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡିସିନ ଖାଉଥିଲେ। ମାତ୍ର ରକ୍ତଚାପ କମୁ ନ ଥିବାରୁ ମେଡିସିନ କିଣିବା ପରେ ଦେଖାଇ ନେବା ପାଇଁ ଡାକ୍ତର କହିଥିଲେ। ପ୍ରେସ୍କ୍ରିପ୍‌ସନ୍‌ରେ ଲେଖାଥିବା ୫ଟି ମେଡିସିନ ମଧ୍ୟରୁ ଗୋଟିଏ ନିରାମୟ କେନ୍ଦ୍ରରେ ମିଳିଥିଲା। ଏବେ ଉଚ୍ଚ ରକ୍ତଚାପ ମେଡିସିନ ନକଲି ମିଳୁଥିବାରୁ ପବିତ୍ର ବଜାରକୁ ନ ଯାଇ ମେଡିକାଲ ପରିସରସ୍ଥ ଏକ ଷ୍ଟୋର୍‌ରୁ ଅନ୍ୟ ୪ଟି ମେଡିସିନ କିଣିଥିଲେ। ମେଡିସିନ କିଣିବାବେଳେ ସେ ବିଲ୍ ମାଗିବାରୁ ତାଙ୍କୁ ବିଲ୍ ଦିଆଯାଇ ନଥିଲା। ଓଲଟି ଘରକୁ ନେଇଯାଅ ହିସାବ କରିବ ବୋଲି କୁହାଯାଇଥିଲା। ସେହି ୪ଟି ମେଡିସିନ ମଧ୍ୟରୁ ଗୋଟିଏ ମେଡିସିନ ଏକ୍ସପାଏରି ହୋଇଯାଇଥିବା ସେ ଦେଖିବା ପରେ ଏନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ରାଉତ କହିଛନ୍ତି, ଅଭିଯୋଗ ପାଇଛୁ, ଏହାର ତଦନ୍ତ ପାଇଁ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗକୁ ଜଣାଯିବ।

# ଅଭିନବ ପଦକ୍ଷେପ ପ୍ରଦର୍ଶନ ପାଇଁ ପରାମର୍ଶ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓସେପା ଦ୍ୱାରା ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ଉଚ୍ଚ ମାଧ୍ୟମିକ ଅଧକ୍ଷ ଓ ଏଡିଇଓ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ଯୋଗଦେଇ ଅଧକ୍ଷମାନେ ନିଜ ବିଦ୍ୟାଳୟର ଅଭିନବ ପଦକ୍ଷେପଗୁଡ଼ିକ ପ୍ରଦର୍ଶନ ପାଇଁ ସଜେଇ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଗୁରୁ-ଶିଷ୍ୟପରମ୍ପରା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ଓଡ଼ିଶାର ପିଲାମାନେ କିପରି ବିଭିନ୍ନ ଶିକ୍ଷା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଆଗୁଆ ହେବେ ସେ ଦିଗରେ ପ୍ରୟାସ କରିବା ପାଇଁ ସେ ଅଧକ୍ଷମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀ ଅଧକ୍ଷ ଏବଂ ଏଡିଇଓ ସଂଯୋଗ ପାଇଁ ମୂଳଦୁଆ ସ୍ଥାପନ କରିବା ସହ ଶିକ୍ଷା କ୍ଷେତ୍ରରେ ଆଗକୁ ମିଳିତ ପ୍ରୟାସରେ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା କହିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିବସରେ ଧନ୍ଦାମୂଳକ ଶିକ୍ଷାର ପୁନର୍ବିନ୍ୟାସ ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍. ନିଜ କର୍ମକ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରେରଣା ଦେବା ସହିତ ଆଗାମୀ ୩ ମାସ ପରେ ଧାର୍ଯ୍ୟ ଲକ୍ଷ୍ୟ ଦିଗରେ ପୁନଃ ସମୀକ୍ଷା ଲାଗି ଆହ୍ୱାନ ଦେଇଥଲେ।



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# 'ନିର୍ବାଚନ ପଦ୍ଧତିରେ ସଂସ୍କାର ଜରୁରୀ'

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଦେଶର ଗଣତାନ୍ତ୍ରିକ ପଦ୍ଧତି ଏବେ କଳୁଷିତ ହେବାରେ ଲାଗିଛି। ରାଜନେତାମାନଙ୍କ ଚାରିତ୍ରିକ ବ୍ୟବହାର, ଦେଶର ପ୍ରଗତି ପ୍ରତି ସେମାନଙ୍କର ଅଙ୍ଗୀକାରବଦ୍ଧତା ଓ ଆଇନ ପ୍ରଣୟନ ବେଳେ ଅଜ୍ଞତା ଯୋଗୁ ଗଣତନ୍ତ୍ରର ଲକ୍ଷ୍ୟ ସଫଳ ହେଉନାହିଁ। ଦେଶର ବିକାଶ ତଥା ନାଗରିକମାନଙ୍କର ଯେପରି ଉନ୍ନତି ହେବାକଥା, ତାହା ହୋଇପାରୁ ନାହିଁ। ତେଣୁ ସମୟର ଆବଶ୍ୟକତାକୁ ଉପଲବ୍ଧି କରି ଭାରତର ନିର୍ବାଚନ ପଦ୍ଧତିରେ କେତେଗୁଡ଼ିଏ ସଂସ୍କାର ଆଣିବା ନିତାନ୍ତ ଆବଶ୍ୟକ ବୋଲି 'ନିଡ୍‌ସ ଅଫ୍ ଦି ଟାଇମ' ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଆଲୋଚନା କରାଯାଇଥିଲା। ନିର୍ବାଚନରେ କେଉଁଭଳି ସଂସ୍କାର ଆଣିପାରିଲେ ରାଜନେତାମାନଙ୍କ ଆଚରଣ ଓ ଉଚ୍ଚାରଣରେ ସାମ୍ୟତା ରହିପାରିବ ସେ ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ନେଇ କେତେଗୁଡ଼ିଏ ପ୍ରସ୍ତାବ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯିବ। ଏଣୁ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀଠାରୁ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ସ୍ଥାନରେ ସଭା, ଶୋଭାଯାତ୍ରା, ଆଲୋଚନାଚକ୍ର ଆଦି କରାଯିବ ବୋଲି 'ନିଡ୍‌ସ ଅଫ୍ ଦି ଟାଇମ୍'ର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି। ସେହିଭଳି ସମସ୍ତଙ୍କ ପାଇଁ ଭୋଟଦାନ ବାଧ୍ୟତାମୂଳକ, ସରକାରୀ ଖର୍ଚ୍ଚରେ ନିର୍ବାଚନମଣ୍ଡଳୀର ଗୋଟିଏ ଦୁଇଟି ସ୍ଥାନରେ ସମସ୍ତ ପ୍ରାର୍ଥୀମାନେ ବକ୍ତବ୍ୟ ଦେବା ପାଇଁ ସଭାସ୍ଥଳୀର ଆୟୋଜନ, ପ୍ରାର୍ଥୀମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା, ପ୍ରାର୍ଥୀମାନେ ଗାଁ ଗାଁରେ ନିଜ ଖର୍ଚ୍ଚରେ ପୋଷ୍ଟର ନ ମାରି ପଞ୍ଚାୟତର ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ନିର୍ବାଚନ ଲଢ଼ିବାର ଆଭିମୁଖ୍ୟ ଦର୍ଶାଇବା, ନିର୍ବାଚନ ବେଳେ ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ମୁଖ୍ୟ ସଂଯୋଜକ ପି.ଟି. ବାଲାଜି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ 'ନିଡ୍‌ସ ଅଫ୍ ଦି ଟାଇମ୍'ର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

### ଦେଶବ୍ୟାପୀ ସଭା, ଶୋଭାଯାତ୍ରା କରିବ 'ନିଡ୍‌ସ ଅଫ୍ ଦି ଟାଇମ'

**ନନ୍ଦନକାନନକୁ ଆସିଲା ଅସୁସ୍ଥ କୃଷ୍ଣସାର ମୃଗ**

ବାରଙ୍ଗ,(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ମଙ୍ଗଳବାର ଏକ ଅସୁସ୍ଥ ମାଈ କୃଷ୍ଣସାର ମୃଗ ଉଦ୍ଧାର ହୋଇ ଆସିଛି। ମୃଗଟି ଚିଲିକା ଡିଭିଜନରୁ ଆସିଥିବାବେଳେ କୌଣସି ଗାଡ଼ି ଧକ୍କାରେ ତା'ର ଅଣ୍ଟା ଭାଙ୍ଗିଥିବା ଜଣାପଡିଛି। ଅସୁସ୍ଥ ମୃଗଟିକୁ ଓୟୁଏଟିରେ ଚିକିତ୍ସା କରାଯାଉଥିଲା। ସେଠାରେ ଟିକେ ସୁସ୍ଥ ହେବ ପରେ ତାକୁ ନନ୍ଦନକାନନକୁ ଅଣାଯାଇଛି। ଏଠାରେ କୃଷ୍ଣସାର ମୃଗର ପ୍ରାଥମିକ ଚିକିତ୍ସା କରାଯାଇ ପଶୁଚିକିତ୍ସାଳୟରେ ରଖାଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଇଣ୍ଟରନ୍ୟାଶନାଲ ଡେ ଅଫ୍ ସାଇନ୍ସ କଲ୍‌ଚର, ଆଞ୍ଚଳିକ ବିଜ୍ଞାନକେନ୍ଦ୍ର, ପୂର୍ବାହ୍ନ ୧୦ଟା ୩୦।
- ଏଆଇସିସିଟିୟୁ ପକ୍ଷରୁ ୮ଦଫା ଦାବିରେ ବିଶାଳ ଶ୍ରମିକ ସମାବେଶ, ମହାତ୍ମା ଗାନ୍ଧୀ ମାର୍ଗ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଡୁଡ୍‌ନୁ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମହିଳା ଥାନା ଘେରାଉ, ମହିଳା ଥାନା ସମ୍ମୁଖ, ୟୁନିଟ୍-୧, ପୂର୍ବାହ୍ନ ୧୧ଟା।
- ଦରବୃଦ୍ଧି, ବେକାରୀ, ଫସଲର ଅଭାବୀ ବିକ୍ରି, ଶ୍ରମିକ ଶୋଷଣ ବିରୋଧରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ରାଜ୍ୟସ୍ତରୀୟ ଜନ ସମାବେଶ, ମହାତ୍ମାଗାନ୍ଧୀ ମାର୍ଗ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଆଳରେ ଜୀବିକା ଛଡାଇ ନେବା ଏବଂ ଜରିମାନା ଆଦାୟ କରିବା ବିରୋଧରେ ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ପ୍ରତିବାଦ, ମାଷ୍ଟର କ୍ୟାଣ୍ଟିନ୍ ଛକ, ମଧାହ୍ନ ୧୨ଟା।
- ମାସିକ ପତ୍ରିକା 'ଜ୍ୟୋତିଶ୍ରୀ'ର ସ୍ୱତନ୍ତ୍ର ସଂଖ୍ୟା 'ଭାରତର ସଶସ୍ତ୍ର ମୁକ୍ତି ସଂଗ୍ରାମ'ର ଉନ୍ମୋଚନ ସହ ସମ୍ବର୍ଦ୍ଧନା ସଭା, ବୁଦ୍ଧ ମନ୍ଦିର, ୟୁନିଟ୍-୯, ଅପରାହ୍ନ ୪ଟା।
- ମାସିକ ଗଳ୍ପ ପତ୍ରିକା କଥା କଳିକାର ୮ମ ବାର୍ଷିକ ବନ୍ଧୁ ମିଳନ ସମାରୋହ, କେଶରୀ ହୋଟେଲ ସଭାଗୃହ, ମାଷ୍ଟର କ୍ୟାଣ୍ଟିନ୍, ସନ୍ଧ୍ୟା ୫ଟା।
- ସହଯୋଗ ପକ୍ଷରୁ ସୁରକ୍ଷିତ ଗର୍ଭପାତ ଦିବସ ଅବସରରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ଉତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

କଟକ
- ଜିଲା ପ୍ରଶାସନ ପକ୍ଷରୁ ଅହିଂସା ରଥକୁ ସ୍ୱାଗତ ଉତ୍ସବ, ଗାନ୍ଧୀ ସ୍ମୃତି ପୀଠ, ତେଲେଙ୍ଗାପେଣ୍ଠ, ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ବିକ୍ଷୋଭ, ଆର୍‌ଡିସି ଅଫିସ ସମ୍ମୁଖ, ମଧାହ୍ନ ୧୨ଟା ୩୦।
- ଭାରତ ବିକାଶ ସମିତି ପକ୍ଷରୁ ୟୁଥ୍ ଲିଡରଶିପ୍ ଡେଭଲପ୍‌ମେଣ୍ଟ ଆଣ୍ଡ କନ୍ଫିଡେନ୍ସ ବିଲ୍ଡିଂ କାର୍ଯ୍ୟକ୍ରମ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୫ଟା।

# ମହାପ୍ରଭୁଙ୍କ ଜମିର ହେବ ଡିଜିଟାଇଜେଶନ

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**
- ■ସର୍ଭେ ଦାୟିତ୍ୱ ନେଲା ଓରସାକ୍
- ■ଆଦର୍ଶ ଗୁରୁକୁଳ ପାଇଁ ଜମି ଲିଜ୍ ମିଳିଲା

ପୁରୀ ଅଫିସ,୨୭।୯

ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମହାପ୍ରଭୁଙ୍କ ସମସ୍ତ ଜମିର ଠିକ୍ ଆକଳନ କରି ରେକର୍ଡଭୁକ୍ତ କରିବା ସହ ଜମିର ଡିଜିଟାଇଜେଶନ ଉଦ୍ଦେଶ୍ୟରେ ସର୍ଭେ କରାଯିବ। ଓଡ଼ିଶା ସ୍ପେଶ ଆପ୍ଲିକେଶନ୍ ସେଣ୍ଟର(ଓରସାକ୍) ସଂସ୍ଥା ଦ୍ୱାରା ଏହି ସର୍ଭେ କାର୍ଯ୍ୟକାରୀ ହେବ। ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ଆୟୋଜିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଏହି ସୂଚନା ଦେଇଛନ୍ତି। ବୈଠକରେ ପ୍ରଥମେ ଅଗଷ୍ଟ ୬ ତାରିଖରେ ହୋଇଥିବା ପରିଚାଳନା କମିଟିର ବିବରଣୀ ଦୃଢ଼ୀକରଣ କରାଯାଇଥିଲା। ଏହାପରେ ମେ ୨୧ ଓ ଜୁନ ୭ରେ ହୋଇଥିବା ବୈଠକ ବିବରଣୀ ଅନୁପାଳନ କରାଯାଇଥିଲା। ଏହାପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ସମ୍ବନ୍ଧୀୟ ଆଲୋଚନା, ଆଦର୍ଶ ଗୁରୁକୁଳ, ସେବକ ବାସଗୃହ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏ ନେଇ ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଛନ୍ତି, କାର୍ତ୍ତିକ ମାସ ପାଇଁ ୨୨ ତାରିଖରେ ବସିଥିବା ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକର ନିଷ୍ପତ୍ତିକୁ ପରିଚାଳନା କମିଟି ବୈଠକରେ ମୋହର ବାଜିଛି।


ବୈଠକରେ ଗଜପତି ମହାରାଜା, ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଓ ଅନ୍ୟ ଅଧିକାରୀ।

କାର୍ତ୍ତିକ ମାସରେ ଶୃଙ୍ଖଳିତ ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା ଓ ମହାପ୍ରସାଦ ଯୋଗାଣକୁ ନେଇ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ଜମିର ଏରିୟାଲ୍ ସର୍ଭେ କରିବା ପାଇଁ ଓରସାକ୍ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ମହାପ୍ରଭୁଙ୍କ କେତେ ଜମି ଜବରଦଖଲ ହୋଇ ରହିଛି ଓ କେତେ ଜମି ଜବରଦଖଲ ମୁକ୍ତ ଅଛି, ତାହାର ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ ଜାଣିବାକୁ ଚାହୁଁଛି। ତେବେ ସର୍ଭେ ସରିବା ପରେ ଓରସାକ୍ ସର୍ଭେ ରିପୋର୍ଟ ପରିଚାଳନା କମିଟିରେ ଉପସ୍ଥାପନ ହେବ ଓ ପରେ ଚୂଡ଼ାନ୍ତ ମୋହର ପାଇଁ ରାଜ୍ୟ ସରକାରଙ୍କ ପାଖକୁ ଯିବ। ସେହିଭଳି ଜମି ରେକର୍ଡର ଡିଜିଟାଇଜେଶନ୍ କରାଯିବ। ଫଳରେ ଜମି ଚିହ୍ନଟ ଓ ଜମି ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ସହଜ ହେବ। ଏକ ସ୍ୱତନ୍ତ୍ର ଡାଟାବେସ୍‌ରେ ମହାପ୍ରଭୁଙ୍କ ଜମି ସମ୍ପର୍କିତ ତଥ୍ୟ ଏକତ୍ରିତ ହୋଇ ରହିବ।

ସେହିପରି ଆଦର୍ଶ ଗୁରୁକୁଳ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜମି ଲିଜ୍‌ରେ ଦିଆଯାଇଛି। ସୋସାଇଟି ରେଜିଷ୍ଟ୍ରେଶନ୍ ଆଇନରେ ପଞ୍ଜୀକରଣ ପାଇଁ ଆବେଦନ କରାଯାଇଛି। ଆସନ୍ତା ପରିଚାଳନା କମିଟି ବୈଠକରେ ରାଜିନାମା ସ୍ୱାକ୍ଷର କରିଥିବା ଘରୋଇ ସଂସ୍ଥା ସହ ଭିତ୍ତିଭୂମିର ମାଷ୍ଟରପ୍ଲାନ ନେଇ ଆଲୋଚନା କରାଯିବ। ସେହିଭଳି ସେବାୟତ ବାସଗୃହ ଯୋଜନାର ଅଗ୍ରଗତିର ସମୀକ୍ଷା ହୋଇଛି। ହରଚଣ୍ଡୀ ସାହି ମୌଜାରେ ଚିହ୍ନଟ ହୋଇଥିବା ଜାଗାରେ ପାଚେରି ବୁଲାଇବା ପାଇଁ ୬ ଅକ୍ଟୋବରରେ ଟେଣ୍ଡର ଖୋଲାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ସେହିଭଳି ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ଗୁରୁକୁଳ ଓ ସେବକ ବାସଗୃହ ଯୋଜନା ଉପରେ ବୈଠକରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। ବିର୍ଲା ଫାଉଣ୍ଡେଶନ୍ ସହ ରାଜିନାମା ସରିଥିବା ହେତୁ ନଭେମ୍ବର ୧୦ ମଧ୍ୟରେ ଆସନ୍ତା ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ସେବକ ବାସଗୃହ ଯୋଜନାରେ ୪ଶହ ସେବାୟତ ପରିବାର ଉପକୃତ ହେବେ ବୋଲି ସେ କହିଛନ୍ତି। ଏହି ବୈଠକରେ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜ ଦିବ୍ୟସିଂହ ଦେବ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂ, ପରିଚାଳନା କମିଟିସଦସ୍ୟଗଣ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସରକାର-ସମାଜ ମଧ୍ୟରେ ସେତୁ ଏସ୍‌ଏଚ୍‌ଜି ମହିଳା

**ମହାତ୍ମା ଗାନ୍ଧୀ ଜାତୀୟ ଫେଲୋଙ୍କ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ**

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ୱାର୍ଲଡ ସ୍କିଲ୍ ସେଣ୍ଟରରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଫେଲୋଙ୍କ ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମିଶନ ଶକ୍ତି ବିଭାଗ କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟନ ଯୋଗଦେଇ ରାଜ୍ୟରେ ମିଶନ ଶକ୍ତିର ସଫଳତା ଓ ଆହ୍ୱାନ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ମହିଳାଙ୍କୁ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି)ର ମହିଳାମାନେ ସରକାର ଓ ସମାଜ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରୁଛନ୍ତି। ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ନେତୃତ୍ୱ ବିକାଶ ହୋଇପାରିଛି। କୋଭିଡ୍ ସମୟରେ ଏସ୍‌ଏସ୍‌ଜିର ମହିଳାମାନେ ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରି ଏହାକୁ ପ୍ରମାଣିତ କରିଛନ୍ତି। ଆଗାମୀ ଦିନରେ ପ୍ରତି ବ୍ଲକ ଓ ଜିଲା ସ୍ତରରେ ୫୦୦ ମିଶନ ଶକ୍ତି ବଜାର/ଆଉଟଲେଟ୍ ଆରମ୍ଭ



କର୍ମଶାଳାରେ ମିଶନ ଶକ୍ତି ବିଭାଗ କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟନ ଉଦ୍‌ବୋଧନ ଦେଉଛନ୍ତି।

କରାଯିବାକୁ ଯୋଜନା ରହିଛି। ଏଥିସହ ପ୍ରତ୍ୟେକ ବ୍ଲକରେ ମିଶନ ଶକ୍ତି କାଫେ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି କାର୍ତ୍ତିକେୟନ ପ୍ରକାଶ କରିଥିଲେ।

ଏହି କର୍ମଶାଳାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଖାଦ୍ୟର ବିବିଧତା ଓ ଖାଦ୍ୟ ଅପଚୟ ହ୍ରାସ ଉପରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି। ଚାଷଜମିରେ ମହିଳାଙ୍କ ଅଧିକାର ରହିବା ସହ ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ ରହିବା ଦରକାର। ଏହାଦ୍ୱାରା କୃଷିକ୍ଷେତ୍ରରେ ମହିଳାମାନେ ସଶକ୍ତୀକରଣ ହୋଇପାରିବେ ବୋଲି ପାଢ଼ୀ କହିଥିଲେ। ଏହି ଅବସରରେ ସିଟିସି, ସିପେଟ, ଓର୍ମାସ, ଅରେକ୍ରସ ଏବଂ ଟାଟା ଷ୍ଟ୍ରାଇଭ ସଂସ୍ଥାର ପ୍ରତିନିଧିମାନେ ଦକ୍ଷତା ବିକାଶ ତାଲିମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧିକାରୀମାନେ ଆଗାମୀ ବର୍ଷ ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସିଇଓ ରେଘୁ ଜି ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା: ସ୍ୱାମୀ, ଶ୍ୱଶୁର ଗିରଫ

ବାରଙ୍ଗ,୨୭।୯(ଡି.ଏନ୍.ଏ.)

ଚନ୍ଦକା ଥାନା ଅଧୀନ ପଳାଶପୁର ଗ୍ରାମରେ ସୋମବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ମୃତାଙ୍କ ସ୍ୱାମୀ ଦିଲ୍ଲୀପ ମାଝୀ ଓ ଶ୍ୱଶୁର ଦେବରାଜ ମାଝୀଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ମୃତା ଅମୁଲି ପାରିବାରିକ କଳହରୁ ଫ୍ୟାନରେ ଶାଢି ଲଗାଇ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଦିଲ୍ଲୀପ କହୁଥିଲେ। ଅନ୍ୟପଟେ ଝିଅକୁ ଶାଶୁଘର ଲୋକ ମାରି ଆତ୍ମହତ୍ୟାର ରୂପରେଖ ଦେଇଥିବା ମୃତାଙ୍କ ପିତା ଜଳନ୍ଧର ପ୍ରଧାନ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଥିରେ ଏକ ମାମଲା (ନଂ. ୧୩୨/୨୨) ରୁଜୁ କରି ତଦନ୍ତ ଚଳାଇଛି।

# ଭୁବନେଶ୍ୱର ସ୍ମାର୍ଟ ସିଟିକୁ 'ଶ୍ରେଷ୍ଠ ପ୍ରଶଂସିତ ସ୍ମାର୍ଟ ସିଟି' ପୁରସ୍କାର



ଭୁବନେଶ୍ୱର,୨୭।୯(ବ୍ୟୁରୋ): ଭୁବନେଶ୍ୱର ସ୍ମାର୍ଟ ସିଟି (ବିଏସ୍‌ସିଏଲ)କୁ ଆଉ ଏକ ସଫଳତା ମିଳିଛି। ଇକୋନୋମିକ୍ ଟାଇମ୍ସ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ମାର୍ଟ ସିଟିକୁ ଶ୍ରେଷ୍ଠ ପ୍ରଶଂସିତ ସ୍ମାର୍ଟ ସିଟି ଭାବରେ ପୁରସ୍କୃତ କରାଯାଇଛି। ୨୦୨୨ ମସିହାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଛି। ବିଏସ୍‌ସିଏଲ୍‌ର ଜେନେରାଲ ମାନେଜର କମଲଜିତ ଦାସ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସମାରୋହରେ କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡକରୀ, ପ୍ରହ୍ଲାଦ ଯୋଶୀ ଏବଂ ସଚିବ ଅନିଲ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅନ୍ୟାନ୍ୟ ବର୍ଗରେ ଏନ୍‌ଏଚ୍‌ଏଆଇ, ଦିଲ୍ଲୀ ମେଟ୍ରୋ କର୍ପୋରେଶନ ଏବଂ ଜବାହରଲାଲ ନେହେରୁ ବନ୍ଦରକୁ ମଧ ପୁରସ୍କୃତ କରାଯାଇଛି।

# ସିସିଟିଭି ହାର୍ଡଡିସ୍କ, ସ୍ମାର୍ଟ ୱାଚ୍ ଫୋରେନ୍‌ସିକ୍ ଲ୍ୟାବ୍‌କୁ ଗଲା

**ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣା**
- ■ରହସ୍ୟ ଉପରୁ ପରଦା ହଟାଇ ପାରୁନି ପୋଲିସ
- ■୨୦ରୁ ଅଧିକ ଲୋକଙ୍କ ବୟାନ ରେକର୍ଡ ସରିଲାଣି

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାକୁ ମଙ୍ଗଳବାର ୪ଦିନ ବିତିଯାଇଥିବାବେଳେ ଏହାକୁ ନେଇ ଏପର୍ଯ୍ୟନ୍ତ ରହସ୍ୟ ଲାଗି ରହିଛି। ଏହା ଉପରୁ ପରଦା ହଟାଇ ପାରିନାହିଁ କମିଶନରେଟ ପୋଲିସ। ଧର୍ମେନ୍ଦ୍ର କାହିଁକି ଆତ୍ମହତ୍ୟା କଲେ ସେନେଇ କମିଶନରେଟ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉ ନ ଥିବାରୁ ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଜବତ ହୋଇଥିବା ୨ଟି ମୋବାଇଲ ଫୋନ୍‌କୁ ଗତ ରବିବାର ଯାଞ୍ଚ ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଥିଲା। ମଙ୍ଗଳବାର ଧର୍ମେନ୍ଦ୍ରଙ୍କ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କ ଓ ସ୍ମାର୍ଟ ୱାଚ୍‌କୁ ପୋଲିସ ଜବତ କରି ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଲ୍ୟାବକୁ ପଠାଇଛି। କାରଣ ସିସିଟିଭି ସହ ଧର୍ମେନ୍ଦ୍ରଙ୍କ ମୋବାଇଲ ଓ ସ୍ମାର୍ଟ ୱାଚ୍‌ର ଲିଙ୍କ୍ ରହିଥିଲା। ଧର୍ମେନ୍ଦ୍ର ତାଙ୍କ ସ୍ମାର୍ଟ ୱାଚ୍ ସାହାଯ୍ୟରେ ସିସିଟିଭିକୁ ନିୟନ୍ତ୍ରଣ କରିପାରୁଥିଲେ। ତେଣୁ ଉକ୍ତ ସ୍ମାର୍ଟ ୱାଚ୍‌ରୁ ପୋଲିସ କିଛି ତଥ୍ୟ ପାଇବାକୁ ଆଶା ରଖିଛି। ତୃତୀୟ ପର୍ଯ୍ୟାୟରେ ପୋଲିସ ଧର୍ମେନ୍ଦ୍ରଙ୍କ ରୋଷେୟାଙ୍କ ପରିବାର ଓ ଅନ୍ୟ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି। ଏଯାବତ୍ ୨୦ରୁ ଅଧିକ ଲୋକଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ଏନେଇ ତଦନ୍ତ ଚାଲୁ ରହିଥିବା ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି।

ଅନ୍ୟପକ୍ଷରେ ପୋଲିସ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିଲେ ସୁଦ୍ଧା ପାରିବାରିକ ବିବାଦରେ ଅତିଷ୍ଠ ହୋଇ ଧର୍ମେନ୍ଦ୍ର ଆତ୍ମହତ୍ୟା କରିଥିବା କୁହାଯାଉଛି। କାରଣ ସେପ୍ଟେମ୍ବର ୭ରେ ଧର୍ମେନ୍ଦ୍ର ପ୍ରଥମ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ୨୪ ତାରିଖ ସକାଳେ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ତାଙ୍କ ବାସଭବନ ଆଗରୁ ଝୁଲନ୍ତା ଅବସ୍ଥାରେ ଧର୍ମେନ୍ଦ୍ରଙ୍କ ମୃତଦେହ ଜବତ କରାଯାଇଥିଲା। ଏହାପରେ ଅପରାହ୍ନ ୫ଟାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘର ନିକଟସ୍ଥ ଏକ ପ୍ଲଟରୁ ତାଙ୍କର ୨ଟି ମୋବାଇଲ ଫୋନ୍‌କୁ ଠାବ କରିଥିଲା। '୨ଟି ଫୋନ୍‌ରେ ସବୁ ଭିଡିଓ ରହିଛି, ତାକୁ ଲୋକଲୋଚନକୁ ଆଣିବେ' ବୋଲି ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ନିଜ ଫେସ୍‌ବୁକ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଥିଲେ, ଯାହା ତାଙ୍କ ମୃତ୍ୟୁପଛର ରହସ୍ୟ ଖୋଲିବ ବୋଲି ଚର୍ଚ୍ଚା ଚାଲିଛି। ଭାଜପା ଓ କଂଗ୍ରେସ ଦଳ ଉକ୍ତ ଭିଡିଓକୁ ଲୋକଲୋଚନକୁ ଅଣାଯିବାକୁ ଦାବି କରୁଛନ୍ତି। ତେଣୁ ସେହି ମୋବାଇଲରେ ଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମୁନା


@ ଆଲୋକ


@ ରିତୁଲ


@ ବୃନ୍ଦାବନ


@ ତପନ


@ ରାଜେନ୍ଦ୍ର

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ।


କଟକ ଖାନ୍‌ନଗର ପୂଜା ମଣ୍ଡପ ପାଇଁ କାରିଗରମାନେ ମେଢରେ ଚାନ୍ଦି ଅଳଙ୍କାର ଖଚିତ କରୁଛନ୍ତି।



୧୧ ଦଫା ଦାବିରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ମଜଦୁର ମହାସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ମଙ୍ଗଳବାର କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଶିଳ୍ପୀ ସରିତା ଗୋଚ୍ଛାୟତଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ସଂକ୍ଷେପରେ

### ଜନଜାତି ଜୀବିକା ନିର୍ବାହ ସଂକ୍ରାନ୍ତରେ ଆଲୋଚନା

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

କୋଭିଡ୍ ମହାମାରୀଜନିତ ଅର୍ଥନୈତିକ ସଂକଟ ଓ ଜୀବିକାହାନିକୁ ସାମ୍ନା କରିବା ପାଇଁ ଜନଜାତି ବିକାଶ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏ ନେଇ ଦୁଇଦିନିଆ କର୍ମଶାଳା ମଙ୍ଗଳବାର ଏସ୍‌ସିଏସ୍‌ଟିଆର୍‌ଟିଆଇ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଛି। ଶିବିରରେ ବିଭିନ୍ନ ରାଜ୍ୟର ଜନଜାତିଙ୍କ ସ୍ୱାର୍ଥରକ୍ଷା ଓ ଜୀବିକା ନିର୍ବାହ ନିମନ୍ତେ ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ଏସ୍‌ସିଏସ୍‌ଟିଆର୍‌ଟିଆଇ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନଜାତିଙ୍କ ସ୍ୱାର୍ଥରକ୍ଷା ପାଇଁ ଗ୍ରହଣ କରାଯାଇଥିବା ନୂତନ ପଦକ୍ଷେପ ସମ୍ପର୍କରେ ପରାମର୍ଶ ସହିତ ମତ ବିନିମୟ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ମନ୍ତ୍ରଣାଳୟ ଅଧୀନସ୍ଥ ଟିଆର୍‌ଆଇ ଡିଭିଜନ୍‌ର ନିର୍ଦ୍ଦେଶିକା ସଙ୍ଗୀତା ଗୁପ୍ତା ଯୋଗଦେଇ ଜନଜାତି ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀଙ୍କ ସମସ୍ୟା ମୁକାବିଲା ପାଇଁ ପଦକ୍ଷେପଗୁଡ଼ିକର ଅଧ୍ୟୟନ ଓ ନଥିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇର ଉପଦେଷ୍ଟା ତଥା ନିର୍ଦ୍ଦେଶକ ଏବଂ ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓଟା ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇବିଆର୍‌ଏଡିର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ଏସ୍.ବି.ରାୟ ମୁଖପତ୍ର ଉପସ୍ଥାପନ କରିଥିଲେ। ସେ ବିବିଧ ଉପକ୍ରମ, ଜନଜାତି ବିକାଶ ଏବଂ କୋଭିଡ୍-୧୯ ଓ ତତ୍‌ଜନିତ ସମସ୍ୟା, ସୁଯୋଗ ଏବଂ ଅଗ୍ରସରତା ଉପରେ ମତ ଉପସ୍ଥାପନ କରିଥିଲେ। କର୍ମଶାଳାରେ ଜନଜାତି ଗବେଷଣା ସଂସ୍ଥାନ, ଉତ୍କର୍ଷ କେନ୍ଦ୍ରର ପ୍ରତିନିଧି, ବିଶେଷଜ୍ଞ, ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ, ଜାତିସଂଘର ପ୍ରତିନିଧି, ବୁଦ୍ଧିଜୀବୀ, ଗବେଷକ, ଭାରତର ଜନଜାତି ସଂସ୍କୃତି ଓ ବିକାଶ ଉପରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀ ଯୋଗ ଦେଇଛନ୍ତି।

### ଆନ୍ଦୋଳନକୁ ଓହ୍ଲାଇବ ଓଜିବି ବ୍ୟବସାୟିକ ପ୍ରତିନିଧି ସଂଘ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ୫୫୦ ଶାଖାରେ କାର୍ଯ୍ୟରତ ପ୍ରାୟ ୭ଶହ ବ୍ୟବସାୟିକ ପ୍ରତିନିଧି ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲୋକମାନଙ୍କୁ ସେବା ଯୋଗାଇ ଆସୁଛନ୍ତି। ଦୁର୍ଗମ ଗ୍ରାମାଞ୍ଚଳ, ପାହାଡିଆ ଅଞ୍ଚଳ ନଦୀ ନାଳ ପାର ହୋଇ ଲୋକଙ୍କୁ ଦୁଆର ମୁହଁରେ ବ୍ୟାଙ୍କ ସେବା ଯୋଗାଉଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାରେ ଏହି ପ୍ରତିନିଧିମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ମାତ୍ର ଏମାନଙ୍କ ମୌଳିକ ସୁବିଧା ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ସରକାର କେହି ବି ଦୃଷ୍ଟି ଦେଉନାହାନ୍ତି। ଯଥାଶୀଘ୍ର ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ବ୍ୟବସାୟିକ ପ୍ରତିନିଧି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମଙ୍ଗଳବାର ସଂଘର ସଭାପତି ତଥା ଭାରତୀୟ ମଜଦୁର ସଂଘ ଓଡ଼ିଶା ଶାଖାର ସଭାପତି ପୃଥ୍ୱୀରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଜଦୁର ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର କର୍ମକର୍ତ୍ତାମାନେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ଜଣେ ଦିନମଜୁରିଆଠାରୁ କମ୍ ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି ଜଣାଇଲେ ମଧ କର୍ତ୍ତୃପକ୍ଷ ବାହାନା ଦେଖାଇ ପ୍ରସଙ୍ଗକୁ ଏଡ଼ାଇ ଯାଉଛନ୍ତି। ଏତେ ସ୍ୱଳ୍ପ ଅର୍ଥରେ କାମ କରି ଚଳିବା ଅସମ୍ଭବ। ତେଣୁ ସେମାନଙ୍କ ମୌଳିକ ଆବଶ୍ୟକତାର ତୁରନ୍ତ ସମାଧାନ କରିବାକୁ ସଂଘ ଦାବି କରିଛି।

# ପୂଜା ପାଇବେ ହର-ପାର୍ବତୀ

■ମହାଷ୍ଟମୀରେ ଶ୍ରଦ୍ଧାଳୁଙ୍କ ପାଇଁ ଦହି ପଖାଳ ବ୍ୟବସ୍ଥା

■୬୦ ଫୁଟ ଉଚ୍ଚର ଲାଇଟ୍ ଗେଟ୍ ମୁଖ୍ୟ ଆକର୍ଷଣ








“ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପୂଜା ପାଇଁ ପ୍ରସ୍ତୁତି ଜୋର୍‌ଦାର ରହିଛି। ଠାକୁରଙ୍କୁ ସ୍ୱର୍ଣ୍ଣ ଓ ଚାନ୍ଦି ଅଳଙ୍କାରରେ ଆଭୂଷଣ କରାଯିବ। ସୁରକ୍ଷା ଦୃଷ୍ଟିରୁ ମଣ୍ଡପରେ ୮ଟି ସିସି କ୍ୟାମେରା ଲଗାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ୫୦ଜଣ ସ୍ୱେଚ୍ଛାସେବୀ ରହିବେ ଏବଂ ଆବଶ୍ୟକ ପୋଲିସ ବ୍ୟବସ୍ଥା ମଧ କରାଯିବ।

ସନ୍ତୋଷ ସିଂ, ସଭାପତି



“କରୋନା ପରେ ଚଳିତବର୍ଷ ବିନା କଟକଣାରେ ପୂଜା କରାଯାଉଛି। ସେଥିପାଇଁ ସମସ୍ତେ ଉତ୍ସାହିତ ଅଛୁ। ଦୀର୍ଘବର୍ଷ ଧରି ଏଠାରେ ଦଶହରାରେ ହର-ପାର୍ବତୀଙ୍କୁ ଆବାହନ କରାଯାଇଥାଏ। ଏଥିସହ ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କୁ ନୂଆ ନୂଆ ତୋରଣ ଭେଟି ଦିଆଯାଇଥାଏ। ଏଥର ମଧ ସେପରି କିଛି ନୂଆ କରିବାକୁ ଚେଷ୍ଟା କରିଛୁ। ମହାଷ୍ଟମୀରେ ଲୋକଙ୍କ ପାଇଁ ଦହି ପଖାଳର ବ୍ୟବସ୍ଥା କରାଯାଇଛି।

ବୃନ୍ଦାବନ ଦାସ, ସମ୍ପାଦକ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

କାଶତଣ୍ଡୀ ଫୁଲେ ଫୁଲେ ଆଶ୍ୱିନର ଆଗମନ ହୋଇଛି। ମା’ ଜଗତ୍‌ଜନନୀ ଦେବୀ ଦୁର୍ଗାଙ୍କ ଧରାବତରଣକୁ ଚାହିଁ ରହିଛନ୍ତି ଶ୍ରଦ୍ଧାଳୁ। ମା’ଙ୍କୁ ଆବାହନ କରିବା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ପୁରପଲ୍ଲୀ। ଦୁଇବର୍ଷ ପରେ ବିନା କଟକଣାରେ ପୂଜା ହେଉଥିବାରୁ ଶ୍ରଦ୍ଧାଳୁଙ୍କଠାରୁ ଆରମ୍ଭ କରି ବିଭିନ୍ନ ପୂଜା କମିଟି ପର୍ଯ୍ୟନ୍ତ ସମସ୍ତେ ସ୍ୱତନ୍ତ୍ର ପ୍ରସ୍ତୁତି ଚଳାଇଛନ୍ତି। ଏହି କ୍ରମରେ ବଡ଼ଗଡ଼ର ନେତାଜୀ ଯୁବକ ସଂଘ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ତେବେ ଦଶହରାରେ ସମସ୍ତ ପୂଜା ମଣ୍ଡପରେ ଦେବୀ ଦଶଭୁଜାଙ୍କୁ ଆବାହନ କରାଯାଉଥିବାବେଳେ ଏଠାରେ ହର-ପାର୍ବତୀଙ୍କୁ ପୂଜା କରାଯାଏ। ମା’ ଦୁର୍ଗାଙ୍କ ପୂଜା ବିଧି ଅନୁଯାୟୀ ହରପାର୍ବତୀଙ୍କର ପୂଜା ଆରାଧନା କରାଯାଇଥାଏ। ୪୫ ବର୍ଷ ଧରି ଏହି ଧାରା ବଜାୟ ରହି ଆସିଛି। ଚଳିତବର୍ଷ ସଂଘ ପକ୍ଷରୁ ୪୬ତମ ପୂଜା ପାଳନ କରାଯାଉଛି। ଚଳିତବର୍ଷ ପୂଜା ପାଇଁ ୧୮ ଲକ୍ଷ ଟଙ୍କାର ବଜେଟ ଧାର୍ଯ୍ୟ କରାଯାଇଛି। କୋଲକାତାର ଗଙ୍ଗାକୂଳର ଏକ ମନ୍ଦିର ଆକୃତିର ତୋରଣ ପ୍ରସ୍ତୁତ କରାଯିବ। ଏଥିପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ହର ପାର୍ବତୀଙ୍କ ସହ କାର୍ତ୍ତିକ ଓ ଗଣେଶଙ୍କ ମୂର୍ତ୍ତି ସ୍ୱର୍ଣ୍ଣ ଓ ଚାନ୍ଦିର ତାରକସି କାମ ଦ୍ୱାରା ଅଳଙ୍କୃତ ହେବେ। ମହାଷ୍ଟମୀ ଦିନ ୨ହଜାର ଲୋକଙ୍କ ପାଇଁ ଦହି ପଖାଳର ବନ୍ଦୋବସ୍ତ କରାଯିବ। ସେହିପରି ନବମୀରେ ଠାକୁରଙ୍କ ପାଖରେ ବରା ଓ କାକରା ଭୋଗ ଏବଂ ଦଶମୀରେ ଖିରି ଭୋଗ ହେବ। ମୁଖ୍ୟ ଆକର୍ଷଣ ସାଜିବ ଆଲୋକ ସଜ୍ଜା। ୬ଟି ଆଲୋକ ତୋରଣ ହେବ। ସେହିପରି ନୂଆକରି ୬୦ ଫୁଟ ଉଚ୍ଚର ଏକ ଲାଇଟ୍ ଗେଟ୍ କରାଯିବ। ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି କାର୍ଯ୍ୟକ୍ରମ କରାଯିବ। ଏଥିରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ହ୍ୟୁମାନ ସାଗର, ସ୍ମିତା ପଣ୍ଡା, ଅଙ୍କିତା ପାତ୍ର, ଅମର ସାହୁ, ହାସ୍ୟାଭିନେତା ପପୁ ପମ୍‌ପମ୍ ପ୍ରମୁଖ ଯୋଗଦେବେ। ଭସାଣି ଦିନ ପାରମ୍ପରିକ ବାଦ୍ୟ ସହିତ ଡିଜେ, ସମ୍ବଲପୁରୀ ବାଜା, ଭାଙ୍ଗଡ଼ା, ପଞ୍ଜାବୀ ବାଜା, ଶିଙ୍ଗ ବାଜା, ଆଖଡ଼ା, ଘଣ୍ଟ, ଶଙ୍ଖ, ଢୋଲ ବାଜା, ସାନ୍ତାଳ ବାଜା, ନାଗା ନାଚ ଆଦି ବିରାଟ ପଟୁଆରରେ ମା’ଙ୍କୁ ମେଲାଣି ଦିଆଯିବ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ପରିବେଷିତ ନାଟକ ‘ମଣିଷ ଗଛର ଛାଇ’ ର ଏକ ଦୃଶ୍ୟ।

## ଉନ୍ନତ ପ୍ରମାଣିତ ବିହନ ଚାଷୀଙ୍କୁ ଠିକ୍ ସମୟରେ ପହଞ୍ଚାଅ: ମନ୍ତ୍ରୀ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଉନ୍ନତମାନର ବିହନ ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ପାଉଥିବାରୁ ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା ଉତ୍ପାଦିତ ଉନ୍ନତମାନର ପ୍ରମାଣିତ ବିହନ ଚାଷୀଙ୍କୁ ଠିକ୍ ସମୟରେ ଯୋଗାଇଦେବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଓଡ଼ିଶା ରାଜ୍ୟ ବିହନ ନିଗମର କାର୍ଯ୍ୟକ୍ରମର ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। କୃଷକମାନେ ଆବଶ୍ୟକ କରୁଥିବା ବିହନ କିସମର ଚାହିଦାକୁ ଅନୁଧ୍ୟାନ କରି ବିହନ ଉତ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅଧିକ ପରିମାଣର ହାଇବ୍ରିଡ୍ ବିହନ ଉତ୍ପାଦନ କରିବା ଓ ଏ ଦିଗରେ ଥିବା ସମସ୍ୟାର ସମାଧାନ ଦିଗରେ ଏକ କାର୍ଯ୍ୟଖସଡ଼ା ଆସନ୍ତା ୬ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା ପ୍ରସ୍ତୁତ ବିହନ ବିଭିନ୍ନ ପ୍ୟାକ୍ସ/ଲ୍ୟାମ୍ପସ୍ ଏବଂ ବେସରକାରୀ ଡିଲରମାନଙ୍କ ଦ୍ୱାରା ଚାଷୀଙ୍କୁ ବିକ୍ରି କରାଯାଉଛି। ତେବେ କୌଣସି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ନିମ୍ନମାନର ବିହନ ଯେପରି ବିକ୍ରି ନ ହୁଏ, ସେଥିପ୍ରତି ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିହନ ବିକ୍ରି ବ୍ୟବସ୍ଥାରେ ଚାଷୀଙ୍କୁ ଡିବିଟି ବ୍ୟବସ୍ଥାରେ ରିହାତି ହସ୍ତାନ୍ତର ବ୍ୟବସ୍ଥା ଥିବାବେଳେ ରବିଋତୁ ନିମନ୍ତେ ଓଟିପି ବ୍ୟବସ୍ଥା ସମ୍ପର୍କରେ ଚାଷୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ଡିଜେ ଉପରେ କଟକଣା

ବାଲିଅନ୍ତା,୨୭।୯(ଡି.ଏନ୍.ଏ.)

ଭିଙ୍ଗାରପୁର ଅଞ୍ଚଳ ଦୁର୍ଗାପୂଜାର ଏକ ସ୍ୱତନ୍ତ୍ରତା ରହିଛି। ଏଠାରେ ଦୀର୍ଘ ୭୫ ବର୍ଷ ଧରି ପୂଜା ଅନୁଷ୍ଠିତ ହୋଇଆସୁଛି। ପୂର୍ବବର୍ଷ ଭଳି ଚଳିତବର୍ଷ ଆଡ଼ମ୍ବର ସହକାରେ ଦୁର୍ଗାପୂଜା ପାଳନ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ପଞ୍ଚାୟତ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବଟକୃଷ୍ଣ ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ଏଥିରେ ୪ନଂ. ଜୋନ୍‌ର ଏସିପି ଶୁଭ ନାରାୟଣ ମୁଦୁଲି, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ବେହେରାଙ୍କ ସମେତ ୭ଟି ପୂଜା କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏବର୍ଷ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ମତ ପ୍ରକାଶ ପାଇଥିଲା। ୭ମୀଠାରୁ ୧୦ମୀ ପର୍ଯ୍ୟନ୍ତ ଭକ୍ତଙ୍କୁ ସୁବିଧାରେ ଦର୍ଶନ, ଭିଡ଼ ଓ ଯାନବାହନ ନିୟନ୍ତ୍ରଣ, ଭସାଣିରେ ଅଧିକ ଶବ୍ଦ ସୃଷ୍ଟିକାରୀ ଡିଜେ ଉପରେ କଟକଣା, ଭସାଣି ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ୧୦ଟା ଭିତରେ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।



ଭୁବନେଶ୍ୱର ସୂଚନା ଭବନଠାରେ ମଙ୍ଗଳବାର ପ୍ରଫେସର ବାଉରୀବନ୍ଧୁ କରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆୟୋଜିତ ସାରସ୍ୱତ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥିମାନେ ‘ମୋ ଅନ୍ତେ ମୋ ସ୍ୱପ୍ନ’ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ଅଭିଯୁକ୍ତ ପ୍ରେମିକ ଗିରଫ

ଭୁବନେଶ୍ୱର,୨୭।୯ (ବ୍ୟୁରୋ)

**ପ୍ରେମିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍**

ପ୍ରେମିକାଙ୍କ ଅଶ୍ଳୀଳ ଭିଡିଓ ଏବଂ ଫଟୋକୁ ଭାଇରାଲ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ହେଲେ ୟୁନିଟ୍-୩ ଲେବର କଲୋନୀରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ଟାଉନ ଥାନା ଅନ୍ତର୍ଗତ ବଡ଼ହାଟ ଗ୍ରାମର ଲୋକନାଥ ମହାରଣା(୨୪)। ପୋଲିସ ତାଙ୍କ ପାଖରୁ ଅଶ୍ଳୀଳ ଭିଡିଓ ଥିବା ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତ ଲୋକନାଥଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଲୋକନାଥ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଜୁଏଲାରୀ ଶୋ’ ରୁମ୍‌ରେ ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଭାବେ କାମ କରନ୍ତି। ସମ୍ପୃକ୍ତ ଯୁବତୀ ମଧ ସେଠାରେ କାମ କରୁଥିଲେ। ୪ମାସ ତଳେ ଉଭୟଙ୍କ ମଧ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହି ସମୟରେ ସମ୍ପୃକ୍ତ ଯୁବତୀଙ୍କ ସହ ଲୋକନାଥ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଭିଡିଓ ଓ ଫଟୋ ରଖିଦେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଝିଅଙ୍କ ସହିତ ଲୋକନାଥଙ୍କର ସମ୍ପର୍କ ଥିବା ଜାଣି ଯୁବତୀ ଜଣକ ତାଙ୍କଠୁ ଦୂରେଇ ଯାଇ କଥାବାର୍ତ୍ତା ବନ୍ଦ କରିଦେଇଥିଲେ। ଫଳରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ଫଟୋକୁ ସମ୍ପୃକ୍ତ ଯୁବତୀଙ୍କ ପରିବାର ଲୋକଙ୍କ ପାଖକୁ ପଠାଇ ଦେବେ ବୋଲି ଲୋକନାଥ ଧମକ ଦେଇଥିଲେ। ତେବେ ପରେ ଯୁବତୀଙ୍କ ଭିଣୋଇଙ୍କ ପାଖକୁ ଫେସବୁକ ମେସେଞ୍ଜର ଦ୍ୱାରା ଲୋକନାଥ ଉକ୍ତ ଅଶ୍ଳୀଳ ଭିଡିଓ ଓ ଫଟୋକୁ ପଠାଇ ଦେଇଥିଲେ। ଏନେଇ ସମ୍ପୃକ୍ତ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ସୋମବାର ଏକ ମାମଲା (ନଂ. ୩୧୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଓବିସିସି ତତ୍କାଳୀନ ସିନିୟର ମ୍ୟାନେଜରଙ୍କୁ ୨ ବର୍ଷ ଜେଲ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା, ୧୬ ବର୍ଷ ପରେ ରାୟ**

ଭୁବନେଶ୍ୱର,୨୭।୯ (ବ୍ୟୁରୋ)

ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୧୬ ବର୍ଷ ପରେ ମଙ୍ଗଳବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ରାୟ ଶୁଣାଇଛନ୍ତି। ଏହି ମାମଲାରେ ଅଭିଯୁକ୍ତ ଥିବା ଓଡ଼ିଶା ବ୍ରିଜ୍ ଓ କନ୍‌ଷ୍ଟ୍ରକ୍ସନ୍ କର୍ପୋରେଶନ୍ (ଓବିସିସି) ଲିଃର ତତ୍କାଳୀନ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ତଥା ସିନିୟର ମ୍ୟାନେଜର (ଟେଣ୍ଡର) ସୋମନାଥ ପଣ୍ଡା (୬୭)ଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ବିଶ୍ୱଜିତ ଦାସ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ, ସୋମନାଥ କୋରାପୁଟ୍‌ରେ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ ଭୁବନେଶ୍ୱରକୁ ବଦଳି ହୋଇ ଆସିଥିଲେ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ କୋରାପୁଟ ଭିଜିଲାନ୍ସ ଡିଭିଜନରେ ଅଭିଯୋଗ ହୋଇଥିଲା। ୨୦୦୫ ଡିସେମ୍ବର ୨୪ରେ କୋରାପୁଟ୍ ଭିଜିଲାନ୍ସ ଟିମ୍ ସୋମନାଥଙ୍କ ଭୁବନେଶ୍ୱରସ୍ଥିତ ବାସଭବନ, କାର୍ଯ୍ୟାଳୟ ଓ ଶ୍ୱଶୁର ଘର ଆଦି ଏକାଧିକ ସ୍ଥାନରେ ଚଢ଼ଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୩୦/୨୦୦୫) ରୁଜୁ କରାଯାଇ ସୋମନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ଶୁଣାଣି ସମୟରେ ୨୬ଜଣ ସାକ୍ଷୀ ଓ ୮୦ଟି ଦସ୍ତାବିଜର ତଥ୍ୟକୁ ଆଧାର କରି ସୋମନାଥ ୧୬ ଲକ୍ଷ ୩୩ ହଜାର ୯୪୧ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିବା କୋର୍ଟ ଜାଣିବାକୁ ପାଇଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ବନ୍ଦ ବଲ୍ଲାରପୁର କାଗଜ କଳରେ ହାତୀପଲ

ଚୌଦ୍ୱାର,୨୭।୯(ଡି.ଏନ୍.ଏ.)

ଦୀର୍ଘଦିନର ବ୍ୟବଧାନ ପରେ ପୁଣି ଚୌଦ୍ୱାର ଅଞ୍ଚଳରେ ହାତୀ ପଶିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନରେ ବନ୍ଦ ପଡିଥିବା ବଲ୍ଲାରପୁର କାଗଜ କଳ ପରିସରରେ ୩ ଟିକିଆ ହାତୀପଲ ପଶିଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖି ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡିଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଉକ୍ତ କାଗଜ କଳ ପାଚେରି ଭାଙ୍ଗି ଯାଇଥିବାରୁ ହାତୀମାନେ ଏହା ପରିସରରେ ଥିବା ଜଙ୍ଗଲିଆ ସ୍ଥାନରେ ଲୁଚି ରହିଛନ୍ତି।

## ସାନିଟାରି ନାପ୍‌କିନ ବର୍ଜନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୯(ବ୍ୟୁରୋ)




କର୍ମଶାଳାରେ ବିଏମ୍‌ସି ଡେପୁଟି କମିଶନର ଗାୟତ୍ରୀ ସାମନ୍ତରାୟ ଏବଂ ଅନ୍ୟ ଅତିଥିମାନେ।

ଆଇନା ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଋତୁସ୍ରାବ ପରିଚ୍ଛନ୍ନତାକୁ ବଜାୟ ରଖିବା ତଥା ପରିବେଶକୁ ସୁରକ୍ଷା ଦେବା ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଏମ୍‌ସି ଡେପୁଟି କମିଶନର ଗାୟତ୍ରୀ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଋତୁସ୍ରାବ ଏକ ସ୍ୱାଭାବିକ ପ୍ରକ୍ରିୟା। ଏଥିପାଇଁ ନାପ୍‌କିନ ବ୍ୟବହାର ମଧ ସମ୍ପୂର୍ଣ୍ଣ ସ୍ୱାଭାବିକ। ତେଣୁ ନାପ୍‌କିନ୍‌ର ବର୍ଜନକୁ ଏବେଠାରୁ ଧ୍ୟାନ ନ ଦେଲେ ଏହା ଆମ ପାଇଁ ଭବିଷ୍ୟତରେ ଏକ ବିଶାଳ ସମସ୍ୟା ହୋଇ ଛିଡ଼ାହେବ। ଆଇନାର ସମ୍ପାଦିକା ସ୍ନେହ ମିଶ୍ର କହିଥିଲେ, ସାନିଟାରି ନାପ୍‌କିନ୍‌ର ବର୍ଜନ ବର୍ତ୍ତମାନ ଏକ ବଡ଼ ସମସ୍ୟା ହୋଇଛି। ଅଧିକାଂଶ ମହିଳା ଥରେ ବ୍ୟବହାରଯୋଗ୍ୟ ସାନିଟାରି ନାପ୍‌କିନ୍ ବ୍ୟବହାର କରୁଛନ୍ତି, ଯାହା ସ୍ୱାଭାବିକ ପ୍ରକ୍ରିୟାରେ ମାଟିରେ ମିଶିପାରୁ ନାହିଁ। ତେଣୁ କିଛିବର୍ଷ ପରେ ମାଟି ଖୋଳିଲେ ଆମେ ଖାଲି ନାପ୍‌କିନ୍ ହିଁ ପାଇବା। ସେଥିପାଇଁ ସାନିଟାରି ନାପ୍‌କିନ୍ ଓ ଏହାର ବର୍ଜନ ବିଷୟରେ ଆଲୋଚନା କରିବା ଏବଂ ଏକ ନିଷ୍କର୍ଷ ବାହାର କରିବା ନିହାତି ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଡବ୍ଲ୍ୟୁସିଡି ନ୍ୟୁଟ୍ରିଶନର ଉପନିର୍ଦ୍ଦେଶିକା ଡା. ସ୍ମୃତିଜିତ ପଟ୍ଟନାୟକ ଉପସ୍ଥିତ ଥିଲେ। ୟୁନିସେଫ ଓଡ଼ିଶା ମୁଖ୍ୟ ମୋନିକା ନେଲ୍‌ସନ୍ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନରେ ତିନୋଟି ପର୍ଯ୍ୟାୟରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶେଷରେ ଆଇନାର ପ୍ରୋଗ୍ରାମ ନିର୍ଦ୍ଦେଶକ ଦିଲୀପ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାନିଟାରି ନାପ୍‌କିନ୍‌ର ଏକ ପ୍ରଦର୍ଶନୀ ହୋଇଥିଲା। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ପ୍ରାୟ ୧୫ଜଣ ବ୍ୟବସାୟୀ ଯୋଗଦେଇ ନିଜର ସାମଗ୍ରୀ (ସ୍ୱାଭାବିକ ପ୍ରକ୍ରିୟାରେ ମାଟିରେ ମିଶୁଥିବା ସାନିଟାରି ନାପ୍‌କିନ) ପ୍ରଦର୍ଶନ କରିଥିଲେ। କର୍ମଶାଳାରେ ୨୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ।

## କଳିଙ୍ଗ ରାଇଡର୍ସଙ୍କ ସୁପର ବାଇକ୍ ରାଲି

ଭୁବନେଶ୍ୱର, ୨୭।୯(ବ୍ୟୁରୋ)




**ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ**

■ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆରମ୍ଭ

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ପର୍ଯ୍ୟଟନ ବିଭାଗ ଦ୍ୱାରା ଓଡ଼ିଶା ବାୟ ରୋଡ଼ କ୍ୟାମ୍ପେନକୁ ଦୃଷ୍ଟିରେ ରଖି କଳିଙ୍ଗ ରାଇଡର୍ସଙ୍କ ଦ୍ୱାରା ମଙ୍ଗଳବାର ଇନଫୋସିଟି ଛକଠାରୁ ଧଉଳି ପର୍ଯ୍ୟନ୍ତ ଏକ ସୁପର ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଉତ୍କଳ ଗ୍ୟାଲେରିଆ ମଲ୍‌ରେ ହସ୍ତତନ୍ତ ପ୍ରଦର୍ଶନୀ ଏବଂ ଏସ୍‌ପ୍ଲାନେଡ୍ ମଲ୍‌ରେ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିସହ ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ଦ୍ୱାରା ଭଞ୍ଜକଳା ମଣ୍ଡପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଉପସ୍ଥିତ ଥିଲେ। ଅତିଥିମାନେ ଓଡ଼ିଶା ପର୍ଯ୍ୟଟନର ଉନ୍ନତି ସହିତ ଓଡ଼ିଶାକୁ ପର୍ଯ୍ୟଟକମାନଙ୍କର ଅଧିକରୁ ଅଧିକ ଆଗମନ ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ରିଟେନ୍‌ରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶାସନର ଅନ୍ତ ଘଟି ଚାର୍ଲସ୍ ତୃତୀୟଙ୍କ ରାଜୁତି ଆରମ୍ଭ ହୋଇଛି। ରାଜା ଚାର୍ଲସ୍‌ଙ୍କ ନୂଆ ମନୋଗ୍ରାମ ଅନାବରଣ କରାଯାଇଛି। ମଙ୍ଗଳବାର ପ୍ରଥମ ଥର ପାଇଁ ରାଜା ଏହି ମନୋଗ୍ରାମକୁ ବ୍ୟବହାର କରିଛନ୍ତି। କଲେଜ୍ ଅଫ୍ ଆର୍ମସ୍ ପକ୍ଷରୁ ଏହାକୁ ତିଆରି କରାଯାଇଛି। କ୍ୟାପିଟାଲ ସି ଓ କ୍ୟାପିଟାଲ ଆର୍ ପରସ୍ପରକୁ ସଂଲଗ୍ନ ହୋଇ ରହିଥିବାବେଳେ ଆର୍ ମଧ୍ୟରେ ରୋମାନ୍ ସଂଖ୍ୟା ୩ ଲେଖାଯାଇଛି।



# ହିଟ୍ ଗର୍ଲଙ୍କ ସ୍ମାର୍ଟ କ୍ୟାରିୟର



**ଦା**ଦା ସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଆଶା ପାରେଖ ଜଣେ ଶିଶୁ କଳାକାର ଭାବେ ଅଭିନୟ ଜଗତରେ ପାଦ ଥାପିଥିଲେ। ୧୯୫୨ରେ ଆଶାଙ୍କୁ ମାତ୍ର ୧୦ ବର୍ଷ ହେଉଥିବାବେଳେ ପ୍ରଯୋଜକ ବିମଳ ରୟ ମା' ଫିଲ୍ମରେ ତାଙ୍କୁ ସୁଯୋଗ ଦେଇଥିଲେ। ଅଳ୍ପ କେତୋଟି ଫିଲ୍ମରେ ଅଭିନୟ କରିବା ପରେ ସେ ନିଜ ଶିକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ଚଳଚ୍ଚିତ୍ରରୁ ବ୍ରେକ୍ ନେଇଥିଲେ। ପାଠପଢ଼ା ସାରି ୧୯୫୯ରେ ନାସିର ହୁସେନଙ୍କ 'ଦିଲ୍ ଦେକେ ଦେଖୋ'ରେ ଶମ୍ମି କପୁରଙ୍କ ବିପକ୍ଷରେ ଲିଡ୍ ଆକ୍ଟ୍ରେସ୍ ଭାବେ ଅଭିନୟ କରିଥିଲେ। ଏହା ପରେ ସେ ପଛକୁ ଫେରି ନ ଥିଲେ। ଆଶା ଓ ନାସିର ହୁସେନ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଭେଟିଦେଇଥିଲେ। ଜବ୍ ପ୍ୟାର୍ କିସି ସେ ହୋତା ହେ(୧୯୬୧), ଫିର୍ ୱହି ଦିଲ୍ ଲାୟା ହୁଁ(୧୯୬୩), ତିସ୍‌ରି ମଞ୍ଜିଲ(୧୯୬୬), ବାହାରୋଁ କେ ସପ୍‌ନେ(୧୯୬୭), ପ୍ୟାର୍ କା ମୌସମ(୧୯୬୯) ଓ କାରାବନ(୧୯୭୧)ର ସଫଳତା ପରେ ସେ ରାଜ୍ ଖୋସ୍‌ଲାଙ୍କ ଦୋ ବଦନରେ ନିଜ ଅଭିନୟର ଯାଦୁକରୀ ଦେଖାଇଥିଲେ। ଶକ୍ତି ସାମନ୍ତଙ୍କ କଟି ପତଙ୍ଗ ଆଶାଙ୍କୁ ନୂଆ ପରିଚୟ ଦେଇଥିଲା। କେବଳ ହିନ୍ଦୀ ଫିଲ୍ମ ନୁହେଁ, ଗୁଜରାଟୀ, ପଞ୍ଜାବୀ ଓ କନ୍ନଡ଼ ସିନେମାରେ ମଧ୍ୟ ଆଶା ଅତି ଚମତ୍କାର ଅଭିନୟ କରିଥିଲେ।

# କ୍ୟୁବାରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି

**କା**ରିବିଆନ୍ ଦେଶ କ୍ୟୁବା ପୁରୁଷ ସମଲିଙ୍ଗୀଙ୍କ ବିବାହକୁ ସ୍ୱୀକୃତି ଦେଇଛି। ରବିବାର ଏହା ସପକ୍ଷରେ ବହୁଳ ମତଦାନ ହୋଇଥିଲା। କ୍ୟୁବା ଜନସଂଖ୍ୟାର ୭୪% ବା ୮୪ ଲକ୍ଷ ଲୋକ ଏହି ପ୍ରସଙ୍ଗରେ ଭୋଟ ଦେବାକୁ ଯୋଗ୍ୟ ହୋଇଥିଲେ। ୩୯ ଲକ୍ଷ (୬୬%)ରୁ ଊର୍ଦ୍ଧ୍ୱ ସମଲିଙ୍ଗୀ ବିବାହ ସପକ୍ଷରେ ମତ ଦେଇଥିବାବେଳେ ୩୩% ଏହାକୁ ବିରୋଧ କରିଥିଲେ। ୧୦୦ ପୃଷ୍ଠା ଦସ୍ତାବିଜ ସମ୍ବଳିତ 'ଫ୍ୟାମିଲି କୋଡ୍' ଏହାକୁ ବୈଧ କରିବା ସହ ସେମାନେ ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ କିମ୍ବା ସରୋଗେସୀ ମାଧ୍ୟମରେ ସନ୍ତାନ ପ୍ରାପ୍ତ କରିପାରିବେ ବୋଲି ସମଲିଙ୍ଗୀ ଦମ୍ପତିଙ୍କୁ ଅନୁମତି ମିଳିଛି। କ୍ୟୁବା ରାଷ୍ଟ୍ରପତି ମିଗୁଏଲ୍ ଡିଆଜ୍ କାନେଲ ଏହାକୁ ସ୍ୱାଗତ କରିବା ସହ ନ୍ୟାୟ ହୋଇପାରିଛି ବୋଲି ଟୁଇଟ୍ କରିଛନ୍ତି। ୨୦୦୧ରେ ନେଦରଲାଣ୍ଡ୍‌ସ ସମଲିଙ୍ଗୀ ବିବାହକୁ ବୈଧ କରିଥିଲା। ଏହାପରେ କାନାଡା, ବେଲ୍‌ଜିୟମ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଜର୍ମାନୀ, ନ୍ୟୁଜିଲାଣ୍ଡ, ସୁଇଡେନ୍, ସୁଇଜରଲାଣ୍ଡ, ଆମେରିକା, ବ୍ରିଟେନ, ସ୍ପେନ୍, ନରୱେ, ବ୍ରାଜିଲ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଆଦି ସମେତ ପ୍ରାୟ ୩୦ ଦେଶ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେଇସାରିଛନ୍ତି।



# କ୍ୱାରାଣ୍ଟାଇନ୍‌ରେ ଥିଲେ ଜିନ୍‌ପିଙ୍ଗ୍



**ଚା**ଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ନେଇ ଉଠିଥିବା ଗୁଜବ ଓ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଉଜ୍‌ବେକିସ୍ତାନର ସମରକନ୍ଦ ଏସ୍‌ସିଓ ସମ୍ମିଳନୀରୁ ଗତ ୧୬ ତାରିଖରେ ଫେରିବା ପରଠୁ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାକୁ ନେଇ କେତେକ ଗଣମାଧ୍ୟମ ବିଶେଷକରି ସୋସିଆଲ ମିଡିଆରେ ନାନା କଥା ପ୍ରସାରିତ ହୋଇଥିଲା। କେହି କେହି ଜିନ୍‌ପିଙ୍ଗ୍‌ଙ୍କୁ ଗୃହବନ୍ଦୀ କରାଯାଇଥିବା ଏବଂ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଲି କୁଇଆମ୍‌ଇଙ୍ଗ୍ ପରବର୍ତ୍ତୀ ରାଷ୍ଟ୍ରପତି ହେବେ ବୋଲି କହୁଥିଲେ। ଶାସକ ଦଳ କିମ୍ବା ସରକାରଙ୍କ ପକ୍ଷରୁ ଏହା ଉପରେ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନ ଥିବାରୁ ଗୁଜବକୁ ବଳ ମିଳିଥିଲା। ତେବେ ମଙ୍ଗଳବାର ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେସବୁକୁ ଭୁଲ ପ୍ରମାଣିତ କରିଛନ୍ତି। ଚାଇନାର ଜିରୋ କୋଭିଡ୍ ପଲିସି ଅନୁଯାୟୀ ବିଦେଶରୁ ଫେରିବା ପରେ ସଂକ୍ରମଣ ଏଡ଼ାଇବା ପାଇଁ ଜିନ୍‌ପିଙ୍ଗ୍ କ୍ୱାରାଣ୍ଟାଇନରେ ରହିଥିବା କୁହାଯାଉଛି।

## ବୁର୍ଖା ନ ପିନ୍ଧିବାରୁ ସ୍ତ୍ରୀଙ୍କୁ ହତ୍ୟା

ମୁମ୍ବାଇ,୨୭।୯: ବୁର୍ଖା ପିନ୍ଧିବାକୁ ମନା କରିବାରୁ ମୁମ୍ବାଇର ଇକ୍‌ବାଲ ଶେଖ୍ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ସ୍ତ୍ରୀ ରୁପାଲି ହିନ୍ଦୁ ସମ୍ପ୍ରଦାୟର ହୋଇଥିବାବେଳେ ତିନି ବର୍ଷ ପୂର୍ବେ ସେ ଇକ୍‌ବାଲଙ୍କୁ ବିବାହ କରିଥିଲେ। ବୁର୍ଖା ପିନ୍ଧିବା ତଥା ଇସ୍‌ଲାମିକ ଚାଳିଚଳନ ଗ୍ରହଣ କରିବାକୁ ରୁପା ନାପସନ୍ଦ କରୁଥିବାବେଳେ ଶାଶୁଘର ଲୋକେ କିନ୍ତୁ ଏପରି କରିବାକୁ ତାଙ୍କ ଉପରେ ଚାପ ପକାଉଥିବା ରୁପାଙ୍କ ଘରଲୋକେ କହିଛନ୍ତି। କଳହ କାରଣରୁ ରୁପା ଶାଶୁଘର ଛାଡ଼ି ଅଲଗା ରହୁଥିଲେ। ସୋମବାର ରୁପା ଇକ୍‌ବାଲଙ୍କଠାରୁ ଅଲଗା ହେବା ପାଇଁ ଛାଡ଼ପତ୍ର ମାଗିଥିଲେ। ଯୁକ୍ତିତର୍କ ହେବାରୁ ସେ ଛୁରିରେ ରୁପାଙ୍କ ଗଳାକାଟି ହତ୍ୟା କରିଥିଲେ।

## ମୂର୍ତ୍ତି ଭାଙ୍ଗିଲେ ୨ ବୁର୍ଖା ପରିହିତା ମହିଳା

ହାଇଦ୍ରାବାଦ,୨୭।୯ : ହାଇଦ୍ରାବାଦର ଚିନ୍ତଲବସ୍ତିରେ ଥିବା ପୂଜା ମଣ୍ଡପରେ ମଙ୍ଗଳବାର ଦୁଇ ବୁର୍ଖାପିନ୍ଧା ମହିଳା ଦୁର୍ଗାମୂର୍ତ୍ତି ଭାଙ୍ଗିଦେଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ପିଛା କରି ଧରିବା ସହ ପୋଲିସକୁ ହସ୍ତାନ୍ତର କରିଥିଲେ। ସୈଫାବାଦ ପୋଲିସ ଉଭୟଙ୍କୁ ଗିରଫ କରିଛି। ଦୁର୍ଗାମୂର୍ତ୍ତି ଭାଙ୍ଗିବା ପୂର୍ବରୁ ସେମାନେ ଫାଷ୍ଟ ଲାନ୍‌ସରରେ ଥିବା ଚର୍ଚ୍ଚରେ ପଶି ମୂର୍ତ୍ତି ଭାଙ୍ଗିଥିଲେ।

## ଅସୁନ୍ଦରୀ କହିବାରୁ ସ୍ୱାମୀଙ୍କୁ ହାଣିଲେ ସ୍ତ୍ରୀ

ରାୟପୁର, ୨୭।୯: ଛତିଶଗଡ଼ ଦୁର୍ଗ ଜିଲା ଆମଲେଶ୍ୱର ଗ୍ରାମରେ ସଙ୍ଗୀତା ସ୍ୱାମୀଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ସଙ୍ଗୀତାଙ୍କ ରଙ୍ଗକୁ ନେଇ ସ୍ୱାମୀ ଅନନ୍ତ କଟାକ୍ଷ କରୁଥିଲେ। ଅନେକ ସମୟରେ ତାଙ୍କୁ ଅସୁନ୍ଦରୀ କହିବା ସହ କାଳୀ ବୋଲି ସମ୍ବୋଧନ କରୁଥିଲେ। ସଙ୍ଗୀତାଙ୍କୁ ଅସୁନ୍ଦରୀ କହିବାକୁ ନେଇ ରବିବାର ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସ୍ତ୍ରୀ ସଙ୍ଗୀତା ରାଗିଯାଇ ଘରେ ଥିବା କୁରାଢ଼ିରେ ଅନନ୍ତଙ୍କ ଯୌନାଙ୍ଗ କାଟି ଦେଇଥିବା ପୋଲିସ କହିଛି।

# ନର୍ଡ ଷ୍ଟ୍ରିମ୍‌ରେ ଗ୍ୟାସ୍ ଲିକ୍

**ୟୁକ୍ରେନ୍‌ର ପ୍ରତିରୋଧ ଓ ପାଶ୍ଚାତ୍ୟର କଟକଣାରେ ନଇଁପଡ଼ିଥିବା ରୁଷିଆ ଯାହା ପାରୁଛି ତାହା କରୁଛି। ଯୁଦ୍ଧର ୭ ମାସ ଭିତରେ ରୁଷୀୟ ସୈନ୍ୟ ଦଖଲ କରିଥିବା ଲୁହାନ୍‌ସ୍କ, ଡୋନେସ୍କ, ଖେରସୋନ୍ ଓ ଜାପୋରିଝିଆକୁ ରୁଷିଆ ସହ ମିଶ୍ରଣ ପାଇଁ ମଙ୍ଗଳବାର ଥିଲା ଗଣଭୋଟର ଶେଷଦିନ। ଏହି ଦିନ ଡାନିସ୍ ଦ୍ୱୀପ ବର୍ନହୋମ୍‌ର ଉତ୍ତରପୂର୍ବାଞ୍ଚଳରେ ନର୍ଡ ଷ୍ଟ୍ରିମ୍-୧ ପାଇପଲାଇନରୁ ହଠାତ ଗ୍ୟାସ୍ ଲିକ୍ ହୋଇଥିବା ନେଇ ଡେନ୍‌ମାର୍କର ସଶସ୍ତ୍ର ବଳ ଏକ ଭିଡିଓ ଜାରି କରିଛି। ଗ୍ୟାସ୍ ଲିକ୍ ହେଉଥିବା ଜଳରାଶିକୁ କୌଣସି ଜାହାଜ ପ୍ରବେଶ କଲେ ବିପଦ ସୃଷ୍ଟି ହୋଇପାରେ। ଏହା ପଛରେ କାହା ହାତ ଅଛି ସ୍ପଷ୍ଟ ହୋଇନାହିଁ। ଏଥିରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସମ୍ପୃକ୍ତି ସନ୍ଦେହ କରି ମସ୍କୋ ପୁନର୍ବାର ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛି। ଅନ୍ୟପକ୍ଷେ ଶକ୍ତି ସଙ୍କଟ ଦେଇ ଗତି କରୁଥିବା ୟୁରୋପ ଉପରେ ପ୍ରତିଶୋଧ ନେବା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଗ୍ୟାସ୍ ପାଇପଲାଇନରେ ଲିକ୍ କରାଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।**

## ପାଇପଲାଇନରେ ରହସ୍ୟଜନକ ଛିଦ୍ର



ବାଲଟିକ୍ ସାଗରରେ ପାଇପ୍‌ଲାଇନରୁ ଗ୍ୟାସ୍ ଲିକ୍ ହେଉଥିବାର ଦୃଶ୍ୟ।




ଷ୍ଟକ୍‌ହୋମ୍, ୨୭।୯

ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ପାଶ୍ଚାତ୍ୟ ଦେଶଗୁଡ଼ିକ ମସ୍କୋ ଉପରେ କଟକଣା ଜାରି କରିବାରେ ଲାଗିଛନ୍ତି। ରୁଷିଆ ସହ ତିକ୍ତତା ବଢ଼ି ଚାଲିଥିବାବେଳେ ମସ୍କୋରୁ ଗ୍ୟାସ୍ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅଧିକାଂଶ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଉଦ୍ୟମ କରୁଛନ୍ତି। ଏହା ମଧ୍ୟରେ ଚିନ୍ତାରେ ପକାଇଦେବା ଭଳି ଖବର ଆସିଛି। ରୁଷିଆରୁ ବାଲ୍‌ଟିକ୍ ସାଗର ଦେଇ ଜର୍ମାନୀ ପର୍ଯ୍ୟନ୍ତ ପ୍ରାକୃତିକ ବାଷ୍ପ ବା ନ୍ୟାଚୁରାଲ ଗ୍ୟାସ୍ ପରିବହନ ହେଉଥିବା ନର୍ଡ ଷ୍ଟ୍ରିମ୍ ପାଇପଲାଇନରୁ ରହସ୍ୟଜନକ ଭାବେ ଗ୍ୟାସ୍ ଲିକ୍ ହୋଇଛି। ସୋମବାର ନର୍ଡ ଷ୍ଟ୍ରିମ୍-୨ରେ ଗ୍ୟାସ୍ ଲିକ୍ ନେଇ ସୁଇଡେନ୍ ସତର୍କ କରାଇବା ପରେ ନର୍ଡ ଷ୍ଟ୍ରିମ୍-୧ରେ ମଧ୍ୟ ୨ଟି ଛିଦ୍ର ହୋଇଥିବା ମଙ୍ଗଳବାର କହିଛି। ନର୍ଡ ଷ୍ଟ୍ରିମ୍-୨ ଚାଲୁ ନ ଥିଲେ ମଧ୍ୟ ଏଥିରେ ଗ୍ୟାସ୍ ଭର୍ତ୍ତି ରହିଛି। ଏହାକୁ ନେଇ ଡେନ୍‌ମାର୍କ ଏବଂ ସୁଇଡେନ୍ ଚେତାଇ ଦେଇଛନ୍ତି। ବାଲ୍‌ଟିକ୍ ସାଗର ଦେଇ ଯାଉଥିବା ଜାହାଜଗୁଡ଼ିକ ପାଇଁ ଡେନ୍‌ମାର୍କ ସତର୍କ ସୂଚନା ଜାରି କରିଛି। ପାଇପଲାଇନ୍ ଥିବା ସ୍ଥାନରୁ ୫ ନଟିକାଲ ମାଇଲ ବ୍ୟାସାର୍ଦ୍ଧ ପରିବ୍ୟାପ୍ତ ଜଳରାଶିରେ ଜାହାଜ ଚଳାଚଳ ନ କରିବାକୁ ପରାମର୍ଶ ଦିଆଯାଇଛି। ପୋଲାଣ୍ଡ ଏବଂ ୟୁରୋପକୁ ରୁଷିଆରୁ ଗ୍ୟାସ ଆମଦାନୀ ବନ୍ଦ କରିବା ନିମନ୍ତେ ନୂଆ ପାଇପ୍‌ଲାଇନ ଉଦ୍‌ଘାଟନ ପାଇଁ ପାଶ୍ଚାତ୍ୟର ନେତାମାନେ ପୋଲାଣ୍ଡର ବୁନ୍ଦୋରେ ପହଞ୍ଚିଥିବାବେଳେ ପାଇପ୍‌ଲାଇନରୁ ଗ୍ୟାସ୍ ଲିକ୍ ଚିନ୍ତା ବଢ଼ାଇଦେଇଛି।

### ସତର୍କତା ଜାରି କଲା ଡେନ୍‌ମାର୍କ

ପ୍ରାୟ ୧,୨୩୦ କିଲୋମିଟର ପର୍ଯ୍ୟନ୍ତ ଏହି ପାଇପଲାଇନ ରୁଷିଆରୁ ବାଲ୍‌ଟିକ୍ ସାଗର ଦେଇ ଜର୍ମାନୀକୁ ଯାଇଛି। ଏହା ମଧ୍ୟରେ ଗ୍ୟାସ୍ ଭର୍ତ୍ତି କରାଯାଇଥିଲେ ହେଁ ଅଦ୍ୟାବଧି ପାଇପ୍‌ଲାଇନ ଦେଇ ପରିବହନ ହୋଇନାହିଁ। ଗ୍ୟାସ୍ ଲିକ୍‌ର କାରଣ ମଧ୍ୟ ଜଣାପଡ଼ିନାହିଁ। ନର୍ଡ ଷ୍ଟ୍ରିମ୍-୨ର ଅପରେଟରର ଜଣେ ମୁଖପାତ୍ର କହିଛନ୍ତି, ଡାନିସ୍ ଦ୍ୱୀପ ବର୍ନହୋମ୍‌ର ଉତ୍ତରପୂର୍ବରେ ସୋମବାର ପାଇପ୍‌ଲାଇନରୁ ଗ୍ୟାସ୍ ଲିକ୍ ହୋଇଥିବା ଜଣାପଡ଼ିଥିଲା। ପାଇପଲାଇନରେ ପ୍ରେସର ହ୍ରାସ ପାଇବା ପରେ ଜର୍ମାନୀ, ସୁଇଡେନ୍, ଫିନ୍‌ଲାଣ୍ଡ୍ ଏବଂ ରୁଷିଆ ଅଧିକାରୀମାନଙ୍କୁ ସଙ୍ଗେସଙ୍ଗେ ଏ ନେଇ ସୂଚନା ଦିଆଯାଇଥିଲା। ସେଥିରେ ୧୭୭ ନିୟୁତ କ୍ୟୁବିକ୍ ମିଟର ଗ୍ୟାସ୍ ଥିବାବେଳେ କିଛି ଦିନ ମଧ୍ୟରେ ତାହା ଲିକ୍ ହୋଇ ବାହାରିଯିବାର ଆଶଙ୍କା ରହିଛି। ପରିବେଶ ଉପରେ ଏହାର ପ୍ରଭାବ ନେଇ ଚିନ୍ତା ପ୍ରକାଶ ପାଇଥିବାବେଳେ ଏହି ଗ୍ୟାସ୍ ବିଷାକ୍ତ ନୁହେଁ ବୋଲି ଜର୍ମାନୀ ପରିବେଶବିତ୍‌ମାନେ କହିଛନ୍ତି। ପ୍ରକାଶ ଥାଉ କି, ନର୍ଡ ଷ୍ଟ୍ରିମ୍ ପାଇପଲାଇନ୍ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାବେଳେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ବିରୋଧ କରି ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏହି ପ୍ରକଳ୍ପକୁ ବାତିଲ କରିଥିଲେ।

## ପିଏଫ୍‌ଆଇ ବିରୋଧରେ ସାନି କାର୍ଯ୍ୟାନୁଷ୍ଠାନ

## ୭ ରାଜ୍ୟରୁ ୧୭୦ ଗିରଫ

ନୂଆଦିଲ୍ଲୀ,୨୭।୯ (ପି.ଟି.)

ଆତଙ୍କବାଦ ସହ ସମ୍ପୃକ୍ତି ନେଇ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ବିରୋଧରେ ଗତ ୨୨ ତାରିଖରେ ଏନ୍‌ଆଇଏ, ଇଡି ଏବଂ ରାଜ୍ୟ ପୋଲିସ ପକ୍ଷରୁ ଦେଶବ୍ୟାପୀ ଚଢ଼ାଉ ହୋଇ ୧୦୬ ଜଣଙ୍କୁ ଗିରଫ କରାଯାଇଥିଲା। ପିଏଫ୍‌ଆଇ ସହ ଜଡ଼ିତ ୧୯ଟି ମାମଲାର ତଦନ୍ତ ଏନ୍‌ଆଇଏ କରୁଛି। ମଙ୍ଗଳବାର ପୁଣିଥରେ ୭ ରାଜ୍ୟରେ ଚଢ଼ାଉ କରାଯାଇ ଏହି ସଂଗଠନ ସହ ସମ୍ପୃକ୍ତ ୧୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ମୁଖ୍ୟତଃ ରାଜ୍ୟ ପୋଲିସ ଟିମ୍ ଉତ୍ତରପ୍ରଦେଶ, କର୍ନାଟକ, ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର, ଆସାମ ଓ ମଧ୍ୟପ୍ରଦେଶରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଆସାମରୁ ୨୫ ଜଣ ଗିରଫ ହୋଇଥିବାବେଳେ ମହାରାଷ୍ଟ୍ରରୁ ୧୦, ଉତ୍ତରପ୍ରଦେଶରୁ ୫୭, ଦିଲ୍ଲୀରୁ ୩୦, ମଧ୍ୟପ୍ରଦେଶରୁ ୨୧ ଏବଂ ଗୁଜରାଟରୁ ୧୦ ଜଣଙ୍କୁ ଗିରଫ କରାଯାଇଛି। ଏହା ବ୍ୟତୀତ କର୍ନାଟକରୁ ମଧ୍ୟ କେତେଜଣ ଗିରଫ ହୋଇଛନ୍ତି। ୟୁପିରେ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍, ସ୍ପେଶାଲ ଟାସ୍କଫୋର୍ସ ଏବଂ ସ୍ଥାନୀୟ ପୋଲିସ ଏକସଙ୍ଗେ ୨୬ ଜିଲାରେ ଚଢ଼ାଉ କରିଥିଲେ। ସେଠାରୁ ବହୁପରିମାଣର ଦସ୍ତାବିଜ ଓ ପ୍ରମାଣ ମିଳିଛି।

## ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

## ରିସର୍ଟରେ ନିୟମିତ ଡ୍ରଗ୍ସ, ଗଣିକା ବୃତ୍ତି ଚାଲିଥିଲା

ଋଷିକେଶ,୨୭।୯

ଉତ୍ତରାଖଣ୍ଡର ବହିଷ୍କୃତ ଭାଜପା ନେତାଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କ ରିସର୍ଟରେ ୧୯ ବର୍ଷୀୟା ରିସେପ୍‌ସନିଷ୍ଟ ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ଜଣେ ପୂର୍ବତନ କର୍ମଚାରୀ ମୁହଁ ଖୋଲିଛନ୍ତି। ପୁଲକିତଙ୍କ ରିସର୍ଟରେ ନିୟମିତ ଡ୍ରଗ୍ସ କାରବାର ଓ ଗଣିକା ବୃତ୍ତି ଚାଲିଥିଲା। ରିସର୍ଟ ପରିଚାଳନା ବିଭାଗ ଗ୍ରାହକମାନଙ୍କୁ ବେଆଇନ ନିଶାଦ୍ରବ୍ୟ, ଗଞ୍ଜେଇ ଓ ଅନ୍ୟାନ୍ୟ ଡ୍ରଗ୍ସ ଯୋଗାଇଦେବା ସହ ଝିଅ ଯୋଗାଇ ଦେଉଥିଲେ ବୋଲି ରିଣିତା ନାମ୍ନୀ ପୂର୍ବତନ କର୍ମଚାରୀ କହିଛନ୍ତି। ଦୁଇ ମାସ ପୂର୍ବରୁ ରିଣିତା ଓ ତାଙ୍କ ସ୍ୱାମୀ ବିବେକ ଉକ୍ତ ରିସର୍ଟରେ କାମ କରୁଥିଲେ। ଅଗଷ୍ଟରେ ଅଙ୍କିତା ସେଠାରେ ଯୋଗଦେବା ପୂର୍ବରୁ ସେମାନେ ଛାଡ଼ିଦେଇଥିଲେ। ଗଣିକା ବୃତ୍ତିରେ ସାମିଲ ହେବା ଲାଗି ଅଙ୍କିତା ମନା କରିବାରୁ ପୁଲକିତ ଓ ତାଙ୍କ ରିସର୍ଟର ଦୁଇଜଣ କର୍ମଚାରୀ ତାଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସେମାନଙ୍କୁ ଗିରଫ କରାଯାଇଛି।

# ଶିଞ୍ଜୋ ଆବେଙ୍କ ଶେଷକୃତ୍ୟ ସମ୍ପନ୍ନ

ଟୋକିଓ,୨୭।୯

### ଶ୍ରଦ୍ଧାଞ୍ଜଳି ଜଣାଇଲେ ମୋଦି

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଶେଷକୃତ୍ୟ ମଙ୍ଗଳବାର ସମ୍ପନ୍ନ ହୋଇଛି। ୧୦ ହଜାର ଲୋକ ଉପସ୍ଥିତ ରହି ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ୧୯ ତୋପସଲାମୀ ଦିଆଯାଇଥିଲା। ୫୫ବର୍ଷ ପରେ ଜାପାନରେ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ଥିଲା ପ୍ରଥମ ରାଷ୍ଟ୍ରୀୟ ଶେଷକୃତ୍ୟ। ସାମରିକ ବାଦ୍ୟ ସହ ଆବେଙ୍କ ଚିତାଭସ୍ମକୁ କେନ୍ଦ୍ରୀୟ ଟୋକିଓସ୍ଥିତ ନିପନ ବୁଡୋକାନ୍ ହଲ୍‌କୁ ଶୋଭାଯାତ୍ରାରେ ଅଣାଯାଇଥିଲା। ହଜାର ହଜାର ଲୋକ ଉପସ୍ଥିତ ରହି ଆବେଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଶେଷକୃତ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୨୦ଟି ଦେଶର ରାଷ୍ଟ୍ରମୁଖ୍ୟ ଓ ଶାସନ ମୁଖ୍ୟ ଯୋଗଦେଇଥିଲେ। ଏହା ବ୍ୟତୀତ ଶତାଧିକ ରାଷ୍ଟ୍ରର ପ୍ରତିନିଧି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। ମୋଦି ପ୍ରଥମେ ଆକାସାକା ପ୍ୟାଲେସ୍‌ରେ ଆବେଙ୍କ ସ୍ତ୍ରୀ ଆକି ଆବେଙ୍କୁ ଭେଟି ସମବେଦନା ଜଣାଇଥିଲେ। ପରେ ସେ ଅନ୍ୟ ବିଶ୍ୱ ନେତାମାନଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶେଷକୃତ୍ୟରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗତ ଜୁଲାଇ ୮ରେ ଆବେ ଏକ ରାଜନୈତିକ ପ୍ରଚାର ସଭାରେ ଉଦ୍‌ବୋଧନ ଦେଉଥିବାବେଳେ ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ।



ଶିଞ୍ଜୋ ଆବେଙ୍କୁ ଶେଷ ସମ୍ମାନ ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# କୋଭିଡ୍ ଭାରିଆଣ୍ଟ ବିରୋଧରେ ସ୍ପାଇକ୍ ପ୍ରୋଟିନ୍ ଟିକା ଫଳପ୍ରଦ

ଚେନ୍ନାଇ,୨୭।୯ (ଆଇଏଏନ୍‌ଏସ୍)

### ଆଇଆଇଟି ଅଧ୍ୟୟନ

କୋଭିଡ୍-୧୯ର ବିଭିନ୍ନ ଭାରିଆଣ୍ଟ ବିରୋଧରେ ସ୍ପାଇକ୍ ପ୍ରୋଟିନ୍ ଟିକା ଫଳପ୍ରଦ ପ୍ରତିଷେଧକ ହୋଇପାରିବ ବୋଲି ଆଇଆଇଟି ମାଡ୍ରାସ୍‌ର ଏକ ଗବେଷକ ଟିମ୍ ଅଧ୍ୟୟନରୁ ଜାଣିପାରିଛନ୍ତି। ଟିକାଦ୍ୱାରା ଉତ୍ପ୍ରେରିତ ଟି-ସେଲ୍ କୋଭିଡ୍‌ର ଡେଲ୍‌ଟା ପ୍ଲସ୍, ଗାମା, ଜେଟା, ମିଙ୍କ୍ ଏବଂ ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣକୁ ରୋକିପାରିବ ବୋଲି ଅଧ୍ୟୟନରେ କୁହାଯାଇଛି। ସ୍ପାଇକ୍ ପ୍ରୋଟିନ୍ ଭିତ୍ତିକ ବିଭିନ୍ନ ଟିକା କେବଳ ଆଣ୍ଟିବଡି ରେସ୍‌ପନ୍ସକୁ ବଢ଼ାଉଛି କିମ୍ବା ଉଭୟ ଆଣ୍ଟିବଡି ଏବଂ ଟି-ସେଲ୍ ରେସ୍ପନ୍ସକୁ ବଢ଼ାଉଛି, ତାହା ଉପରେ ଟିକାର ଫଳପ୍ରଦତା ନିର୍ଭର କରେ ବୋଲି ଆଇଆଇଟି ମାଡ୍ରାସର ଆସିଷ୍ଟାଣ୍ଟ ପ୍ରଫେସର ବାଣୀ ଜାନକୀରମଣ କହିଛନ୍ତି। ପ୍ରଥମେ ବିଭିନ୍ନ ଭାରିଆଣ୍ଟର ମ୍ୟୁଟେଶନ୍‌ର ଏପିଟୋପ୍ ସେକ୍ୱେନ୍ସକୁ ଅନୁଶୀଳନ କରିବା ଦ୍ୱାରା ଯଦି ସେଗୁଡ଼ିକ ପ୍ରତିଷେଧକ ପ୍ରକ୍ରିୟାରେ ଥିବା ଟି-ସେଲ୍‌କୁ ବଢ଼ାଇପାରୁଥିବେ, ସେଥିରୁ ଟିକାର ପ୍ରତିରୋଧ ସାମର୍ଥ୍ୟ ଆକଳନ କରାଯାଇପାରିବ ବୋଲି ଜାନକୀରମଣ କହିଛନ୍ତି।



ଗବେଷକମାନଙ୍କ କହିବା ଅନୁଯାୟୀ, କୋଭିଡ୍ ଭାରିଆଣ୍ଟଗୁଡ଼ିକରେ ଭୂତାଣୁର ସ୍ପାଇକ୍ ପ୍ରୋଟିନ୍‌ରେ ଅଣୁସ୍ତରରେ ପରିବର୍ତ୍ତନ ହୋଇଥାଏ। ଏହି ପରିବର୍ତ୍ତନରେ ପ୍ରୋଟିନ୍ ସିକ୍ୱେନ୍ସ ସାମିଲ ଥାଇପାରେ, ଯାହାକୁ ଟି-ସେଲ୍ ଚିହ୍ନଟ କରିଥାଏ। ତେଣୁ କୋଭିଡ୍ ଭୂତାଣୁର ବିଭିନ୍ନ ଭାରିଆଣ୍ଟ ବିରୋଧରେ ଲଢ଼ିବାରେ ସ୍ପାଇକ୍ ପ୍ରୋଟିନ୍ ଟିକା ଫଳପ୍ରଦ ହୋଇପାରିବ ବୋଲି ସେମାନେ କହିଛନ୍ତି।

# ରାୟ୍ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୭।୯ (ପି.ଟି.)

ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ପ୍ରଦାନ ଲାଗି ସମ୍ବିଧାନର ୧୦୩ତମ ସଂଶୋଧନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଏ ସମ୍ପର୍କିତ ଏକାଧିକ ପିଟିଶନ୍‌ର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। ଇଡବ୍ଲ୍ୟୁଏସ୍ କୋଟା ସମ୍ବିଧାନର ମୂଳ ଢାଞ୍ଚାକୁ ଉଲ୍ଲଂଘନ କରୁଛି କି ନାହିଁ ଏନେଇ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଶୁଣାଣି କରିଥିଲେ। ଏନେଇ ଅଦାଲତ ଦୀର୍ଘ ସାଢ଼େ ୬ ଘଣ୍ଟା ଧରି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ, ସଲିସିଟର ଜେନେରାଲ ତୁଷାର ମେହେଟାଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀଙ୍କ ଯୁକ୍ତି ଶୁଣିଥିଲେ। ସାମ୍ବିଧାନିକ ପୀଠରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ, ଏସ୍. ରବୀନ୍ଦ୍ର ଭଟ୍ଟ, ବେଲା ଏମ୍. ତ୍ରିବେଦୀ, ଜେ.ବି. ପର୍ଡିୱାଲା ରହିଛନ୍ତି। ଗତ ୧୩ ତାରିଖରେ ପ୍ରଥମେ ଶିକ୍ଷାବିତ୍ ମୋହନ ଗୋପାଳ ନିଜର ଯୁକ୍ତି ଉପସ୍ଥାପନ କରି ଇଡବ୍ଲ୍ୟୁଏସ୍ କୋଟାକୁ ବିରୋଧ କରିଥିଲେ। ସଂରକ୍ଷଣର ଧାରଣାକୁ ନଷ୍ଟ କରିଦେବା ଲାଗି ଏହା ଛଳନାତ୍ମକ ତଥା ପଛଦ୍ୱାର ଉଦ୍ୟମ ବୋଲି ସେ କହିଥିଲେ। ବରିଷ୍ଠ ଆଇନଜୀବୀ ରବି ବର୍ମା କୁମାର, ପି. ୱିଲସନ, ମୀନାକ୍ଷୀ ଆରୋରା, ସଞ୍ଜୟ ପାରିଖ, କେ.ଏସ୍. ଚୌହାନ ପ୍ରମୁଖ କୋଟାକୁ ବିରୋଧ କରିଥିଲେ। ଏଥିରେ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ ବାହାରେ ଥିବା ଗରିବଙ୍କୁ ସାମିଲ କରାଯାଉଥିବାରୁ ଏହା ସ୍ୱଚ୍ଛଳ ବର୍ଗ ଧାରଣାକୁ ପ୍ରତିହତ କରୁଥିବା ସେମାନେ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ସଲିସିଟର ଜେନେରାଲ କହିଥିଲେ, ସାଧାରଣ ବର୍ଗରେ ରହିଥିବା ଦାରିଦ୍ର୍ୟ ଦୂରୀକରଣ ଲାଗି ସକାରାତ୍ମକ ପଦକ୍ଷେପ ନେବା କ୍ଷମତା ରାଷ୍ଟ୍ରର ରହିଛି। ସମ୍ବିଧାନ ସଂଶୋଧନ ଏହାର ମୂଳ ବିଶେଷତାକୁ ସୁଦୃଢ଼ କରୁଛି। କୌଣସି ପରିସଂଖ୍ୟାନରେ ଏହାର ବୈଧତାକୁ ପରୀକ୍ଷା କରାଯାଇପାରିବ ନାହିଁ ବୋଲି ସଲିସିଟର ଜେନେରାଲ କହିଥିଲେ। 'ୟୁଥ୍ ଫର୍ ଇକ୍ୱାଲିଟି' ନାମକ ଏନ୍‌ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଇଡବ୍ଲ୍ୟୁଏସ୍ କୋଟାକୁ ସମର୍ଥନ କରିବା ସହ ଏହା ସଠିକ୍ ଦିଗରେ ଠିକ୍ ପଦକ୍ଷେପ ବୋଲି କହିଥିଲେ।

### କେନ୍ଦ୍ରର ଇଡବ୍ଲ୍ୟୁଏସ୍ କୋଟାକୁ ଚ୍ୟାଲେଞ୍ଜ

**ଖସୁଛି ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୫ ଦିନ ହେବ ଷ୍ଟକ୍ ବଜାରର ଫଳାଫଳ ଖରାପ ରହିଛି। ଏପରିକି ଚଳିତ ସପ୍ତାହର ୨ କାର୍ଯ୍ୟ ଦିବସର ଫଳାଫଳ ଅନୁସାରେ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ ଖସି ଚାଲିଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ) ର ସେନ୍‌ସେକ୍ସ ପ୍ରାୟ ୩୮ (୩୭.୭୦) ପଏଣ୍ଟ୍ ବା ୦.୦୭% ହ୍ରାସ ପାଇ ୫୭,୧୦୮ (୫୭,୧୦୭.୫୨) ଅଙ୍କରେ ବନ୍ଦ ହୋଇଥିବା ବେଳେ ନ୍ୟାଶନାଲ୍ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି ମଧ ପ୍ରାୟ ୯ ପଏଣ୍ଟ ବା ୦.୦୫% ତଳକୁ ଖସି ୧୭,୦୦୭ (୧୭.୦୦୭.୪୦) ଅଙ୍କରେ ବନ୍ଦ ହୋଇଛି।

# ଆହୁରି ମହଙ୍ଗା ହୋଇପାରେ ଇଏମ୍‌ଆଇ

ନୂଆଦିଲ୍ଲୀ,୨୭।୯

ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବସିବ ବୋଲି ସୂଚନା ମିଳିଛି। ଏପରିକି ବୁଧବାର ଆର୍‌ବିଆଇର ୩ ଦିନିଆ ଏମ୍‌ପିସି ବୈଠକ ଆରମ୍ଭ ହେଉଛି। ବିଶେଷକରି ସେପ୍ଟେମ୍ବର ୩୦ରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଉକ୍ତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବେ ବୋଲି ଜଣାପଡ଼ିଛି। ସେହିଭଳି ଆର୍‌ବିଆଇ ମୁଦ୍ରାନୀତି କମିଟି ରେପୋ ରେଟ୍‌ରେ ୫୦ ବେସିସ୍ ପଏଣ୍ଟ ବଢାଇବା ଅଧିକ ସମ୍ଭାବନା ରହିଛି। ରେପୋ ରେଟ୍‌ରୁ ୫.୪୦% ରୁ ବଢାଇ ୫.୯୦% କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଯଦି ଏଭଳି କିଛି ନିଷ୍ପତ୍ତି ବା ଘୋଷଣା



କରାଯାଏ ତା' ହେଲେ ସାଧାରଣ ଲୋକଙ୍କ ଉପରେ ପୁଣି ଥରେ ମହଙ୍ଗା ମାଡ଼ର ବୋଝ ପଡିବ। ଏପରିକି ସବୁବର୍ଗର ଲୋକମାନେ ଇଏମ୍‌ଆଇ(ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟାଲମେଣ୍ଟ) ମାଡ଼ର ଶିକାର ହେବେ ବା ଇଏମ୍‌ଆଇ ମହଙ୍ଗା ହେବ ବୋଲି ଆଶଙ୍କା କରାଯାଉଛି। ଗତ ଅଗଷ୍ଟରେ ମୁଦ୍ରାସ୍ଫୀତି ୭% ରହିଥିଲା। ସେହିପରି ଆର୍‌ବିଆଇର ଧାର୍ଯ୍ୟ ସ୍ତର ୬% ଠାରୁ ଏହା ଅଧିକ ଥିଲା।

**ଆଜିଠାରୁ ଆର୍‌ବିଆଇର ଏମ୍‌ପିସି ବୈଠକ**

ଆର୍‌ବିଆଇ ଲଗାତର ୪ର୍ଥ ଥର ପାଇଁ ମୁଦ୍ରାନୀତି ବୈଠକରେ ରେପୋ ରେଟ୍‌ରେ ବୃଦ୍ଧି କରିପାରେ ବୋଲି ଚର୍ଚ୍ଚା ହେଉଛି। ଆର୍‌ବିଆଇ ରେପୋ ରେଟ୍ ବଢାଇବା ପରେ ବ୍ୟାଙ୍କ ଋଣ ଅଧିକ ହେବ, ଯାହାର ପ୍ରଭାବ ସବୁ ବର୍ଗର ଗ୍ରାହକଙ୍କ ଉପରେ ପଡ଼ିବ ବୋଲି କୁହାଯାଉଛି। ରେପୋ ରେଟ୍ ବଢ଼ିବା ପରେ ହୋମ୍ ଲୋନ୍, କାର୍ ଲୋନ୍ ଏବଂ ବିଜ୍‌ନେସ୍ ଲୋନ୍ ମଧ୍ୟ ମହଙ୍ଗା ହେବ। ପୂର୍ବରୁ ଯେଉଁମାନେ ରେପୋ ରେଟ୍ ଆଧାରିତ ହୋମ୍ ଲୋନ୍ ନେଇଛନ୍ତି ସେମାନଙ୍କ ଇଏମ୍‌ଆଇ ମଧ୍ୟ ବଢ଼ିବାର ସମ୍ଭାବନା ରହିଛି। ୨୦୨୨ରେ ଆର୍‌ବିଆଇ ରେପୋ ରେଟ୍‌ରେ ୧.୪୦% ବଢାଇଛି। ଫଳରେ ପ୍ରଥମ ଥର ଆର୍‌ବିଆଇ ମେ ମାସରେ ୪୦ ବେସିସ୍ ପଏଣ୍ଟ, ଦ୍ୱିତୀୟ ଥର (ଜୁନ୍)ରେ ୫୦ ବେସିସ୍ ପଏଣ୍ଟ ଏବଂ ୩ୟ ଥର ଅଗଷ୍ଟ ମାସରେ ୦.୫୦%ର ହାର ବୃଦ୍ଧି କରାଯାଇଥିଲା। ଉଲ୍ଲେଖଯୋଗ୍ୟ, କ୍ରମାଗତ ଭାବେ ଆମେରିକାର ଫେଡେରାଲ ରିଜର୍ଭ ବ୍ୟାଙ୍କ ସୁଧ ହାର ବୃଦ୍ଧି କରିଚାଲିଥିବାରୁ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ସାଙ୍ଗକୁ ବଜାର କାରବାରରେ ମଧ୍ୟ ବଡ଼ ଧରଣର ପରିବର୍ତ୍ତନ ହେଉଛି। ଏପରିକି ଭାରତୀୟ ଶେୟାର ବଜାରରେ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ଗତ ୫ ଦିନ ( ୫ଟି କାର୍ଯ ଦିବସ) ରେ ପ୍ରାୟ ୧୪ ଲକ୍ଷ କୋଟି ଟଙ୍କାର ନିବେଶ ହ୍ରାସ ପାଇଛି। ଏଭଳି ସ୍ଥିତିରେ ଯଦି ରେପୋ ରେଟ୍ ବୃଦ୍ଧି ପାଏ ତା' ହେଲେ ବଜାର କାରବାର ସାଙ୍ଗକୁ ଅର୍ଥନୈତିକ କାରବାର ମଧ୍ୟ ବେଶ୍ ପ୍ରଭାବିତ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# 'ଭିଭୋ ଇଗ୍‌ନାଇଟ୍ ଅଭିଯାନ'

ନୂଆଦିଲ୍ଲୀ,୨୭।୯

ଅନ୍ତର୍ଜାତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋ ପକ୍ଷରୁ ଦେଶବ୍ୟାପୀ ଭିଭୋ ଇଗ୍‌ନାଇଟ୍ ଅଭିଯାନର ଶୁଭାରମ୍ଭ କରାଯାଇଛି। ଉକ୍ତ ଅଭିଯାନରେ ଦେଶର ୮ମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ ପାଇଁ ଆବେଦନ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଏହା ପରିଚାଳିତ ହେବ। ଉକ୍ତ ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ଭିଭୋ ପକ୍ଷରୁ ସାଇନ୍ସ ଆଣ୍ଡ୍ ଇନୋଭେଶନ ଆୱାର୍ଡସ୍‌ର ଆୟୋଜନ କରାଯିବ। ଯାହା ଅଭିନବ ଚିନ୍ତକ ଓ ୧୦ଜଣ ଶୀର୍ଷ ବିଜେତାଙ୍କୁ ୨୫ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ନଗଦ ପୁରସ୍କାର ସହ ସ୍ୱୀକୃତି ପ୍ରଦାନ କରିବ। ଉକ୍ତ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆସନ୍ତା ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଆଶାୟୀ ଛାତ୍ରୀଛାତ୍ରମାନେ ଏହାର ୱେବ୍‌ସାଇଟ ଜରିଆରେ ପଞ୍ଜୀକରଣ ପାଇଁ ଲଗ୍‌ଅନ୍ ମଧ କରିପାରିବେ।

# ଦି ମ୍ୟାନ୍ ଗାର୍ମେଣ୍ଟସ ଷ୍ଟୋରର ପୂଜା ଅଫର



କଟକ,୨୭।୯

ଚଳିତ ବର୍ଷର ପାର୍ବଣ ଋତୁ ଅବସରରେ 'ଦି ମ୍ୟାନ୍ ମଲ୍ଟିବ୍ରାଣ୍ଡ ଗାର୍ମେଣ୍ଟସ ଷ୍ଟୋରର ନୂତନ ଆଉଟ୍‌ଲେଟ୍ କଟକର ମଙ୍ଗଳାବାଗଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମହିଳା ଉଦ୍ୟୋଗୀ ଶକୁନ୍ତଳା ଦେବୀ ଓ ପ୍ରୀତି ଗିଲ୍‌ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ କେକେସିଏଲ୍‌ର ଡିଜିଏମ୍ ତପେଶ ଚତୁର୍ବେଦୀ କହିଛନ୍ତି, ଗୋଟିଏ ଛାତ ତଳେ ସ୍ୱାଇକର, ଲ ମ୍ୟାନ୍ ପିଜିମ ଇଣ୍ଟିଗ୍ରିଟି, ଲି କୁପର, ଜନ ପ୍ଲେୟାର, ୟୁଏସ୍ ପୋଲୋ, ଇଣ୍ଡିଆନ ଟାରେନ, ଜେ ହାମଷ୍ଟେଡ୍, ମଣ୍ଟ ବ୍ୟାଙ୍କୋ ଭଳି ମଲ୍ଟି ବ୍ରାଣ୍ଡର ପୋଷାକ ମିଳୁଥିବାରୁ ଗ୍ରାହକ ନିଜର ମନପସନ୍ଦର ପୋଷାକ ଏଠାରୁ ପାଇପାରିବେ। ଏପରିକି ଚଳିତ ପାର୍ବଣ ପାଇଁ ବିଭିନ୍ନ ବ୍ରାଣ୍ଡର ପୋଷାକ ଉପରେ ଗ୍ରାହକ ୭%ରୁ ଆରମ୍ଭକରି କ୍ୟାଶ୍‌ବ୍ୟାକ ଓ ପ୍ରମୋ ଗିଫ୍ଟର ସୁବିଧା ମଧ ପାଇପାରିବେ ବୋଲି ଚତୁର୍ବେଦୀ ସୂଚନା ଦେଇଛନ୍ତି। ବିଶେଷକରି ଦି ମ୍ୟାନ୍ ଷ୍ଟୋରରେ ୧୮ରୁ ୫୦ବର୍ଷ ବୟସର ଗ୍ରାହକଙ୍କ ପାଇଁ ଡେନିମ ଶାର୍ଟ, ଟି-ଶର୍ଟ, ଟ୍ରାଉଜର, ବରମୁଣ୍ଡା ସର୍ଟ ଭଳି ପୋଷାକ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି ବୋଲି ଫ୍ରାଞ୍ଚାଇଜ୍ ରଭି ଗିଲ୍‌ରା ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ କୋଭିଡ୍ କଟକଣା ଯୋଗୁ ଗତ ୨ ବର୍ଷ ହେବ ବ୍ୟବସାୟ ଆଶାନୁରୂପ ଭାବେ ହୋଇପାରି ନ ଥିଲା ବେଳେ ଚଳିତବର୍ଷ ଏଥିରେ ଉନ୍ନତି ପରିଲକ୍ଷିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ବ୍ରାଣ୍ଡର ମାଷ୍ଟର ଫ୍ରାଞ୍ଚାଇଜ୍ ଥିବା ଯୁବ ଉଦ୍ୟୋଗୀ ଦୀପକ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ଓ ବିନୋଦ ଅଗ୍ରୱାଲ ଦି ମ୍ୟାନ୍ ଷ୍ଟୋରର ଆଉଟ୍‌ଲେଟ୍ ଖୋଲି ଗ୍ରାହକମାନଙ୍କୁ ସେମାନଙ୍କର ମନପସନ୍ଦର ଡ୍ରେସ୍ (ପୋଷାକ) ଯୋଗାଇ ଦେଉଛନ୍ତି ବୋଲି ଗିଲରା ସୂଚନା ଦେଇଛନ୍ତି।

# ପାର୍ବଣରେ ହିରୋ ମୋଟୋକର୍ପର 'ହିରୋ ଗିଫ୍ଟ'

**'ଗ୍ରାଣ୍ଡ ଇଣ୍ଡିଆନ ଫେଷ୍ଟିଭାଲ ଅଫ୍ ଟ୍ରଷ୍ଟ'**




ନୂଆଦିଲ୍ଲୀ,୨୭।୯

ଚଳିତ ବର୍ଷର ପାର୍ବଣ ଅବସରରେ ହିରୋ ମୋଟୋକର୍ପ ପକ୍ଷରୁ 'ହିରୋ ଗିଫ୍ଟ' ଗ୍ରାଣ୍ଡ ଇଣ୍ଡିଆନ ଫେଷ୍ଟିଭାଲ ଅଫ୍ ଟ୍ରଷ୍ଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଅନ୍ତର୍ଗତ ରୋମାଞ୍ଚକର ମଡେଲ ସତେଜତା, ଖୁଚୁରା ଲାଭ, ବହୁ ଆର୍ଥିକ ଯୋଜନା, ପ୍ରି-ବୁକିଂ ଅଫର ସମେତ ବହୁ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ସେହିଭଳି ହିରୋ ଗିଫ୍ଟ କାର୍ଯ୍ୟକ୍ରମ ଏକ ବିଶ୍ୱାସନୀୟତା ଅନୁଭୂତି ଯାହା ହିରୋ ବ୍ରାଣ୍ଡ ଗ୍ରାହକଙ୍କ ମଧ୍ୟରେ ସୃଷ୍ଟି କରିପାରିଛି। ଚଳିତ ବର୍ଷର ଏହି ମେଗା ଅଭିଯାନର ବିଷୟବସ୍ତୁ ହେଉଛି 'ଇଣ୍ଡିଆ ଲେଟସ୍ ସେଲିବ୍ରେଟ୍, ଫିର୍ ସେ ଦିଲ୍ ସେ', ଯାହା ଉତ୍ସାହକୁ ପ୍ରତିଫଳିତ କରିଥାଏ; ଯେଉଁଥିରେ ଦେଶର ନାଗରିକମାନେ ୨ବର୍ଷର ବ୍ୟବଧାନ ପରେ ସାଧାରଣ ପାର୍ବଣ ଋତୁ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ରଞ୍ଜୀବଜିତ ସିଂ କହିଛନ୍ତି, ୧୦୦ ମିଲିୟନରୁ ଅଧିକ ଗ୍ରାହକଙ୍କ ବ୍ୟକ୍ତିଗତ ଗତିଶୀଳତାର ସେବା କରି ହିରୋ ମୋଟୋକର୍ପ ଭାରତୀୟ ପରିବାରର ଜଣେ ବିଶ୍ୱସ୍ତ ସଦସ୍ୟ ଭାବେ ପରିଗଣିତ ହୋଇଛି। ଆମେ ଆଶା କରୁଛୁ ଯେ ହିରୋ ଗିଫ୍ଟ ଗ୍ରାହକଙ୍କ ମନୋବଳକୁ ଏକ ବଡ଼ ଉତ୍ସାହ ଯୋଗାଇବ। ଏହାଦ୍ୱାରା ଆନନ୍ଦ ସହ ଉତ୍ସାହର ଅନୁଭୂତି ସୃଷ୍ଟି ହେବ। ଫଳରେ ଏହା ରୋମାଞ୍ଚକର ନୂତନ ଲାଭ ସହ ଗ୍ରାହକଙ୍କ ବିଶ୍ୱାସକୁ ପୁନଃ ପ୍ରମାଣିତ କରିବାକୁ ସକ୍ଷମ ହେବ। ଏହା ସେମାନଙ୍କୁ ଆଇକନିକ ହିରୋ ଉତ୍ପାଦ ସହିତ ଆସୁଥିବା ପ୍ରେମ ଏବଂ ସୁଖକୁ ଘରକୁ ନେବାକୁ ଆକର୍ଷିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# କମିଶନରେଟ୍ ପୋଲିସକୁ ୬ପିସିଆର୍ ଭ୍ୟାନ୍ ଦେଲା ନାଲ୍‌କୋ




ଭୁବନେଶ୍ୱର,୨୭।୯

ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ପକ୍ଷରୁ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ୍‌କୁ ୬ଟି ନୂଆ ପୋଲିସ୍ ନିୟନ୍ତ୍ରଣ କକ୍ଷ (ପିସିଆର) ଭ୍ୟାନ୍ ଯୋଗାଇ ଦିଆଯାଇଛି। ବିଶେଷ କରି ଦ୍ୱୈତ ନଗରୀ (କଟକ-ଭୁବନେଶ୍ୱର) ର ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସାଙ୍ଗକୁ ବିଭିନ୍ନ ପରିସ୍ଥିତିରେ ତଦାରଖ ପ୍ରକ୍ରିୟାକୁ ସୁଦୃଢ଼ କରିବାରେ ଏହା ବେଶ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ସ୍ଥାନୀୟ କମିଶନରେଟ୍ ପୋଲିସ୍ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲ୍‌କୋ ପକ୍ଷରୁ ଉକ୍ତ (୬ଟି) ପିସିଆର୍ ଭ୍ୟାନ୍ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ୍‌କୁ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି, ନାଲ୍‌କୋ କେୟାରିଂ ଓ ଶେୟାରିଂ ମୂଲ୍ୟବୋଧରେ ବିଶ୍ୱାସ କରେ। ଏପରିକି ନାଲ୍‌କୋ ପକ୍ଷରୁ ପୋଲିସ୍ ପ୍ରଶାସନକୁ ପ୍ରଦାନ କରାଯାଉଥିବା ପିସିଆର୍ ଭ୍ୟାନ୍ ସମାଜରେ ପ୍ରଭାବଶାଳୀ ପୋଲିସ ବ୍ୟବସ୍ଥା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ପାତ୍ର ମତ ପ୍ରକାଶ କରିଛନ୍ତି। ସେହିଭଳି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ନାଲ୍‌କୋର ଏପରି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ଆଗାମି ଦିନରେ ମଧ କମ୍ପାନୀ ଏପରି ସହାୟତା ଜାରି ରଖିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ନାଲ୍‌କୋ କ୍ରମାଗତ ଭାବେ ସହାୟତା ସ୍ୱରୂପ କମିଶନରେଟ୍ ପୋଲିସ୍‌କୁ ପିସିଆର ଭ୍ୟାନ୍ ପ୍ରଦାନ କରି ଆସୁଛି। କମିଶନରେଟ୍ ପୋଲିସ୍ ମୁଖ୍ୟାଳୟଠାରେ ଭୁବନେଶ୍ୱର-କଟକ ପୋଲିସ୍ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଏବଂ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉକ୍ତ ପିସିଆର୍ ଭ୍ୟାନ୍‌ଗୁଡ଼ିକୁ କମିଶନରେଟ୍ ପୋଲିସ୍ ଏବଂ ନାଲ୍‌କୋର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରିଛନ୍ତି।

# ୫୦୦୦ କୋଟି ନିବେଶ କରିବ ଗୋଲ୍‌ଡି

GOLDI SOLAR

ନୂଆଦିଲ୍ଲୀ,୨୭।୯

ଦେଶର ପ୍ରମୁଖ ଷ୍ଟାର୍ଟଅପ୍ କମ୍ପାନୀ 'ଗୋଲ୍‌ଡି ସୋଲାର' ପକ୍ଷରୁ ବ୍ୟବସାୟ ବିସ୍ତାର ଯୋଜନାର ଏକ ଅଂଶ ଭାବେ ପ୍ରାୟ ୫୦୦୦ କୋଟି ଟଙ୍କାର ନିବେଶ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଗୋଲ୍‌ଡି ସୋଲାର ୨୦୨୫ ସୁଦ୍ଧା କ୍ଷମତା ସମ୍ପ୍ରସାରଣ ସହ ଏଚ୍‌ଜେଟି ଟେକ୍ନୋଲୋଜିରେ ପ୍ରବେଶ କରିବାକୁ ମଧ ଘୋଷଣା କରିଛି। ଏହା ବ୍ୟତୀତ ହେଲୋକ ପ୍ଲସ୍ ପ୍ରଦାନ କରୁଥିବା ଏକ ନୂଆ ଉତ୍ପାଦକୁ ମଧ ଉନ୍ମୋଚନ କରାଯାଇଛି। ଏହା ଉଚ୍ଚ ଦକ୍ଷତା ଓ ହେଟେରୋଜେକ୍ସନ ଟେକ୍ନୋଲୋଜି ସହ ମଡ୍ୟୁଲ ସିରିଜର। ବିଶେଷକରି ଥରେ ଲଞ୍ଚ ହେବା ପରେ ଏହା ଭାରତରେ ବୃହତ୍ ୭୧୦ଡବ୍ଲ୍ୟୁପି ସୋଲାର ମଡ୍ୟୁଲ ଭାବେ ସମ୍ପୂର୍ଣ୍ଣ ସ୍ୱଦେଶୀ ଭାବେ ଉତ୍ପାଦିତ ହେବ। ଗୋଲ୍‌ଡି ସୋଲାର ଏକ ମଡ୍ୟୁଲ, ସେଲ୍ ଏବଂ କଞ୍ଚାମାଲ ଉତ୍ପାଦନ କ୍ଷମତା ସହିତ ଏକ ଏଣ୍ଡ-ଟୁ-ଏଣ୍ଡ ଏବଂ ଭୂଲମ୍ବ ଭାବେ ଏକୀକୃତ କମ୍ପାନୀ ହେବାକୁ ଲକ୍ଷ୍ୟ ରଖିଛି। ସେହି ଅନୁସାରେ ଗୁଜରାଟଠାରେ ଏହାର ସେଲ୍ ଉତ୍ପାଦନ ୟୁନିଟ୍ ଆରମ୍ଭ କରିବାକୁ ଯୋଜନା କରିଛି। ପରବର୍ତ୍ତୀ ସମୟରେ ଏହାର କ୍ଷମତାକୁ ୫ଜିଡବ୍ଲ୍ୟୁକୁ ବୃଦ୍ଧି କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଗୋଲ୍‌ଡି ସୋଲାର ବିଭିନ୍ନ କାର୍ଯ୍ୟରେ ୪୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେବାକୁ ମଧ ଯୋଜନା କରିଛି, ଯାହାକି ବର୍ତ୍ତମାନର କର୍ମଜୀବୀ ସମେତ ୫,୫୦୦ରୁ ଅଧିକକୁ ବୃଦ୍ଧି ପାଇବ। ଏ ସମ୍ପର୍କରେ ଗୋଲ୍‌ଡି ସୋଲାରର ପରିଚାଳନା ନିର୍ଦ୍ଦେଶକ କ୍ୟାପ୍‌ଟେନ ଈଶ୍ୱର ଢୋଲକିଆ କହିଛନ୍ତି, ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ଗୋଲ୍‌ଡି ସୋଲାର ଏହାର ପ୍ରସ୍ତାବିତ ଉତ୍ପାଦନ ସୁବିଧା ସହ ସ୍ଥାନୀୟ ଆଦିବାସୀ ଅଞ୍ଚଳରୁ ୨୫% କର୍ମନିଯୁକ୍ତି ପ୍ରଦାନ କରିବ। ନବୀକରଣ ଯୋଗ୍ୟ କ୍ୟାରିୟର ପାଇଁ ମଧ୍ୟ ଏହା ନିଯୁକ୍ତି କ୍ଷେତ୍ରରେ ଉପଯୁକ୍ତ ତାଲିମ ବ୍ୟବସ୍ଥା ରଖିବ ଯାହା ଗୁଜରାଟରେ ନାଭସାରିରେ (ରାଷ୍ଟ୍ରୀୟ ଦକ୍ଷତା ପରିଷଦ) ସହଯୋଗରେ ଖୋଲିବାକୁ ଯୋଜନା ରଖିଛି। ସେହିଭଳି ଗୋଲ୍‌ଡି ସୋଲାରର ନିର୍ଦ୍ଦେଶକ ଭାରତ ଭୁତ କହିଛନ୍ତି, ଗୋଲ୍‌ଡି ସୋଲାର କ୍ରମାଗତ ଭାବେ ଗୁଣାତ୍ମକ ମଡ୍ୟୁଲ ସୃଷ୍ଟି ଓ ବିତରଣ କରି ଆସିଛି। ଆମର ମନ୍ତ୍ର ହେଉଛି ଉନ୍ନତ ତଥା ଅଧିକ ଦକ୍ଷ ଉତ୍ପାଦ ଯୋଗାଇବା। ଆମର ଗୁଣାତ୍ମକ ନୈତିକତା ଅନୁଯାୟୀ ଆମେ ଏକ ଉତ୍ସର୍ଗୀକୃତ ଉତ୍ପାଦ ବିକାଶ ଓ ଆଣ୍ଡ ଡି ଦଳ ଗଠନ କରିବାକୁ ଇଚ୍ଛା କରୁଛୁ ଯାହା ଉଚ୍ଚ ଦକ୍ଷତା ମଡ୍ୟୁଲ ଗଠନକୁ ତ୍ୱରାନ୍ୱିତ କରିବ। ସେହିପରି ଗୋଲ୍‌ଡି ଷ୍ଟାରର ପ୍ରେସିଡେଣ୍ଟ ଓ ଗ୍ଲୋବାଲ ହେଡ୍, ସେଲ୍‌ସ ଓ ମାର୍କେଟିଂ ହରଦୀପ ସିଂ କହିଛନ୍ତି, ଆମର ଘର୍ ଘର୍ କି ଗୋଲ୍‌ଡି ମନ୍ତ୍ର ଭାରତରେ ଗୋଲ୍‌ଡି ସୋଲାରକୁ ଏକ ବ୍ରାଣ୍ଡ କରିବାରେ ଆମର ଅଭିଳାଷକୁ ପ୍ରମାଣ କରେ। ସମ୍ପ୍ରତି ଆମେ ଆଇପିପି, ସି ଆଣ୍ଡ ଆଇ, ଇପିସି, ରପ୍ତାନି ଓ ଉତ୍ପାଦନ ବିଭାଗକୁ ନେଇ କାର୍ଯ୍ୟ କରୁଛୁ। ଭାରତର ଘରୋଇ ବଜାରରେ ଆମର ଉପସ୍ଥିତିକୁ ଅଧିକ ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛୁ। ପ୍ରସ୍ତାବିତ ସମ୍ପ୍ରସାରଣ ଆମର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଏମ୍‌ଏସି କସ୍‌ମେଟିକ୍ସର ୩ ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୭।୯

ଦେଶର ପ୍ରମୁଖ ଆଇକନିକ୍ ମେକ୍ ଅପ୍ ବ୍ରାଣ୍ଡ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆ ପକ୍ଷରୁ ନିକଟରେ ୩ଟି ନୂତନ ଉତ୍ପାଦର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ବିଶେଷ ପ୍ରକାରର ୨୪ଘ. କାଜଲ ଲାଇନର+ମ୍ୟାଟେ ଲିପ୍‌ଷ୍ଟିକ୍ ମେହର, ଅଲ ଫାୟାରଡ୍ ଅପ୍+ ଡି ଫର୍ ଡେଞ୍ଜର+ମୋଚା, ରେଟ୍ରୋ ମ୍ୟାଟେ ଲିପ୍‌ଷ୍ଟିକ ରୁବି ଉ+ ମିନି ଏମ୍‌ଏସି ଷ୍ଟ୍ରୋବେ କ୍ରିମ୍ ପିଙ୍କ୍‌ଲାଇଟ ରହିଛି। ଉକ୍ତ ସୌନ୍ଦର୍ଯ୍ୟ କିଟ୍‌ଗୁଡ଼ିକ ସୂକ୍ଷ୍ମରୁ ଗ୍ଲାମର ପର୍ଯ୍ୟନ୍ତ ଚଳିତ ଉତ୍ସବ ଋତୁର ଯେକୌଣସି ମୁହୂର୍ତ୍ତ ପାଇଁ ଉପଯୁକ୍ତ। ଆପଣ ପୂଜାପର୍ବରେ ଭାଗ ନିଅନ୍ତୁ ବା ସାଙ୍ଗସାଥୀ ମେଳରେ ଏହାକୁ ବ୍ୟବହାର କରିପାରିବେ। ସେହିଭଳି ଚଳିତ ବର୍ଷର ଦୀପାବଳିରେ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆ ବଲିଉଡ୍ ତାରକା ଭୂମି ପେଡନେକରଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ଏହାର ଲାଇଟ ଅପ୍ କରାଇଛି। ବଲିଉଡ୍ ତାରକା ଏବଂ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆରେ ଭୂମି ପେଡନେକର ତାଙ୍କର ପ୍ରିୟ ଏମ୍‌ଏସି ଉତ୍ପାଦଗୁଡ଼ିକୁ ବାଛିଛନ୍ତି ଓ ସେଗୁଡ଼ିକୁ ଉତ୍ସାହିତ କରିଛନ୍ତି। ଏହି ବ୍ରାଣ୍ଡଗୁଡ଼ିକ ପାର୍ବଣଋତୁ ପାଇଁ ଉପଯୁକ୍ତ। ୩ଟି ସୀମିତ ଏଡିସନ କିଟ୍‌ସରେ ଏହି ଉତ୍ପାଦଗୁଡ଼ିକ ରହିଛି। ଏ ସମ୍ପର୍କରେ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆର ବ୍ରାଣ୍ଡ ମ୍ୟାନେଜର କରେନ ଥମ୍ପସନ କହିଛନ୍ତି, ଚଳିତ ପାର୍ବଣ ଆଲୋକ, ରଙ୍ଗ ଓ ଚମକତାରେ ପରିପୂର୍ଣ୍ଣ ହେଉ। ଉକ୍ତ ଉତ୍ସବକୁ ମୁଖରିତ କରିବା ଲାଗି ଆମ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସଭିଙ୍କୁ ଆକୃଷ୍ଟ କରିବ। ଆମର ଏହି ନୂଆ ୩ଟି କିଟ୍‌ସର ଶୁଭାରମ୍ଭ ସହ ୨୦୦୦ରୁ ୩୨୫୦ ଟଙ୍କା ମଧ୍ୟରେ ଉପଲବ୍ଧ।

# ମାଲାବାର ବିଶ୍ୱର ୬ଷ୍ଠ ଗହଣା ବ୍ରାଣ୍ଡ

ନୂଆଦିଲ୍ଲୀ,୨୭।୯

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡ, ବିଶ୍ୱର ୬ଷ୍ଠ ବୃହତ୍ ଗହଣା ଗ୍ରୁପ୍‌ର ମାନ୍ୟତା ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଅଲ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲେରି ଡୋମେଷ୍ଟିକ କାଉନସିଲ (ଜିଜେସି) ପକ୍ଷରୁ ମାଲାବାର ଗ୍ରୁପ୍‌କୁ ସମ୍ମାନିତ କରାଯାଇଛି। ଏପରିକି ଭାରତୀୟ ଅଳଙ୍କାର ବ୍ରାଣ୍ଡକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଥିବାରୁ ମାଲାବାର ଗ୍ରୁପ୍ ଏଭଳି ଏକ ସମ୍ମାନରେ ସମ୍ମାନିତ ହୋଇପାରିଛି। ନିକଟରେ ମୁମ୍ବାଇରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ, ମାଲାବାର ଗୋଲ୍‌ଡ



ଆଣ୍ଡ ଡାଇମଣ୍ଡସର ଭାରତୀୟ କାରବାର ନିର୍ଦ୍ଦେଶକ ଓ ଆସର, କମ୍ପାନୀର ନିର୍ଦ୍ଦେଶକ (ବି ୨ବି, ଏବଂ ମାନୁଫ୍ୟାକ୍ଚରିଂ ଭାରତ) ଏ.କେ. ନିଶଦ ପ୍ରମୁଖ ଜିଜେସିର ଅଧ୍ୟକ୍ଷ ଆଶିଷ ପେଠେଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜେଜିସିର ଉପାଧ୍ୟକ୍ଷ ସାଇୟାମ ମେହେରା, ନିର୍ଦ୍ଦେଶକ ନିଲେଶ ସୋଭାୱତ ଏବଂ ସୁନୀଲ ପୋଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

# 'ଉତ୍ତମ ପୋଷଣ ଅର୍ଥନୈତିକ ସମୃଦ୍ଧି ଆଣିଥାଏ'

ଭୁବନେଶ୍ୱର,୨୭।୯

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରିକି ଉତ୍ତମ ପୋଷଣଯୁକ୍ତ ଖାଦ୍ୟ ହେଉଛି ଇନ୍ଧନ, ଯାହା ସ୍ୱାସ୍ଥ୍ୟର ଅଭିବୃଦ୍ଧି ଏବଂ ଶାରୀରିକ ବିକାଶକୁ ଆଗକୁ ବଢ଼ାଇଥାଏ ଏବଂ ଜୀବନ ସାରା ରୋଗକୁ ରୋକିବାରେ ତାହା ସାହାଯ୍ୟ କରିଥାଏ ବୋଲି ୧୪ତମ ଆପୋଲୋ ଅନ୍ତର୍ଜାତୀୟ କ୍ଲିନିକାଲ୍ ପୋଷଣ ଅପ୍‌ଡେଟ୍ (ଏଆଇସିଏନ୍‌ୟୁ)ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ସେହିଭଳି ଦିନକୁ ଦିନ ବୃଦ୍ଧି ପାଉଥିବା ଅଣ ସଂକ୍ରାମକ ରୋଗ (ଏନ୍‌ସିଡି)କୁ ଦୃଷ୍ଟିରେ ରଖି ଆମେ ସାମୂହିକ ଭାବେ କୁପୋଷଣର ମୁକାବିଲା ପାଇଁ ଯୁଦ୍ଧ କରିବା ଆବଶ୍ୟକ। ଏହି ରୋଗର ପ୍ରତିରୋଧ ପାଇଁ ପୁଷ୍ଟିକର ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ କେତେକ କ୍ଷେତ୍ରରେ ରୋଗର ପୂର୍ବାନୁମାନ ଏବଂ ଫଳାଫଳକୁ ପ୍ରମାଣ ସିଦ୍ଧ କରିବାରେ ମଧ ଏହା ପ୍ରଭାବଶାଳୀ ବୋଲି




ପ୍ରମାଣିତ ହୋଇଛି ବୋଲି ଆପୋଲୋ ହସ୍ପିଟାଲ ଗ୍ରୁପ୍‌ର ଫାଉଣ୍ଡର ଚେୟାରମ୍ୟାନ ପଦ୍ମଶ୍ରୀ ଡା.ପ୍ରତାପ ସି ରେଡ୍ଡୀ କହିଛନ୍ତି।

ଆପୋଲୋ ହସ୍ପିଟାଲ ଏଣ୍ଟରପ୍ରାଇଜ୍ ଲିମିଟେଡ୍‌ର ଗ୍ରୁପ୍ ଡାଇରେକ୍ଟର ମେଡିକାଲ୍ ସର୍ଭିସେସ୍ ଡା. ଅନୁପମ ସିବଲ୍ କହିଛନ୍ତି,ଆମେ ଜନ୍ମ ହେବାର ପ୍ରଥମ ଦିନରୁ ହିଁ ଉପଯୁକ୍ତ ପୋଷଣଯୁକ୍ତ ଖାଦ୍ୟ ଖୁଆଇବାର ଅନେକ ତଥ୍ୟ ପ୍ରମାଣ ଥିଲେ ମଧ ଜନ୍ମର ଏକଘଣ୍ଟା ମଧ୍ୟରେ ମାଆ କ୍ଷୀର ଖୁଆଇବାଠାରୁ ପୋଷଣଯୁକ୍ତ ଖାଦ୍ୟର ଏଜେଣ୍ଡା ଅସମାପ୍ତ ରହିଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଉକ୍ତ ସମାବେଶକୁ ସମ୍ବୋଧିତ କରି ଆପୋଲୋ ହସ୍ପିଟାଲ ଏଣ୍ଟରପ୍ରାଇଜ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସୁଶ୍ରୀ ପ୍ରିଥା ରେଡ୍ଡୀ କହିଥିଲେ, ଉକ୍ତ ସମ୍ମିଳନୀ ଜନସାଧାରଣ ତଥା ହସ୍ପିଟାଲ କ୍ଷେତ୍ରରେ ପୋଷଣ ସମ୍ପର୍କରେ ଏବଂ ପୋଷଣର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ବ୍ୟାପକ ବୁଝାମଣା ପ୍ରତିଷ୍ଠା କରିବ ଏବଂ ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇବ।

# ପୂଜା ଅଫର 'ବାଏ ୧ ଗେଟ୍ ୨'ର ଶୁଭାରମ୍ଭ

ଭୁବନେଶ୍ୱର,୨୭।୯

RAJ ELECTRONICS

ରାଜ୍ୟର ପ୍ରମୁଖ ତଥା ସର୍ବ ପୁରାତନ ବାଣିଜ୍ୟିକ ସଂସ୍ଥା ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ ଚଳିତ ବର୍ଷର ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବାଏ ୱାନ୍ ଗେଟ୍ ଟୁ ଅଫର ମାଧ୍ୟମରେ ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକମାନଙ୍କୁ ଅନେକ ଆକର୍ଷଣୀୟ ଅଫର ମଧ ଭେଟି ଦେଉଛି। ଏପରିକି ଅନେକ ନାମୀଦାମୀ କମ୍ପାନୀଗୁଡ଼ିକର ପୂଜା ଅଫର ଜରିଆରେ ଗ୍ରାହକମାନେ ଜିତିପାରିବେ। ସେହିଭଳି ବମ୍ପର ଅଫର ମାଧ୍ୟମରେ ମାରୁତି ବ୍ରିଜା କାର୍ ରହିଥିବା ବେଳେ ଗ୍ରାଣ୍ଟ ଅଫରରେ ଏୟାର କଣ୍ଡିସନର, ଏଲ୍‌ଇଡି ଟିଭି, ସାଇଡ ବାଇ ସାଇଡ ରେଫ୍ରିଜରେଟର,ସାମ୍‌ସଙ୍ଗ୍ ଗ୍ୟାଲେକ୍ସି ଏସ୍‌୨୨ ଅଲ୍‌ଟ୍ରା, ଏଲ୍‌ଜି ସାଉଣ୍ଡ ବାର୍, ସାମ୍‌ସଙ୍ଗ୍ ଗ୍ୟାଲେକ୍ସି ଏ୩୨, ମିନି ରେଫ୍ରିଜରେଟର ଏବଂ ଡିଶ୍‌ୱାସର ଭଳି ଅନେକ କିଛି ସାମିଲ ରହିଛି। ଏତଦ୍‌ବ୍ୟତୀତ ଗ୍ରାହକମାନେ ବିଭିନ୍ନ ବଛା ବଛା ମଡେଲ ଉପରେ ୪୦% ପର୍ଯ୍ୟନ୍ତର ଡିସ୍‌କାଉଣ୍ଟ ସାଙ୍ଗକୁ ଫାଇନାନ୍ସରେ କିଣୁଥିବା ପ୍ରଡକ୍ଟ ଉପରେ ମଧ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଏବଂ ବିଭିନ୍ନ ନାମୀ କମ୍ପାନୀର କ୍ରେଡିଟ୍ କାର୍ଡ ମାଧ୍ୟମରେ ନୋ କଷ୍ଟ ଇଏମ୍‌ଆଇ ଓ ସବୁଠାରୁ କମ୍ ମୂଲ୍ୟର କିସ୍ତିରେ କିଣିବାର ସୁଯୋଗ ରହିଛି।

ସେହିପରି ସର୍ବଦା ଗ୍ରାହକଙ୍କ ସାଥିରେ ଥିବା ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକଙ୍କୁ କମ୍ ମୂଲ୍ୟରେ ଏସି ଯୋଗାଇଦେବା ପାଇଁ ମଧ ଘୋଷଣା କରିଛି। ବିଭିନ୍ନ ବ୍ରାଣ୍ଡେଡ୍ ଏସି ଯଥା- ଭୋଲ୍‌ଟାସ୍, ଏଲ୍‌ଜି, ବ୍ଲୁଷ୍ଟାର, କ୍ୟାରିଅର, ସାମ୍‌ସଙ୍ଗ୍, ହୁଇଲପୁଲ, ହାୟର, ପାନାସୋନି, ଗୋଦ୍‌ରେଜ୍, ହିଟାଚି, ଆଇଏଫ୍‌ବି ଏବଂ ଲୟଡ୍ ଭଳି କମ୍ପାନୀର ବିଭିନ୍ନ ବର୍ଗର ଏସିରେ ଭରପୂର ଶୋ'ରୁମ୍‌ରୁ ଗ୍ରାହକମାନେ କିଣିବାର ସୁଯୋଗ ପାଇବେ।

ଅପରପକ୍ଷରେ ନଗଦ ଭାବେ ନ ଦେଇ ସବୁଠୁ କମ୍ ଡାଉନ ପେମେଣ୍ଟରେ ଶୂନ ପ୍ରତିଶତ ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ଏସି କିଣିବାର ଲାଭ ମଧ ଏବେ ନେଇପାରିବେ। ଆସନ୍ତା ଗ୍ରୀଷ୍ମଋତୁ ପାଇଁ ଏବଂ ମୂଲ୍ୟ ବୃଦ୍ଧିକୁ ଅପେକ୍ଷା ନ କରି ଗ୍ରାହକମାନେ ଏବେଠୁ ଏସି କିଣିଲେ ଖରାଦିନେ ଘରେ ଏସି ଇନ୍‌ଷ୍ଟଲ ପାଇଁ ହେଉଥିବା ଭିଡ଼ରୁ ରକ୍ଷା ପାଇପାରିବେ। ରାଜ୍ ଇଲେକ୍ଟ୍ରୋନିକ୍ସର ସମସ୍ତ ଶୋ'ରୁମ୍ ଏବଂ ବିଶ୍ୱାଳ ସେଲ୍ସ ଯାଜପୁର ଏବଂ ଭଦ୍ରକ ଶୋ'ରୁମ୍‌ରେ ପ୍ରାୟ ସବୁ ପ୍ରତିଷ୍ଠିତ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବର୍ଗର ପ୍ରଡକ୍ଟ ଉପଲବ୍ଧ ରହିଛି। ଚଳିତ ବର୍ଷର ପୂଜା ଅଫର ସମ୍ପର୍କରେ ମଧ ଗ୍ରାହକଙ୍କୁ ଶୋ'ରୁମ୍‌ରେ ଅଭିଜ୍ଞ ବିକ୍ରେତାମାନେ ମଧ ସଚେତନ କରାଉଛନ୍ତି। ଏ ସମ୍ପର୍କରେ ରାଜ୍ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ (ଗୁଡୁଭାଇ) କହିଛନ୍ତି, ରାଜ୍ ଇଲେକ୍ଟ୍ରୋନିକ୍ସ ଉପରେ ଗ୍ରାହକମାନେ ଦୀର୍ଘ ୪୪ ବର୍ଷ ହେଲା ଭରସା ରଖିଛନ୍ତି। ଏଠାରେ ସବୁଠୁ କମ୍ ମୂଲ୍ୟରେ ସାମଗ୍ରୀ ମିଳିଥାଏ ବୋଲି ଲୋକଙ୍କ ମନରେ ଦୃଢ଼ ବିଶ୍ୱାସ ରହିଛି। ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକଙ୍କ ବିଶ୍ୱାସ ଓ ଭରସାକୁ ପାଥେୟକରି ସର୍ବଦା ଆଗକୁ ବଢ଼ିବା ପାଇଁ ପ୍ରୟାସ ଜାରି ରଖିଛି। ଚଳିତ ବର୍ଷର ପାର୍ବଣରେ କିଛି ନୂଆ ସାମଗ୍ରୀ ଘରକୁ ନେବାର ଇଚ୍ଛାକୁ ପୂରଣ କରିବା ଉଦ୍ଦେଶ୍ୟରେ ଆକର୍ଷଣୀୟ ଅଫର ଓ ସୁବିଧା ସମ୍ପର୍କରେ ମଧ ଘୋଷଣା କରାଯାଇଛି। ତେଣୁ ଅପେକ୍ଷା ନ କରି ଗ୍ରାହକମାନେ ଏବେ ରାଜ୍ ଇଲେକ୍ଟ୍ରୋନିକ୍ସରୁ ସୁଲଭ ମୂଲ୍ୟରେ ନାମୀଦାମୀ ବ୍ରାଣ୍ଡର ସମସ୍ତ ପ୍ରଡକ୍ଟ କିଣିବାର ସୁଯୋଗ ନେବେ ବୋଲି ବିଶ୍ୱାଳ ଆଶାବ୍ୟକ୍ତ କରିଛନ୍ତି।

# ମଙ୍ଗଳରେ ଜମା ହେଲାଣି ୭ ଟନ୍ ବର୍ଜ୍ୟ

## ୧୪ଟି ମିଶନ୍‌ରେ ଲାଲ୍ ଗ୍ରହକୁ ପଠାଗଲାଣି ୧୮ ସ୍ପେସକ୍ରାଫ୍ଟ



**ୱାଶିଂଟନ**

ମଙ୍ଗଳ ଗ୍ରହରେ ମଣିଷ ଯାଗା କିଣିଛି ସତ କିନ୍ତୁ ସେଠାରେ କେବେ ବସତିସ୍ଥାପନ କରିବ ତାହା ଏବେ ଆଶା, ଆଶଙ୍କା ଭିତରେ ରହିଛି। ମଙ୍ଗଳରେ ଜୀବଜଗତ ବାସୋପଯୋଗୀ କି ନୁହେଁ ସେ ନେଇ ବୈଜ୍ଞାନିକମାନଙ୍କ ତର୍ଜମା ଜାରି ରହିଛି। କିନ୍ତୁ ଏ ପରୀକ୍ଷାରେ ମହାକାଶବିଜ୍ଞାନୀମାନେ ମଙ୍ଗଳରେ ଅଳିଆ ଜମାଇବାରେ ଲାଗିଛନ୍ତି। ମଙ୍ଗଳ ଗ୍ରହରେ ୧୫, ୬୯୪ ପାଉଣ୍ଡ ଅର୍ଥାତ୍ ୭୧୧୯.୬ କିଲୋଗ୍ରାମ (୭ ଟନ୍) ଓଜନର ବର୍ଜ୍ୟ ଜମା ହୋଇ ରହିଛି। ଆମେରିକା ୱେଷ୍ଟ ଭର୍ଜିନିଆ ୟୁନିଭର୍ସିଟିର କାଗରି ଜିଲିଙ୍କଙ୍କ ଦ୍ୱାରା ରୋବୋଟ୍ ଜରିଆରେ କରାଯାଇଥିବା ରିସର୍ଚ୍ଚରୁ ଏହା ଜଣାପଡ଼ିଛି। ଡୋରମାଣ୍ଟ ରକେଟ୍, ମଙ୍ଗଳ ସହ ପିଟି ହୋଇ ଥିବା ମହାକାଶ ଯାନରୁ ବିଭିନ୍ନ ପ୍ରକାର ପରିତ୍ୟକ୍ତ ବର୍ଜ୍ୟବସ୍ତୁ ଏବେ ମଙ୍ଗଳ ଗ୍ରହର ଲୋହିତ ମୃତ୍ତିକାରେ ଜମା ହୋଇ ରହିଛି। ୧୯୭୧ରେ ସୋଭିଏଟ୍ ସଂଘର ମାର୍ସ ଅର୍ବିଟ୍ ୨, ଯାହା ମଙ୍ଗଳରେ କ୍ରାସ୍ ଲାଣ୍ଡିଙ୍ଗ କରିଥିଲା ତା'ଣ ଅବଶେଷ ମଧ୍ୟ ମଙ୍ଗଳରେ ଦେଖିବାକୁ ମିଳିଛି। ଚନ୍ଦ୍ର ମିଶନରେ ନାସା କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଏହି ମିଶନ କାରଣରୁ ମଙ୍ଗଳରେ ବର୍ଜ୍ୟବସ୍ତୁ ଜମା ହେବା ଆରମ୍ଭ ହୋଇଛି। ପୃଥିବୀ ପୃଷ୍ଠରେ ବର୍ଜ୍ୟବସ୍ତୁର ମାତ୍ରା କ୍ରମାଗତ ବଢ଼ିବାରେ ଲାଗିଛି, ଏହାଦ୍ୱାରା ଜୀବଜଗତର ବିକାଶରେ ବାଧା ସୃଷ୍ଟି ହେବା ଆରମ୍ଭ ହୋଇସାରିଛି। ମଣିଷ ବାସ କରୁଥିବା ପୃଥିବୀ ଗ୍ରହର ପରିସ୍ଥିତି କ୍ଷତି ଶୋଚନୀୟ ହୋଇପଡ଼ିଥିବାବେଳେ ମଙ୍ଗଳ ଗ୍ରହରେ ମଧ୍ୟ ଭବିଷ୍ୟତରେ ସମାନ ଦୃଶ୍ୟ ଦେଖାଯିବାର ଆଶଙ୍କା କରାଯାଉଛି। ୟୁରୋପ୍ ସ୍ପେସ୍ ଏଜେନ୍ସିର ମାର୍ସ ୩ ଓ ମାର୍ସ ୬ ସମେତ ୯ଟି ଡୋରମାଣ୍ଟ ସ୍ପେସ୍ କ୍ରାଫ୍ଟ, ବିଙ୍ଗିଙ୍ଗ ୧, ବିଙ୍ଗିଙ୍ଗ ୨ ଲାଣ୍ଡର୍ସ, ସୋଜର୍ନର ରୋଭର, ସଚିଆପାରେଲି ଲ୍ୟାଣ୍ଡର ସାଙ୍ଗକୁ ପୋନିକ୍ସ ଲ୍ୟାଣ୍ଡର, ସ୍ପିରିଟରୋଭର ଏବଂ ଅପରଚୁନିଟି ରୋଭର ମଙ୍ଗଳ ଗ୍ରହରେ ପଡ଼ି ରହିଛି।

# ଐଶ୍ୱର୍ଯ୍ୟାଙ୍କ ଗୁରୁଭକ୍ତି



**ନୂଆଦିଲ୍ଲୀ:** ପାନ୍ ଇଣ୍ଡିଆ ଫିଲ୍ମ 'ପୋନିୟିନ ସେଲଭାନ:୧'ର ପ୍ରମୋଶନରେ ବଲିଉଡ୍‌ର ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ବ୍ୟସ୍ତ। କିଛିଦିନ ଫିଲ୍ମର ପ୍ରମୋଶନ ବେଳେ ଐଶ୍ୱର୍ଯ୍ୟା ପ୍ରଖ୍ୟାତ ଫିଲ୍ମ ନିର୍ମାତା ମଣି ରତ୍ନମଙ୍କ ପାଦଛୁଇଁ ଆଶୀର୍ବାଦ ନେଉଥିବାର ଦେଖିବାକୁ ମିଳିଛି। ଐଶ୍ୱର୍ଯ୍ୟା ମଣିରତ୍ନମଙ୍କୁ ନିଜ ଗୁରୁ ଭାବେ ସମ୍ବୋଧନ କରିଥିବାବେଳେ ତାଙ୍କ ସହ ବାରମ୍ବାର ଫିଲ୍ମରେ କାମ କରିବାର ସୁଯୋଗ ମିଳିବା ନେଇ ସେ ନିଜକୁ ଅତ୍ୟନ୍ତ ଭାଗ୍ୟଶାଳୀଭାବୁଥିବା କହିଛନ୍ତି। ଏହି ମଲ୍ଟିଷ୍ଟାରର ଫିଲ୍ମରେ ଐଶ୍ୱର୍ଯ୍ୟା ଡବଲ ରୋଲ୍ କରିଛନ୍ତି। ପାଝୁଭୁରର ରାଜକୁମାରୀ ତଥା ରାଣୀ ନନ୍ଦିନୀଙ୍କ ଭୂମିକାରେ ଅଭିନୟ କରିଥିବାବେଳେ ମନ୍ଦାକିନି ଦେବୀଙ୍କ ଚରିତ୍ରରେ ମଧ୍ୟ ସେ ନଜରକୁ ଆସିବେ। ଏଥିରେ ତାମିଲ ସୁପରଷ୍ଟାର ବିକ୍ରମ, ତ୍ରିଶା କ୍ରିଷ୍ଣନ, କାର୍ତ୍ତିକ ଶିବକୁମାର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ୧୯୫୦ରେ 'ପୋନିୟିନ ସେଲଭାନ' ନାମରେ ଏକ ତାମିଲ ପ୍ରବନ୍ଧ ପ୍ରକାଶ ପାଇଥିଲା, ଯାହାର ଏକାଧିକ ସଂସ୍କରଣ ରହିଛି। ଏହି ପ୍ରବନ୍ଧର କାହାଣୀକୁ ନେଇ ଫିଲ୍ମଟି ଆଧାରିତ। ଆସନ୍ତା ୩୦ ତାରିଖରେ ଏହା ମୁକ୍ତିଲାଭ କରିବ। ହିନ୍ଦୀ, ମାଲୟାଲମ, ତେଲୁଗୁ, ତାମିଲ ଏବଂ କନ୍ନଡ ଭାଷାରେ ଏହା ରିଲିଜ୍ ହେବ।

# ମୋକ୍ଷ ପାଇଁ ଜୀବନ୍ତ ସମାଧି




**ଲକ୍ଷ୍ନୌ**

ଉତ୍ତର ପ୍ରଦେଶ ଉନ୍ନାଓର ଦୁଇ ଜଣ ସନ୍ଥ ଜଣେ ବ୍ୟକ୍ତିଙ୍କୁ ମୋକ୍ଷ ଦେବା କହି ତାଙ୍କୁ ଜିଅନ୍ତା ଭୂସମାଧି ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ସୂଚନା ପାଇ ସ୍ଥାନୀୟ ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରିଛି। ନବରାତ୍ରି ପୂଜା ଆରମ୍ଭ ହେବା ପୂର୍ବରୁ ଜୀବନ୍ତ ସମାଧି ନେଲେ ନିର୍ବାଣ ମିଳିବ ବୋଲି ତାଜପୁର ଗ୍ରାମର ସନ୍ଥମାନେ କହିବା ପରେ ଶୁଭମ ଗୋସ୍ୱାମୀ ସମାଧି ନେଇଥିଲେ। ଗ୍ରାମବାସୀ ଏ କଥା ଜାଣିପାରି ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ତେବେ ୬ ଫୁଟ ଗଭୀର ଗାତରୁ ପୋଲିସ ଶୁଭମଙ୍କୁ ଉଦ୍ଧାର କରୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ବାଉଁଶ ଟାଟି ଘୋଡ଼ା ଥିବା ଏକ ଗାତରୁ ଯୁବକଙ୍କୁ ବାହାର କରାଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିନେଇଛି। ଆତ୍ମଘୋଷିତ ସନ୍ଥ ମିନ୍ନାଲାଲ ଏବଂ ଶିବକେଶ ଦୀକ୍ଷିତ ଶୁଭମଙ୍କୁ ମୋକ୍ଷ ଦେବାର ବାଟ ଦେଖାଇବା ପାଇଁ ତାଙ୍କଠାରୁ ଟଙ୍କା ଲୁଟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ୫ ବର୍ଷ ଧରି ଶୁଭମ ଗାଁ ବାହାରେ ଏକ କୁଡ଼ିଆ ତିଆରି କରି ରହୁଥିଲେ। ଶୁଭମ ଈଶ୍ୱର ବିଶ୍ୱାସୀ ଥିବାବେଳେ ମୋକ୍ଷ ପ୍ରାପ୍ତି ଚାହୁଁଥିଲେ। କୌଶଳବଶତଃ ଦୁଇ ସନ୍ଥ ତାଙ୍କୁ ନିର୍ବାଣ ଦେବା ଲାଗି ଆଶା ଦେଖାଇ ତାଙ୍କ ଟଙ୍କା ହଡ଼ପ କରୁଥିବା ପୋଲିସ କହିଛି। ଡାକ୍ତରୀ ଯାଞ୍ଚ ପରେ ଶୁଭମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି।

# ଦୁର୍ଗା ମନ୍ଦିରରେ ବାଛୁରିର ମୁଣ୍ଡନ

**ଲକ୍ଷ୍ନୌ**

ନବରାତ୍ରି ଅବସରରେ ଉତ୍ତର ପ୍ରଦେଶ ହାରଦୋଇ ଗ୍ରାମର ପ୍ରମୋଦ ଶ୍ରୀବାସ୍ତବ ନାମରେ ଜଣେ କୃଷକ ସ୍ଥାନୀୟ ଦୁର୍ଗା ମନ୍ଦିରରେ ତାଙ୍କ ବାଛୁରିର ମୁଣ୍ଡନ କରିଛନ୍ତି। ଘଟଣାଟି ବର୍ତ୍ତମାନ ସମୟରେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। କୃଷକଙ୍କ ପାଳିତ ଗାଈ ଏକାଧିକ ଥର ଗର୍ଭଧାରଣ କରିଥିଲେ ହେଁ ତା'ର ଗର୍ଭ ନଷ୍ଟ ହୋଇଯାଉଥିଲା, ଏହାପରେ ପ୍ରମୋଦ ଦୁର୍ଗା ମା'ଙ୍କ ପାଖରେ ମାନସିକ କରିଥିଲେ। ପରେ ଗାଈ ଏକ ସୁସ୍ଥ ବାଛୁରି ଜନ୍ମ ଦେଇଥିଲା। ମାନସିକ ପୂରଣ ପରେ ପ୍ରମୋଦ ନବରାତ୍ରି ଅବସରରେ ବାଛୁରିର ମୁଣ୍ଡନ କରିଛନ୍ତି। ଏଥିସହ ସ୍ଥାନୀୟ ଲୋକଙ୍କ ନିମନ୍ତେ ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ କରାଯାଇଛି।



# 'ତୁମେ ଦେଖିବ ମୋ ବାପା ରାଜା ହେବେ'



**ଲଣ୍ଡନ:** ବ୍ରିଟେନ୍ ରାଜା ଚାର୍ଲସ୍ ତୃତୀୟଙ୍କ ନାତି ପ୍ରିନ୍ସ ଜର୍ଜ ସବୁବେଳେ ନିଜ ଅସ୍ୱାଭାବିକ ବ୍ୟବହାର ଲାଗି ଚର୍ଚ୍ଚାରେ ରହିଆସନ୍ତି। ସ୍କୁଲ ଖେଳପଡ଼ିଆରେ କେତେଜଣ ସାଙ୍ଗଙ୍କ ସହ ମାଡ଼ଗୋଳ ହେବା ପରେ ଜର୍ଜ ତାଙ୍କୁ କହିଛନ୍ତି ଯେ, ତୁମେମାନେ ଦେଖିବ ମୋ ବାପା ରାଜା ହେବେ। କିଙ୍ଗ୍ ଚାର୍ଲସଙ୍କ ପରେ ତାଙ୍କ ବଡ଼ ପୁଅ ୱିଲିୟମ୍ ରାଜା ହେବା ପାଇଁ ହକ୍‌ଦାର। ସେହିପରି ୱିଲିୟମ୍‌ଙ୍କ ଅନ୍ତେ ଭବିଷ୍ୟତରେ ଜର୍ଜ ବ୍ରିଟେନ୍‌ର ରାଜା ହେବାର ସମ୍ଭାବନା ରହିଛି। ରାଜକୁମାର ୱିଲିୟମ୍ ଓ ରାଜକୁମାରୀ କାଟେଙ୍କ ବଡ଼ ପୁଅ ଜର୍ଜଙ୍କୁ ଯତ୍ନର ସହକାରେ ପାଳି ବଡ଼ କରିଛନ୍ତି। ଜଣେ ରାଜକୁମାର ହେବା ଯୋଗୁ ରାଜପରିବାରର ପ୍ରତ୍ୟେକ ଟିକିନିଖି ଜିନିଷ ବାବଦରେ ତାଙ୍କୁ ଅବଗତ କରାଯାଇଛି। ସାଉଥ୍ ଲଣ୍ଡନର ୟଙ୍ଗ ରୟାଲ ଫର୍ମର ସ୍କୁଲରେ ଜର୍ଜ ପାଠ ପଢ଼ନ୍ତି।


GOVERNMENT OF ODISHA

**Office of the Superintending Engineer Kanupur Canal Division No.- II,**
AT / PO-Rimuli, Dist. - Keonjhar, PIN-758047.

**e- PROCUREMENT NOTICE**
Bid Identification No. SE, KCD No. - II - 01/ 2022-23
No.A-541: Email- eekcdvn2@qmail.com

| | | |
|---|---|---|
| 1 | Name of the work | "Shifting of 33 KV line, 11KV line & LT. line at Badaposi, Birikuan (Kha), Birikuan (Ka) & Chhelianal (3 parts) for excavation of Kanupur Main Canal". |
| 2 | Estimated Cost | Rs. 30.40 Lakh |
| 3 | Period of Completion | 3 (Three) Calendar months |
| 4 | Date & Time of availability of bid document in the portal | Dt.30.09.2022 from 10.00 Hours to Dt.13.10.2022 up to 17.00 Hours. |
| 5 | Last date / time of receipt of bid in the portal | Dt. 13.10.2022 up to 17.00 Hours. |
| 6 | Name & Address of the Officer inviting Bid | Er. Surendra Kumar Bhoi Superintending Engineer, Kanupur Canal Division No. - II, AT / PO - Rimuli, Dist. - Keonjhar, PIN - 758047 |

Further details can be seen from e-Procurement portal **www.tendersodisha.gov.in.**

Sd./- (Er.Surendra Kumar Bhoi)
Superintending Engineer,
Kanupur Canal Division No.-II
Rimuli, Keonjhar, Odisha
OIPR-32269/11/0001/2223

**OFFICE OF THE SR. GENERAL MANAGER (ELECTRICAL.), UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, Mobile No. 7328840143, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bholnagar, Bhubaneswar-751022, Tel: 91-0674-2542983, 2542802, 2545526, 2542826. Fax:2542102. E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com. CIN: U40101OR1995SGC003963

**'e'- Procurement Notice**
No.CAD-1973: **NOTICE INVITING TENDER NO.UIHEP/21/2022-23 DATED.27.09.2022**

The Unit Head, UIHEP, Mukhiguda, Dist- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) for the work through e-procurement as detailed in the table below. The bids should be submitted 'online' in https://tendersodisha,gov.in by eligible 'D' and 'C' class Civil Contractors registered with the state government and contractors of equivalent grade/class registered with central government/MES/railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Approx. Estimated Cost in Rs. | EMD/Bid Security Declaration | Class of Contractor | Cost of bid document in Rs. | Period of Contract |
|---|---|---|---|---|---|---|
| 1 | Renovation of back side drain from D1 to D8 and E1 to E10 at Sector-I of UIHEP, Mukhiguda. | 5,08,551/- (including GST) | As per Annexure-VIII and clause No.4.11.6 of Section-I of tender Document | 'D' & 'C' | 4,000/-+ GST @18%= 4,720/- | 03 (Three) months from date of signing of contract agreement. |

Date & Time of availability of tender document in the portal:From 10:00 Hrs of 06.10.2022 to 18.10.2022 (up to 13:00 Hrs.). Last date & time of submission of tenders in the portal: Up to 13:00 Hrs. of 18.10.2022. The date & time of opening of the bid: 18.10.2022 at 16:30 Hrs (Only Technical Bid)
Further details can be seen and tender document can be downloaded from the e-Procurement Portal "https://tendersodisha.gov,in".
OIPR-04008/11/0027/2223 Sd./- Unit Head, UIHEP, Mukhiguda

**GOVT. OF ODISHA** Email Id - cerripdkl@gmail.com
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER, RENGALI RIGHT IRRIGATION PROJECT, DHENKANAL**
**'e' Procurement Notice**

**No.A-543:**The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites on line percentage rate bids in double cover system for construction of the work as detailed below:
1. Name of the work : Excavation of Narasinghpur Branch Canal from RD 32.430km to RD 35.160 km including construction of its structures, Lining & Service road of RRIP. 2. Tender Cost : Rs. 1201.60 Lakh. 3. Bid Document Cost: Rs. 10,000.00 (on line). 4. Bid Security : Bid Security Declaration as per proforma. 5. Class of Contractor : 'A' and 'Special' Class. 6. Period of Completion :18 calendar months including rainy seasons. 7.Other details are as follows

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer, RRIP, Dhenkanal | CER-RIP-02/2022-23 | 01.10.2022 10.00 AM | 20.10.2022 5.30 PM | 21.10.2022 11.00 AM |

Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the above notice will be published in the Govt. website **www.tendersodisha.gov.in.**
**Sd./- Chief Engineer, Rengali Right Irrigation Project, Dhenkanal**
OIPR-32351/11/0002/2223

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(District Central Store)**
**TENDER CALL NOTICE**
**Notification No.CDM&PHO/07/NIDAN/2022-23**

**No.E-496:**Sealed tenders are invited from registered Firms/ Suppliers/Manufacturers /authorized distributors for supply of Lab Chemicals, Reagents & Consumables to the undersigned. Details regarding items with terms and conditions may be downloaded from District website www.nuapada.nic.in . The tenders should reach the office of the undersigned by **Date-26.10.2022 up to 02.00 PM through Speed Post/ Registered Post/ Courier Services only.** The Tender paper cost is mentioned in the term & conditions of the tender. The tender will be opened on date **27.10.2022 at 11.00 AM** in the office chamber / conference hall of the undersigned.
The undersigned reserves the right to reject any or all the tenders without assigning any reason thereof.
Sd./-Chief District Medical & Public Health Officer, Nuapada
OIPR-10055/11/0018/2223

**ZILLA SWASTHYA SAMITI, GAJAPATI**
**(Department of Health & FW, Govt. of Odisha)**
Advt.No.6733/DPMU/NHM/2022 Dt.27.09.2022

**NOTICE**

**No.E-495:**Applications are invited from in-house contractual employee of NHM working in the same post under OSH&FW society in other districts desiring to be posted in Gajapati district Fresh candidates **need not to apply.**
The interested candidates may log on the website www.gajapati.nic.in for details (Vacancies, terms & conditions and application form etc. Eligibility candidates are requested to apply in the prescribed application form with NOC and certificate for last uninterrupted service in the same post under the society and with all relevant documents to the undersigned by **Regd/Speed post on or before** Dt.15.10.2022 by 5.00 P.M. The undersigned is not responsible for any postal delay. Application received after due date will be rejected. Vacancies under this advertisement are provisional and subject to change. Time to time notification regarding status of selection process will be web-hoisted in the district website. The authority reserves the right of accepting/rejecting any application and modify/cancel the advertisement without assigning any reason thereof.
**Sd./- CDM & PHO-cum-DMD, Gajapati**
OIPR-10105/11/0006/2223

**TENDER CALL NOTICE**

No.MM-176:- Sealed tenders are invited from the intending bidders for disposal of the following confiscated vehicles, seized in commisison of forest offence cases in this division as is where is basis, superscribed as Tender for Auction Sale of Conifscated Vehicles as furnished below.

**List of confiscated vehicles to be auctioned**

| Sl. No. | Case No. | Vehicle No. | Make/Model | Location where the vehicle is now available for inspection |
|---|---|---|---|---|
| 1. | OR Case No. 323K of 2011-12 | OR-11-3346 | TATA-407 | Naranpur Central Depot, Naranpur, Keonjhar |
| 2. | UD Case No. 11K of 2011-12 | OR-09-K-4587 | PickUp Van | |
| 3. | UD Case No. 18K of 2012-13 | OR-11-D-2143 | TATA-DI-2017 | |
| 4. | UD Case No. 12K of 2012-13 | OR-07-B-5414 | Bolero | |
| 5. | OR Case No.116K of 2013-14 | OR-09-A-1725 | Savari | |
| 6. | OR Case No. 54G of 2014-15 | OR-04-M-9725 | Truck | Ghatagaon Range Office Campus, Ghatagaon |
| 7. | UD Case No. 5K of 2014-15 | OR-01-8304/8305 | Tractor/ Trolley | Naranpur Central Depot, Naranpur, Keonjhar |
| 8. | OR Case No. 22K of 2014-15 | AP-31-C-6141 | Maruti Omini | |
| 9. | OR Case No. 76K of 2016-17 | OR-09-G-6077 | TATA-DI-207-EX | |
| 10. | OR Case No. 25K of 2017-18 | OD-09-E-9579 | Tempo | |
| 11. | OR Case No. 165K of 2017-18 | OD-09-E-7412 | Auto | |
| 12. | OR Case No. 26K of 2018-19 | OR-09-H-2529 | Mahindra Savari | |
| 13. | OR Case No. 77CH of 2011-12 | OR-09-J-8065 | Tipper | Champua Range Oficer Campus, Champua |
| 14. | UD Case No. 13CH of 2012-13 | JH-05-AA-9221 | Tempo | |
| 15. | OR Case No. 66CH of 2015-16 | OR-09-M-8326 | Pick-Up | |
| 16. | OR Case No. 253CH of 2016-17 | OR-09-H-2963 | Mahindra Pick-Up | |
| 17. | OR Case No. 210CH of 2017-18 | OR-09-Q-8382 | Bolero Pick-Up | |
| 18. | OR Case No. 302T of 2011-12 | OR-09-A-3693 | Mini-Truck | Telkoi Range Office Campus, Telkoi |
| 19. | OR Case No. 401T of 2014-15 | OR-06-H-6841/6842 | Tractor/Trolley | |
| 20. | OR Case No. 39T of 2015-16 | OR-06-H-8126/8127 | Tractor/ Trolley | |
| 21. | OR Case No. 99T of 2018-19 | OD-09-8880 | Tata Xenon- Pick-Up | |
| 22. | OR Case No. 207G of 2011-12 | OR-19-C-0577 | Bolero | Ghatagaon Range Office Campus, Ghatagaon |
| 23. | OR Case No. 76G of 2014-15 | OR-11-F-6391/6392 | Tractor/Trolley | |
| 24. | OR Case No. 60BL of 2014-15 | OR-09-L-8385 | Tipper | Barbil Range Office Campus, Barbil |
| 25. | OR Case No. 41BL of 2016-17 | OR-04-D-6627 | Tipper | |
| 26. | OR Case No. 39BL of 2016-17 | JH-05-AS-4053 | Mahindra Pick-Up | |
| 27. | OR Case No. 24BL of 2017-18 | OD-09-A-2976 | TataAce | |
| 28. | OR Case No. 108BJ of 2014-15 | OD-09-1862/1863 | Tractor/Trolley | BJP Range Office Campus, BJP |
| 29. | OR Case No. 155BJ of 2016-17 | OD-09-D-9050 | Pick-Up | |
| 30. | OR Case No. 70BJ of 2016-17 | OD-09-E-6558 | Auto | |
| 31. | OR Case No. 71BJ of 2016-17 | OD-09-B-9668 | Auto | |

The tender will be received up to 12.00 Noon of dt.18.10.2022 by Regd. Post or Speed Post in the office of the undersigned with EMD of Rs. 5,000/- (Rupees five thousand) only for each vehicle in shape of Demand Draft drawn on any Nationalized Bank payable at Keonjhar in favour of the Divisional Forest Officer, Keonjhar Division. Tenders shall be opened on dt.19.10.2022 in the office of the undersigned at 03.00 P.M. in the presence of tenderers or their authorized representatives. Tenders without E.M.D. and beyond the stipulated time shall be rejected. The vehicles can be inspected at the places as mentioned above against each vehicle on any working day from 2.00 PM to 5.00 PM AS where is basis.
Successful bidder has to deposit 25% of the bid amount on the same day then and the balance amount within 7 (seven) days failing which the deposit including EMD shall be forfeited. EMD can be adjusted with the total bid amount at the time of final payment of bid amount. The bidder must remove the vehicle from the site within 7 (seven) days from the date of final deposit of the full bid amount failing which ground rent @1% of the bid amount shall be charged for each day or part till removal of the vehicle from the site. The custody and safeguard of the vehicle beyond the date of deposit of full bid amount shall be the responsibility of the bidder and no claim or complaint on that account shall be entertained. In case the ground rent so charged exceeds the sale price deposited the bidder shall cease to have any right on the vehicle. The amount deposited by him towards the sale price shall be adjusted towards the ground rent and the vehicle shall become absolute property of Orissa Forest Department free from encumbrances. The authority reserves the right to reject any or all the tenders without assigning any reason thereof. The bidders are requested to mention clearly on the sealed envelope "Tender for Auction Sale of Confiscated Vehicles-2022" as per the proforma mentioned below.

**Proforma**

| Name and address of bidder (Please submit at least any 1 (One) I.D. proof* | Sl. No. of the vehicle | Vehicle No. | Place in which vehicle is available | Bid Amount (in Rs.) | Details of EMD (D.D. No./Date/Amount) |
|---|---|---|---|---|---|
| 1 | 2 | 3 | 4 | 5 | 6 |

**N.B.: (*) I.D. Proof may be Xerox copy/Attested AADHAAR Card, Xerox copy of Driving Licence/Any Photo I.D. Issued by the Govt. official.**
OIPR-08042/11/0004/2223 **Sd./- Divisional Forest Officer, Keonjhar Division**

**SELECTION AND ENGAGEMENT OF FACILITATING NGO (FNGO)**
**UNDER ECRICC PROJECT REQUEST FOR EXPRESSION OF INTEREST**
Enhancing Climate Resilience of India's Coastal Communities (ECRICC), District Project Management Unit (DPMU), Balasore
Forest, Environment and Climate Change Department, Govt. of Odisha
O/o - Divisional Forest Officer, Balasore Wildlife Division,
At / P.O.:- Kuruda, Dist:- Balasore, Pin :- 756056, M: 9437691870
email id :- dfo.balasorewl@odisha.gov.in

**EoI No.03/2022-23, Dt. 26th September, 2022**

**No.MM-177:**Forest, Environment and Climate Change Department, Govt. of Odisha is implementing a climate change project in Odisha, titled - Enhancing Climate Resilience of India's Coastal Communities (ECRICC) jointly funded by Government of Odisha and Green Climate Fund (GCF). This project is covering 7 project landscapes of 4 costal districts (Puri, Kendrapada, Ganjam and Balasore) through 4 Project DPMUs (Puri, Rajnagar - Kendrapada, Brahmapur and Balasore) spread across 5 Forest Divisions of Odisha (4 Wildlife Forest Divisions and 1 Territorial Forest Division).
Expression of Interest (EoI) / Request for proposal is invited from eligible and interested Non-Government Organizations (NGO) of Odisha with prior experience in implementing projects at grassroot level related to participatory forest management / farm forestry / climate change / disaster management / bio-diversity conservation / wetland development / watershed management / livelihoods enhancement in agriculture, fishery and other non farm sectors / institutional and capacity building of communities / community mobilization, women empowerment and economic development etc., to be engaged as Facilitating NGO (FNGO) at project landscape level to facilitate and provide field level assistance during implementation of project activities at landscape level under ECRICC project in Odisha.
Interested NGOs may download the details of "Terms of Reference (ToR) and the Application Form" from District NIC website www.baleswar.nic.in. EoI along with required documents, as sought for, shall be sent through a closed envelope superscribed as " Expression of Interest for Engagement of FNGO under ECRICC project for Talasari Landscape" accompanied with a Demand Draft for Rs. 2000/- as application fees in favour of DFO, Balasore Wildlife Division, Balasore ECRICC, payable at Balasore and should reach O/o the Divisional Forest Officer, Balasore Wildlife Division, At / P.O. :- Kuruda, Dist :- Balasore, Pin :- 756056 latest by 15th October, 2022 (05.00 PM). EoI received after the stipulated Date and Time will not be entertained. DFO, Balasore Wildlife Division - cum- Nodal Officer, ECRICC Project, Balasore District reserves the right to cancel / alter the advertisement and reject all or any EoI without assigning any reason whatsoever.
**CANVASSING IN ANY FORM WILL INVITE DISQUALIFICATION OF THE EoI**
Sd./- Divisional Forest Officer
Balasore Wildlife Division-cum-Nodal Officer,
ECRICC Project, Balasore District
OIPR-08036/11/0007/2223

**OFFICE OF THE EXECUTIVE ENGINEER L.I. DIVISION, CUTTACK**
e-mail - eeolic_ctc@yahoo.in
No.CAD-1972: **e-Procurement Notice**
**Bid Identification No.08/OLIC (CTC) / Dt. 27/9/2022**

The Executive Engineer, Lift Irrigation Division, Cuttack on behalf of Odisha Lift Irrigation Corporation Limited , Bhubaneswar invites Percentage Rate bids in online mode for Drilling & Installation of 200mm dia Tube Wells in different blocks of Cuttack & Jagatsinghpur Districts from reputed drilling Contractors having **minimum TWO OWN RIGS & experience** in similar nature of works. The proof of registration from the appropriate authority shall be enclosed along with the Bid

| | | |
|---|---|---|
| 1. | Number of Package | 1 (One) (Double Cover) |
| 2. | Estimated Cost | AS PER DTCN |
| 3. | Cost of tender paper | Rs.10000/(in on-line mode) +5% GST as reverse charge basis vide challan N0.21AAACO5986G1ZF of OLIC |
| 4. | Date & time of publication | Dt.29.09.2022 from 10.00 A.M. |
| 5. | Date & time of closing | Dt. 18.10.2022 at 5.00 P.M. |
| 6. | Date & time of opening of bid | Dt. 19.10.2022 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any, can be seen in the said website
**Sd./- Executive Engineer**
OIPR-32238/11/0011/2223

# ବାରବାଟୀରେ ଲିଜେଣ୍ଡସ୍ ଲଢ଼େଇ

## କିଙ୍ଗ୍ସର ବୃହତ୍ ବିଜୟ

**କଟକ, ୨୭।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ବାରବାଟୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଲିଜେଣ୍ଡସ୍ ଲିଗର ନବମ ମ୍ୟାଚରେ ଭିଲୱାରା କିଙ୍ଗ୍ସ ୫୭ ରନରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ହରାଇ ୨୨୨ ରନ୍ କରିଥିବା ବେଳେ ଗୁଜରାଟ ଜାଏଣ୍ଟ୍ସ ୧୯.୫ ଓଭରରେ ୧୬୫ ରନରେ ସୀମିତ ରହିଥିଲା। ଏଥି ସହିତ ବିଜୟ ଧାରାକୁ ଫେରିଛି ଇରଫାନ ପଠାନଙ୍କ ଭିଲୱାରା କିଙ୍ଗସ୍। ଗୁଜରାଟ ଅଧିନାୟକ ବୀରେନ୍ଦ୍ର ସେହ୍ୱାଗ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ସେହିପରି ବିସ୍ଫୋରକ ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ ଏହି ମ୍ୟାଚରେ ନିଜର ଲିଜେଣ୍ଡସ୍ ଲିଗ୍ ପଦାର୍ପଣ କରିଥିଲେ।

ବାରବାଟୀରେ ଖେଳା ଯାଇଥିବା କ୍ରମାଗତ ଦ୍ୱିତୀୟ ମ୍ୟାଚରେ ଓପନିଂରେ ଶତକୀୟ ଭାଗୀଦାରି ଦେଖିବାକୁ ମିଳିଥିଲା। କିଙ୍ଗ୍ସ ପକ୍ଷରୁ ଓପନ କରୁଥିବା ୱିଲିୟମ ପୋର୍ଟରଫିଲ୍ଡ (୬୪) ଓ ଭାନ୍ ୱିକ୍ (୫୦) ପ୍ରଥମ ଉଇକେଟରେ ଯୋଡିଥିଲେ ୧୧୭ ରନ୍। ପୋର୍ଟରଫିଲ୍ଡ ୩୩ ବଲ ଖେଳି ୧୦ ଚୌକା ଓ ୨ ଛକା ମାରିଥିଲେ। ଏହାର ପରବର୍ତ୍ତୀ ଓଭରରେ ଗ୍ରେମ୍ ସ୍ୱାନ୍ ବିପଜ୍ଜନକ ଭାନ୍ ୱିକଙ୍କୁ ଆଉଟ କରିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ଇରଫାନ ପଠାନ ୩ ଛକା ଓ ୧ ଚୌକା ସହିତ ୩୪ ରନ୍ କରିଥିଲେ। ଜେସଲ୍ କେରିଆ(୪୩) ଓ ୟୁସୁଫ୍ ପଠାନ୍(୧୪) ଦଳକୁ ୨୦୦ ରନ୍ ପାର କରାଇଥିଲେ। ୨୯ ବଲ୍ ଖେଳିଥିବା କେରିଆ ୫ ଚୌକା ଓ ୧ ଛକା ମାରିଥିଲେ। ଜାଏଣ୍ଟ୍ସ ଓ ପକ୍ଷରୁ ଅଶୋକ ଡିଣ୍ଡା, ଗ୍ରେମ୍ ସ୍ୱାନ, ଥିସାରା ପେରେରା ଓ କେ. ପି. ଅପନ୍ନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୨୩ ରନର ଲକ୍ଷ୍ୟ କଷ୍ଟସାଧ୍ୟ ଥିବାରୁ ସେହ୍ୱାଗ ଓ ଗେଲଙ୍କ ଠାରୁ ସ୍ଥାନୀୟ ଦର୍ଶକ ବଡ ଇନିଂସ ଆଶା କରୁଥିଲେ। ମାତ୍ର ନିରାଶ ହେବାକୁ ପଡିଥିଲା। ସେହ୍ୱାଗ ୨୦ ବଲରୁ ୨୭ ଓ ଗେଲ ୨୦ ବଲରୁ ୧୫ ରନ କରି ଜେସଲ କେରିଆଙ୍କ ଶିକାର ହୋଇଥିଲେ। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ୭୪ ରନରେ ୭ ଉଇକେଟ ହରାଇଥିଲା। ଶେଷ ଆଡକୁ ଯଶପାଲ ଶର୍ମାଙ୍କ ୨୯ ବଲ ୫୭ ରନ ବଳରେ ଦଳ ୧୬୫ ରନରେ ପହଞ୍ଚି ପାରିଥିଲା। କିଙ୍ଗ୍ସ ପକ୍ଷରୁ ଏସ୍.ଶ୍ରୀସନ୍ଥ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଜେସଲ କେରିଆ ଓ ଫିଦେଲ ଏଡୱାର୍ଡ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ପୋର୍ଟରଫିଲ୍ଡ ପ୍ଲେୟର ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭିଲୱାରା କିଙ୍ଗ୍ସ ୨୦ ଓଭରରେ ୨୨୨/୪ (ପୋର୍ଟରଫିଲ୍ଡ-୬୪, ମର୍ନେ ଭାନ ୱିକ୍-୫୦, ଜେସଲ୍ କାରିଆ-୪୩, ଇରଫାନ ପଠାନ-୩୪, କେ.ପି. ଅପନ୍ନା-୧/୩୩, ଗ୍ରେମ୍ ସ୍ୱାନ୍-୧/୩୪, ଅଶୋକ ଦିଣ୍ଡା-୧/୩୭, ଥିସାରା ପେରେରା-୧/୫୬ )। ଗୁଜରାଟ ଜାଏଣ୍ଟ୍ସ ୧୯.୪ ଓଭର ୧୬୫/ଅଲ୍ଆଉଟ (ଯଶପାଲ ଶର୍ମା-୫୭, ବୀରେନ୍ଦ୍ର ସେହ୍ୱାଗ-୨୭, ଏସ୍. ଶ୍ରୀସନ୍ଥ-୩/୩୬, ଜେସଲ୍ କାରିଆ-୨/୨୨, ଫିଡେଲ ଏଡୱାର୍ଡ୍ସ-୨/୩୦)।



ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ବହୁ ସଂଖ୍ୟାରେ ଦର୍ଶକ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ଉପଭୋଗ କରୁଛନ୍ତି।



ଦୁଇ କିମ୍ବଦନ୍ତୀ ଖେଳାଳି ଭିଲୱାରା କିଙ୍ଗ୍ସର ଫିଦେଲ ଏଡୱାର୍ଡ୍ସ ଓ ଗୁଜରାଟ ଜାଏଣ୍ଟ୍ସର କ୍ରିସ୍ ଗେଲ୍ ଆଲୋଚନାରତ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ୱିଲିୟମ ପୋର୍ଟରଫିଲ୍ଡ।

## ଷ୍ଟାଡିୟମ ଅଧା ଭରିଗଲା

**କଟକ ଅଫିସ, ୨୭।୯:** ଲିଜେଣ୍ଡସ୍ ଲିଗ୍ କ୍ରିକେଟ ମ୍ୟାଚ୍ ଅବସରରେ ପ୍ରଥମ ଦିନ ଅପେକ୍ଷା ଦ୍ୱିତୀୟ ଦିନରେ ଷ୍ଟାଡିୟମରେ ଦର୍ଶକ ସଂଖ୍ୟା ଯଥେଷ୍ଟ ଅଧିକ ଥିଲା। ଗ୍ୟାଲେରୀ ନଂ-୧, ୨,୩, ୪, ପୁରୁଣା ଏବଂ ନୂଆ ପ୍ୟାଭିଲିୟନ ବକ୍ସ ଠାରୁ ନେଇ ସ୍ପେଶିଆଲ ଏନ୍କ୍ଲୋଜର, ସବୁଠି ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଷ୍ଟାଡିୟମ ଭରପୂର ନ ଥିଲେ ମଧ୍ୟ ପ୍ରାୟ ୧୫ହଜାର ଦର୍ଶକ ଉପସ୍ଥିତ ଥିଲେ। ମଙ୍ଗଳବାର ମ୍ୟାଚ୍‌ରେ ବୀରେନ୍ଦ୍ର ସେହ୍ୱାଗ, କ୍ରିସ୍ ଗେଲ୍, ୟୁସୁଫ ପଠାନ, ଇରଫାନ ପଠାନ, ୱିଲିୟମ ପୋର୍ଟରଫିଲ୍ଡ, ଲିଣ୍ଡେଲ ସିମନ୍ସ ଭଳି କ୍ରିକେଟ ଜଗତର ଅନେକ ପୂର୍ବତନ ବିସ୍ଫୋରକ ବ୍ୟାଟର ଥିବାରୁ ଦର୍ଶକଙ୍କ ଉତ୍କଣ୍ଠା ଅଧିକ ପରିଲକ୍ଷିତ ହୋଇଥିଲା। ଗୁରୁବାର ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚରେ ଭିଡ଼ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

## ଦର୍ଶକଙ୍କୁ ନମସ୍କାର କଲେ ଗେଲ୍

ଗେଲ୍ ଫିଲ୍ଡିଂ କରୁଥିବାବେଳେ ଦର୍ଶକମାନଙ୍କ ନଜର ତାଙ୍କ ଉପରେ ପଡ଼ିଥିଲା। ସେମାନେ ଉତ୍ସାହିତ ହୋଇପଡ଼ିଥିଲେ। ସେ ଦର୍ଶକଙ୍କୁ ଅଭିବାଦନ କରିବା ସହିତ ନମସ୍କାର କରିଥିଲେ । ତେବେ ଗେଲ୍‌ଙ୍କ ବ୍ୟାଟିଂ ଆଶାନୁରୂପ ହୋଇପାରି ନ ଥିଲା।

## କଟକକୁ ହରଭଜନଙ୍କ ପ୍ରଶଂସା

ଟର୍ବୋନେଟର ଭାବେ କ୍ରିକେଟ ଜଗତରେ ପରିଚିତ ହରଭଜନ ସିଂ ସୋମବାର ବାରବାଟୀରେ ମ୍ୟାଚ୍ ଖେଳିଥିଲେ। ତାଙ୍କ ନେତୃତ୍ୱାଧୀନ ମଣିପାଲ ଟାଇଗର୍ସ ଦଳ ବିଜୟୀ ହୋଇଥିବା ବେଳେ ହରଭଜନ ଦୁଇ ଗୁରୁତ୍ୱପୂର୍ଣ୍ଣ ଉଇକେଟ ଦାଖଲ କରି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଏହା ପରେ ଏକ ଭିଡ଼ିଓ ଜାରି କରିଛନ୍ତି ହରଭଜନ ସିଂ। ଏଥିରେ ସେ କଟକ ସହର ଓ ବାରବାଟୀର ଦର୍ଶକଙ୍କୁ ପ୍ରଶଂସା କରିଛନ୍ତି। ବାରବାଟୀକୁ ବହୁତ କମ୍ ଥର ଆସିଛି। ହେଲେ ଯେତେବେଳେ ବି ଆସିଛି ଦର୍ଶକ ଢ଼େର ସାରା ଭଲପାଇବା ଦେଇଛନ୍ତି ବୋଲି ସେ କହିଛନ୍ତି। ଏହାଛଡ଼ା ଏହି ଗସ୍ତ ସମୟରେ ସେ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ ବୋଲି ମଧ୍ୟ ଏହି ଭିଡିଓରେ କହିଥିବା ଦେଖିବାକୁ ମିଳିଛି।

## ୨୦୨୩ ହକି ବିଶ୍ୱକପ୍ କାର୍ଯ୍ୟସୂଚୀ



ପୁଲ୍ 'ଏ': ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା
ପୁଲ୍ 'ବି': ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ
ପୁଲ୍ 'ସି': ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ, ଚିଲି
ପୁଲ୍ 'ଡି': ଭାରତ, ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ

| ତାରିଖ | ମ୍ୟାଚ | ଷ୍ଟାଡିୟମ | ସମୟ |
|---|---|---|---|
| ଜାନୁୟାରୀ ୧୩ | ଆର୍ଜେଣ୍ଟିନା ବନାମ ଦକ୍ଷିଣ ଆଫ୍ରିକା | କଳିଙ୍ଗ | ଅପରାହ୍ନ ୧ଟା |
| | ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ | କଳିଙ୍ଗ | ଅପରାହ୍ନ ୩ଟା |
| | ଇଂଲଣ୍ଡ ବନାମ ୱେଲ୍ସ | ବିର୍ସାମୁଣ୍ଡା | ଅପରାହ୍ନ ୫ଟା |
| | ଭାରତ ବନାମ ସ୍ପେନ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୧୪ | ନ୍ୟୁଜିଲାଣ୍ଡ ବନାମ ଚିଲି | ବିର୍ସାମୁଣ୍ଡା | ଅପରାହ୍ନ ୧ଟା |
| | ନେଦରଲାଣ୍ଡ୍ସ ବନାମ ମାଲେସିଆ | ବିର୍ସାମୁଣ୍ଡା | ଅପରାହ୍ନ ୩ଟା |
| | ବେଲଜିୟମ ବନାମ କୋରିଆ | କଳିଙ୍ଗ | ଅପରାହ୍ନ ୫ଟା |
| | ଜର୍ମାନୀ ବନାମ ଜାପାନ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୫ | ସ୍ପେନ ବନାମ ୱେଲ୍ସ | ବିର୍ସାମୁଣ୍ଡା | ଅପରାହ୍ନ ୫ଟା |
| | ଇଂଲଣ୍ଡ ବନାମ ଭାରତ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୧୬ | ମାଲେସିଆ ବନାମ ଚିଲି | ବିର୍ସାମୁଣ୍ଡା | ଅପରାହ୍ନ ୧ଟା |
| | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ବିର୍ସାମୁଣ୍ଡା | ଅପରାହ୍ନ ୩ଟା |
| | ଫ୍ରାନ୍ସ ବନାମ ଦକ୍ଷିଣ ଆଫ୍ରିକା | କଳିଙ୍ଗ | ଅପରାହ୍ନ ୫ଟା |
| | ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୭ | କୋରିଆ ବନାମ ଜାପାନ | କଳିଙ୍ଗ | ଅପରାହ୍ନ ୫ଟା |
| | ଜର୍ମାନୀ ବନାମ ବେଲ୍‌ଜିୟମ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୯ | ମାଲେସିଆ ବନାମ ନ୍ୟୁଜିଲାଣ୍ଡ | କଳିଙ୍ଗ | ଅପରାହ୍ନ ୧ଟା |
| | ନେଦରଲାଣ୍ଡ୍ସ ବନାମ ଚିଲି | କଳିଙ୍ଗ | ଅପରାହ୍ନ ୩ଟା |
| | ସ୍ପେନ ବନାମ ଇଂଲଣ୍ଡ | କଳିଙ୍ଗ | ଅପରାହ୍ନ ୫ଟା |
| | ଭାରତ ବନାମ ୱେଲ୍ସ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୦ | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ବିସର୍ମାମୁଣ୍ଡା | ଅପରାହ୍ନ ୧ଟା |
| | ଫ୍ରାନ୍ସ ବନାମ ଆର୍ଜେଣ୍ଟିନା | ବିର୍ସାମୁଣ୍ଡା | ଅପରାହ୍ନ ୩ଟା |
| | ବେଲଜିୟମ ବନାମ ଜାପାନ | ବିର୍ସାମୁଣ୍ଡା | ଅପରାହ୍ନ ୫ଟା |
| | କୋରିଆ ବନାମ ଜର୍ମାନୀ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୨ | କ୍ରସ୍ ଓଭର | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ରସ୍ ଓଭର | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୩ | କ୍ରସ୍ ଓଭର | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ରସ୍ ଓଭର | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୪ | କ୍ୱାର୍ଟର ଫାଇନାଲ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ୱାର୍ଟର ଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୫ | କ୍ୱାର୍ଟର ଫାଇନାଲ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ୱାର୍ଟର ଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୬ | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ପୂର୍ବାହ୍ନ ୧୧ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୨ଟା |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୪ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୭ | ପ୍ରଥମ ସେମିଫାଇନାଲ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | ଦ୍ୱିତୀୟ ସେମିଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୮ | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ପୂର୍ବାହ୍ନ ୧୧ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୨ଟା |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୪ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୯ | ୩ୟ ସ୍ଥାନ ପାଇଁ ମ୍ୟାଚ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | ଫାଇନାଲ | କଳିଙ୍ଗ | ରାତି ୭ଟା |

## ଅନୁରାଧା ଓଡ଼ିଶା ଆଥ୍‌ଲେଟିକ୍ସ ଦଳର କୋଚ୍



ଦିଲୀପ ତିର୍କୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ଅନୁରାଧା।

**ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଗୁଜରାଟରେ ହେବାକୁଥିବା ଜାତୀୟ କ୍ରୀଡ଼ା ପାଇଁ ଅଲିମ୍ପିଆନ ଅନୁରାଧା ବିଶ୍ୱାଲଙ୍କୁ ଓଡ଼ିଶା ଆଥ୍‌ଲେଟିକ୍ସ ଦଳର କୋଚ୍ ମନୋନୀତ କରାଯାଇଛି। ଯେଉଁ କ୍ରୀଡ଼ାରେ ଏକାଧିକ ଥର ପଦକ ଜିତିଥିଲେ ସେହି କ୍ରୀଡ଼ା ପାଇଁ ଓଡ଼ିଶା ଦଳର କୋଚ୍ ହୋଇଥିବାରୁ ଖୁସି ପ୍ରକାଶ କରିଛନ୍ତି ଅନୁରାଧା। ମୋତେ ଯେଉଁ ଗୁରୁଦାୟିତ୍ୱ ଦିଆଯାଇଛି ତାକୁ ସୁଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବି। ବିଶେଷକରି ଆମ ରାଜ୍ୟର ଆଥ୍‌ଲେଟମାନେ ଯେପରି ଆତ୍ମବିଶ୍ୱାସର ସହ ଟ୍ରାକ୍‌କୁ ଓହ୍ଲାଇବେ ତା' ଉପରେ ବିଶେଷ ଧ୍ୟାନ ଦେବି ବୋଲି ଅନୁରାଧା କହିଛନ୍ତି। କ୍ରମାଗତ ଭାବେ ଖେଳାଳିଙ୍କୁ ସମର୍ଥନ କରିଆସୁଥିବାରୁ ରାଜ୍ୟ ସରକାର, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ନିଜ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ସେ ଧନ୍ୟବାଦ ଜଣାଇଛନ୍ତି। ହକି ଇଣ୍ଡିଆର ନୂଆ ସଭାପତି ଦିଲୀପ ତିର୍କୀଙ୍କୁ ତାଙ୍କ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଥିଲେ ଅନୁରାଧା।

## ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶା ଲନ୍‌ବଲ୍ ଦଳ

**ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଚଳିତମାସ ୨୯ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଗୁଜରାଟରେ ହେବାକୁଥିବା ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶା ଲନ୍‌ବଲ୍ ଦଳ ଘୋଷିତ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ୬ ଜଣ ଲେଖାଏ ଖେଳାଳି ଦଳରେ ସାମିଲ ହୋଇଛନ୍ତି। ମନୋନୀତ ଦଳ ମଙ୍ଗଳବାର ଭୁବନେଶ୍ୱରରୁ ଗୁଜରାଟ ଯାତ୍ରା କରିଛି। ପୁରୁଷବର୍ଗରେ କୈଳାସ ମାଝି, ସୁକାନ୍ତ ସେଠ୍, ନରସିଂହ ରାଣା, ତାରିଣୀ ପ୍ରସାଦ ନାୟକ, ସୁଦେଶ ସବ୍ରାଣ ସାହୁ, ଏସ.କେ. ଜଲାଲ ଏବଂ ମହିଳା ବର୍ଗରେ ସ୍ନିଗ୍ଧାରାଣୀ ରଥ, ସାଇନା ନାୟକ, ଶ୍ୱେତଲାନା ବକ୍ସି, ରିହାନା ଖାତୁନ, ସରୋଜିନୀ ସ୍ୱାଇଁ, ଅଲିଶା ପାତ୍ର ମନୋନୀତ ହୋଇଛନ୍ତି। କୋଚ ପୟୋସ୍ୱିନୀ ପୁରୋହିତ, ସୁମିତ ରଞ୍ଜନ ପୁରୋହିତ ଦଳ ସହ ଗୁଜରାଟ ଯାତ୍ରା କରିଛନ୍ତି।



ଓଡ଼ିଶା ଲନ୍‌ବଲ୍ ଦଳ।

## ସବ୍‌ଜୁନିୟର ଖୋଖୋ ଖେଳାଳି ଚୟନ

**ଭୁବନେଶ୍ୱର, ୨୭।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଖୋଖୋ ସଂଘ ୧୪ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବ। ଶୁକ୍ରବାର ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ଦଳ ପାଇଁ ସ୍ଥାନୀୟ ୟୁନିଟ୍-୧ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏକ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଥିବା ବାଳକ ଓ ବାଳିକାମାନଙ୍କ ବୟସ ୨୦୨୨ ନଭେମ୍ବର ୩ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇଥିବା ଦରକାର। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା ଏହା ଜଣାଇଛନ୍ତି।

## କ୍ଷମା ମାଗିଲେ ମାଲି ବାସ୍କେଟବଲ୍ ଖେଳାଳି

**ସିଡ୍‌ନୀ, ୨୭।୯(ଏପି):** ସର୍ବିୟା ବିପକ୍ଷ ମହିଳା ବିଶ୍ୱକପ୍ ମ୍ୟାଚ ପରେ ହାତାହାତି ପାଇଁ ମାଲିର ଦୁଇ ବାସ୍କେଟବଲ ଖେଳାଳି କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ଉଦ୍ଦେଶ୍ୟମୂଳକ ନ ଥିଲା। ପରାଜୟ ଯୋଗୁ ଆମେ ହତାଶ ହୋଇପଡ଼ିଥିଲୁ ବୋଲି ସେମାନେ କହିଛନ୍ତି। ମ୍ୟାଚ ପରେ ସାଲିମାତୋ କୋରୋମା ଓ କାମିତେ ଏଲିଜାବେଥ ଡାବୋଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା।

## ଜାତୀୟ କ୍ରୀଡ଼ା ସଫ୍ଟ ଟେନିସ ପାଇଁ ଓଡ଼ିଶାର ୪ ଅଫିସିଆଲ

**ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଗୁଜରାଟର ଅହମଦାବାଦରେ ହେବାକୁଥିବା ଜାତୀୟ କ୍ରୀଡ଼ାର ସଫ୍ଟଟେନିସ ଇଭେଣ୍ଟ ପାଇଁ ଓଡ଼ିଶାରୁ ୪ ଅଫିସିଆଲ ମନୋନୀତ ହୋଇଛନ୍ତି। ମହମ୍ମଦ ଆଜାମ ରେଫରି ଏବଂ ଅନସୂୟା ବାରିକ, ସତୀଶ କୁମାର ବିଶ୍ୱକର୍ମା ଓ ମହମ୍ମଦ ଅମନ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ। ଏମାନେ ଅକ୍ଟୋବର ୭ରୁ ୧୦ ପର୍ଯ୍ୟନ୍ତ ସଫ୍ଟଟେନିସ ଇଭେଣ୍ଟ ପରିଚାଳନା କରିବେ। ମନୋନୀତ ଅଫିସିଆଲମାନଙ୍କୁ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଭୟ କୁମାର ସାମନ୍ତରାୟ, ଟିଟନ ସାହୁ ଓ ରାଜେନ୍ଦ୍ର କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଗତ ଅଗଷ୍ଟରେ ଥାଇଲାଣ୍ଡରେ ଅନୁଷ୍ଠିତ ପ୍ରତିଯୋଗିତାର ୪୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିବାରୁ ବିକାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।




ଜାତୀୟ କ୍ରୀଡ଼ାସ୍ଥଳକୁ ଯିବା ପୂର୍ବରୁ ୪ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

CLASSIFIED DISPLAY
MORE SPACE • SAME PRICE

ଧନ କୁବେର ଫାଇନାନ୍ସ
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ନିର୍ମଳା ମହାପାତ୍ର
ପ୍ଲଟ୍ ନଂ.-୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ: ୧୦।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
(ଆଶ୍ୱିନ ଶୁକ୍ଳ ତୃତୀୟା)
ଠକି ଦେବ ଦିନେ ବୋଲି, ଏତେ ଲୀଳା ଲଗାଇଲ
ଜାଣିଶୁଣି, ମିଛି ମିଛି ଆମକୁ ଲୁହରେ ଘାଣ୍ଟି,
ଅଫେରା ରାଇଜକୁ ଅଦିନରେ ନେଲ ବାଛି।
ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ: ଇଂ ଯଦୁନାଥ ମହାପାତ୍ର, ପୁଅ, ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୬୩୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କୁମୁଦ କୁମାର ନାଥ
ଆବିର୍ଭାବ : ୦୮.୦୮.୧୯୫୬
ତିରୋଧାନ : ୦୮.୧୦.୨୦୨୧
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୦୪୨

# ମହୁ ବାକ୍ସର ଯତ୍ନ

**ମ**ହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସ ଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଖରାଦିନ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



# ଲାଭଜନକ ପନିପରିବା ଚାଷ

**ପ**ନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇ ପାରିବ। ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ । କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ। ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇ ଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ। ତରଭୂଜ ପାଚିଲା ପରେ ତୋଳନ୍ତୁ । ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



# ସୂର୍ଯ୍ୟମୁଖୀରେ ଧଳାମାଛି ଦମନ

**ସୂ**ର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ ଲାଗି ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍.ଏଲ୍.) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ୍ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



# ସଅଳ କିସମ ଧାନ ଅମଳ

## ଅକ୍ଟୋବର ମାସର କୃଷି ସୂଚନା



**ସ**ଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳ କରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରୀ କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରିପାରିବେ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଏବଂ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ।

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ। କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା:- ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।



**ଡାଲିଜାତୀୟ ଫସଲ**

**ମୁଗର ଉନ୍ନତ କିସମ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩ ।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ୱଳା, ଶେଖର-୨, ସାରଳା, ମାହୁରି, ଶଶି । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ। ଜମି କିସମ ଦେଖି ପ୍ରାକ୍ ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.-୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

**ରାଶି :** ଡିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ ଓ ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

**ଆଖୁ :** ବର୍ଷା ଯୋଗୁ ଆଖୁ କିଆରିରେ ପାଣି ଜମିଥିଲେ ନିଷ୍କାସନ କରନ୍ତୁ । ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ । ନାଲି ଶଢ଼ା ଆକ୍ରାନ୍ତ ବୁଦା ଓପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

**କପା :** ଜଉ ପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ କିମ୍ବା ୫ ଗ୍ରାମ୍

– କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓୟୁଏଟି, ଭୁବନେଶ୍ୱର-୩

## ମାଛଚାଷ



**ବ**ର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

# ଗୋରୁଙ୍କ ଲମ୍ପି ଚର୍ମରୋଗ ଓ ପ୍ରତିକାର



**ଶେଷ ଭାଗ**

**ରୋଗ ନିୟନ୍ତ୍ରଣ :** ରାଜ୍ୟର ସୀମାନ୍ତ ବର୍ତ୍ତୀ ଅଞ୍ଚଳରେ ୫ କି.ମି. ଦୂରତା ମଧ୍ୟରେ ଥିବା ବର୍ଡର ବ୍ଲକ ଓ ଗ୍ରାମଗୁଡ଼ିକୁ ଚିହ୍ନଟିକରି ରୋଗ ଅନୁଧ୍ୟାନ କରିବା ଉଚିତ । ରୋଗ ସମ୍ଭାବିତ ବା ସନ୍ଦିଗ୍ଧ ଅଞ୍ଚଳରେ ଗୋରୁଙ୍କୁ ଛେଳିବସନ୍ତ ଟିକା ପ୍ରଦାନ କରିବା ଉଚିତ । ରାଜ୍ୟ-ରାଜ୍ୟ ବା ଜିଲା-ଜିଲା ମଧ୍ୟରେ ଗୋରୁ ପରିବହନକୁ ବାରଣ କରାଯିବା ଉଚିତ । ସ୍ଥାନୀୟ ଗୋରୁହାଟଗୁଡ଼ିକୁ ସାମୟିକଭାବେ ବନ୍ଦ ରଖିବା ଆବଶ୍ୟକ। ଗୋ-ମେଳା ଓ ଗୋ-ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମକୁ ବନ୍ଦ କରାଯିବା ଉଚିତ। ଏହି ରୋଗରେ ବିଶେଷ ଭାବେ ପ୍ରାଣୀମାନଙ୍କର ମୃତ୍ୟୁ ଘଟି ନ ଥାଏ। ତେଣୁ ରୋଗ ଆରମ୍ଭରେ ଚିକିତ୍ସା କଲେ ଗୋରୁ ଶୀଘ୍ର ଆରୋଗ୍ୟଲାଭ କରନ୍ତି । ଗୁହାଳକୁ ସର୍ବଦା ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହିତ ଖାଦ୍ୟ ଓ ପାଣିପାତ୍ର ଆଦିକୁ ସଫାସୁତୁରା ରଖନ୍ତୁ । ସଂକ୍ରମିତ ଗୁହାଳକୁ ୨ରୁ ୩ % ସୋଡିୟମ୍ ହାଇପୋକ୍ଲୋରାଇଡ୍, ୧% ଫରମାଲିନ୍ କିମ୍ବା ୦.୫ % କ୍ୱାଟେରିନାରି ଆମୋନିୟମ କମ୍ପାଉଣ୍ଡ ଆଦି ଦ୍ରବଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ। ଏଥିସହିତ ଗୁହାଳର ଚଟାଣକୁ ଫିନାଇଲ, ଲାଇସୋଲ, କ୍ରିସୋଲ କିମ୍ବା ଖାରସୋଡ଼ା ପାଣିରେ ବିଶୋଧନ କରାଇ ନିଅନ୍ତୁ। ଗୁହାଳ ବା ଗୋରୁ ବନ୍ଧାହୋଇଥିବା ସ୍ଥାନକୁ ଟିଙ୍କ, ଉଙ୍କୁଣି, ମଶା, ଡାଆଁଶ ଆଦି ରକ୍ତଶୋଷଣକାରୀ ପରଜୀବୀ କୀଟପତଙ୍ଗଠାରୁ ମୁକ୍ତ ରଖନ୍ତୁ। ଆକ୍ରାନ୍ତ ପ୍ରାଣୀକୁ ସୁସ୍ଥ ପ୍ରାଣୀଙ୍କ ଠାରୁ ଦୂରେଇ ବା ଅଲଗା ରଖନ୍ତୁ । ବାହାରୁ ଆସିଥିବା ଗୋରୁଙ୍କୁ ଅତିକମ୍‌ରେ ୩ ସପ୍ତାହ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ଅଲଗା ରଖନ୍ତୁ । ସଂକ୍ରମିତ ପ୍ରାଣୀକୁ ଅନ୍ୟ ପ୍ରାଣୀଙ୍କ ସହିତ ଗୋଠରେ ବା ବାହାରେ ଚରିବାକୁ ଛାଡ଼ନ୍ତୁ ନାହିଁ ଏବଂ ଏମାନଙ୍କୁ ଘରେ ରଖି ଉପଯୁକ୍ତ ଯତ୍ନ ନିଅନ୍ତୁ। ଗୋରୁଙ୍କୁ ସୁଷମ ଦାନା, ସବୁଜ ଘାସ, ଧାତବ ଲବଣ ଆଦି ଖାଇବାକୁ ଦିଅନ୍ତୁ ଏବଂ ଆମେ ପିଉଥିବା ସ୍ୱଚ୍ଛ ପରିଷ୍କାର ପାଣି ସେମାନଙ୍କୁ ପିଇବାକୁ ଦିଅନ୍ତୁ। ସଂକ୍ରମିତ ଗୋରୁଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ତୁରନ୍ତ ଚିକିତ୍ସାର ବ୍ୟବସ୍ଥା କରନ୍ତୁ । ଶରୀରରେ କଳା ଆବୁ ପରି ଫୋଟକାଗୁଡ଼ିକ ଫାଟି ଘା' ସୃଷ୍ଟି ହେଲେ ମାଛି ନିରୋଧକ ମଲମ ଲଗାଇ ନିୟମିତଭାବେ ଡ୍ରେସିଂ କରିବା ସହିତ ଆଣ୍ଟିବାୟୋଟିକ୍ସ ଇଞ୍ଜେକସନ୍, ଜ୍ୱର ଥିଲେ ଆଣ୍ଟି ପାଇରେଟିକ୍ ଇଞ୍ଜେକସନ୍ ଆଦିର ସାହାଯ୍ୟ ନିଆଯାଇପାରେ । ଯଦି ଏହି ରୋଗରେ କୌଣସି ପ୍ରାଣୀର ମୃତ୍ୟୁ ଘଟେ, ତେବେ ମୃତ ପ୍ରାଣୀକୁ ଏଣେତେଣେ ନ ଫିଙ୍ଗି କିମ୍ବା ଘୋଷାରି ଘୋଷାରି ନନେଇ ଗଭୀର ଗର୍ତ୍ତ (୬ଫୁଟ୍ ଗଭୀର, ୬ଫୁଟ ଲମ୍ବ, ୬ଫୁଟ୍ ଚଉଡ଼ା) କରି ପୋତିଦେଇ ଚୂନ ଓ ଲୁଣ ପ୍ରୟୋଗ କରିବା ଉଚିତ। ବାହାର ଜୀବଜନ୍ତୁ, ପକ୍ଷୀ ଆଦି ପ୍ରାଣୀଙ୍କୁ ଫାର୍ମ ଭିତରକୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ । ଯଦି କୌଣସି ସ୍ଥଳରେ ଏହି ରୋଗ ଦେଖାଦିଏ, ତେବେ ତୁରନ୍ତ ନିକଟସ୍ଥ ପ୍ରାଣୀଚିକିତ୍ସା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

# ସତର୍କତାକୁ ପ୍ରାଥମିକତା

## ବିଶ୍ୱ ଜଳାତଙ୍କ ଦିବସ



ଡା. ବୀରକିଶୋର ପରିଡ଼ା

**ଜ**ଳାତଙ୍କ ରୋଗକୁ ସମ୍ପୂର୍ଣ୍ଣଭାବେ ବିଶ୍ୱରୁ ନିରାକରଣ କରିବା ପାଇଁ ୨୦୦୭ରୁ ସେପ୍ଟେମ୍ବର ୨୮ 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ପାଳିତ ହୋଇ ଆସୁଅଛି । ଚଳିତବର୍ଷ ବିଶ୍ୱ ଜଳାତଙ୍କ ଦିବସର ବାର୍ତ୍ତା ହେଲା - 'ଜଳାତଙ୍କ: ଗୋଟିଏ ସ୍ୱାସ୍ଥ୍ୟ, ଜିରୋ ବା ଶୂନ୍ୟ ମୃତ୍ୟୁ'। ଫ୍ରାନ୍ସର ପ୍ରସିଦ୍ଧ ବୈଜ୍ଞାନିକ ଲୁଇସ୍ ପାଶ୍ଚର ଜଳାତଙ୍କ ରୋଗରୁ ରକ୍ଷାପାଇବା ଲାଗି ପ୍ରଥମ ପ୍ରତିଷେଧକ ଟିକା ବାହାର କରିଥିଲେ । ତଦନୁଯାୟୀ, ଏହି ମହାନ ବ୍ୟକ୍ତିଙ୍କ ସମ୍ମାନାର୍ଥେ ତାଙ୍କର ଶ୍ରାଦ୍ଧବାର୍ଷିକ(ସେପ୍ଟେମ୍ବର ୨୮)କୁ ସାରା ପୃଥିବୀରେ 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ଗ୍ରହଣ କରାଯାଇଛି। ୨୦୩୦ ସୁଦ୍ଧା ବିଶ୍ୱକୁ ଜଳାତଙ୍କମୁକ୍ତ ବା ଜଳାତଙ୍କ ଜିରୋ ବିଶ୍ୱରେ ପରିଣତ କରାଯାଇପାରିବ।

**ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ:** ସମଗ୍ର ବିଶ୍ୱରେ କୁକୁର ହେଉଛି ମୁଖ୍ୟ ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ ଏବଂ ଏହି ପ୍ରାଣୀମାନେ ୯୯ ପ୍ରତିଶତ ଜଳାତଙ୍କ ରୋଗ ମଣିଷଙ୍କଠାରେ ସୃଷ୍ଟି ହେବା ପାଇଁ ଦାୟୀ ହୁଅନ୍ତି । ବିଭିନ୍ନ ବନ୍ୟପ୍ରାଣୀ ଯଥା - ନେଉଳ, କୋକିଶିଆଳି, ବିଲୁଆ (ଶୃଗାଳ), ଗଧିଆ, ବାଦୁଡ଼ି ଆଦି ଜଳାତଙ୍କ ଭୂତାଣୁର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ । ସାଧାରଣତଃ, ଉଭୟ ମନୁଷ୍ୟ ଓ ପ୍ରାଣୀ ଯଥା - ଗୋରୁ, ମଇଁଷି, ଛେଳି,ମେଣ୍ଢା, ଘୁଷୁରି, କୁକୁର ଆଦି ପ୍ରାଣୀ ଜଳାତଙ୍କ ରୋଗରେ ସଂକ୍ରମିତ ହୋଇ ଲକ୍ଷଣ ପ୍ରକାଶ ପାଇଲେ ମୃତ୍ୟୁବରଣ କରନ୍ତି।

**କିପରି ବ୍ୟାପେ :** ଜଳାତଙ୍କ ରୋଗର ଭୂତାଣୁ ସ୍ତନ୍ୟପାୟୀ ସଂକ୍ରମିତ ପ୍ରାଣୀଠାରୁ ଆଉ ଗୋଟିଏ ସ୍ତନ୍ୟପାୟୀ ପ୍ରାଣୀକୁ ଲାଳ କିମ୍ବା ସ୍ନାୟୁକୋଷ ମାଧ୍ୟମରେ ବ୍ୟାପିଥାଏ । ସଂକ୍ରମିତ ପ୍ରାଣୀ ସୁସ୍ଥ ପ୍ରାଣୀଙ୍କୁ କାମୁଡ଼ିଲେ କିମ୍ବା ଖଣ୍ଡିଆ ଖାବରା କଲେ ଜଳାତଙ୍କ ରୋଗର ଭୂତାଣୁ ଲାଳ ମାଧ୍ୟମରେ ସହଜରେ ସୁସ୍ଥ ପ୍ରାଣୀଙ୍କ ଶରୀରରେ ପ୍ରବେଶକରି ରୋଗ ସୃଷ୍ଟି କରେ । ବିଶ୍ୱସ୍ତରୀୟ ଏକ ଆକଳନରୁ ଜଣାଯାଇଛି ଯେ, ୯୫ ପ୍ରତିଶତ ଲୋକ କେବଳ କୁକୁର କାମୁଡ଼ା ଦ୍ୱାରା ଜଳାତଙ୍କ ରୋଗରେ ପୀଡ଼ିତ ହୋଇଥାନ୍ତି । ସଂକ୍ରମିତ ପ୍ରାଣୀଙ୍କ ଲାଳ ଆଖି, ନାକ, ପାଟିର ଶ୍ଳେଷ୍ମା ଝିଲ୍ଲିର ସିଧା ସଂସ୍ପର୍ଶରେ ଆସିଲେ ଏହି ରୋଗର ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରନ୍ତି । ପ୍ରଶ୍ୱାସ ମାଧ୍ୟମରେ ଲାଳଯୁକ୍ତ ବାୟୁ ମଧ୍ୟ ଶରୀରରେ ପ୍ରବେଶକରି ରୋଗ ସୃଷ୍ଟି କରନ୍ତି ।



**ଲକ୍ଷଣ :** ସାଧାରଣତଃ ପ୍ରାଣୀଙ୍କଠାରେ ୨ ପ୍ରକାର ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରଥମଟି ହେଲେ - ମୂକ ଅବସ୍ଥା ଏବଂ ଅନ୍ୟଟି ହେଲା କ୍ରୋଧାନ୍ୱିତ ଅବସ୍ଥା। ପ୍ରଥମ ରୂପରେ ଲାଳ ବାହାରେ। ଏମାନେ ପାଖକୁ ପୂରାଇ ଦିଅନ୍ତି ନାହିଁ ପାଣି ଦେଖିଲେ ଡରନ୍ତି । କିନ୍ତୁ ଏହି ରୋଗର କ୍ରୋଧାନ୍ୱିତ ଅବସ୍ଥାରେ ସଂକ୍ରମିତ ଗୋରୁ ପଘା ଛିଡ଼ାନ୍ତି । ଏଣେତେଣେ ଦୌଡ଼ନ୍ତି, ମାରିଗୋଡ଼ାନ୍ତି । ପାଟିରୁ ଧଳାଫେଣ ପରି ଲାଳ ବାହାରେ ।

**ଚିକିତ୍ସା :** ଜଳାତଙ୍କ ଏକ ଭୂତାଣୁଜନିତ ରୋଗ ହୋଇଥିବାରୁ ଥରେ ଉକ୍ତ ଲକ୍ଷଣ ପ୍ରକାଶ ପାଇଲେ, ଏହି ରୋଗର ଚିକିତ୍ସା କରିବା ପାଇଁ ସେଭଳି କୌଣସି ପ୍ରକାର ଔଷଧ ଏପର୍ଯ୍ୟନ୍ତ ବାହାରି ନାହିଁ । କୁକୁର ବା ପ୍ରାଣୀ କାମୁଡ଼ିଲେ କ୍ଷତ ସ୍ଥାନକୁ ସଙ୍ଗେ ସଙ୍ଗେ ସାବୁନ ଓ ସ୍ୱଚ୍ଛ ପାଣିରେ ଭଲ ଭାବରେ ଧୋଇଦେବା ଆବଶ୍ୟକ । କ୍ଷତ ସ୍ଥାନରେ କୌଣସି ଘରୋଇ ତୈଳ ବା ମଲମ ଲଗାଇବା ଉଚିତ ନୁହେଁ।

**ପ୍ରତିଷେଧକ ବ୍ୟବସ୍ଥା :** ସୁସ୍ଥ କୁକୁରଙ୍କୁ ପ୍ରଥମେ ୩ ମାସ, ତା' ପରେ ୬ ମାସରେ ବୁଷ୍ଟର ଟିକା ଏବଂ ତା'ପରେ ବର୍ଷକୁ ଥରେ ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ଦେଇଦେବା ଜରୁରୀ । ସେହିପରି ମନୁଷ୍ୟଙ୍କୁ କୁକୁର କାମୁଡ଼ିଲେ ୩, ୭, ୧୪, ୨୮, ୯୦ ଦିନରେ ଔଷଧ କମ୍ପାନୀର ଅନୁମୋଦନ ଅନୁଯାୟୀ କୁକୁର କାମୁଡ଼ା ଟିକା ଦେବା ଆବଶ୍ୟକ । ଯଦି ଜଳାତଙ୍କ ରୋଗ ହେବା ପୂର୍ବରୁ ଏହି ରୋଗର ପ୍ରତିଷେଧକ ଟିକା ବା ପ୍ରିଏସ୍‌ପୋଜର ଟିକା ନିଆଯାଇଥାଏ, ଆମେ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ଟିକା ନେବାପରେ ଯଦି କୁକୁର କାମୁଡ଼େ, ପୁଣି ଦୁଇଟି ମାତ୍ରାର ପୋଷ୍ଟ ଏକ୍ସପୋଜର ଟିକା ନେବାକୁ ପଡ଼ିବ ।

– ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,ଜଗତ୍‌ସିଂହପୁର
ମୋ:୯୪୩୭୬୦୭୩୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୮/୨୦୨୨ Bhubaneswar, Wednesday, September 28/ 2022

# ଡେଥ୍ ବୋଲିଂ ଉପରେ ଭାରତର ନଜର

**ଥିରୁଭାନନ୍ତପୁରମ, ୨୭।୯ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବୁଧବାରଠାରୁ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ଆରମ୍ଭ ହେବ। ଆଗକୁ ଟି୨୦ ବିଶ୍ୱକପ ରହିଥିବାରୁ ପ୍ରସ୍ତୁତି ଦୃଷ୍ଟିରୁ ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଜୟ ଲାଭ କରିଥିଲେ ମଧ୍ୟ ଡେଥ୍ ବୋଲିଂରେ ଉନ୍ନତି ଆଣିବାକୁ ପଡ଼ିବ ବୋଲି ଅଧିନାୟକ ରୋହିତ ଶର୍ମା କହିଛନ୍ତି। ଆୟୋଜକ ଦଳ ଏହାର ଦୁଇ ପ୍ରମୁଖ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା ଓ ଭୁବନେଶ୍ୱର କୁମାରଙ୍କ ବିନା ପଡ଼ିଆକୁ ଓହ୍ଲାଇବ। ଆସନ୍ତା ମାସରେ ଆଇସିସି ଇଭେଣ୍ଟ ରହିଥିବାରୁ ସେମାନଙ୍କୁ ବିଶ୍ରାମ ଦିଆଯାଇଛି। ବିଶ୍ୱକପ୍ ପାଇଁ ରିଜର୍ଭ ଖେଳାଳି ରହିଥିବା ମହମ୍ମଦ ଶାମି ଏ ପର୍ଯ୍ୟନ୍ତ କୋଭିଡ୍‌ରୁ ସୁସ୍ଥ ହୋଇନାହାନ୍ତି। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଉପଲବ୍ଧ ହେବେ ନାହିଁ। ତାଙ୍କ କ୍ୟାରିୟର ଇକୋନୋମି ରେଟ୍ ୯.୦୫ ରହିଛି। ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଆଭରେଜ ଓଭର ପିଛା ୧୨ରନ ରହିଥିଲା। ଦୀପକ ଚହର ମଧ୍ୟ ବିଶ୍ୱକପ୍ ପାଇଁ ଷ୍ଟାଣ୍ଡବାଇ ରହିଛନ୍ତି। ପୂର୍ବ ସିରିଜରେ ତାଙ୍କୁ ଗୋଟିଏ ହେଲେ ଗେମ୍‌ରେ ଖେଳିବା ଲାଗି ସୁଯୋଗ ମିଳି ନ ଥିଲା। ଦଳ ଯଦି ଏହାର ପେସ୍ ବୋଲରଙ୍କୁ ରୋଟେଟ କରିବାକୁ ଚାହିଁବ ତା'ହେଲେ ହୁଏତ ତାଙ୍କୁ ଗୋଟିଏ ଗେମ୍‌ରେ ସୁଯୋଗ ମିଳିପାରେ। ସ୍ଲଗ ଓଭରରେ ଅର୍ଶଦୀପ ସିଂ ଓ ଯଶପ୍ରୀତ ବୁମ୍‌ରାଙ୍କ ଯୋଡ଼ି ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା। ଇଞ୍ଜୁରିରୁ ଫେରିଥିବା ଯଶପ୍ରୀତ ବୁମ୍‌ରା ସମ୍ପୂର୍ଣ୍ଣ ରିଦିମ ଫେରିପାଇବା ଲାଗି ଉଦ୍ୟମ କରିବେ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ନିର୍ଣ୍ଣାୟକ ମ୍ୟାଚ୍‌ରେ ଯୁଜବେନ୍ଦ୍ର ଚହଲ ଦେଖାଇଦେଲେ ଯେ, ଯଦି ବଲ୍ ଟର୍ନ କରେ ତାଙ୍କ ବୋଲିଂ ପ୍ରଭାବୀ ହେବ। ବିରାଟ କୋହଲି ଓ ରୋହିତ ଫର୍ମରେ ଥିବାଭଳି ମନେ ହେଉଛନ୍ତି। ବିଶ୍ୱକପ୍ ପାଇଁ ମନୋନୀତ ହୋଇଥିବା ଦୀପକ ହୁଦା ପିଠିରେ ସମସ୍ୟା ଯୋଗୁ ମଧ୍ୟ ଏହି ସିରିଜରେ ଖେଳିପାରୁନାହାନ୍ତି। ହୁଦାଙ୍କ ସ୍ଥାନରେ ଶ୍ରେୟସ ଆୟାରଙ୍କୁ ସ୍ଥାନ ମିଳିପାରେ। ଅଷ୍ଟ୍ରେଲିଆରେ ଖେଳାଯିବାକୁଥିବା ବିଶ୍ୱକପ୍‌ରେ ଏକ ଗ୍ରୁପ୍ ଗେମ୍‌ରେ ଦକ୍ଷିଣ ଆଫ୍ରିକା ଓ ଭାରତ ପରସ୍ପରକୁ ଭେଟିବେ। 'ଅଷ୍ଟ୍ରେଲିଆର ପିଚ୍‌ଗୁଡ଼ିକ ହେଉଛି ଭିନ୍ନ ଏବଂ ଗ୍ରାଉଣ୍ଡ ଆକାର ମଧ୍ୟ ବହୁତ ବଡ଼। ଜଣେ ବୋଲରଙ୍କୁ ସ୍ଥାନୀୟ କଣ୍ଡିଶନକୁ ଦୃଷ୍ଟିରେ ରଖି ବୋଲିଂ କରିବାକୁ ପଡ଼ିବ। ଭାରତୀୟ ବ୍ୟାଟରମାନଙ୍କୁ ବୋଲିଂ କରିବା ଏକ ବଡ଼ ସୁଯୋଗ ବୋଲି ଦକ୍ଷିଣ ଆଫ୍ରିକା ବୋଲର ଟାବ୍ରେଜ୍ ଶାମ୍‌ସି ପ୍ରକାଶ କରିଛନ୍ତି। ଯୁବ ଖେଳାଳି ଟ୍ରିଷ୍ଟିଆନ୍ ଷ୍ଟବ୍ସଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଫ୍ରାଞ୍ଚାଇଜ୍ କ୍ରିକେଟରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ତାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି।



ଆଲୋଚନାରତ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ।

**ଦକ୍ଷିଣ ଆଫ୍ରିକା ଦଳ:** ଟେମ୍ବା ବାଭୁମା (ଅଧିନାୟକ), କ୍ୱିଣ୍ଟନ ଡି'କକ୍, ବ୍ୟର୍ନ ଫୋର୍ଟୁଇନ୍, ରିଜା ହେଣ୍ଡ୍ରିକ୍ସ, ହେନ୍‌ରିକ୍ କ୍ଲାସେନ, ମାର୍କୋ ଜାନ୍‌ସେନ୍, କେଶବ ମହାରାଜ, ଏଡେନ ମାରକ୍ରମ, ଡେଭିଡ୍ ମିଲର, ଲୁନ୍‌ଗି ଏନ୍‌ଗିଡି, ଏନ୍‌ରିଚ୍ ନୋର୍ଜେ, ୱେନ ପାର୍ନେଲ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିଅସ, କାଗିସୋ ରାବାଡ଼ା, ରିଲି ରୋସୋ, ଟାବ୍ରେଜ୍ ଶାମ୍‌ସି ଓ ଟ୍ରିଷ୍ଟାନ ଷ୍ଟବ୍ସ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ଦୀନେଶ କାର୍ତ୍ତିକ (ଉଇକେଟକିପର), ଆର୍. ଅଶ୍ୱିନ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ହର୍ଷଲ ପଟେଲ, ଦୀପକ ଚହର ଓ ଯଶପ୍ରୀତ୍ ବୁମ୍‌ରା।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା**

# ଭାରତ ଏ'ର କ୍ଲିନ୍ ସୁଇପ୍

**ଚେନ୍ନାଇ, ୨୭।୯ (ପି.ଟି.):** ଶାର୍ଦ୍ଦୂଳ ଠାକୁରଙ୍କ ଦ୍ରୁତ ୫୧ (୩୩ ବଲ୍) ଏବଂ ପଦାର୍ପଣକାରୀ ରାଜ୍ ଅଙ୍ଗଦ ବାୱା(୪/୧୧)ଙ୍କ ଚମତ୍କାର ବୋଲିଂ ଯୋଗୁ ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ତୃତୀୟ ଅନ୍ ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଭାରତ ଏ' ୧୦୬ ରନରେ ଜିତିନେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଟସ୍ ଜିତି ଭାରତ ବ୍ୟାଟିଂ ନେବା ପରେ ଅଧିନାୟକ ସଞ୍ଜୁ ସାମ୍‌ସନ (୬୮ବଲ୍‌ରୁ ୫୪ରନ) ଓ ତିଳକ ବର୍ମା (୬୨ବଲ୍‌ରୁ ୫୦) ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ଲୋୟର ଅର୍ଡରରେ ଠାକୁରଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଭାରତ ୪୯.୩ ଓଭରରେ ଅଲଆଉଟ ହୋଇଯାଇଥିଲା। ଠାକୁର ତାଙ୍କ ଆମୋଦଦାୟକ ୩୩ ବଲ୍‌ର ଇନିଂସରେ ୪ ଚୌକା ଓ ୩ ଛକା ଲଗାଇଥିଲେ। ବିଜୟ ପାଇଁ ୨୮୫ ରନ ପିଛା କରୁଥିବା ଚାଦ୍ ବାଓଜ୍ (୨୦) ଓ ଡେନ୍ କ୍ଲିଭର (୮୯ବଲ୍‌ରୁ ୮୩) ଭଲ ଆରମ୍ଭ ଦେଇଥିଲେ ମଧ୍ୟ ଭ୍ରମଣକାରୀ ଦଳ ୩୮.୩ ଓଭରରେ ଅଲ୍‌ଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଭାରତ 'ଏ': ୪୯.୩ ଓଭରରେ ୨୮୪ ଅଲଆଉଟ (ସଞ୍ଜୁ ସାମ୍‌ସନ-୫୪, ଶାର୍ଦ୍ଦୂଳ ଠାକୁର-୫୧, ତିଳକ ବର୍ମା-୫୦, ମିଚେଲ ରିପନ-୨/୪୩, ଜାକବ ଡୁଫି-୨/୪୫)। ନ୍ୟୁଜିଲାଣ୍ଡ 'ଏ': ୩୮.୩ ଓଭରରେ ୧୭୮/ଅଲଆଉଟ (ଡେନ୍ କ୍ଲିଭର-୮୩, ରାଜ ଅଙ୍ଗଦ ବାୱା-୪/୧୧, କୁଲଦୀପ ଯାଦବ-୨/୨୯, ରାହୁଲ ଚହର-୨/୩୯)।

# ଗାଭାସ୍କରଙ୍କୁ ଏସ୍‌ଜେଏଫ୍‌ଆଇ ପଦକ, ଶାସ୍ତ୍ରୀ ସମ୍ମାନିତ

**ଥିରୁଭାନନ୍ତପୁରମ, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟର ଦୁଇ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ରବି ଶାସ୍ତ୍ରୀ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସଜେଏଫ୍‌ଆଇ)ର ବିଶେଷ ସମ୍ମାନ ଗ୍ରହଣ କରିଛନ୍ତି। ଏସ୍‌ଜେଏଫ୍‌ଆଇ ପକ୍ଷରୁ ପ୍ରତିବର୍ଷ କିଛି କିମ୍ବଦନ୍ତୀ ଖେଳାଳିଙ୍କୁ ସମ୍ମାନିତ କରାଯାଇଥାଏ। ମାତ୍ର ପୂର୍ବରୁ ଘୋଷଣା ହୋଇଥିଲେ ମଧ୍ୟ ସୁନୀଲ ଗାଭାସ୍କର ଓ ରବି ଶାସ୍ତ୍ରୀଙ୍କୁ କରୋନା ମହାମାରୀ କାରଣରୁ ଏହି ସମ୍ମାନ ପ୍ରଦାନ ପାଇଁ ଉତ୍ସବର ଆୟୋଜନ କରାଯାଇ ପାରି ନ ଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚ ପାଇଁ ଟେଲିଭିଜନ ଭାଷ୍ୟକାର ଭାବରେ ଦୁହେଁ ଏଠାରେ ଉପସ୍ଥିତ ଥିବାରୁ ଅଳ୍ପ ସମୟର ପ୍ରସ୍ତୁତିରେ ଏହି ଉତ୍ସବ ଆୟୋଜନ ହୋଇଥିଲା। ରବି ଶାସ୍ତ୍ରୀଙ୍କୁ ତାଙ୍କ ମିଡିଆରେ ଅବଦାନ ସକାଶେ ଏସ୍‌ଜେଏଫ୍‌ଆଇର ଆଜୀବନ ସଦସ୍ୟ ଭାବେ ଗ୍ରହଣ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗତ ୩ ବର୍ଷ ଧରି ଏସ୍‌ଜେଏଫ୍‌ଆଇ ଦେଶର ପ୍ରମୁଖ ଖେଳାଳିଙ୍କୁ ଏକ ସ୍ୱତନ୍ତ୍ର ସ୍ୱର୍ଣ୍ଣ ପଦକ ପ୍ରଦାନ କରୁଛି। ପୂର୍ବରୁ ବିଜୟ ଅମୃତରାଜ ଓ ପ୍ରକାଶ ପାଦୁକୋନଙ୍କୁ ଏହା ପଦକ ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ଏହାକୁ ଗ୍ରହଣ କରିଥିଲେ ସୁନୀଲ ଗାଭାସ୍କର। ଏଥିସହ ଏସ୍‌ଜେଏଫ୍‌ଆଇର ଆଜୀବନ ସଦସ୍ୟ ଭାବେ ମଧ୍ୟ ତାଙ୍କୁ ଗ୍ରହଣ କରାଯିବା ବିଷୟ ଘୋଷଣା ହୋଇଥିଲା। ଏସ୍‌ଜେଏଫ୍‌ଆଇର ସଭାପତି ଏ. ବିନୋଦ, ଉପ ସଭାପତି ସମ୍ବିତ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ କେନି, ଆର କୌଶିକ, ଏସ. ସବାନାୟକନ, ଜି. ବିଶ୍ୱନାଥ, ଦେବେନ୍ଦ୍ର ପାଣ୍ଡେ, ନିଲେଶ ଦେଶପାଣ୍ଡେ ଏବଂ ସୁପ୍ରଭାତ ଆଦିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତୀୟ କ୍ରିକେଟ ବୋର୍ଡର ପୂର୍ବତନ ସମ୍ପାଦକ ଏସ.କେ. ନାୟାର ଗାଭାସ୍କର ଓ ଶାସ୍ତ୍ରୀଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ଉଭୟ ଗାଭାସ୍କର ଓ ଶାସ୍ତ୍ରୀ ସେମାନଙ୍କ ଜୀବନରେ କ୍ରୀଡ଼ା ସାମ୍ବାଦିକଙ୍କର ରହିଥିବା ବିଶେଷ ଭୂମିକା ବାବଦରେ ପ୍ରକାଶ କରିଥିଲେ। କ୍ରୀଡ଼ା ସାମ୍ବାଦିକ ଓ ଖେଳାଳିଙ୍କ ମଧ୍ୟରେ ପୂର୍ବରୁ ପ୍ରଚଣ୍ଡ ବିଶ୍ୱାସ ଥିଲା। ହେଲେ ବର୍ତ୍ତମାନ ସେହି ବିଶ୍ୱାସ କମୁଛି ବୋଲି ଗାଭାସ୍କର କହିବା ସହ ଦେଶରେ ଖେଳର ପ୍ରକୃତ ବିକାଶ ପାଇଁ ଖେଳାଳି, କ୍ରୀଡ଼ା ପ୍ରଶାସକ ଏବଂ କ୍ରୀଡ଼ା ସାମ୍ବାଦିକ ଏକାଠି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ।



ସମ୍ମାନିତ ହେବା ଅବସରରେ ସୁନୀଲ ଗାଭାସ୍କର ଓ ରବି ଶାସ୍ତ୍ରୀ।





72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

*ସାର୍ବଜନିକ ଭାବେ ଉପଲବ୍ଧ 19 ଅଗଷ୍ଟ 2022 ରେ ଥିବା SIAM ଡେଟା ଆଧାରିତ । ତଥା, କେବଳ ବ୍ରୁକ୍ଲିନ୍ ବ୍ଲାକ୍ କଲର୍ ପ୍ରକାର ସକାଶେ । #ଏକ୍ସ-ଶୋରୂମ୍ ମୂଲ୍ୟ ଓଡ଼ିଶା । ^ଡାଉନ୍ ପେମେଣ୍ଟ ରେ ଡିପିସି ଚାର୍ଜେସ୍, ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟ ଚାର୍ଜେସ୍ ମିଶିନାହିଁ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । AMC କେବଳ ନିର୍ଦ୍ଦିଷ୍ଟ ମଡେଲ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶରେ ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲରଙ୍କୁ ପଚାରି ବୁଝନ୍ତୁ । ରୋଡ୍ ସାଇଡ୍ ଆସିଷ୍ଟାନ୍ସ ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ ଓ ସେମାନଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା ଓ ପେଶାଦାର ତତ୍ତ୍ୱାବଧାନରେ, ଏକ ନିୟନ୍ତ୍ରିତ ଓ ଘେରାଯାଇଥିବା ପରିବେଶରେ କରାଯାଇଛି, ଯାହା ସର୍ବସାଧାରଣଙ୍କ ଠାରୁ ବା ସାର୍ବଜନିକ ସଡ଼କ ଠାରୁ ଦୂରେଇ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ ।

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8260712525 Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945.


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳା



**ଟାଙ୍ଗୀ(ଖୋର୍ଦ୍ଧା),୨୭।୯(ଡି.ଏନ୍.ଏ.):** ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ମଙ୍ଗଳବାର ଭାରତୀୟ ଗ୍ରାମୀଣ ସେବା ପକ୍ଷରୁ ମଙ୍ଗଳାଯୋଡ଼ି ଠାରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଙ୍ଗଳାଯୋଡି ଇକୋଟୁରିଜମ, କଟେଜ ମାଲିକ, ଟୁର ଅପରେଟର, ଟୁର ଗାଇଡ, ବନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଚିଲିକା ହ୍ରଦର ଇକୋସିଷ୍ଟମରେ ଦାରିଦ୍ର୍ୟ ଦୂରୀକରଣ ଓ ପରିବେଶ ସ୍ଥିରତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ଚୂଡ଼ାମଣି ମୁର୍ମୁ ଯୋଗ ଦେଇ ବିଶ୍ୱ ପର୍ଯ୍ୟଟନ ଦିବସର ଗୁରୁତ୍ୱ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ଅଧିକାରୀ ଗଣେଶ୍ୱର ସାହୁ ପ୍ରାକୃତିକ କୃଷି ଓ ପରିବେଶର ସୁରକ୍ଷିତ ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଭାରତୀୟ ଗ୍ରାମୀଣ ସେବା ଆଇଜିଏସ ସଞ୍ଜୀବ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ବିକାଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ଜ୍ୟୋତିର୍ବିଦ୍ୟାରେ ପାରଙ୍ଗମ ଥିଲେ ନୃସିଂହ

**ବେଗୁନିଆ,୨୭।୯(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅଞ୍ଚଳର ଖବରଦାତା ଶିବ ପ୍ରସାଦ ଷଡ଼ଙ୍ଗୀଙ୍କ ବାପା ନୃସିଂହ ନାଥ (୮୭)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ଦୀର୍ଘଦିନ ହେବ ସିମୋର ସ୍ଥିତ ନିଜ ବାସଭବନରେ ଚିକିତ୍ସା ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୩ ପୁଅବୋହୂ, ଝିଅ ଜ୍ୱାଇଁ, ୭ଜଣ ନାତୁଣୀ ଓ ନାତିଙ୍କ ସମେତ ସମ୍ପର୍କୀୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ନୃସିଂହଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ବସନ୍ତ ମୁଖାଗ୍ନି ଦେଇଥିଲେ। ନୃସିଂହ ଜଣେ ଜ୍ୟୋତିର୍ବିଦ୍ ଭାବେ ପାରଙ୍ଗମ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅନ୍ନପୂର୍ଣ୍ଣା ଥିଏଟରରେ ମଞ୍ଚସ୍ଥ ହେବ 'ମୁଁ ନିର୍ଭୟା କହୁଚି'

**ଝାଁଳା,୨୭।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଝାଁଳା ସ୍ଥିତ ଇନ୍ଦ୍ରଧନୁ ଥିଏଟରର ବହୁ ଚର୍ଚ୍ଚିତ ସତ୍ୟ ଘଟଣା ଉପରେ ଆଧାରିତ ନାଟକ 'ମୁଁ ନିର୍ଭୟା କହୁଚି' ଯାହାକି କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଇନ୍ଦ୍ରଧନୁର ୮୨ତମ ନାଟକ ଭାବେ ଆସନ୍ତା ୨୯ ତାରିଖରେ ମଞ୍ଚସ୍ଥ ହେବ।ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀବତ୍ସ ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିନୟ ଦାଶ। ଏକ ପୀଡିତାର ସଂଘର୍ଷ ପୂର୍ଣ୍ଣ କାହାଣୀକୁ ନେଇ ନାଟକଟି ଗତିଶୀଳ। ଏହାକୁ ସହ ନିର୍ଦ୍ଦେଶନା ଦେଇଛନ୍ତି ପରମାନନ୍ଦ ସାମନ୍ତସିଂହାର। ବିଭିନ୍ନ ଭୂମିକାରେ ବନିତା, ପ୍ରକାଶ, ମହେନ୍ଦ୍ର, ବିଜୟ, ସୁଶୀଲ, ପ୍ରକାନ୍ତ, ନିରଞ୍ଜନ, ଗୁଡୁ, ବୁବୁନା, ବିଶ୍ୱଜିତ, ଶ୍ରୀବତ୍ସ, ଗୋବିନ୍ଦ, ଅଭିଷେକ, ପରମାନନ୍ଦ, ପ୍ରତୁଲ୍ୟ, ରବିରାୟ ଅଭିନୟ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ

**ବୋଲଗଡ଼,୨୭।୯(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଘୋରଡିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବରାମ ଦାସ (୭୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ରକ୍ତକର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେ ବହୁ ବିଦ୍ୟାଳୟରେ ଶିକ୍ଷାଦାନ କରିଥିବା ବେଳେ ୨୦୧୧ ମସିହାରେ ବରହମପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଗତ ସମବାୟ ନିର୍ବାଚନରେ ଘୋରଡିଆ ସେବା ସମବାୟ ସମିତିର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେ ମଧ ବୋଲଗଡ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ସାହିତ୍ୟ ଘର ଓ ଅନ୍ୟାନ୍ୟ ଅନେକ ସଙ୍ଗଠନର ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ଶିକ୍ଷକ, ସହକର୍ମୀ ତାଙ୍କ ବୋଲଗଡ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଘର ବାରିପଟେ ଥିବା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ ପୁଅ ବିଭୁ ମୁଖାଗ୍ନି ଦେଇଥିଲେ।

# ସ୍କୁଲ ଫାଟକରେ ତାଲା ପକାଇ ଧାରଣା

**ନିରାକାରପୁର,୨୭।୯(ଡି.ଏନ୍.ଏ.)**



୨ ଦଫା ଦାବିରେ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି।

ଦୁଇ ଦଫା ଦାବିରେ ମଙ୍ଗଳବାର ଛାତ୍ରୀଛାତ୍ର ଓ କେତେଜଣ ଗ୍ରାମବାସୀ ଟାଙ୍ଗୀ ବ୍ଲକ ବଡପୋଖରିଆ ପଞ୍ଚାୟତ ବୋଡଙ୍ଗରା ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ଚାର୍ଜଦେବା ଏବଂ ସ୍କୁଲରେ ପୂର୍ବରୁ ଥିବା ପ୍ରଧାନ ଶିକ୍ଷକ କିଶୋର କୁମାର ଦାସଙ୍କୁ ସ୍କୁଲକୁ ଫେରାଇ ଆଣିବା ଆଦି ଦାବି ରହିଛି।

ପ୍ରକାଶ ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୯୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିପାଇଁ ୫ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ତେବେ ଚଳିତ ବର୍ଷ ମେ' ୭ରେ ମଧ୍ୟାହ୍ନଭୋଜନରେ ବାସି ଖାଦ୍ୟ ଖାଇ ୬ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ଯଶୋଧରା ବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ପୁଷ୍ପଲତା ଶ୍ରୀଚନ୍ଦନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତ ମିଳିଥିବା ବେଳେ ଏବେ ଯାଏ ତାଙ୍କୁ ସ୍କୁଲ ଚାର୍ଜ ଦିଆଯାଇ ନାହିଁ। ଫଳରେ ପିଲାମାନେ ପୋଷାକ ପାଇବାରୁ ବଞ୍ଚିତ ହେବା ସହ ସ୍କୁଲର ଉନ୍ନତୀକରଣ ପାଇଁ ଟଙ୍କା ରହିଥିଲେ ମଧ କାର୍ଯ୍ୟକାରୀ

**୨ ଦଫା ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ସ୍କୁଲ ବନ୍ଦ କରାଯିବ**

ହୋଇପାରୁ ନାହିଁ। ଏନେଇ ଅଭିଭାବକ ସ୍କୁଲ ପରିଚାଳନା କମିଟି ସଦସ୍ୟ ବ୍ଲକ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିଲାନି। ଏନେଇ ଅଭିଭାବକ ସ୍କୁଲ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଉକ୍ତ ସମୟରେ ଚାର୍ଜରେ ଥିବା ବ୍ଲକ୍ ଅଧିକରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତି ମିଳିଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପୁଣି ସୋମବାର ଦୁଇ ଦଫା ଦାବିରେ ଛାତ୍ରୀଛାତ୍ରୀ ଓ ଗ୍ରାମବାସୀ ଗେଟରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗେଟ୍ ବନ୍ଦ ରହିବ ବୋଲି ଧାରଣାକାରୀ ଚେତାବନୀ ଦେଇଛନ୍ତି । ଏନେଇ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ପ୍ରଧାନ କୁହନ୍ତି, ଚାରିମାସ ହେବ ବଦଳି ହୋଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବେହେରା ନିଯୁକ୍ତ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀଚନ୍ଦନଙ୍କୁ ଚାର୍ଜ ଦେଉନାହାନ୍ତି। ଫଳରେ ସ୍କୁଲର ଉନ୍ନତୀକରଣ କାମ ହୋଇପାରୁ ନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ସ୍କୁଲ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏନେଇ ଟାଙ୍ଗୀ ଏବିଇଓ ସାବିତ୍ରୀ ସାହୁ କୁହନ୍ତି, ବୁଧବାର ଜଣେ ବିଭାଗୀୟ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଯିବ। ୨୯ ତାରିଖରେ ଏହି ସମସ୍ୟାର ସମାଧାନ କରିବେ ବୋଲି ବିଇଓ କହିଥିଲେ ବୋଲି ସେ କହିଛନ୍ତି।

## 'ଏକାଠି ହୋଇ କାମ କଲେ ଅଞ୍ଚଳର ବିକାଶ ହେବ'

**ଖୋର୍ଦ୍ଧା ଅଫିସ,୨୭।୯**

ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଯାତ୍ରୀ ନିବାସ ଠାରେ ସ୍ୱାଧୀନତାର ୭୫ ବର୍ଷ ଆଜାଦୀକା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। କାଉନସିଲର ସୁଶାନ୍ତ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗ ଦେଇ ଦେଶମାତୃକାର ସେବା ପାଇଁ ଆହ୍ୱାନ ଦେଇଥିଲେ। ନିଜ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେବା ସହ ରାଷ୍ଟ୍ରର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ କାଉନସିଲର ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କଲେ ଅଞ୍ଚଳର ବିକାଶ ଘଟିବ ବୋଲି କହିଥିଲେ। ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, କାଉନସିଲର ଅମିୟ ମହାନ୍ତି, ମୋନାଲିସା ସିଂହ, କମଳ ପ୍ରଧାନ, ପ୍ରଶାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଝୋଟି, ଚିତା, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'ଆତିଥେୟତା ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରେ'



ଜିଲା ସଂସ୍କୃତି ଭବନରେ ଆୟୋଜିତ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ଖୋର୍ଦ୍ଧା ଅଫିସ,୨୭।୯**

ବିଶ୍ୱ ପର୍ଯ୍ୟଟନ ଦିବସ ସ୍ଥାନୀୟ ଜିଲା ସଂସ୍କୃତି ଭବନରେ ମଙ୍ଗଳବାର ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପର୍ଯ୍ୟଟନ ହେଉଛି ବର୍ତ୍ତମାନ ଅର୍ଥନୀତିର ଅଂଶ ବିଶେଷ। ପୁସ୍ତକ ପଠନ ଏବଂ ବିଭିନ୍ନ ସ୍ଥାନ ଭ୍ରମଣ କରିବା ଦ୍ୱାରା ଅନେକ ସଂସ୍କୃତି ଓ ସାହିତ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିହୁଏ । ପର୍ଯ୍ୟଟନ କେବଳ ଖୁସି ଦିଏ ନାହିଁ ବରଂ ଅର୍ଥନୀତି ଓ ପାରସ୍ପରିକ ସଦଭାବନାକୁ ସମୃଦ୍ଧ କରିଥାଏ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଭାରତରେ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଅବଦାନ ଅତୁଳନୀୟ। ଉଚ୍ଚକୋଟିର ଆତିଥେୟତା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ବ୍ୟାପକ ହୋଇଥାଏ। ଲୋକଙ୍କ ସହଯୋଗ ପର୍ଯ୍ୟଟନକୁ ଅଧିକ ବ୍ୟାପକ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଚାଷଙ୍ଗରା ସ୍ଥିତ ଭାଲେରୀ ସରକାରୀ ହାଇସ୍କୁଲର ଅପର୍ଣ୍ଣା ପ୍ରିୟଦର୍ଶିନୀ ମଙ୍ଗରାଜ ପ୍ରଥମ, ଭୁବନେଶ୍ୱର ୟୁନିଟ-୧ ସ୍ଥିତ ସରାକରୀ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞାଂଶ ପ୍ରସାଦ ଦାସ ଦ୍ୱିତୀୟ, ନାଚୁଣୀସ୍ଥିତ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟର ସୀମାଞ୍ଚଳ ପଲେଇ ତୃତୀୟ, ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରାଣନାଥ ସ୍ୱୟଂଶାସିତ ମହବିଦ୍ୟାଳୟର ସ୍ୱୟଂଶୁଭମ ରାୟ ପ୍ରଥମ, ବୀରେନ୍ଦ୍ର କିଶୋର କଳାସ ଦ୍ୱିତୀୟ ଏବଂ ରୋଜିନା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସମ୍ମାନିତ ଅତିଥି ଏବଂ ପର୍ଯ୍ୟଟନ ବିଭାଗ କର୍ମଚାରୀମାନେ ଯୋଗ ଦେଇଥିଲେ।

## ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା

**ଖୋର୍ଦ୍ଧା ଅଫିସ,୨୭।୯**

କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ଧରି କେବଳ ପ୍ରଶାସନିକ ସ୍ତରରେ ସୀମିତ ରହିଥିଲା ପର୍ଯ୍ୟଟନ ଦିବସ। ଚଳିତ ବର୍ଷ କଟକଣା ହଟିବା ପରେ ଆଶା ଥିଲା ଜିଲାସ୍ତରରେ ଆଡ଼ମ୍ବରରେ ପାଳନ କରାଯିବ। ହେଲେ ଖୋର୍ଦ୍ଧା ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କେତେଜଣ ସ୍କୁଲ ଓ କଲେଜ ପିଲାଙ୍କୁ ନେଇ ବିଶ୍ୱ ପର୍ଯ୍ୟଟନ ଦିବସ ସ୍ୱଳ୍ପ ସମୟରେ ସାରିଦେଲେ। ପର୍ଯ୍ୟଟନ ଦିବସରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଏ ପରିକି ଗଣମାଧମ ପ୍ରତିନିଧିଙ୍କୁ ମଧ ଡକାଗଲା ନାହିଁ। ସରକାର ପର୍ଯ୍ୟଟନ ଶିଳ୍ପର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ତେବେ ଖୋର୍ଦ୍ଧା ଜିଲାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। କୋଭିଡ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଧିକାରୀମାନେ ଫଟୋ ଉଠାଇ କାର୍ଯ୍ୟକ୍ରମ ସାରିଥିଲେ। ମଙ୍ଗଳବାର ସଂସ୍କୃତି ଭବନରେ ପିଲାଙ୍କ ଗହଣରେ କାର୍ଯ୍ୟକ୍ରମ କରିଥିଲେ। ତେବେ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ପର୍ଯ୍ୟଟନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି. ଖବରଦାତାଙ୍କୁ ଅଣଦେଖା କରାଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

## ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର

**ଖୋର୍ଦ୍ଧା ଅଫିସ,୨୭।୯**

ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ ସ୍ଥାନୀୟ ସ୍ତରରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶ ଦିଗରେ ପର୍ଯ୍ୟଟନର ଏକ ପ୍ରମୁଖ ଭୂମିକା ରହିଛି। ପ୍ରତିବର୍ଷ ସେପ୍ଟେମ୍ବର ୨୭ କୁ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଏ। ଚଳିତବର୍ଷର ବିଷୟବସ୍ତୁ ରହିଛି 'ପୁନର୍ବାର ପର୍ଯ୍ୟଟନ'। ଏଥିରୁ ସ୍ପଷ୍ଟ ଯେ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସମସ୍ତେ ପୁନର୍ବିଚାର କରିବା ଆବଶ୍ୟକତା ରହିଛି। ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ପର୍ଯ୍ୟଟନ ପ୍ରତି ଜନସଚେତନତା ସୃଷ୍ଟି ଏବଂ ପର୍ଯ୍ୟଟନ ମାଧ୍ୟମରେ ନିଜ ଅଞ୍ଚଳର ଅର୍ଥନୈତିକ ବିକାଶ ପ୍ରତି ଗୁରୁତ୍ୱ ଦେବା। ସାଧାରଣ ମଣିଷଟିଏ ବ୍ୟସ୍ତ ବହୁଳ ଜୀବନରୁ ପ୍ରାକୃତିକ ମନୋରମ ପରିବେଶରେ କିଛି ସମୟ ଅତିବାହିତ କରି ଆନନ୍ଦ ଖୋଜିଥାଏ। ପର୍ଯ୍ୟଟକଙ୍କ ଆଗ୍ରହକୁ ଦେଖି ସରକାର ମଧ ଅନେକ ସ୍ଥାନରେ ପରିବେଶ ଅନୁକୂଳ ଇକୋ-ଟୁରିଜମ ବ୍ୟବସ୍ଥା କରିଛନ୍ତି। ଫଳରେ ପର୍ଯ୍ୟଟକ ମାନେ ପ୍ରକୃତିର ମଜା ଉଠାଇ ପାରିବେ। ଏହା ଦ୍ୱାରା ପର୍ଯ୍ୟଟନ ଶିଳ୍ପକୁ ଅଧିକ ସମୃଦ୍ଧ ସହ ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରିଥାଏ ବୋଲି ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଅର୍ଥନୈତିକ ବିକାଶ କ୍ଷେତ୍ରରେ ପର୍ଯ୍ୟଟନର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଛନ୍ତି। ସେ ଆହୁରି କହିଥିଲେ, ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ଏହାର ବିସ୍ତୀର୍ଣ୍ଣ ବେଳାଭୂମି, ନୀଳାମ୍ବୁ ଚିଲିକା, ଅଭୟାରଣ୍ୟ, ପ୍ରାକୃତିକ ଶୋଭାରାଜିରେ ଭରପୁର ପରିବେଶ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ଆତିଥେୟତା, ଉତ୍ତମ ବାତାବରଣ, ପର୍ଯ୍ୟଟନ ବିକାଶ ଦିଗରେ ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ ବୋଲି ସେ କହିଥିଲେ। ରଞ୍ଜିତ କେଏନ ସାମନ୍ତରାୟ ସଂଯୋଜନା କରିଥିବା ବେଳେ କ୍ଷିତିଶ ମୋହନ ଦାସ, ଗୋପାଳ କୃଷ୍ଣ ଦାସ, ସତ୍ୟ ନାରାୟଣ ବିଶୋଇ, ମୀନକେତନ ସୁବୁଦ୍ଧି, ଓମ ପ୍ରକାଶ ମହାନ୍ତି, ଆଦିତ୍ୟ ମହାରଣା, ରାକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



**ନିରାକାରପୁର:** ମା' ଉଗ୍ରତାରାଙ୍କ ବ୍ରହ୍ମଚାରିଣୀ ବେଶ।

# ଶାରୀରିକ ଦକ୍ଷତା ପରୀକ୍ଷା ଆରମ୍ଭ



**ଖୋର୍ଦ୍ଧା ଅଫିସ,୨୭।୯**

ଅବକାରୀ କନଷ୍ଟେବଳ ନିମନ୍ତେ ତୃତୀୟ ପର୍ଯ୍ୟାୟ ଶାରୀରିକ ଦକ୍ଷତା ପରୀକ୍ଷା ସୋମବାର ଠାରୁ ଅର୍ଜୁନପୁର ସ୍ଥିତ ଷଷ୍ଠ ଆଇଆରବି ଏବଂ ୪୧ତମ ଆଇଟିବିପି ବାଟାଲିୟନ ପଡିଆରେ ଆରମ୍ଭ ହୋଇଛି। ଓଡ଼ିଶା ଅଧୀନସ୍ଥ କର୍ମଚାରୀ ଚୟନ ଆୟୋଗଙ୍କ ଦ୍ୱାରା ଅନୁଷ୍ଠିତ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ଶାରୀରିକ ପରୀକ୍ଷା କରାଯିବ। ଏହି ଚୟନ ପ୍ରକ୍ରିୟା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇ ଦିନରେ ମୋଟ୍ ୧୦୪୧ ଜଣ ପ୍ରାର୍ଥୀ ଭାଗ ନେବେ। ସେମାନଙ୍କର ଶାରୀରିକ ଉଚ୍ଚତା, ଓଜନ, ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ଦୌଡି ଚଢିବା ଭଳି ଦକ୍ଷତା ପରୀକ୍ଷା କରାଯାଉଛି। ଏଥିନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରାଯାଇଛି। ପରୀକ୍ଷାର୍ଥୀଙ୍କ ନିମନ୍ତେ ଖାଦ୍ୟ, ପାନୀୟ ଓ ବସିବା ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ମଧ କରାଯାଇଛି। ଆମ୍ବୁଲାନ୍ସ, ଡାକ୍ତରୀ ଦଳ, ଆଶୁ ଚିକିତ୍ସା, ଅଗ୍ନିଶମ କର୍ମଚାରୀ, ପୋଲିସ ଅଧିକାରୀ ଓ କର୍ମଚାରୀ ମୁତୟନ ହୋଇଛନ୍ତି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଆଇଆରବିଏନ୍ କମାଣ୍ଡାଣ୍ଟ ନାରାୟଣ ଦୋରା ସମସ୍ତ ବ୍ୟବସ୍ଥାର ଯାଞ୍ଚ କରିବା ସହ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଖୋର୍ଦ୍ଧା ଓ ଭୁବନେଶ୍ୱର ଅବକାରୀ ଅଧୀକ୍ଷକ ଝାସକେତନ ବରିହା, ପ୍ରଦୀପ କୁମାର ପଟ୍ଟନାୟକ, ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ପରିଚାଳନା କରୁଛନ୍ତି।

# ଧାନ ଫସଲରେ ପୋକ, ଚିନ୍ତାରେ ଚାଷୀ

**ବେଗୁନିଆ,୨୭।୯(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହୋଇଥିବା ଧାନ ଫସଲରେ ରୋଗ ଓ ପୋକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏଥିଯୋଗୁ କ୍ଷେତରେ ହେକ୍ଟର ହେକ୍ଟର ଧାନ ଫସଲ ଉଜୁଡି ଯିବାକୁ ବସିଛି। ଫଳରେ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଅନ୍ୟପକ୍ଷରେ କେତେବେଳେ ନିଅଣ୍ଟିଆ ବର୍ଷା ତ ଆଉ କେତେବେଳେ ରୋଗ, ପୋକ ଦାଉ ସାଧୁଛି। ଫଳରେ ଚାଷ ପ୍ରତି ଚାଷୀ ବିମୁଖ ହେବାରେ ଲାଗିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ପ୍ରତିକାର ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

ସୂଚନାଥାଉ କି, ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ୨୫୭୫ ହେକ୍ଟର ଜମିରେ ଧାନ ବୁଣାଯାଇଥିଲା। ସେହିପରି ୮୩୬୬ ହେକ୍ଟର ଜମିରେ ଧାନ ତଳି ରୁଆପୋତା ଯାଇଛି। ଅଧିକ ଅମଳ ପାଇଁ ଚଳିତ ବର୍ଷ ପ୍ରାୟ ୧୫୦ ହେକ୍ଟର ଜମିରେ ହାଇବ୍ରିଡ ଧାନ ଫସଲ କରାଯାଇଛି। ହେଲେ ଭାଦ୍ରବ ଶେଷ ଆଶ୍ୱିନ ମାସ ଆରମ୍ଭ ବେଳ ଧାନ ଫସଲ ପାଇଁ ଉପଯୁକ୍ତ ସମୟ। ତେବେ ଫସଲରେ ଏବେ ବିଭିନ୍ନ ପ୍ରକାର ରୋଗ ଦେଖାଦେବା ସହ ପୋକ ଲାଗିଲେଣି। ବିଶେଷକରି ଖାଲୁଆ ଜମିରେ ହୋଇଥିବା ଧାନ ଫସଲରେ ମହିମା, ପତ୍ରପୋଡ଼ା, ଆଚ୍ଛାଦ ପଚା, ମୂଳଶଢା ଆଦି ରୋଗ ଦେଖାଦେଇଥିବା ଦେଖିବାକୁ ମିଳିଛି। ସେହିପରି ଆଉ କେତେଜଣ ଚାଷୀଙ୍କ ଫସଲରେ ଝିଣ୍ଟିକା, ନଳୀପୋକ, ଛଗୋଡିଆ, ମାଟିଆଗୁଣ୍ଡି ଆଦି ପୋକ ଲାଗିଲେଣି। ତେବେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ

**ବେଗୁନିଆ ବ୍ଲକ**

ଏଭଳି ରୋଗ ସୃଷ୍ଟି ହେଉଛି ବୋଲି କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସ୍ଥାନୀୟ କୃଷି ଅଧିକାରୀ ଓ କର୍ମଚାରୀ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇବା ଲାଗି ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ଚାଷୀମାନେ ଜୈବିକ ସାର ପ୍ରୟୋଗ ଉପରେ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି କୃଷି ବିଶେଷଜ୍ଞ ମତ ଦେଇଛନ୍ତି। ମାତ୍ର ଏଯାଏ ସ୍ଥାନୀୟ କୃଷି ଅଧିକାରୀ ଚାଷୀଙ୍କ ନିକଟତର ହୋଇନାହାନ୍ତି ବୋଲି ଚାଷୀ ମଦନ ମୋହନ ସାହୁ, ପ୍ରେମାନନ୍ଦ ମହାନ୍ତି, ଭାଗୀରଥି ପରିଡା, ରମାକାନ୍ତ ଦେହୁରୀ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କୁହନ୍ତି, ଚାଷୀମାନେ ଭୟଭୀତ ହେବାର କୌଣସି ଆବଶ୍ୟକ ନାହିଁ। ବିଭିନ୍ନ ପ୍ରକାରର ଔଷଧ ସବ୍‌ସିଡି ମାଧ୍ୟମରେ ଚାଷୀଙ୍କୁ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ବିଭାଗୀୟ କର୍ମଚାରୀଙ୍କ ସହିତ ଚାଷୀମାନେ ଯୋଗାଯୋଗ କଲେ ପ୍ରତିକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୬।୯।୨୦୨୨

| | |
|---|---|
| ୨,୫୨,୦୨୫ ଟଙ୍କା | |
| ସୁନା | ୧୯.୫୦୦ ଗ୍ରାମ |
| ରୁପା | ୧୨.୯୦୦ ଗ୍ରାମ |



ପୁରୀ ବାସେଳି ମା' ଠାକୁରାଣୀଙ୍କ ବିମଳା ବେଶ ।



ମା' ବାଙ୍କୀ ମୁହାଣ ରାମଚଣ୍ଡୀଙ୍କ ନାରାୟଣୀ ବେଶ ।



ମରିଚୀ ଠାକୁରାଣୀଙ୍କ ସିଂହବାହିନୀ ବେଶ ।

## ସଂକ୍ଷେପରେ

### ଦେବୀ ନଦୀରୁ ମହିଳାଙ୍କ ମୃତଦେହ ଜବତ

ଅସ୍ତରଙ୍ଗ,୨୭।୯(ଡି.ଏନ୍.ଏ.)- ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ନୂଆଗଡ଼ ମେରାଇନ ଥାନା ଅଧୀନ ଦେବୀ ନଦୀ ତଥା ପୁରୁଣା ଜେଟି ନିକଟରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ପରେ ପୁରୀର ସାଇଣ୍ଟିଫିକ ଟିମ୍‌କୁ ଡକାଇ ନମୁନା ସଂଗ୍ରହ କରିବା ସହ ଚିହ୍ନଟ ନିମନ୍ତେ ଚାରି ଘଣ୍ଟା ମୃତଦେହକୁ ରଖିଥିଲେ। ହେଲେ କେହି ନ ଆସିବାରୁ ନଂ.୨/୨୦୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଛି। ସୂଚନା ଅନୁଯାୟୀ, ନୂଆଗଡ଼ ଅଞ୍ଚଳର କେତେଜଣ ଲୋକ ମଙ୍ଗଳବାର ସକାଳେ ଦେବୀ ନଦୀ ରାସ୍ତା ଦେଇ ଯାଉଥିଲେ। ହେଲେ ପୁରୁଣା ଜେଟି ନିକଟରେ କିଛି ଭାରି ସାମଗ୍ରୀ ଭାସୁଥିବା ଦେଖିଥିଲେ। ନିକଟକୁ ଯିବାବେଳେ ତାହା ଜଣେ ମହିଳାଙ୍କ ମୃତଦେହ ବୋଲି ଜଣାପଡ଼ିଥିଲା। ଖବରପାଇ ମେରାଇନ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ହେଲେ ମହିଳାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ଆତ୍ମହତ୍ୟା କି ହତ୍ୟା କରାଯାଇଛି, ସେନେଇ ପୋଲିସ ତଦନ୍ତ ଚଳାଇଛି। ମୃତ ମହିଳାଙ୍କ ବୟସ ୩୦ ଭିତରେ ହୋଇଥିବା ଅନୁମାନ କରାଯାଉଥିବା ସାମୁଦ୍ରିକ ଥାନା ଅଧିକାରୀ ବାମଦେବ ନନ୍ଦ ସୂଚନା ଦେଇଛନ୍ତି।

### ଦିନିକିଆ ଫ୍ରି ଟ୍ରେନିଂ ନିକନ୍ ୱାର୍କଶପ

ପୁରୀ ଅଫିସ,୨୭।୯- ପୁରୀ ଫଟୋ ଫ୍ରିଲାନ୍ସର କ୍ଲବ୍‌ର ପାଞ୍ଚ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଏକଦିବସୀୟ ଫ୍ରି ଟ୍ରେନିଂ ନିକନ୍ ୱାର୍କଶପ କାର୍ଯ୍ୟକ୍ରମ ଅଠରନଳାସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏହି ଟ୍ରେନିଂ ଶିବିର ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୪ଟାପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ଟ୍ରେନିଂ ପ୍ରୋଗ୍ରାମରେ ପୁରୀ ସହର, ପୁରୀ ସଦର, କୋଣାର୍କ, ଚନ୍ଦନପୁର, ସାକ୍ଷୀଗୋପାଳ, ସାତପଡା, ବ୍ରହ୍ମଗିରି ସହ ଜିଲାର ବିଭିନ୍ନ ବ୍ଲକରୁ ୧୦୦ରୁ ଉର୍ଦ୍ଧ୍ୱ ଫଟୋଗ୍ରାଫର ଯୋଗଦେଇଥିଲେ। ନିକନ୍ କ୍ୟାମେରା ବିଭିନ୍ନ ମଡେଲର କିପରି ବ୍ୟବହାର କରାଯିବ, କିପରି ତା'ର ଯତ୍ନ ନେବ ଏବଂ ଅନ୍ୟାନ୍ୟ ବିଷୟରେ ଟ୍ରେନିଂ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନିକନ୍ ପକ୍ଷରୁ ମେଣ୍ଟର ଭାବରେ ଦେବାଶିଷ ମାଝି, ଆଶୁତୋଷ ସାହୁ ଏବଂ ଦେବାଂଶୁ ପ୍ରମୁଖ ଯୋଗଦେଇ ଫଟୋଗ୍ରାଫରମାନଙ୍କୁ ଟ୍ରେନିଂ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜକୁମାର ମହାନ୍ତି, ଗୋବିନ୍ଦ ପାଣିଗ୍ରାହୀ, ସାମସନ୍ ପାଟସାଣୀ, ଅଭିଷେକ ମହାନ୍ତି, ଦୀନବନ୍ଧୁ ବାରିକ୍, ବବୁଲ ମହାପାତ୍ର, ରଞ୍ଜନ କୁମାର, ଦେବାଶିଷ, ଦେବ ପ୍ରସାଦ ଏବଂ ଉମେଶ ଲେଙ୍କା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।

### ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ବୈଠକ

ପୁରୀ ଅଫିସ,୨୭।୯- ବେସରକାରୀ ଅନୁଦାନ ଏବଂ ଅଣ-ଅନୁଦାନ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (ଯୁକ୍ତ୨ ଓ ଯୁକ୍ତ ୩) କର୍ମଚାରୀ ସଂଘର ଓଡ଼ିଶାର ଏକ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଦତ୍ତତୋଟାସ୍ଥିତ ଶିବାନୀ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ଡ. ଦେବବିଜୟ ମିଶ୍ର ଅଧକ୍ଷତା କରିଥିଲେ। ସଂଘ ତରଫରୁ ସରକାରୀସ୍ତରରେ ୦୧/୦୬/୨୦୦୮ରୁ ୩୦/୧୧/୨୦୧୩ ମଧ୍ୟରେ ଓଡ଼ିଶାର ସମସ୍ତ ବେସରକାରୀ ମହାବିଦ୍ୟାଳୟରେ କର୍ମଚାରୀମାନଙ୍କର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ସଭ୍ୟା ଓ ସଭ୍ୟମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ, ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ସରକାରୀ ସ୍ତରରେ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାପାଇପାରିବ ସେ ବିଷୟରେ ସଭାପତି ଆଲୋଚନା କରିଥିଲେ। ଉକ୍ତ ସଭାରେ ରବିନାରାୟଣ କରଣ, ସନ୍ତୋଷ ନନ୍ଦ, ଦିବ୍ୟକାନ୍ତ ତ୍ରିପାଠୀ, ଦମୟନ୍ତୀ ଷେଣ୍ଢ, ଅବିନାଶ ସାହୁ, ଶଙ୍କର ପାଢ଼ୀ, ଧନଞ୍ଜୟ ମିଶ୍ର, ତପନ ତରେଇ, ଚିତ୍ତ ପଣ୍ଡା, ବିଭୁ ମିଶ୍ର, ମହେଶ ଘୋଷ, ଶିବ ମଲ୍ଲିକ, ଲକ୍ଷ୍ମୀକାନ୍ତ ଗିରି, ଅକ୍ଷୟ ବେହେରା, ଶକୁନ୍ତଳା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଉନସୁଗାର କାରବାର: ୪ ବେପାରୀ ଧରାପଡ଼ିଲେ

**ପୁରୀ ଅଫିସ,୨୭।୯**

ପୁରୀ ଜିଲାରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବଢ଼ିଚାଲିଥିବା ବେଳେ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ବେପାରୀମାନେ ନୂଆ ନୂଆ ତରିକା ଆପଣାଉଥିବା ବେଳେ ପୋଲିସ ମଧ ତଦନ୍ତ ଚଳାଇ ଧରିବାରେ ସଫଳ ହେଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ଭିନ୍ନ ଉପାୟରେ ବ୍ରାଉନସୁଗାର କାରବାର କରୁଥିବା ବେଳେ ୪ ବେପାରୀଙ୍କୁ ଧରିବାରେ ପୁରୀ ପୋଲିସ ସଫଳ ହୋଇଛି। ସହରର ବିଭିନ୍ନ ସ୍ଥାନରୁ ବ୍ରାଉନ ସୁଗାରବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କୁମ୍ଭାରପଡା ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଡ଼ିଶାଗଡା ଥାନା ଅନ୍ତର୍ଗତ ସୁନାଖଳା ଅଞ୍ଚଳର ପତିଆ ଓରଫ ପ୍ରତାପ କୁମାର ରଣସିଂହ (୩୪) ଏବଂ ତାଳବନିଆ ଥାନା ଅନ୍ତର୍ଗତ ସେନାପତି ବଗିଚା ଜଗନ୍ନାଥ କଲୋନୀର ରଞ୍ଜିତ ସ୍ୱାଇଁ (୨୯) ଏବଂ ମଧୁବନ ୫ମ ଲେନର ସମ୍ବିତ ରଞ୍ଜନ ବେହେରା(୨୬)। ପୋଲିସ ସେମାନଙ୍କ ନିକଟରୁ ୭.୧୫ ଗ୍ରାମ ଓଜନର ବ୍ରାଉନସୁଗାର ସମେତ ଓଡି ୦୨ ଏଟି ୫୬୨୬ ନମ୍ବର ବିଶିଷ୍ଟ ୨ଚକିଆ ଗାଡି ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏନେଇ ପୋଲିସ ନଂ. ୨୫୪/୨୨ରେ ଏକ ମାମଲା ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୮ଟା ୪୫ ମିନିଟ୍‌ରେ କୁମ୍ଭାରପଡା ଥାନା ପୋଲିସ ପକ୍ଷରୁ ଆଶ୍ରମ ଛକଠାରେ ବିଭିନ୍ନ ଗାଡିକୁ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ନୀଳ ରଙ୍ଗର ୟାମାହା ସ୍କୁଟିରେ ୩ଜଣ ବ୍ୟକ୍ତି ବସି ବସ୍‌ଷ୍ଟାଣ୍ଡ ପଟୁ ରାମଚଣ୍ଡୀ ସାହି ଅଭିମୁଖେ ଦ୍ରୁତ ଗତିରେ ଯାଉଥିଲେ। ପୋଲିସର ଟିମ ଏହି ଗାଡିକୁ ଅଟକାଇବା ସହ କାଗଜପତ୍ର ମାଗିଥିଲେ କିନ୍ତୁ ସେମାନେ ନ ଦେଖାଇପାରିବାରୁ ଗାଡି ଡିକିକୁ ଯାଞ୍ଚ କରାଯାଇଥିଲା। ଡିକିରୁ ବ୍ରାଉନସୁଗାର ଥିବାରୁ ଜବତ ହୋଇଥିଲା। ପରେ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ଥାନାକୁ ନେଇ ପଚରାଉଚରା କରିବା ପରେ ସ୍ୱୀକାର କରିଥିଲେ। ତେବେ ଅଭିଯୁକ୍ତ ମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ପୂର୍ବରୁ ଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ପ୍ରତାପ ନାମରେ ପୂର୍ବରୁ କୁମ୍ଭାରପଡା ଥାନାରେ ଗୋଟିଏ ଏବଂ ଗଡିଶାଗଦା ଥାନାରେ ୩ଟି ମାମଲା ରହିଛି। ଲକ୍ଷ୍ମଣ ସ୍ୱାଇଁ ନାମରେ ଟାଉନ ଥାନରେ ଗୋଟିଏ ଏବଂ ତାଳବଣିଆ ଥାନାରେ ୩ଟି ମାମଲା ରହିଥିବା ବେଳେ ଅଭିଯୁକ୍ତ ସମ୍ବିତ ନାମରେ ସମୁଦ୍ରକୂଳ ଥାନାରେ ଗୋଟିଏ ମାମଲା ପୂର୍ବରୁ ରହିଛି।

**୧.୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ସମେତ ସ୍କୁଟି ଜବତ**

ସେହିପରି ବ୍ରାଉନସୁଗାର କାରବାର ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପେଣ୍ଠକଟା ନିକଟ ବାବାଜୀ ଗଳିର ରୁଦ୍ରନାରାୟଣ ସେଠୀ (୩୬)। ପୋଲିସ ଅଭିଯୁକ୍ତ ନିକଟରୁ ୬. ୫ ଗ୍ରାମ ବ୍ରାଉନ ସୁଗାର ସହ ନଗଦ ୧୫୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୨୧୯/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ସିଟି ରୋଡସ୍ଥିତ ବେଡି ହନୁମାନ ମନ୍ଦିର ନିକଟରେ ଜଣେ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରୁଥିଲା। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ମା' ଭଗବତୀଙ୍କ ବ୍ରହ୍ମଚାରିଣୀ ବେଶ

**କୋଣାର୍କ,୨୭।୯(ଡି.ଏନ୍.ଏ.)**

କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ହେଉଛନ୍ତି ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ଅନ୍ୟତମ। ମା'ଙ୍କ ମହିମା ଅପାର। ମା' ଭଗବତୀଙ୍କର କୃପା ଓ ଆଶିଷ ପ୍ରାପ୍ତ କଲେ ପରିବାର ଓ ଜଗତର ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି କିମ୍ବଦନ୍ତୀ ଅନୁଯାୟୀ ଜଣାଯାଏ। ମା' ଭଗବତୀ କୋଣାର୍କର ଆରାଧ୍ୟା ଦେବୀ। ସୂର୍ଯ୍ୟ ମନ୍ଦିର ନିର୍ମାଣ ସମୟରେ ମା'ଙ୍କ ଆଶିଷ ଭିକ୍ଷା କରି ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ ଶିବେଇ ସାମନ୍ତରାଏ ସୂର୍ଯ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟରେ କୃତକାର୍ଯ୍ୟ ହୋଇଥିବାର କିମ୍ବଦନ୍ତୀରୁ ସୂଚନା ମିଳେ। ମଙ୍ଗଳବାର ଭୋର ୪ଟାରୁ ମା'ଙ୍କ ସ୍ନାନ, ମଇଲମ, ଧୂପ, ମାର୍ଜନା, ନୈବେଦ୍ୟ ଓ ଭୋଗ ଲାଗି ପରେ ଶାରଦୀୟ ନବରାତ୍ରି

**ନବରାତ୍ରି ପୂଜା ଆରମ୍ଭ**

ଅବସରରେ ମା'ଙ୍କ ଦୁର୍ଲଭ ବ୍ରହ୍ମଚାରିଣୀ ବେଶ ଅନୁଷ୍ଠିତ ହୋଇଯାଇଛି। ଏହି ବେଶ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ମାଙ୍କ ପୀଠରେ ପରିଲକ୍ଷିତ ହୋଇଥିଲା। ଏହି ବେଶ ଦର୍ଶନ କଲେ କୋଟି ଜନ୍ମର ପାତକ ନାଶ ହେବା ସହ କୋଟି ପୁଣ୍ୟର ଫଳ ମିଳିଥାଏ ବୋଲି କିମ୍ବଦନ୍ତୀରୁ ସୂଚନା ମିଳେ। ମା'ଙ୍କ ଏହି ଦୁର୍ଲଭ ବ୍ରହ୍ମଚାରିଣୀ ବେଶ ଧାର୍ମିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦର୍ଶନ କରି ଶତାଧିକ ଶ୍ରଦ୍ଧାଳୁଙ୍କ ମନରେ ଧାର୍ମିକତା ଭାବନା ଜାଗ୍ରତ ହୋଇଥିଲା। ଏହି ବେଶକୁ ମନ୍ଦିର ପୂଜକ ଦୀନବନ୍ଧୁ ପାଢୀ ସମ୍ପାଦନା କରିଥିଲେ।





ଶହୀଦ ଭଗତ୍ ସିଂଙ୍କ ଜନ୍ମ ଦିବସ ଉପଲକ୍ଷେ ମଙ୍ଗଳବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ।

# ବାଲୁକା କଳାରେ ଭଗତ୍ ସିଂଙ୍କୁ ସମ୍ମାନ

**ପୁରୀ ଅଫିସ,୨୭।୯**

ଶହୀଦ ଭଗତ୍ ସିଂଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ପୁରୀ ଲାଇଟ ହାଉସ ବେଳାଭୂମିରେ ମଙ୍ଗଳବାର ଭଗତ ସିଂଙ୍କ ବାଲୁକାକଳା କରିଛନ୍ତି। ଚଣ୍ଡିଗଡ ଏୟାରପୋର୍ଟ ଶହୀଦ ଭଗତ୍ ସିଂଙ୍କ ନାମରେ ନାମିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ସାହୁ ୨୦ ଫୁଟ ଓସାର ବିଶିଷ୍ଟ ଶହୀଦ ଭଗତ ସିଂଙ୍କ ବାଲୁକା କେଳା କରିଥିଲେ। ଏହି ବାଲୁକା କଳାଟି ପ୍ରସ୍ତୁତ କରିବାକୁ ମାନସ ସାହୁଙ୍କୁ ୧୦ ଘଣ୍ଟା ସମୟ ଲାଗିଥିଲା। ଶହୀଦ ଭଗତ ସିଂ ନିଜ ଜୀବନକୁ ପାଣି ଛଡାଇ ଦେଶ ମାତୃକା ପାଇଁ ଲଢ଼ିଥିଲେ। ସେହିପରି ଆମ ଦେଶର ଯବାନ ନିଜ ଜୀବନକୁ ପାଣି ଛଡାଇ ଆମର ସୁରକ୍ଷା ପାଇଁ ଜୀବନକୁ ବାଜି ଲଗାଉଛନ୍ତି। ସେହି ବୀର ପୁରୁଷମାନଙ୍କୁ ଶତ ଶତ ପ୍ରଣାମ କରି ସାହୁ ଏହି ବାଲୁକା କଳା ମାଧ୍ୟମରେ ସେମାନଙ୍କୁ ସମ୍ମାନ ଜଣାଇଛନ୍ତି। ସେ ଏହି ଆର୍ଟକୁ ଇଣ୍ଡିଆନ ଆର୍ମିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବା ମାନସ କହିଛନ୍ତି।



କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ବ୍ରହ୍ମଚାରିଣୀ ବେଶ।

# ଶାରଦୀୟ ପୂଜା ପାଇଁ ଉତ୍ସବମୁଖର ପ୍ରାଚୀ ଉପତ୍ୟକା

**କାକଟପୁର,୨୭।୯(ଡି.ଏନ୍.ଏ.)**

ପାରମ୍ପରିକ ପ୍ରଥା ଅନୁସାରେ ଆଶ୍ୱିନ ମୂଳାଷ୍ଟମୀ ତିଥିଠାରୁ ଷୋଳ ପୂଜା ଆରମ୍ଭ ହୋଇଛି। ଏଥିପାଇଁ କାକଟପୁରସ୍ଥିତ ପ୍ରାଚୀ ପଠା ଉତ୍ସବ ମୁଖର ହୋଇପଡ଼ିଛି। ବିଭିନ୍ନ ଗ୍ରାମରେ ଦେବୀଙ୍କ ନିକଟରେ ଶ୍ରଦ୍ଧାଳୁମାନେ ଆମିଷ ରୋଷେଇ କରି ଭୋଗ ଲାଗି କରୁଛନ୍ତି। ଦେବୀ ଦୁର୍ଗାଙ୍କୁ ଶାରଦୀୟ ପାର୍ବଣ ସମୟରେ ଆମିଷ ଭୋଗ ଲାଗିକଲେ ପରିବାର ଏବଂ ଗ୍ରାମର ରିଷ୍ଟ ଖଣ୍ଡନ ହୁଏ ବୋଲି ବିଶ୍ୱାସ ରହିଛି। ଷଷ୍ଠରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀ ଉପତ୍ୟକାରେ ଶକ୍ତି, ତନ୍ତ୍ର ଏବଂ ଦୁର୍ଗା ମୂର୍ତ୍ତି ପୂଜା ପ୍ରାସାର ଲାଭ କରିଥିଲା ବୋଲି ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର କହିଛନ୍ତି। ପ୍ରାଚୀ ଉପତ୍ୟକା ଷଷ୍ଠରୁ ନବମ ଶତାବ୍ଦୀ ପର୍ଯ୍ୟନ୍ତ ତନ୍ତ୍ର ଓ ମାତୃକା ପୂଜା ପାଇଁ ଏହି ପ୍ରାଚୀ ପୀଠ ଶ୍ରେଷ୍ଠ ସ୍ଥାନ ଭାବେ ପ୍ରସିଦ୍ଧି ଲାଭ କରିଥିଲା ବୋଲି ଡ.ହରେକୃଷ୍ଣ ମହତାବ ଓଡ଼ିଶା ଇତିହାସ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ପରବର୍ତ୍ତୀ କାଳରେ ବୈଷ୍ଣବ ଧର୍ମର ପ୍ରସାର ତଥା ତାନ୍ତ୍ରିକ ପ୍ରଥାପ୍ରତି ଲୋକମାନଙ୍କ ଘୃଣାଭାବ ଫଳରେ ତନ୍ତ୍ର ପୂଜା ପ୍ରତି ଅନାଗ୍ରହ ସୃଷ୍ଟି ହୋଇଥିଲା। କିନ୍ତୁ ଦୁର୍ଗା ପୂଜାକୁ ଜନସାଧାରଣ ଆପଣାଇବା ସହିତ ଚାମୁଣ୍ଡା ମୂର୍ତ୍ତିଗୁଡିକୁ ଗ୍ରାମଦେବତୀ ଭାବେ ପୂଜା କରିଆସୁଥିଲେ। ସେବେଠାରୁ ପ୍ରାଚୀ ଉପତ୍ୟକାରେ ପାର୍ବଣ ପୂଜା ପାଳିତ ହୋଇ ଆସୁଥିବା ଗବେଷକ ହଁସନାଥ ସାହୁ କୁହନ୍ତି।

# ପ୍ରାଚୀତଟ ପୀଠର ସୁରକ୍ଷା ଦାବି

**କାକଟପୁର,୨୭।୯(ଡି.ଏନ୍.ଏ.)**

ପ୍ରାଚୀନଦୀ ତଟ ବିଶ୍ୱ ପର୍ଯ୍ୟଟନ ପାଇଁ ଅପାର ସମ୍ଭାରରେ ଭରପୂର। ଏଠାରେ ବାର ମାଧବ, ବାର ଶମ୍ଭୁ, ବାର ଶକ୍ତିପୀଠ, ଅଷ୍ଟାଦଶ ଋଷିମଠ, ଅନେକ ବୌଦ୍ଧ, ଜୈନ ପୀଠ, ଘାଟ ରହିଛି। ହେଲେ ସେଗୁଡ଼ିକର ଅବସ୍ଥା ଏବେ ଭଗ୍ନ ଅବସ୍ଥାରେ ଥିବାବେଳେ ଅବହେଳା ହୋଇ ପଡ଼ିରହିଛି। ସେହିଭଳି ଦେଉଳି ମଠ, ମଙ୍ଗଳା ପୀଠ, ବରାହୀ ପୀଠ, ମାଧବ ପୀଠ, ଭକ୍ତ ଜୟଦେବଙ୍କ ଜନ୍ମସ୍ଥଳୀ କେନ୍ଦୁବିଲ୍ୱ ଗ୍ରାମକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିଲେ ମଧ ପୀଠଗୁଡିକ ଆବର୍ଜନା, ଭଙ୍ଗାରୁଜା ହୋଇ ରହିଛି। ମଙ୍ଗଳବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିଶ୍ୱାମିତ୍ର ଋଷି ମଠରେ ପ୍ରାଚୀ ପ୍ରଜ୍ଞା ପରିଷଦର ଉପଦେଷ୍ଟା ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ ହୋଇ ପ୍ରାଚୀ ତଟରେ ଥିବା ଘୋଷିତ ଅଘୋଷିତ ପୀଠଗୁଡିକର ଅବହେଳିତ ସ୍ଥିତି ପ୍ରତି ଦୁଃଖ ପ୍ରକାଶ କରାଯାଇଛି। ପ୍ରଶାସନ ଏହି ପୀଠଗୁଡ଼ିକର ରକ୍ଷଣାବେକ୍ଷଣ କରୁ ବୋଲି ଦାବି ହୋଇଛି। ଏବେ ଆଜାଦୀ କା ଅମୃତ ମହୋତ୍ସବ ଚାଲିଥିବାରୁ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦମାନଙ୍କୁ ଏଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅଞ୍ଚଳର ରାଧାଶ୍ୟାମ ପ୍ରଧାନ, କୈଳାସ ବରାଳ, ଯୁଧିଷ୍ଠିର ବେହେରା, ମୁରଲୀ ମୁଦୁଲି ପାତ୍ର, ସଂଗ୍ରାମ କେଶରୀ ଛୋଟରାୟ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ମଦଦୋକାନ ବୃଦ୍ଧି ନେଇ ଜନ ଅସନ୍ତୋଷ

**ଅସ୍ତରଙ୍ଗ,୨୭।୯(ଡି.ଏନ୍.ଏ.)**

ପୁରୀ ଜିଲାର ଅସ୍ତରଙ୍ଗ ବ୍ଲକ ଏକ ଉପାନ୍ତ ବ୍ଲକ ଭାବେ ଗଣନା ଥିବାବେଳେ, ପଞ୍ଚାୟତ ସଂଖ୍ୟା ୧୫। ଏହାର ଅଧିବାସୀ ଧାନ, ପାନ ଚାଷ ଉପରେ ନିର୍ଭର କରନ୍ତି। କିନ୍ତୁ ରାଜ୍ୟ ସରକାର ଏହିଭଳି ଏକ ଉପାନ୍ତ ବ୍ଲକରେ ବର୍ତ୍ତମାନ ୫ଟି ସରକାରୀ ମଦଦୋକାନ ଖୋଲିଥିବାବେଳେ, ଆହୁରି ୨ଟି ମଦ ଦୋକାନ ଖୋଲିବାର ଯୋଜନା ରହିଛି। କିନ୍ତୁ ବ୍ଲକରେ ଏଭଳି ମଦ ଦୋକାନ ବୃଦ୍ଧି ଯୋଗୁ ଅଞ୍ଚଳବାସୀ ମଦ ପିଇ ନାନା ଆପରାଧିକ କାର୍ଯ୍ୟରେ ଲିପ୍ତ ରହିବା, ପାରିବାରିକ ଅଶାନ୍ତି ହେଉଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯୋଗ୍ୟ, ଅସ୍ତରଙ୍ଗ ମୁଖ୍ୟ ବଜାରରେ ଦେଢ଼ବର୍ଷ ତଳେ ଏକ ସରକାରୀ ମଦ ଦୋକାନ କାର୍ଯ୍ୟକ୍ଷମ କରିଥିଲେ। ପୁଣି ଗତ ୩ ତାରିଖରେ ଆଉ ଏକ ବାର୍ ଖୋଲିବା ନେଇ ଜିଲା ପ୍ରଶାସନ ଅନୁମତି ଦେବାରୁ ଖୋଲିଲା। ହେଲେ ୭ ତାରିଖ ଉକ୍ତ ବାର୍‌ର ପାଖାପାଖି ଆଉ ବାର ସହ ରେଷ୍ଟୁରାଣ୍ଟ ପାଇଁ ଅବକାରୀ ବିଭାଗ ଅନୁମତି ଦେଇଛି। ଏଭଳି ବାର୍ ଗୋଟିଏ ପରେ ଗୋଟିଏ ଖୋଲୁଥିବାରୁ ଅସ୍ତରଙ୍ଗ ଅଞ୍ଚଳବାସୀଙ୍କୁ ବିସ୍ମିତ ଏକାଧିକ ମଦ ଦୋକାନ ଖୋଲିବାକୁ ପ୍ରଶାସନ ଓ ଅବକାରୀ ବିଭାଗ କିପରି ପ୍ରୋତ୍ସାହନ ଦେଉଛନ୍ତି ବୋଲି ଜନସାଧାରସଣଙ୍କ ସମେତ ବହୁ ମହିଳା ଗୋଷ୍ଠୀ ଅଭିଯୋଗ କରିଛନ୍ତି। ସେମାନେ ବହୁବାର, ବାର ବିରୋଧରେ ରାଲି କରି ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଅଧିକ ବାର୍ ଖୋଲିବା ଦ୍ୱାରା ଅଞ୍ଚଳରେ ଆପରାଧିକ କାର୍ଯ୍ୟ ବଢୁଥିବା ବେଳେ ଯୁବ, ବୃଦ୍ଧି ସବୁବେଳେ ନିଶାସକ୍ତ ଅବସ୍ଥାରେ ରହୁଛନ୍ତି। ତେଣୁ କେତୋଟି ବାର୍ ବନ୍ଦ କରିବାକୁ ଦାବି ହେଉଛି, ଯଦି ବନ୍ଦ ନହୁଏ ଆଗାମୀ ଦିନରେ ବିରୋଧୀ ଦଳ ପକ୍ଷରୁ ବିରାଟ ଆନ୍ଦୋଳନ କରିବାରକୁ ଭାଜପା ଓ କଂଗ୍ରେସ କର୍ମୀମାନେ ଯୋଜନା କରୁଛନ୍ତି।

# ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଭାଜପାର ରାସ୍ତାରୋକୋ

**ନିମାପଡ଼ା,୨୭।୯(ଡି.ଏନ୍.ଏ.)**

ନିମାପଡ଼ା ନିର୍ବାଚନମଣ୍ଡଳୀର ୧୧ ନଂ. ଜିଲା ପରିଷଦ ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ କିଛି ଦିନ ତଳେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଭାଜପା କର୍ମୀ ବିରୋଧ କରି ଦୋଳବେଦୀ ଛକଠାରେ ରାସ୍ତାରୋକୋ କରିଥିଲେ। ମନ୍ତ୍ରୀ ଦାଶଙ୍କୁ ତଦନ୍ତ ପରିସର ଭୁକ୍ତ କରିବା, ମନ୍ତ୍ରିମଣ୍ଡଳରୁ ତୁରନ୍ତ ବହିଷ୍କାର କରାଯିବା ନେଇ ମଙ୍ଗଳବାର ଦାବି କରିଥିଲେ। ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ଚାଲିଥିବାବେଳେ ଆନ୍ଦୋଳନକାରୀମାନେ ନିମାପଡ଼ା-କୋଣାର୍କ, ଅସ୍ତରଙ୍ଗ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନ ସ୍ଥଳରେ ଦଳୀୟ କର୍ମୀ ମନ୍ତ୍ରୀ ଦାଶଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସାହୁଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଓ ସାହୁଙ୍କ ୨ଟି ମୋବାଇଲକୁ ସଠିକ୍ ଭାବେ ଯାଞ୍ଚ, ପୋଲିସ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ମୃତ୍ୟୁର ପ୍ରକୃତ ରହସ୍ୟ ଲୋକଲୋଚନକୁ ଆଣିବାକୁ ଭାଜପା ନେତୃବୃନ୍ଦ ଦାବି କରିଥିଲେ। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାସ ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ। ନିମାପଡ଼ା ଭାଜପା ନେତୃବୃନ୍ଦ, ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ, ଦେବାଶିଷ୍ ଆଚାର୍ଯ୍ୟ, ଗଙ୍ଗାଧର ଜେନା, ନିରଞ୍ଜନ ନାୟକ, ଜାନକୀନାଥ ଜେନା, ପୂର୍ଣ୍ଣଚନ୍ଦ୍ର ଓଝା, ମୀନଲତା ମହାନ୍ତି ପ୍ରମୁଖ ଏହି ଆନ୍ଦୋଳନ ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଦଳୀୟ କର୍ମୀ ଓ ନେତୃବୃନ୍ଦମାନେ ଆନ୍ଦୋଳନ ସ୍ଥଳରେ ମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ।



ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପାଇଁ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ବହିଷ୍କାର ଦାବିରେ ଭାଜପାର ବିକ୍ଷୋଭ ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ତିଗିରିଆ,୨୭।୯(ଡି.ଏନ.ଏ):** ତିଗିରିଆ ଥାନା ଅନ୍ତର୍ଗତ ପଙ୍କାଲ ଗ୍ରାମର ମଜିଦ ଖାଁଙ୍କ ପୁଅ ମମତାଜ ଖାଁ (୩୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଗତ ମଙ୍ଗଳବାର ମମତାଜ ନିଜ ବାଡ଼ିରେ କାମ କରୁଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଦୁଇ ଦିନ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି।

### ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ ‘କ୍ୟାପିଟାଲ ଟକିଜ’

**ଭୁବନେଶ୍ୱର, ୨୭।୯(ବ୍ୟୁରୋ):** ଓଟିଟି ପ୍ଲାଟଫର୍ମ ‘ଆଓ ନେକ୍ସଟ’ରେ ଆସନ୍ତା ୩୦ ତାରିଖରେ ରିଲିଜ ହେବାକୁ ଯାଉଛି ଏକ ନୂଆ ମୌଳିକ ସିନେମା ‘କ୍ୟାପିଟାଲ ଟକିଜ୍’। ଏହା ଏକ ମନସ୍ତାତ୍ତ୍ୱିକ ଥ୍ରିଲର ସିନେମା। ଯେଉଁଥିରେ ଲୋଭ, ପ୍ରତିଶୋଧ ଏବଂ କ୍ରୋଧର ଭାବ ଦେଖିବାକୁ ମିଳିବ। ବର୍ତ୍ତମାନ ଏହି ଚଳଚ୍ଚିତ୍ର ଓଡ଼ିଆ ଭାଷାରେ ରିଲିଜ ହେବ ବୋଲି ମଙ୍ଗଳବାର ‘ଆଓ ନେକ୍ସଟ୍’ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମନସ୍ତାତ୍ତ୍ୱିକ ଥ୍ରିଲର ଚଳଚ୍ଚିତ୍ର ଦର୍ଶକଙ୍କ ପାଇଁ ବେଶ୍ ଉପଭୋଗ୍ୟ ହେବ। ଓଲିଉଡ ଏଭଳି କଣ୍ଟେଣ୍ଟକୁ ନେଇ ବିଶେଷ ପରିଚିତ ନ ଥିବା ବେଳେ ଏହି ଚଳଚ୍ଚିତ୍ରକୁ ନେଇ ବେଶ୍ ଆଶା ରହିଛି ବୋଲି କୁହାଯାଇଛି। ସେହିପରି ଏ ସମ୍ପର୍କରେ ପ୍ଲାଟଫର୍ମ ପ୍ରତିଷ୍ଠାତା କୌଶିକ ଦାସ କହିଛନ୍ତି ଯେ, ‘ଆଓ ନେକ୍ସଟ’ ବର୍ତ୍ତମାନ ଅସଲି ଓଡ଼ିଆ ଭାଷାର କଣ୍ଟେଣ୍ଟ ତିଆରି କରୁଛି। ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ହେଉଥିବା ପରିବର୍ତ୍ତନ ଅନୁସାରେ ମନୋରଞ୍ଜନ କଣ୍ଟେଣ୍ଟ ତିଆରି କରିବାକୁ ଉଦ୍ୟମ କରାଯାଉଛି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଦୈତାରି ପଣ୍ଡା, ହର ରଥ, ଲକ୍ଷ୍ୟ ଶର୍ମା ପ୍ରମୁଖ ଥିବାବେଳେ ଦଗଦୀଶ ମିଶ୍ର ଓ ଅର୍ପିତା ପଟ୍ଟନାୟକ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

### କମ୍ରେଡ୍ ନିର୍ମଳ ଗୁପ୍ତାଙ୍କ ସ୍ମୃତିସଭା

**କଟକ ଅଫିସ, ୨୭।୯:** ଅଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘ (ଏଓବିଇଏ) ପ୍ରତିଷ୍ଠାତା ସଭାପତି କମ୍ରେଡ୍ ନିର୍ମଳ ଗୁପ୍ତାଙ୍କ ସ୍ମୃତିସଭା କଟକ ମହତାବ ରୋଡ୍‌ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିର୍ମଳ ଗୁପ୍ତା ସ୍ମୃତି କମିଟି ଓ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ସଭାରେ ବିଜୟ କୁମାର ପଢ଼ିହାରୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏଆଇଟିୟୁସି ରାଜ୍ୟ ସମ୍ପାଦକ କିଶୋର ଜେନା ଯୋଗଦେଇ ଗୁପ୍ତାଙ୍କ ସଂଗ୍ରାମୀ ଜୀବନ ଓ ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତି ଅବଦାନ ସମ୍ପର୍କରେ କହିଥିଲେ। ଏଥିସହ ଗୁପ୍ତାଙ୍କ ଆଦର୍ଶକୁ ଅନୁସରଣ କରି ବର୍ତ୍ତମାନର ବ୍ୟାଙ୍କ ଘରୋଇକରଣ ବିରୋଧରେ ଐକ୍ୟବଦ୍ଧ ସଂଗ୍ରାମ ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ସ୍ମୃତି କମିଟି ସାଧାରଣ ସମ୍ପାଦକ ସଞ୍ଜୀବ ପତି ଯୋଗଦେଇ ନିର୍ମଳଙ୍କ ନିଷ୍ପାପର କାର୍ଯ୍ୟ ସମ୍ପର୍କରେ କହିଥିଲେ। ସ୍ମୃତି କମିଟି ସଭାପତି ବିଜୟ କେତନ ପ୍ରହରାଜ ପ୍ରାରମ୍ଭିକ ସୂଚନା ଓ ସମନ୍ୱୟ ସମିତି ଆବାହକ ବିଶୁଦ୍ଧ ଚକ୍ର ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀମା କର୍ମଚାରୀ ନେତା ମନୋଜ ରଥ, ବିପିନ ବିହାରୀ ମହାନ୍ତି, ସଞ୍ଜୟ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ‘ହିତାଧିକାରୀଙ୍କୁ ଠିକ୍ ସମୟରେ ଭତ୍ତା ମିଳିବ’

■ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା

■ ହିତାଧିକାରୀଙ୍କ ଜମା ଖାତାକୁ ସିଧାସଳଖ ଅର୍ଥ ପ୍ରେରଣର ଶୁଭାରମ୍ଭ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**



ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ହିତାଧିକାରୀଙ୍କ ଜମା ଖାତାକୁ ଅନଲାଇନ୍ ଜରିଆରେ ଅର୍ଥ ପ୍ରେରଣ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

କଳାକାରମାନଙ୍କୁ ସେମାନଙ୍କର ଭତ୍ତା ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ହିତାଧିକାରୀଙ୍କ ଜମା ଖାତାକୁ ସିଧାସଳଖ ଅର୍ଥ ପ୍ରେରଣ କରାଯିବ। ଏଥିପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କମ୍ପ୍ୟୁଟରୀକୃତ ସିଧାସଳଖ ହିତାଧିକାରୀଙ୍କ ଜମା ଖାତାକୁ ଅନଲାଇନ୍ ଜରିଆରେ ଅର୍ଥ ପ୍ରେରଣ ବ୍ୟବସ୍ଥା (ଗୋ ଲାଇଭ) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସଂସ୍କୃତି ଭବନରେ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିବା ସହିତ ହିତାଧିକାରୀଙ୍କୁ ଠିକ ସମୟରେ ଭତ୍ତା ମିଳିପାରିବ ଏବଂ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ କହିଛନ୍ତି। ଅନଲାଇନ ବ୍ୟବସ୍ଥା ଜରିଆରେ ଜମାଖାତାକୁ ସିଧାସଳଖ ଅର୍ଥ ପ୍ରେରଣ ବ୍ୟବସ୍ଥା କଳାକାରମାନଙ୍କ ମନରେ ଖୁସି ଆଣିବ। ଏହା ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଯୋଗୁ ସମ୍ଭବ ହୋଇଛି ବୋଲି ସେ କହିବା ସହିତ କୃତଜ୍ଞତା ଜଣାଇଥିଲେ। ନୂଆ ଚିନ୍ତାଧାରା ଓ ନୂଆ ପଦ୍ଧତି ଆଧାରରେ ବିଭାଗର ଉନ୍ନତି ପାଇଁ ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ। ଏହି ବ୍ୟବସ୍ଥାରେ ସମସ୍ତ ହିତାଧିକାରୀ ଯେପରି ଉପକୃତ ହେବେ ସେଥିପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଯୋଗଦେଇ କହିଲେ, ପୂର୍ବରୁ ଏହି ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଠିକ ଭାବେ ଜାଣିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ନ ଥିଲା। ସେଥିପାଇଁ ପ୍ରାପ୍ୟ ପ୍ରଦାନରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏବେ ଜିଲା ସଂସ୍କୃତି ଅଧିକାରୀଙ୍କ ଜରିଆରେ ଭତ୍ତା ପାଉଥିବା ୩୫ ହଜାର କଳାକାରଙ୍କ ମଧ୍ୟରୁ ପ୍ରାୟ ୨୨ହଜାର କଳାକାରଙ୍କ ତଥ୍ୟ ସଂଗୃହୀତ ହୋଇଛି। ସେପ୍ଟେମ୍ବର ମାସର ଦେୟ ଅନ୍‌ଲାଇନ ଯୋଗେ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରଦାନର ବ୍ୟବସ୍ଥା ହୋଇଛି ଓ ଏହି ପ୍ରକ୍ରିୟା ଜାରି ରହିବ। ଅବଶିଷ୍ଟ ୧୬ହଜାର ହିତାଧିକାରୀଙ୍କୁ ଶୀଘ୍ର ଚୟନ କରାଯାଇ ଏହି ଯୋଜନାରେ ସାମିଲ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ ସହ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ। ଏ ସମସ୍ତ କାର୍ଯ୍ୟ ନୂଆବର୍ଷ ପୂର୍ବରୁ କରାଯିବ ବୋଲି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଥିଲେ। ରାଜ୍ୟ କୋଷାଗାର ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଯୋଗଦେଇ ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ୫ଟି ଉପକ୍ରମର ଅଂଶବିଶେଷ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଆଇସି ଓଡ଼ିଶା ମୁଖ୍ୟ ଅନୁପ ଗାୟନ୍ତ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆରମ୍ଭ କରିଥିଲେ। ରାଜ୍ୟରେ ୫୦ହଜାର ବିଭିନ୍ନ ପ୍ରକାର କଳାକାରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ସରକାର ଘୋଷଣା କରିଥିଲେ। ଏବେ ସୁଦ୍ଧା ପ୍ରାୟ ୩୫ ହଜାର କଳାକାର ମାସକୁ ୧୨ ଶହ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ମଙ୍ଗଳବାର ପ୍ରତୀକାତ୍ମକ ଭାବେ ୫ଜଣ ହିତାଧିକାରୀଙ୍କ ପେନସନ ପେପର ଅନଲାଇନ ବ୍ୟବସ୍ଥାରେ ପ୍ରସ୍ତୁତି କରାଯାଇ ଚିହ୍ନଟକରଣ ସାର୍ଟିଫିକେଟ ପ୍ରଦାନ ପୂର୍ବକ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ଅର୍ଥ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଉପଶାସନ ସଚିବ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ସଂସ୍କୃତି ବିଭାଗର ବିଭିନ୍ନ ଶାଖାର ମୁଖ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ଉପଦେଷ୍ଟା ଡ. ଫଣୀନ୍ଦ୍ର ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

## ଚୋରି ପାଇପ୍ ସହ ଭ୍ୟାନ୍ ଜବତ, ୩ ଗିରଫ

**ମାହାଙ୍ଗା, ୨୭।୯(ସ୍ୱ.ପ୍ର)**

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ବାଏନପୁର ଇଟା ଫ୍ୟାକ୍ଟ୍ରି ନିକଟରୁ କିଛି ପାଇପ ଚୋରି ହୋଇଥିବା ଗୌଡ଼ଗୋପ ଅଞ୍ଚଳର ଠିକାଦାର ଚିତ୍ତରଞ୍ଜନ ଶତପଥୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ପ୍ରୀତିରଞ୍ଜନ ରାୟ ତଦନ୍ତ କରିବା ପରେ ସାଲେପୁର ଥାନା ଶଙ୍କରପୁର (ବାଲିଆ)ଠାରେ ପାଇପଗୁଡ଼ିକ ଥିବା ଜାଣି ଚଢ଼ାଉ କରିଥିଲେ। ସେଠାରୁ ପାଇପ ସହ ଚୋରିରେ ବ୍ୟବହୃତ ପିକ୍‌ଅପ ଭ୍ୟାନକୁ ଜବତ କରିଥିଲେ। ଏଥିରେ ସଂପୃକ୍ତ ଝାଡେଶ୍ୱରପୁର ଗ୍ରାମର ପ୍ରମୋଦ କୁମାର ବାରିକ, ସହଯୋଗୀ ନିଶ୍ଚିନ୍ତକୋଇଲି ଥାନା ନତକାଇ ଗ୍ରାମର ଅନିଲ କୁମାର ବିଶ୍ୱାଳ ଏବଂ ରାମକୃଷ୍ଣପୁର ଗ୍ରାମର ଜଗବନ୍ଧୁ ବିଶ୍ୱାଳଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ଲିଙ୍ଗରାଜ ଥାନା ଅଞ୍ଚଳରେ ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା କଲାବେଳେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ପୁରୁଣା ଭୁବନେଶ୍ୱର ହରଚଣ୍ଡୀ ସାହିର ରାଜେଶ କୁମାର ମହାପାତ୍ର ଓରଫ ଟିକୁ (୪୮), ଭୋଇସାହିର ଦେବୀପ୍ରସାଦ ଭୋଇ ଓରଫ ବାବୁ (୨୦), ରୁଦ୍ର ଭୋଇ ଓରଫ ଇଲୁ (୨୨) ଓ କପିଳେଶ୍ୱର ଦାଣ୍ଡସାହିର ସୁରଜ ମହାପାତ୍ର ଓରଫ ସୋମ୍ (୨୬)। ସେମାନଙ୍କ ପାଖରୁ ଗୋଟିଏ ଲୁହାରଡ଼, ଦୁଇଟି ଛୁରି, ୨ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ୪ଟି ଖାଲି ମଦ ବୋତଲ ଜବତ ହୋଇଛି। ସୂଚନା ଅନୁଯାୟୀ, ନୂଆ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଅଭିଯୁକ୍ତମାନେ ସୋମବାର ବିଳମ୍ବିତ ରାତିରେ ନିଶାସକ୍ତ ହୋଇ ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା କରୁଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ.୨୪୫/୨୦୨୨) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଙ୍କ ନାମରେ ଲିଙ୍ଗରାଜ ଥାନାରେ ପୂର୍ବରୁ ୫ରୁ ଅଧିକ ଆପରାଧିକ ମାମଲା ରହିଛି। ସେମାନେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସିଆର୍‌ପିସି –୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଦକ୍ଷେପ ନିଆଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଛାତ୍ରୀଛାତ୍ର, ଅଭିଭାବକଙ୍କ ରାସ୍ତା ଅବରୋଧ



ମାହାଙ୍ଗା–ରାହାଣିଆ ରାସ୍ତାରେ ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ ପ୍ରତିବାଦ କରୁଛନ୍ତି।

**ମାହାଙ୍ଗା,୨୭।୯(ସ୍ୱ.ପ୍ର)**

**ନିଶାସକ୍ତ ଯୁବକଙ୍କୁ ଗିରଫ ଦାବି**

ମାହାଙ୍ଗା ବ୍ଲକ ଉଖୁମା ପଞ୍ଚାୟତର ଗୋକର୍ଣ୍ଣେଶ୍ୱର ବିଦ୍ୟାଳୟଠାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ନିଶାସକ୍ତ ହୋଇ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ହଇରାଣ କରୁଛନ୍ତି। ଏଥିସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏହାକୁ ବିରୋଧ କରି ମଙ୍ଗଳବାର ଛାତ୍ରୀଛାତ୍ରମାନେ ସ୍କୁଲ ଛୁଟି ପରେ ରାସ୍ତାରେ ବସି ସଂପୃକ୍ତ ଯୁବକଙ୍କୁ ଗିରଫ ପାଇଁ ଜିଦ୍ ଧରିଥିଲେ। ଏଥିରେ ସାମିଲ ହୋଇଥିଲେ ଅଭିଭାବକ, ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ। ମାହାଙ୍ଗା–ରାହାଣିଆ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇବା ସହ ଯୁବକଙ୍କୁ ଅଟକ ରଖିଛି।

# ଭିଜିଲାନ୍ସ ଜାଲରେ ଜୁନିୟର ଇଞ୍ଜିନିୟର

**ଭୁବନେଶ୍ୱର,୨୭।୯ (ବ୍ୟୁରୋ)**



ଜଣେ ଠିକାଦାରଙ୍କ ବକେୟା ବିଲ୍ କରାଇଦେବାକୁ ୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବ୍ଲକର ଜୁନିୟର ଇଞ୍ଜିନିୟର ରମାକାନ୍ତ ବେହେରା ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୩୦/୨୦୨୨) ରୁଜୁ କରାଯାଇ ଅଭିଯୁକ୍ତ ରମାକାନ୍ତଙ୍କୁ ଗିରଫ କରାଯାଇଛି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ଏକ ରାସ୍ତାକାମ କରିଥିବା ଜନୈକ ଠିକାଦାରଙ୍କ ବିଲ୍ ବାକିଥିଲା। ଉକ୍ତ ବିଲ୍ କରାଇଦେବାକୁ ରମାକାନ୍ତ ସମ୍ପୃକ୍ତ ଠିକାଦାରଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ଏନେଇ ଠିକାଦାରଙ୍କ ପକ୍ଷରୁ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ରମାକାନ୍ତଙ୍କୁ ଧରିବାକୁ ଭିଜିଲାନ୍ସ ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ମଙ୍ଗଳବାର ରମାକାନ୍ତ ସମ୍ପୃକ୍ତ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ରଙ୍ଗବୋଳା ଟଙ୍କା ଜବତ ହୋଇଛି। ରମାକାନ୍ତଙ୍କ ଖଣ୍ଡଗିରି ସୌଭାଗ୍ୟ ନଗରସ୍ଥିତ ଭଡ଼ାଘର, କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳରେ ଥିବା ପୈତୃକ ଘର ଏବଂ ଭୁବନେଶ୍ୱରରେ ଥିବା ତାଙ୍କ କାର୍ଯ୍ୟାଳୟ ସମେତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି।

# ଷ୍ଟୋରରେ ବିକ୍ରି ହେଉଛି ଏକ୍ସପାଏରି ମେଡିସିନ

**ଏସ୍‌ସିବି ମେଡିକାଲ ପରିସର**

■ ବିକ୍ରି ପରେ ଦିଆଯାଉନି ବିଲ୍

**କଟକ ଅଫିସ,୨୭।୯**

କଟକ ଏସ୍‌ସିବି ମେଡିକାଲ ପରିସରସ୍ଥ ମେଡିସିନ ଷ୍ଟୋରରେ ଏକ୍ସପାଏରି ମେଡିସିନ ବିକ୍ରି ହେଉଥିବା ଓ ମେଡିସିନ୍‌ର ବିଲ୍ ଦିଆଯାଉ ନଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପବିତ୍ର କୁମାର ପଣ୍ଡା ନାମକ ଜଣେ ବ୍ୟକ୍ତି ଏନେଇ ମେଡିକାଲ କଲେଜର ରେଜିଷ୍ଟ୍ରାର ତଥା ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁସାରେ, ପବିତ୍ର ତାଙ୍କ ଭଉଣୀଙ୍କୁ ନ୍ୟୁରୋଲୋଜି ବିଭାଗରେ ଦେଖାଇବାକୁ ମଙ୍ଗଳବାର ଆଣିଥିଲେ। ତାଙ୍କ ଭଉଣୀଙ୍କର ଉଚ୍ଚ ରକ୍ତଚାପ ରୋଗ ଥିବାରୁ ସେ କିଛିଦିନ ହେବ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡିସିନ ଖାଉଥିଲେ। ମାତ୍ର ରକ୍ତଚାପ କମୁ ନ ଥିବାରୁ ମେଡିସିନ କିଣିବା ପରେ ଦେଖାଇ ନେବା ପାଇଁ ଡାକ୍ତର କହିଥିଲେ। ପ୍ରେସ୍‌କ୍ରିପ୍‌ସନ୍‌ରେ ଲେଖାଥିବା ୫ଟି ମେଡିସିନ ମଧ୍ୟରୁ ଗୋଟିଏ ନିରାମୟ କେନ୍ଦ୍ରରେ ମିଳିଥିଲା। ଏବେ ଉକ୍ତ ରକ୍ତଚାପ ମେଡିସିନ ନକଲି ମିଳୁଥିବାରୁ ପବିତ୍ର ବଜାରକୁ ନ ଯାଇ ମେଡିକାଲ ପରିସରସ୍ଥ ଏକ ଷ୍ଟୋର୍‌ରୁ ଅନ୍ୟ ୪ଟି ମେଡିସିନ କିଣିଥିଲେ। ମେଡିସିନ କିଣିବାବେଳେ ସେ ବିଲ୍ ମାଗିବାରୁ ତାଙ୍କୁ ବିଲ୍ ଦିଆଯାଇ ନଥିଲା। ଓଲଟି ଘରକୁ ନେଇଯାଅ ହିସାବ କରିବ ବୋଲି କୁହାଯାଇଥିଲା। ସେହି ୪ଟି ମେଡିସିନ ମଧ୍ୟରୁ ଗୋଟିଏ ମେଡିସିନ ଏକ୍ସପାଏରି ହୋଇଯାଇଥିବା ସେ ଦେଖିବା ପରେ ଏନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ରାଉତ କହିଛନ୍ତି, ଅଭିଯୋଗ ପାଇଛୁ, ଏହାର ତଦନ୍ତ ପାଇଁ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗକୁ ଜଣାଯିବ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଅଂଶୁମାନ

**ମାହାଙ୍ଗା, ୨୭।୯(ସ୍ୱ.ପ୍ର.)**




ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ମାହାଙ୍ଗା ଅଞ୍ଚଳର କୁନି ପ୍ରତିଭା ଅଂଶୁମାନ ବେହେରା। ବୟସ ମାତ୍ର ୨ ବର୍ଷ ୧୦ମାସ। ହେଲେ ସାଧାରଣ ଜ୍ଞାନରେ ସେ ବିଚକ୍ଷଣ। ମାହାଙ୍ଗା ପଞ୍ଚାୟତ ସିପୁରା ଗ୍ରାମର ମନୋଜ ବେହେରା ଓ ଅନ୍ନପୂର୍ଣ୍ଣା ଦାସଙ୍କ ପୁତ୍ର ଅଂଶୁମାନ ଦୁଇ ବର୍ଷ ବୟସରୁ ୟୁଟ୍ୟୁବ ମାଧ୍ୟମରେ ଇଣ୍ଡିଆ ବୁକ୍‌ରେ ସ୍ଥାନ ପାଇବା ପାଇଁ ଉଦ୍ୟମ ଜାରି ରଖିଥିଲେ। ପୁତ୍ରର ଜ୍ଞାନ ସମ୍ପର୍କରେ ଭିଡିଓ ଉତ୍ତୋଳନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡକୁ ପଠାଇଥିଲେ। ଏଥିରେ ବର୍ଷ, ମାସ, ବାର, ଦିନ, ସାତଟି ଜାତୀୟ ସଂକେତ, ୧୧ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ସହ ସାଧାରଣ ଜ୍ଞାନ ଭଳି ୧୭ଟି ଇଭେଣ୍ଟ ରହିଥିଲା। ସେଗୁଡ଼ିକର ନିର୍ଭୁଲ ଉତ୍ତର ଦେଇପାରିଥିବାରୁ ତାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ କରାଯାଇଛି। ଅଂଶୁମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ଅହିଂସା ରଥକୁ ସ୍ୱାଗତ ପାଇଁ ପ୍ରସ୍ତୁତି

**ତିଗିରିଆ, ୨୭।୯ (ଡି.ଏନ.ଏ)**

ତିଗିରିଆ ବ୍ଲକରେ ଅହିଂସା ରଥକୁ ସ୍ୱାଗତ ପାଇଁ ମଙ୍ଗଳବାର ଭୋଗଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଗଡା ସରପଞ୍ଚ ଶର୍ମିଳା ନାୟକ ସଭାପତିତ୍ୱ କରିଥିଲେ। ଗୁରୁବାର ଅପରାହ୍ଣରେ ଅହିଂସା ରଥକୁ ଜେମାଦେଇପୁର ପଞ୍ଚାୟତର ପଙ୍କାଲ ଛକଠାରେ ସ୍ୱାଗତ କରାଯିବ। ବୈଠକରେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ତିଗିରିଆ ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ନୂଆପାଟଣା ସେବା ସମବାୟ ସମିତି ସଭାପତି ଧ୍ରୁବ ଚରଣ ଦାସ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ‘ନିର୍ବାଚନ ପଦ୍ଧତିରେ ସଂସ୍କାର ଜରୁରୀ’

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**




ଖବରଦାତା ସମ୍ମିଳନୀରେ ‘ନିଡ୍‌ସ ଅଫ୍ ଦି ଟାଇମ୍’ର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଦେଶର ଗଣତାନ୍ତ୍ରିକ ପଦ୍ଧତି ଏବେ କଳୁଷିତ ହେବାରେ ଲାଗିଛି। ରାଜନେତାମାନଙ୍କ ଚାରିତ୍ରିକ ବ୍ୟବହାର, ଦେଶର ପ୍ରଗତି ପ୍ରତି ସେମାନଙ୍କର ଅଙ୍ଗୀକାରବଦ୍ଧତା ଓ ଆଇନ ପ୍ରଣୟନ ବେଳେ ଅଜ୍ଞତା ଯୋଗୁ ଗଣତନ୍ତ୍ରର ଲକ୍ଷ୍ୟ ସଫଳ ହେଉନାହିଁ। ଦେଶର ବିକାଶ ତଥା ନାଗରିକମାନଙ୍କର ଯେପରି ଉନ୍ନତି ହେବାକଥା, ତାହା ହୋଇପାରୁ ନାହିଁ। ତେଣୁ ସମୟର ଆବଶ୍ୟକତାକୁ ଉପଲବ୍ଧି କରି ଭାରତର ନିର୍ବାଚନ ପଦ୍ଧତିରେ କେତେଗୁଡ଼ିଏ ସଂସ୍କାର ଆଣିବା ନିତାନ୍ତ ଆବଶ୍ୟକ ବୋଲି ‘ନିଡ୍‌ସ ଅଫ୍ ଦି ଟାଇମ’ ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଆଲୋଚନା କରାଯାଇଥିଲା। ନିର୍ବାଚନରେ କେଉଁଭଳି ସଂସ୍କାର ଆଣିପାରିଲେ ରାଜନେତାମାନଙ୍କ ଆଚରଣ ଓ ଉଚ୍ଚାରଣରେ ସାମ୍ୟତା ରହିପାରିବ ସେ ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ନେଇ କେତେଗୁଡିଏ ପ୍ରସ୍ତାବ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯିବ। ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀଠାରୁ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ସ୍ଥାନରେ ସଭା ଓ ଆଲୋଚନାଚକ୍ର ଆଦି କରାଯିବ ବୋଲି ‘ନିଡ୍‌ସ ଅଫ୍ ଦି ଟାଇମ୍’ର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି। ସେହିଭଳି ସମସ୍ତଙ୍କ ପାଇଁ ଭୋଟଦାନ ବାଧ୍ୟତାମୂଳକ, ସରକାରୀ ଖର୍ଚ୍ଚରେ ନିର୍ବାଚନମଣ୍ଡଳୀର ଗୋଟିଏ ଦୁଇଟି ସ୍ଥାନରେ ସମସ୍ତ ପ୍ରାର୍ଥୀମାନେ ବକ୍ତବ୍ୟ ଦେବା ପାଇଁ ସଭାସ୍ଥଳୀର ଆୟୋଜନ, ପ୍ରାର୍ଥୀମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା, ପ୍ରାର୍ଥୀମାନେ ଗାଁ ଗାଁରେ ନିଜ ଖର୍ଚ୍ଚରେ ପୋଷ୍ଟର ନ ମାରି ପଞ୍ଚାୟତର ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ନିର୍ବାଚନ ଲଢ଼ିବାର ଅଭିମୁଖ୍ୟ ଦର୍ଶାଇବା ଦାବି ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ମୁଖ୍ୟ ସଂଯୋଜକ ପି.ଟି. ବାଲାଜି ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କଠାରୁ ତଥ୍ୟ ଓଗାଳୁଛି ପୋଲିସ

**ନକଲି ମେଡିସିନ କାରବାର ମାମଲା**

■ ଧୀରେ ଧୀରେ ଖୋଲୁଛି ରହସ୍ୟ

**କଟକ ଅଫିସ,୨୭।୯:**

ନକଲି ମେଡିସିନ କାରବାର ମାମଲାରେ ଗିରଫ ହୋଇଥିବା ୨ ବିହାରୀ ଅଭିଯୁକ୍ତଙ୍କୁ ପୁରୀଘାଟ ପୋଲିସ ପୁଣି ୩ ଦିନିଆ ରିମାଣ୍ଡରେ ଆଣିଛି। ସେମାନେ ହେଲେ ବିହାର ରାମପୁର ଶାସ୍ତ୍ରୀନଗରର ଆଲୋକ କୁମାର ମିଶ୍ରା ଓ ହରିଶ କୁମାର। ପୋଲିସ ପକ୍ଷରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉଭୟଙ୍କୁ ସୋମବାର ହାଜର କରାଯିବା ପରେ ପୁଣି ୫ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା। ମାତ୍ର ଅଦାଲତ ୩ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ମଙ୍ଗଳବାର ଠାରୁ ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି ବୋଲି କଟକ ଡିସିପି ପିନାକ ମିଶ୍ର ମଙ୍ଗଳବାର ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁସାରେ, ନକଲି ମେଡିସିନ ଯୋଗାଣ ଘଟଣାରେ ବିହାରରୁ ଗିରଫ ହୋଇଥିବା ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ହେପାଜତରେ ଜେରା କରାଯାଉଛି। ସେମାନେ କଟକ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାର ଭି. ଆର୍. ଡ୍ରଗ ଏଜେନ୍ସିକୁ କେବଳ ନକଲି ମେଡିସିନ ବିକିଛନ୍ତି ନା ଆଉ କାହାକୁ ବିକିଛନ୍ତି ତାହା ଉପରେ ପଚରାଉଚରା କରାଯାଉଛି। ସେହିପରି ଏମାନେ କେବଳ ଟେଲ୍‌ମା–୪୦ ଓ ଟେଲ୍‌ମା–ଏଏମ୍ ମେଡିସିନ କାରବାର ଚଳାଇଥିଲେ ନା ଅନ୍ୟ କୌଣସି ମେଡିସିନ କାରବାର କରୁଥିଲେ, ଏ ଦିଗ ପ୍ରତି ପୋଲିସ ଗୁରୁତ୍ୱର ସହ ବିଚାର କରୁଛି। ନକଲି ମେଡିସିନ କାରବାର ନିମନ୍ତେ ଏମାନଙ୍କର ଏକ ସୁସଙ୍ଗଠିତ ର୍‌ୟାକେଟ୍ କାମ କରୁଥିବା ପୋଲିସକୁ ଠୋସ୍ ପ୍ରମାଣ ମିଳିଛି। ତେବେ ଜେରା ସମୟରେ କି କି ପ୍ରଶ୍ନ ପଚରାଯିବ ପୋଲିସ ପକ୍ଷରୁ ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ସେହି ଅନୁସାରେ ଜେରା ଚାଲିଛି। ଧୀରେ ଧୀରେ ଏହି ଘଟଣାର ରହସ୍ୟ ଖୋଲୁଥିବାବେଳେ ଇତିମଧ୍ୟରେ ପୋଲିସକୁ ଅନେକ କିଛି ତଥ୍ୟ ହସ୍ତଗତ ହୋଇଛି। ଅଭିଯୁକ୍ତ ଦ୍ୱୟ କାହାଠାରୁ ନକଲି ମେଡିସିନ କିଣୁଥିଲେ ତାହା ପୋଲିସ ପାଇଁ ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏବେ ୩ ଦିନିଆ ରିମାଣ୍ଡ ସମୟରେ ଆହୁରି ବହୁତ ତଥ୍ୟ ମିଳିବ ବୋଲି ଆଶା କରାଯାଉଥିବା ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ନକଲି ମେଡିସିନ କାରବାର ମାମଲାର ତଦନ୍ତ ପାଇଁ ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ୪ ଜଣିଆ ପୋଲିସ ଟିମ୍ ଗତ ୨୧ ତାରିଖରେ ବିହାର ଯାଇଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଏବଂ ଭି. ଆର୍. ଡ୍ରଗ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ଜେରାବେଳେ ପୋଲିସ ଅନେକ ତଥ୍ୟ ହାସଲ କରିଥିଲା। ଏହି ତଥ୍ୟ ଆଧାରରେ ବିହାର ଗୟାସ୍ଥିତ ବାଲାଜୀ ଡ୍ରଗ ପଏଣ୍ଟ ଓ ପାଟନାସ୍ଥିତ ଶ୍ରୀ ବାଲାଜୀ ଏଜେନ୍ସିଜଠାରୁ ନକଲି ମେଡିସିନ ଆସୁଥିବା ଜାଣିବାକୁ ପାଇଥିଲା। ବାଲାଜୀ ଡ୍ରଗ ନିକଟରେ ପୋଲିସ ପହଞ୍ଚିବା ପରେ ୨ ବିହାରୀ ଅଭିଯୁକ୍ତ ଆଲୋକ ଓ ହରିଶ ମୁଖ୍ୟ ସୂତ୍ରଧର ବୋଲି ଜଣାପଡ଼ିଥିଲା। ଉଭୟ ଶ୍ରୀବାଲାଜୀ ଏଜେନ୍ସିଜ୍, ବାଲାଜୀ ଡ୍ରଗ୍ ପଏଣ୍ଟ ଆଦି ବିଭିନ୍ନ ନକଲି ଡ୍ରଗ୍ସ ଏଜେନ୍ସି ଖୋଲି ନକଲି ଇନ୍‌ଭଏସ୍ (ବିଲ୍) ଜରିଆରେ କାରବାର ଚଳାଇଥିଲେ। ସେମାନେ ବ୍ୟବହାର କରୁଥିବା ମୋବାଇଲ, ଚେକ୍ ଓ ବିଲ୍ ବହିକୁ ପୋଲିସ ଜବତ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୮ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### ଓଡ଼ିଆ ଭାଷାର ଅମୂଲ୍ୟ ସମ୍ପଦ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'

ଭୁବନେଶ୍ୱର, ୨୭।୯ (ବ୍ୟୁରୋ): ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ତଥା ସାହିତ୍ୟ ସାଧକ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୪୯ତମ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗ୍ରନ୍ଥାଗାର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷାର ଏକ ଅମୂଲ୍ୟ ସମ୍ପଦ ହେଉଛି ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ। ଗୋପାଳ ଚନ୍ଦ୍ର ପ୍ରହରାଜ ସମଗ୍ର ଜୀବନ ଓଡ଼ିଆ ଶବ୍ଦକୋଷର ସଙ୍କଳନ କରି ୭ଖଣ୍ଡରେ ପ୍ରକାଶନ କରିଛନ୍ତି। ଏଥିପାଇଁ ସେ ବର୍ଷ ବର୍ଷ ଧରି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସହିତ ଅନେକ ରାଜା ମହାରାଜା, ଜମିଦାରମାନଙ୍କ ଆର୍ଥିକ ସହାୟତା ଏବଂ ନିଜର ସାମଗ୍ରିକ ଜୀବନର ସଞ୍ଚିତ ଅର୍ଥକୁ ବିନିଯୋଗ କରିଥିଲେ। ଗୋପାଳ ଚନ୍ଦ୍ର ଏହି ଭାଷାକୋଷ ପ୍ରଣୟନ କରି ଯୁଗ ଯୁଗ ପାଇଁ ପାଠକ ଓ ଗବେଷକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ପଟ୍ଟନାୟକ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ରୁଦ୍ରପ୍ରସାଦ ବେହେରା, ପଦ୍ମନାଭ ଜେନା, ସଳିତା ପାତ୍ର, ମଞ୍ଜୁରାଣୀ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଉପେନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

### ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବ 'କ୍ୟାପିଟାଲ ଟକିଜ'

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ଓଟିଟି ପ୍ଲାଟଫର୍ମ 'ଆଓ ନେକ୍ସଟ'ରେ ଆସନ୍ତା ୩୦ ତାରିଖରେ ରିଲିଜ ହେବାକୁ ଯାଉଛି ଏକ ନୂଆ ମୌଳିକ ସିନେମା 'କ୍ୟାପିଟାଲ ଟକିଜ୍'। ଏହା ଏକ ମନସ୍ତାତ୍ତ୍ୱିକ ଥ୍ରିଲର ସିନେମା। ଯେଉଁଥିରେ ଲୋଭ, ପ୍ରତିଶୋଧ ଏବଂ କ୍ରୋଧର ଭାବ ଦେଖିବାକୁ ମିଳିବ। ବର୍ତ୍ତମାନ ଏହି ଚଳଚ୍ଚିତ୍ର ଓଡ଼ିଆ ଭାଷାରେ ରିଲିଜ ହେବ ବୋଲି ମଙ୍ଗଳବାର 'ଆଓ ନେକ୍ସଟ୍' ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମନସ୍ତାତ୍ତ୍ୱିକ ଥ୍ରିଲର ଚଳଚ୍ଚିତ୍ର ଦର୍ଶକଙ୍କ ପାଇଁ ବେଶ୍ ଉପଭୋଗ୍ୟ ହେବ। ଓଲିଉଡ ଏଭଳି କଣ୍ଟେଣ୍ଟକୁ ନେଇ ବିଶେଷ ପରିଚିତ ନ ଥିବା ବେଳେ ଏହି ଚଳଚ୍ଚିତ୍ରକୁ ନେଇ ବେଶ୍ ଆଶା ରହିଛି ବୋଲି କୁହାଯାଇଛି। ସେହିପରି ଏ ସମ୍ପର୍କରେ ପ୍ଲାଟଫର୍ମ ପ୍ରତିଷ୍ଠାତା କୌଶିକ ଦାସ କହିଛନ୍ତି ଯେ, 'ଆଓ ନେକ୍ସଟ' ବର୍ତ୍ତମାନ ଅସଲି ଓଡ଼ିଆ ଭାଷାର କଣ୍ଟେଣ୍ଟ ତିଆରି କରୁଛି। ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ହେଉଥିବା ପରିବର୍ତ୍ତନ ଅନୁସାରେ ମନୋରଞ୍ଜନ କଣ୍ଟେଣ୍ଟ ତିଆରି କରିବାକୁ ଉଦ୍ୟମ କରାଯାଉଛି।

### ଗୌତମନଗରରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ଗୌତମ ନଗର ଉନ୍ନୟନ ପରିଷଦ ଏବଂ ସ୍ଥାନୀୟ କେୟାର ହସ୍ପିଟାଲ ସହଯୋଗରେ ରବିବାର ଗୌତମନଗରସ୍ଥିତ କମ୍ୟୁନିଟି ହଲ୍‌ରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ପିଟାଲର ଡା. ସ୍ୱରୂପ ଭଞ୍ଜ, ଡା. ରବି ସିଂ, ଡା. ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତଚାପ, ବ୍ଲଡ୍ ସୁଗାର, ଇସିଜି ଆଦି ପରୀକ୍ଷା କରାଯାଇ ସେମାନଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଥିଲା।

# 'ହିତାଧିକାରୀଙ୍କୁ ଠିକ୍ ସମୟରେ ଭତ୍ତା ମିଳିବ'

■ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା
■ ହିତାଧିକାରୀଙ୍କ ଜମା ଖାତାକୁ ସିଧାସଳଖ ଅର୍ଥ ପ୍ରେରଣର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଏଣିକି କଳାକାରମାନଙ୍କୁ ସେମାନଙ୍କର ଭତ୍ତା ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ହିତାଧିକାରୀଙ୍କ ଜମା ଖାତାକୁ ସିଧାସଳଖ ଅର୍ଥ ପ୍ରେରଣ କରାଯିବ। ଏଥିପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କମ୍ପ୍ୟୁଟରୀକୃତ ସିଧାସଳଖ ହିତାଧିକାରୀଙ୍କ ଜମା ଖାତାକୁ ଅନଲାଇନ୍ ଜରିଆରେ ଅର୍ଥ ପ୍ରେରଣ ବ୍ୟବସ୍ଥା (ଗୋ ଲାଇଭ) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସଂସ୍କୃତି ଭବନରେ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିବା ସହିତ ହିତାଧିକାରୀଙ୍କୁ ଠିକ ସମୟରେ ଭତ୍ତା ମିଳିପାରିବ ଏବଂ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ କହିଛନ୍ତି। ଅନଲାଇନ ବ୍ୟବସ୍ଥା ଜରିଆରେ ଜମାଖାତାକୁ ସିଧାସଳଖ ଅର୍ଥ ପ୍ରେରଣ ବ୍ୟବସ୍ଥା କଳାକାରମାନଙ୍କ ମନରେ ଖୁସି ଆଣିବ। ଏହା ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଯୋଗୁ ସମ୍ଭବ ହୋଇଛି ବୋଲି ସେ କହିବା ସହିତ କୃତଜ୍ଞତା ଜଣାଇଥିଲେ। ନୂଆ ଚିନ୍ତାଧାରା ଓ ନୂଆ ପଦ୍ଧତି ଆଧାରରେ ବିଭାଗର ଉନ୍ନତି ପାଇଁ ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ। ଏହି ବ୍ୟବସ୍ଥାରେ ସମସ୍ତ ହିତାଧିକାରୀ ଯେପରି ଉପକୃତ ହେବେ ସେଥିପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ କହିଲେ, ପୂର୍ବରୁ ଏହି ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଠିକ ଭାବେ ଜାଣିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ନ ଥିଲା। ସେଥିପାଇଁ ପ୍ରାପ୍ୟ ପ୍ରଦାନରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏବେ ଜିଲା ସଂସ୍କୃତି ଅଧିକାରୀଙ୍କ ଜରିଆରେ ଭତ୍ତା ପାଉଥିବା ୩୫ ହଜାର କଳାକାରଙ୍କ ମଧ୍ୟରୁ ପ୍ରାୟ ୨୨ହଜାର କଳାକାରଙ୍କ ତଥ୍ୟ ସଂଗୃହୀତ ହୋଇଛି। ସେପ୍ଟେମ୍ବର ମାସର ଦେୟ ଅନଲାଇନ ଯୋଗେ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରଦାନର ବ୍ୟବସ୍ଥା ହୋଇଛି ଓ ଏହି ପ୍ରକ୍ରିୟା ଜାରି ରହିବ। ଅବଶିଷ୍ଟ ୧୬ହଜାର ହିତାଧିକାରୀଙ୍କୁ ଶୀଘ୍ର ଚୟନ କରାଯାଇ ଏହି ଯୋଜନାରେ ସାମିଲ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ ସହ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ। ଏ ସମସ୍ତ କାର୍ଯ୍ୟ ନୂଆବର୍ଷ ପୂର୍ବରୁ କରାଯିବ ବୋଲି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଥିଲେ। ରାଜ୍ୟ କୋଷାଗାର ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଯୋଗଦେଇ ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ୫ଟି ଉପକ୍ରମର ଅଂଶବିଶେଷ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଆଇସି ଓଡ଼ିଶା ମୁଖ୍ୟ ଅନୁପ ଗାୟନ୍ତ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆରମ୍ଭ କରିଥିଲେ। ରାଜ୍ୟରେ ୫୦ହଜାର ବିଭିନ୍ନ ପ୍ରକାର କଳାକାରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ସରକାର ଘୋଷଣା କରିଥିଲେ। ଏବେ ସୁଦ୍ଧା ପ୍ରାୟ ୩୫ ହଜାର କଳାକାର ମାସକୁ ୧୨ ଶହ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ମଙ୍ଗଳବାର ପ୍ରତୀକାତ୍ମକ ଭାବେ ୫ଜଣ ହିତାଧିକାରୀଙ୍କ ପେନସନ ପେପର ଅନଲାଇନ ବ୍ୟବସ୍ଥାରେ ପ୍ରସ୍ତୁତି କରାଯାଇ ଚିହ୍ନଟକରଣ ସାର୍ଟିଫିକେଟ ପ୍ରଦାନ ପୂର୍ବକ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ଅର୍ଥ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଉପଶାସନ ସଚିବ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ସଂସ୍କୃତି ବିଭାଗର ବିଭିନ୍ନ ଶାଖାର ମୁଖ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ଉପଦେଷ୍ଟା ଡ. ଫଣୀନ୍ଦ୍ର ନନ୍ଦ ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ଅନ୍ୟ ଅତିଥିଙ୍କ ଗହଣରେ ଚିହ୍ନଟକରଣ ସାର୍ଟିଫିକେଟ ସହିତ ୫ ହିତାଧିକାରୀ।

## ଘର ପଟ୍ଟା ପାଇଲେ ୪୭ ହିତାଧିକାରୀ

ଆରଏୱାଇ ଯୋଜନା

ଭୁବନେଶ୍ୱର, ୨୭।୯ (ବ୍ୟୁରୋ)

ରାଜଧାନୀର ପଥରବନ୍ଧ ବସ୍ତିରେ ରହୁଥିବା ଲୋକଙ୍କୁ ରାଜୀବ ଆବାସ ଯୋଜନା (ଆରଏୱାଇ) ମାଧ୍ୟମରେ ଘର ପଟ୍ଟା ପ୍ରଦାନ କରାଯାଇଛି। ମଙ୍ଗଳବାର ୧୭ନମ୍ବର ୱାର୍ଡ ସ୍ଥିତ ଭିଏସ୍‌ଏସ୍ ନଗର କଲ୍ୟାଣ ମଣ୍ଡପଠାରେ ଏହି ଯୋଜନାରେ ୪୭ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ପୂର୍ବରୁ ୧୨୦ ହିତାଧିକାରୀଙ୍କୁ ପଟ୍ଟା ଦିଆଯାଇଥିବା ବେଳେ ମଙ୍ଗଳବାର ବାକି ହିତାଧିକାରୀଙ୍କୁ ଘର ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ୧୭ନମ୍ବର ୱାର୍ଡ କର୍ପୋରେଟର ପୂଜା ମହାରଣା, ଜେଡିସି ପୁରନ୍ଦର ନନ୍ଦ, ବସ୍ତି ସଭାପତି ନୀଳମଣି ସାହୁ, ସୁଶାନ୍ତ ସାହୁ, ମହିଳା ନେତ୍ରୀ ଦ୍ରୌପଦୀ ଦେବୀ, ସୁନାମଣୀ ଦାସ, ରଞ୍ଜିତା ଦାସ, ମାମା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଆୟୋଜିତ ଜାତୀୟ ନାଟକ ଉତ୍ସବରେ 'ପୁନଶ୍ଚ ଅବୋଲକରା'ର ଏକ ଦୃଶ୍ୟ।

## ଅଭିଯୁକ୍ତଙ୍କଠାରୁ ତଥ୍ୟ ଓଗାଳୁଛି ପୋଲିସ

**ନକଲି ମେଡିସିନ କାରବାର ମାମଲା**
■ଧୀରେ ଧୀରେ ଖୋଲୁଛି ରହସ୍ୟ

କଟକ ଅଫିସ,୨୭।୯:

ନକଲି ନକଲି ମେଡିସିନ କାରବାର ମାମଲାରେ ଗିରଫ ହୋଇଥିବା ୨ ବିହାରୀ ଅଭିଯୁକ୍ତଙ୍କୁ ପୁରୀଘାଟ ପୋଲିସ ପୁଣି ୩ ଦିନିଆ ରିମାଣ୍ଡରେ ଆଣିଛି। ସେମାନେ ହେଲେ ବିହାର ରାମପୁର ଶାସ୍ତ୍ରୀନଗରର ଆଲୋକ କୁମାର ମିଶ୍ରା ଓ ହରିଶ କୁମାର। ପୋଲିସ ପକ୍ଷରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉଭୟଙ୍କୁ ସୋମବାର ହାଜର କରାଯିବା ପରେ ପୁଣି ୫ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା। ମାତ୍ର ଅଦାଲତ ୩ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ମଙ୍ଗଳବାର ଠାରୁ ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି ବୋଲି କଟକ ଡିସିପି ପିନାକ ମିଶ୍ର ମଙ୍ଗଳବାର ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁସାରେ, ନକଲି ମେଡିସିନ ଯୋଗାଣ ଘଟଣାରେ ବିହାରରୁ ଗିରଫ ହୋଇଥିବା ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ହେପାଜତରେ ଜେରା କରାଯାଉଛି। ସେମାନେ କଟକ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସ ଓ ମାଣିକଘୋଷ ବଜାର ଭି. ଆର୍. ଡ୍ରଗ ଏଜେନ୍ସିକୁ କେବଳ ନକଲି ମେଡିସିନ ବିକିଛନ୍ତି ନା ଆଉ କାହାକୁ ବିକିଛନ୍ତି ତାହା ଉପରେ ପଚରାଉଚରା କରାଯାଉଛି। ସେହିପରି ଏମାନେ କେବଳ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ମେଡିସିନ କାରବାର ଚଳାଇଥିଲେ ନା ଅନ୍ୟ କୌଣସି ମେଡିସିନ କାରବାର କରୁଥିଲେ, ଏ ଦିଗ ପ୍ରତି ପୋଲିସ ଗୁରୁତ୍ୱର ସହ ବିଚାର କରୁଛି। ନକଲି ମେଡିସିନ କାରବାର ନିମନ୍ତେ ଏମାନଙ୍କର ଏକ ସୁସଙ୍ଗଠିତ ର୍‍ୟାକେଟ୍ କାମ କରୁଥିବା ପୋଲିସକୁ ଠୋସ୍ ପ୍ରମାଣ ମିଳିଛି। ତେବେ ଜେରା ସମୟରେ କି କି ପ୍ରଶ୍ନ ପଚରାଯିବ ପୋଲିସ ପକ୍ଷରୁ ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ସେହି ଅନୁସାରେ ଜେରା ଚାଲିଛି। ଧୀରେ ଧୀରେ ଏହି ଘଟଣାର ରହସ୍ୟ ଖୋଲୁଥିବାବେଳେ ଇତିମଧ୍ୟରେ ପୋଲିସକୁ ଅନେକ କିଛି ତଥ୍ୟ ହସ୍ତଗତ ହୋଇଛି। ଅଭିଯୁକ୍ତ ଦ୍ୱୟ କାହାଠାରୁ ନକଲି ମେଡିସିନ କିଣୁଥିଲେ ତାହା ପୋଲିସ ପାଇଁ ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏବେ ୩ ଦିନିଆ ରିମାଣ୍ଡ ସମୟରେ ଆହୁରି ବହୁତ ତଥ୍ୟ ମିଳିବ ବୋଲି ଆଶା କରାଯାଉଥିବା ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ନକଲି ମେଡିସିନ କାରବାର ମାମଲାର ତଦନ୍ତ ପାଇଁ ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ୪ ଜଣିଆ ପୋଲିସ ଟିମ୍ ଗତ ୨୧ ତାରିଖରେ ବିହାର ଯାଇଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଏବଂ ଭି. ଆର୍. ଡ୍ରଗ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ଜେରାବେଳେ ପୋଲିସ ଅନେକ ତଥ୍ୟ ହାସଲ କରିଥିଲା। ଏହି ତଥ୍ୟ ଆଧାରରେ ବିହାର ଗୟାସ୍ଥିତ ବାଲାଜୀ ଡ୍ରଗ ପଏଣ୍ଟ ଓ ପାଟନାସ୍ଥିତ ଶ୍ରୀ ବାଲାଜୀ ଏଜେନ୍ସିଜଠାରୁ ନକଲି ମେଡିସିନ ଆସୁଥିବା ଜାଣିବାକୁ ପାଇଥିଲା। ବାଲାଜୀ ଡ୍ରଗ ନିକଟରେ ପୋଲିସ ପହଞ୍ଚିବା ପରେ ୨ ବିହାରୀ ଅଭିଯୁକ୍ତ ଆଲୋକ ଓ ହରିଶ ମୁଖ୍ୟ ସୂତ୍ରଧର ବୋଲି ଜଣାପଡ଼ିଥିଲା। ଉଭୟ ଶ୍ରୀବାଲାଜୀ ଏଜେନ୍ସିଜ୍, ବାଲାଜୀ ଡ୍ରଗ୍ ପଏଣ୍ଟ ଆଦି ବିଭିନ୍ନ ନକଲି ଡ୍ରଗ୍ସ ଏଜେନ୍ସି ଖୋଲି ନକଲି ଇନ୍‌ଭଏସ୍ (ବିଲ୍) ଜରିଆରେ କାରବାର ଚଳାଇଥିଲେ।

## ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା ପଣ୍ଡ, ୪ ଗିରଫ

■ ଗୋଟିଏ ଲୁହାରଡ଼, ୨ ଛୁରି, ଲଙ୍କାଗୁଣ୍ଡ ଜବତ
■ ଅଭିଯୁକ୍ତଙ୍କ ନାମରେ ରହିଛି ୫ରୁ ଅଧିକ ମାମଲା

ଭୁବନେଶ୍ୱର,୨୭।୯(ବ୍ୟୁରୋ):

ଲିଙ୍ଗରାଜ ଥାନା ଅଞ୍ଚଳରେ ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା କଲାବେଳେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ପୁରୁଣା ଭୁବନେଶ୍ୱର ହରଚଣ୍ଡୀ ସାହିର ରାଜେଶ କୁମାର ମହାପାତ୍ର ଓରଫ ଚିକୁ (୪୮), ଭୋଇସାହିର ଦେବୀପ୍ରସାଦ ଭୋଇ ଓରଫ ବାବୁ (୨୦), ରୁଦ୍ର ଭୋଇ ଓରଫ ଇଲୁ (୨୨) ଓ କପିଳେଶ୍ୱର ଦାଣ୍ଡସାହିର ସୁରଜ ମହାପାତ୍ର ଓରଫ ସୋମ୍ (୨୬)। ସେମାନଙ୍କ ପାଖରୁ ଗୋଟିଏ ଲୁହାରଡ଼, ଦୁଇଟି ଛୁରି, ୨ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ୪ଟି ଖାଲି ମଦ ବୋତଲ ଜବତ ହୋଇଛି।

ସୂଚନା ଅନୁଯାୟୀ, ନୂଆ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଅଭିଯୁକ୍ତମାନେ ସୋମବାର ବିଳମ୍ବିତ ରାତିରେ ନିଶାସକ୍ତ ହୋଇ ଟୁରିଷ୍ଟ ବସ୍‌ରୁ ଡକାୟତି ଯୋଜନା କରୁଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ.୨୪୫/୨୦୨୨) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଙ୍କ ନାମରେ ଲିଙ୍ଗରାଜ ଥାନାରେ ପୂର୍ବରୁ ୫ରୁ ଅଧିକ ଆପରାଧିକ ମାମଲା ରହିଛି। ସେମାନେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସିଆର୍‌ପିସି -୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଦକ୍ଷେପ ନିଆଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଭିଜିଲାନ୍ସ ଜାଲରେ ଜୁନିୟର ଇଞ୍ଜିନିୟର

ଭୁବନେଶ୍ୱର,୨୭।୯ (ବ୍ୟୁରୋ):



ଜଣେ ଠିକାଦାରଙ୍କ ବକେୟା ବିଲ୍ କରାଇଦେବାକୁ ୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବ୍ଲକର ଜୁନିୟର ଇଞ୍ଜିନିୟର ରମାକାନ୍ତ ବେହେରା ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୩୦/୨୦୨୨) ରୁଜୁ କରାଯାଇ ଅଭିଯୁକ୍ତ ରମାକାନ୍ତଙ୍କୁ ଗିରଫ କରାଯାଇଛି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ଏକ ରାସ୍ତାକାମ କରିଥିବା ଜନୈକ ଠିକାଦାରଙ୍କ ବିଲ୍ ବାକିଥିଲା। ଉକ୍ତ ବିଲ୍ କରାଇଦେବାକୁ ରମାକାନ୍ତ ସମ୍ପୃକ୍ତ ଠିକାଦାରଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ଏନେଇ ଠିକାଦାରଙ୍କ ପକ୍ଷରୁ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ରମାକାନ୍ତଙ୍କୁ ଧରିବାକୁ ଭିଜିଲାନ୍ସ ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ମଙ୍ଗଳବାର ରମାକାନ୍ତ ସମ୍ପୃକ୍ତ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ରଙ୍ଗବୋଳା ଟଙ୍କା ଜବତ ହୋଇଛି। ରମାକାନ୍ତଙ୍କ ଖଣ୍ଡଗିରି ସୌଭାଗ୍ୟ ନଗରସ୍ଥିତ ଭଡ଼ାଘର, କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳରେ ଥିବା ପୈତୃକ ଘର ଏବଂ ଭୁବନେଶ୍ୱରରେ ଥିବା ତାଙ୍କ କାର୍ଯ୍ୟାଳୟ ସମେତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି।

## ଷ୍ଟୋରରେ ବିକ୍ରି ହେଉଛି ଏକ୍ସପାଏରି ମେଡିସିନ

**ଏସ୍‌ସିବି ମେଡିକାଲ ପରିସର**
■ବିକ୍ରି ପରେ ଦିଆଯାଉନି ବିଲ୍

କଟକ ଅଫିସ,୨୭।୯:

କଟକ ଏସ୍‌ସିବି ମେଡିକାଲ ପରିସରସ୍ଥ ମେଡିସିନ ଷ୍ଟୋରରେ ଏକ୍ସପାଏରି ମେଡିସିନ ବିକ୍ରି ହେଉଥିବା ଓ ମେଡିସିନ୍‌ର ବିଲ୍ ଦିଆଯାଉ ନଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପବିତ୍ର କୁମାର ପଣ୍ଡା ନାମକ ଜଣେ ବ୍ୟକ୍ତି ଏନେଇ ମେଡିକାଲ କଲେଜର ରେଜିଷ୍ଟ୍ରାର ତଥା ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁସାରେ, ପବିତ୍ର ତାଙ୍କ ଭଉଣୀଙ୍କୁ ନ୍ୟୁରୋଲୋଜି ବିଭାଗରେ ଦେଖାଇବାକୁ ମଙ୍ଗଳବାର ଆଣିଥିଲେ। ତାଙ୍କ ଭଉଣୀଙ୍କର ଉଚ୍ଚ ରକ୍ତଚାପ ରୋଗ ଥିବାରୁ ସେ କିଛିଦିନ ହେବ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡିସିନ ଖାଉଥିଲେ। ମାତ୍ର ରକ୍ତଚାପ କମୁ ନ ଥିବାରୁ ମେଡିସିନ କିଣିବା ପରେ ଦେଖାଇ ନେବା ପାଇଁ ଡାକ୍ତର କହିଥିଲେ। ପ୍ରେସ୍କ୍ରିପ୍‌ସନ୍‌ରେ ଲେଖାଥିବା ୫ଟି ମେଡିସିନ ମଧ୍ୟରୁ ଗୋଟିଏ ନିରାମୟ କେନ୍ଦ୍ରରେ ମିଳିଥିଲା। ଏବେ ଉଚ୍ଚ ରକ୍ତଚାପ ମେଡିସିନ ନକଲି ମିଳୁଥିବାରୁ ପବିତ୍ର ବଜାରକୁ ନ ଯାଇ ମେଡିକାଲ ପରିସରସ୍ଥ ଏକ ଷ୍ଟୋର୍‌ରୁ ଅନ୍ୟ ୪ଟି ମେଡିସିନ କିଣିଥିଲେ। ମେଡିସିନ କିଣିବାବେଳେ ସେ ବିଲ୍ ମାଗିବାରୁ ତାଙ୍କୁ ବିଲ୍ ଦିଆଯାଇ ନଥିଲା। ଓଲଟି ଘରକୁ ନେଇଯାଅ ହିସାବ କରିବ ବୋଲି କୁହାଯାଇଥିଲା। ସେହି ୪ଟି ମେଡିସିନ ମଧ୍ୟରୁ ଗୋଟିଏ ମେଡିସିନ ଏକ୍ସପାଏରି ହୋଇଯାଇଥିବା ସେ ଦେଖିବା ପରେ ଏନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ରାଉତ କହିଛନ୍ତି, ଅଭିଯୋଗ ପାଇଛୁ, ଏହାର ତଦନ୍ତ ପାଇଁ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗକୁ ଜଣାଯିବ।

## ଅଭିନବ ପଦକ୍ଷେପ ପ୍ରଦର୍ଶନ ପାଇଁ ପରାମର୍ଶ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓସେପା ଦ୍ୱାରା ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ଓ ଏଡିଇଓ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ଯୋଗଦେଇ ଅଧ୍ୟକ୍ଷମାନେ ନିଜ ବିଦ୍ୟାଳୟର ଅଭିନବ ପଦକ୍ଷେପଗୁଡ଼ିକ ପ୍ରଦର୍ଶନ ପାଇଁ ସଜେଇ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଗୁରୁ-ଶିଷ୍ୟପରମ୍ପରା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ଓଡ଼ିଶାର ପିଲାମାନେ କିପରି ବିଭିନ୍ନ ଶିକ୍ଷା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଆଗୁଆ ହେବେ ସେ ଦିଗରେ ପ୍ରୟାସ କରିବା ପାଇଁ ସେ ଅଧ୍ୟକ୍ଷମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀ ଅଧ୍ୟକ୍ଷ ଏବଂ ଏଡିଇଓ ସଂଯୋଗ ପାଇଁ ମୂଳଦୂଆ ସ୍ଥାପନ କରିବା ସହ ଶିକ୍ଷା କ୍ଷେତ୍ରରେ ଆଗକୁ ମିଳିତ ପ୍ରୟାସରେ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା କହିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିବସରେ ଧନ୍ଦାମୂଳକ ଶିକ୍ଷାର ପୁନର୍ବିନ୍ୟାସ ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍. ନିଜ କର୍ମକ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରେରଣା ଦେବା ସହିତ ଆଗାମୀ ୩ ମାସ ପରେ ଧାର୍ଯ୍ୟ ଲକ୍ଷ୍ୟ ଦିଗରେ ପୁନଃ ସମୀକ୍ଷା ଲାଗି ଆହ୍ୱାନ ଦେଇଥଲେ।




ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## 'ନିର୍ବାଚନ ପଦ୍ଧତିରେ ସଂସ୍କାର ଜରୁରୀ'

**ଦେଶବ୍ୟାପୀ ସଭା, ଶୋଭାଯାତ୍ରା କରିବ 'ନିଡ୍‌ସ ଅଫ୍ ଦି ଟାଇମ'**

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଦେଶର ଗଣତାନ୍ତ୍ରିକ ପଦ୍ଧତି ଏବେ କଳୁଷିତ ହେବାରେ ଲାଗିଛି। ରାଜନେତାମାନଙ୍କ ଚାରିତ୍ରିକ ବ୍ୟବହାର, ଦେଶର ପ୍ରଗତି ପ୍ରତି ସେମାନଙ୍କର ଅଙ୍ଗୀକାରବଦ୍ଧତା ଓ ଆଇନ ପ୍ରଣୟନ ବେଳେ ଅଜ୍ଞତା ଯୋଗୁ ଗଣତନ୍ତ୍ରର ଲକ୍ଷ୍ୟ ସଫଳ ହେଉନାହିଁ। ଦେଶର ବିକାଶ ତଥା ନାଗରିକମାନଙ୍କର ଯେପରି ଉନ୍ନତି ହେବାକଥା, ତାହା ହୋଇପାରୁ ନାହିଁ। ତେଣୁ ସମୟର ଆବଶ୍ୟକତାକୁ ଉପଲବ୍ଧି କରି ଭାରତର ନିର୍ବାଚନ ପଦ୍ଧତିରେ କେତେଗୁଡ଼ିଏ ସଂସ୍କାର ଆଣିବା ନିତାନ୍ତ ଆବଶ୍ୟକ ବୋଲି 'ନିଡ୍‌ସ ଅଫ୍ ଦି ଟାଇମ' ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଆଲୋଚନା କରାଯାଇଥିଲା। ନିର୍ବାଚନରେ କେଉଁଭଳି ସଂସ୍କାର ଆଣିପାରିଲେ ରାଜନେତାମାନଙ୍କ ଆଚରଣ ଓ ଉଚ୍ଚାରଣରେ ସାମ୍ୟତା ରହିପାରିବ ସେ ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ନେଇ କେତେଗୁଡ଼ିଏ ପ୍ରସ୍ତାବ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯିବ। ଏଣୁ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀଠାରୁ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ସ୍ଥାନରେ ସଭା, ଶୋଭାଯାତ୍ରା, ଆଲୋଚନାଚକ୍ର ଆଦି କରାଯିବ ବୋଲି 'ନିଡ୍‌ସ ଅଫ୍ ଦି ଟାଇମ୍'ର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି। ସେହିଭଳି ସମସ୍ତଙ୍କ ପାଇଁ ଭୋଟଦାନ ବାଧ୍ୟତାମୂଳକ, ସରକାରୀ ଖର୍ଚ୍ଚରେ ନିର୍ବାଚନମଣ୍ଡଳୀର ଗୋଟିଏ ଦୁଇଟି ସ୍ଥାନରେ ସମସ୍ତ ପ୍ରାର୍ଥୀମାନେ ବକ୍ତବ୍ୟ ଦେବା ପାଇଁ ସଭାସ୍ଥଳୀର ଆୟୋଜନ, ପ୍ରାର୍ଥୀମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା, ପ୍ରାର୍ଥୀମାନେ ଗାଁ ଗାଁରେ ନିଜ ଖର୍ଚ୍ଚରେ ପୋଷ୍ଟର ନ ମାରି ପଞ୍ଚାୟତର ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ନିର୍ବାଚନ ଲଢ଼ିବାର ଆଭିମୁଖ୍ୟ ଦର୍ଶାଇବା, ନିର୍ବାଚନ ବେଳେ ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ମୁଖ୍ୟ ସଂଯୋଜକ ପି.ଟି. ବାଲାଜି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ମାର୍‌ପିଟ୍ ଘଟଣା: ୪ ଗିରଫ

କଟକ ସଦର(ଡି.ଏନ୍.ଏ.): ଗଣେଶ ଭସାଣିବେଳେ ଗଣ୍ଡଗୋଳ କରିଥିବା ଅଭିଯୋଗରେ କନ୍ଦରପୁର ପୋଲିସ ୪ ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଦେଓପୁର ଗ୍ରାମର ଅମୂଲ୍ୟ ଭୋଇ, ପ୍ରମୋଦ ଭୋଇ, ବ୍ରହ୍ମାନନ୍ଦ ଭୋଇ ଓ ପୂର୍ଣ୍ଣାନନ୍ଦ ଭୋଇ। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨୫ ତାରିଖରେ ଗଣେଶ ଭସାଣିବେଳେ ସାମାନ୍ୟ ବଚସାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାର୍‌ପିଟ୍ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(ନଂ.୧୭୬,୧୭୮/୨୨) ରୁଜୁ କରିଥିଲା। ଏଥିସହ ଉଭୟ ପକ୍ଷର ୪ ଜଣଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### କଟକ ସହରକୁ ଶିଶୁ ଶ୍ରମିକମୁକ୍ତ କରାଯାଉ

**ଶ୍ରମ ଉପଆୟୁକ୍ତଙ୍କୁ ଦାବିପତ୍ର**

**କଟକ ଅଫିସ, ୨୭।୯:** କଟକ ସହରକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚ ପକ୍ଷରୁ ଏ ନେଇ ଏକ ଦାବିପତ୍ର ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଉପଆୟୁକ୍ତ ପ୍ରୀତିବନ୍ଧନ ଘଡ଼େଇଙ୍କୁ ମଙ୍ଗଳବାର ଦିଆଯାଇଛି। ଏ ସମ୍ପର୍କରେ ମଞ୍ଚର ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି, ରାଜ୍ୟ ସରକାର ଅବହେଳିତ ଓ ନିଷ୍ପେଷିତ ଶିଶୁ, କିଶୋରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବ୍ୟାପକ ଅର୍ଥ ବ୍ୟୟ କରି ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ହେଲେ ଉକ୍ତ କାର୍ଯ୍ୟରେ ନିୟୋଜିତ ସଂସ୍ଥା, ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଅବହେଳା ଯୋଗୁ ଠିକ୍ ଭାବେ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଅନେକ ଶିଶୁ ଓ କିଶୋରୀ ବଡବଡିଆ ଲୋକଙ୍କ ଘରେ, ବ୍ୟବସାୟ କେନ୍ଦ୍ର, କମ୍ପାନୀ, ବିଭାଘର, ବ୍ରତଘର, ଆନୁଷ୍ଠାନିକ ଭୋଜିରେ ପରଷିବା, ଭସାଣି ଶୋଭାଯାତ୍ରା ଓ ଅନେକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଏଣୁ ଶିଶୁଶ୍ରମିକ ଓ କିଶୋରୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଦିଗରେ ଉଚିତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ସମ୍ପାଦକ ସାହୁଙ୍କ ନେତୃତ୍ୱରେ ସଭାପତି ଅକ୍ଷୟ ପଣ୍ଡା, ସାମାଜିକ କର୍ମୀ ଡ. ବ୍ୟୋମକେଶ କାନୁନ୍‌ଗୋ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

### କ୍ଲଷ୍ଟର କୋଅର୍ଡିନେଟରଙ୍କୁ କାମରେ ସହଯୋଗ କରିବେ କର୍ପୋରେଟର

**କଟକ ଅଫିସ,୨୭।୯:** କଟକ ମହାନଗର ନିଗମ(ସିଏମ୍‌ସି) କାଉନ୍‌ସିଲ ହଲ୍‌ରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ପକ୍ଷରୁ ନିଯୁକ୍ତି ପାଇଥିବା ୩୦ ଜଣ କ୍ଲଷ୍ଟର କୋଅର୍ଡିନେଟରଙ୍କ ସହ କର୍ପୋରେଟରମାନେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜାଇକା ଏବଂ ଓଡ଼ିଶା ଇଣ୍ଟିଗ୍ରେଟେଡ୍ ସାନିଟେଶନ ଇମ୍ପ୍ରୁଭମେଣ୍ଟ ପ୍ରୋଜେକ୍ଟରେ ଦୁଇଟି ୱାର୍ଡରେ ଜଣେ ଲେଖାଏ କ୍ଲଷ୍ଟର କୋଅର୍ଡିନେଟର କାର୍ଯ୍ୟ କରିବେ। ସେମାନେ ବିଭିନ୍ନ ୱାର୍ଡରେ ଡୋର୍ ଟୁ ଡୋର୍ ଅଳିଆ ସଂଗ୍ରହ ଉପରେ ନଜର ରଖିବା, ଘରୋଇ ଜଳ ନିଷ୍କାସନ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରିବେ। ଏହି ସମସ୍ତ କାର୍ଯ୍ୟ କିଭଳି ଠିକ୍ ଭାବେ କରାଯାଇପାରିବ ସେଥିପାଇଁ କର୍ପୋରେଟରମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଯୋଗଦେଇଥିବାବେଳେ ଡେପୁଟି ମେୟର ଦମୟନ୍ତୀ ମାଝି ଧନ୍ୟବାଦ ଦେଇଥିଲେ। ସୂଚନାଥାଉ କି, ପ୍ରତି ୱାର୍ଡରେ କ୍ଲଷ୍ଟର କୋଅର୍ଡିନେଟରଙ୍କ କାର୍ଯ୍ୟକାରିତାକୁ ନେଇ ସିଏମ୍‌ସି ପକ୍ଷରୁ ଗତ ୨୦ ତାରିଖରେ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା।



ଷୋଳପୂଜା ଅବସରରେ ମଙ୍ଗଳବାର ମା' କଟକ ଚଣ୍ଡୀଙ୍କ ହରଚଣ୍ଡୀ ବେଶ।



ଗଡ଼ଚଣ୍ଡୀଙ୍କ ବଗଳାମୁଖୀ ବେଶ।



ଝାଞ୍ଜିରୀ ମଙ୍ଗଳାଙ୍କ ଜୟଦୁର୍ଗା ବେଶ।



ବାସନ୍ତୀ ଦୁର୍ଗାଙ୍କ ନାରାୟଣୀ ବେଶ।



ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ବନଦୁର୍ଗା ବେଶ।

# ବାଲିଯାତ୍ରା ଷ୍ଟଲ ନିର୍ମାଣ ପାଇଁ ଆଜିଠୁ ପଞ୍ଜୀକରଣ

**କଟକ ଅଫିସ, ୨୭।୯**

କଟକ ବାଲିଯାତ୍ରାରେ ଷ୍ଟଲ ନିର୍ମାଣ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ସେପ୍ଟେମ୍ବର ୨୮ରୁ ଆରମ୍ଭ ହୋଇ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକ ହଜାର ବର୍ଗଫୁଟ ବା ତଦୂର୍ଦ୍ଧ୍ୱ ପ୍ଲଟ୍ ନେବାକୁ ଆଗ୍ରହୀ ଥିବା ବ୍ୟବସାୟୀମାନଙ୍କୁ ୩ଟି ଶ୍ରେଣୀ ପ୍ରିମିୟମ, ପ୍ଲାଟିନମ ଓ ଗୋଲ୍ଡ ବିଭାଗରେ ବିଭକ୍ତ କରାଯାଇଛି। ବ୍ୟବସାୟୀମାନେ ଇ-ପେମେଣ୍ଟ, ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଦେୟ ପଇଠ କରିପାରିବେ। ଏଥିସହ ସ୍ୱଚ୍ଛ, ସବୁଜ ଓ ଗହଳିମୁକ୍ତ ବାଲିଯାତ୍ରା ଆୟୋଜନ ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି।

ଏଥିସହ ସେ କହିଛନ୍ତି, ପ୍ରିମିୟମ ବିଭାଗରେ ଆବଣ୍ଟିତ ସ୍ଥାନର ପରିମାଣ ୫ହଜାର ବର୍ଗଫୁଟରୁ ୧୦ ହଜାର ବର୍ଗଫୁଟ ରହିଛି। ସେହିପରି ପ୍ଲାଟିନମ୍ ବିଭାଗରେ ୩ହଜାର ବର୍ଗଫୁଟରୁ ୫ହଜାର ବର୍ଗଫୁଟ ପର୍ଯ୍ୟନ୍ତ ରଖାଯାଇଛି।



ଖବରଦାତା ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟମାନେ।

- **ସ୍ୱଚ୍ଛ, ସବୁଜ, ଗହଳିମୁକ୍ତ ବାଲିଯାତ୍ରା କରାଯିବ**
- **ଇ-ପେମେଣ୍ଟ, ଡିମାଣ୍ଡ ଡ୍ରାଫ୍ଟରେ ପଇଠ ହେବ ଦେୟ**
- **ପ୍ରତି ବର୍ଗଫୁଟ ସ୍ଥାନ ପାଇଁ ୫୦୦ ଟଙ୍କା ଦେୟ ଧାର୍ଯ୍ୟ**
- **ବାଲିଯାତ୍ରା ପଡିଆର ନକ୍ସା ଜିଲା ୱେବ୍‌ସାଇଟରେ ଉପଲବ୍ଧ**

ଗୋଲ୍ଡ ବିଭାଗରେ ୧ହଜାର ବର୍ଗଫୁଟରୁ ୩ହଜାର ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନର ପରିମାଣ ରହିଛି। ପ୍ରତ୍ୟେକ ବର୍ଗଫୁଟ ସ୍ଥାନ ପାଇଁ ୫୦୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି। ବ୍ୟକ୍ତି ବା ପ୍ରତିଷ୍ଠାନ ପ୍ଲଟ୍‌ର ସମସ୍ତ ଦେୟ ଜମା କରିବା ପରେ ପ୍ରଥମ ଆବେଦନ ଆଧାରରେ ସ୍ଥାନ ଆବଣ୍ଟିତ ହେବ। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ବ୍ରାଣ୍ଡ ଏବଂ ପ୍ରତୀକକୁ ବାଲିଯାତ୍ରାରେ ପ୍ରଦର୍ଶିତ ଓ ପ୍ରଚାରିତ କରାଯିବ। ଚଳିତବର୍ଷ ବାଲିଯାତ୍ରା ୩୪ ଏକର ପରିମିତ ଜମିରେ ଅନୁଷ୍ଠିତ ହେବ। ତଳ ଓ ଉପର ବାଲିଯାତ୍ରା ପଡିଆର ନକ୍ସା ଜିଲା ୱେବ୍‌ସାଇଟ୍ www.balijatra.org/cuttack.nic.inରେ ଉପଲବ୍ଧ ବୋଲି ଜିଲାପାଳ ଚୟନୀ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଟିପିସିଓଡିଏଲ ଅଧୀକ୍ଷଣ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ, ସିଏମ୍‌ସି ଉପ ଆୟୁକ୍ତ ଅମିୟ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଫାର୍ମାସିଷ୍ଟଙ୍କୁ ମିଳୁନି ଉପଯୁକ୍ତ ପ୍ରାପ୍ୟ

**କଟକ ଅଫିସ, ୨୭।୯**

**ଏସ୍‌ସିବି ମେଡିକାଲରେ ବିଶ୍ୱ ଫାର୍ମାସିଷ୍ଟ ଦିବସ**

ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ଏସ୍‌ସିବି ମେଡିକାଲ ଶାଖା ଏବଂ ଫାର୍ମାସୀ ବିଭାଗ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଜନସଚେତନତା ରାଲି ମେଡିକାଲ ପରିସରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ବାହାରି ମଙ୍ଗଳାବାଗ ଛକ, ରାଣୀହାଟ ଛକ ଦେଇ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିକଟରେ ପହଞ୍ଚିଥିଲା। ଏହାପରେ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଶାଖା ସଭାପତି ନଳିନୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଫାର୍ମାସୀ ସେବା ସଂଘ ସଭାପତି ଚିନ୍ମୟ କୁମାର ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଫାର୍ମାସିଷ୍ଟମାନେ ସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ସାମାଜିକ ସମ୍ମାନ, ଆର୍ଥିକ ପ୍ରାପ୍ୟ, ଶିକ୍ଷାଗତ ପ୍ରୋତ୍ସାହନ ଯାହା ମିଳୁଛି ତାହା ସନ୍ତୋଷଜନକ ନୁହେଁ। ଅନ୍ୟପକ୍ଷରେ ରାଜ୍ୟର ଏକମାତ୍ର ସରକାରୀ ଶିକ୍ଷାନୁଷ୍ଠାନର ଉନ୍ନତୀକରଣ, ଡିଗ୍ରୀ ପାଠ୍ୟକ୍ରମ ଖୋଲିବା ନେଇ ସରକାରୀ ଉଦାସୀନତା ଯୋଗୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଫାର୍ମାସୀ ବିଭାଗ ମୁଖ୍ୟ ଅଧ୍ୟାପକ ଡ. କଳାକାର ବଳ, ସମ୍ମାନିତ ଅତିଥି ଭାବେ ଉପସଭାପତି ସୁଧାଂଶୁ ଶେଖର ପଣ୍ଡା, ସଂଘ ପରାମର୍ଶଦାତା ଦୀପ୍ତିରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ରଞ୍ଜନ ନନ୍ଦ, ସୁବ୍ରତ ତ୍ରିପାଠୀ, ସୁବ୍ରତ ଶତପଥୀ, ପୂର୍ଣ୍ଣଚନ୍ଦ୍ର ନାୟକ, ବିକାଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଏସ୍‌ସିବି ଶାଖାର ସମ୍ପାଦକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# 'ରାଷ୍ଟ୍ରୀୟ ଏକତା ପାଇଁ ହିନ୍ଦୀ ଭାଷା ଅବଦାନ ଅତୁଳନୀୟ'



ହିନ୍ଦୀ ଦିବସ ସମାରୋହରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

**କଟକ ଅଫିସ, ୨୭।୯**

ଖ୍ରୀଷ୍ଟ କଲେଜ ହିନ୍ଦୀ ବିଭାଗ ପକ୍ଷରୁ ହିନ୍ଦୀ ଦିବସ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। କଲେଜ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହିନ୍ଦୀ ବିଭାଗର ମୁଖ୍ୟ ଡ. କବିତା ଜେନା ଯୋଗଦେଇ ଭାରତର ରାଷ୍ଟ୍ରୀୟ ଏକତା ପାଇଁ ହିନ୍ଦୀ ଭାଷାର ଅବଦାନ ଅତୁଳନୀୟ ବୋଲି କହିଥିଲେ। ସେହିପରି ଇମର୍ତ୍ତୀଦେବୀ ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ଡ. ପ୍ରମୋଦିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଜଗାର ଦିଗରେ ହିନ୍ଦୀ ଭାଷାର ଆବଶ୍ୟକତା ବିଷୟରେ ମତ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ ଯୋଗଦେଇ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଦିଗରେ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରିଥିଲେ। ବିଦ୍ୟାର୍ଥୀ ବିମଳେନ୍ଦୁ ଜେନା, ରଫିକା ନସିମ୍, ସାନିୟା ଫିରଦୋସ୍ ଓ ଫିରୋଜା ଖାତୁନ୍ ସେମିନାର ପତ୍ର ପାଠ କରିଥିଲେ। ଏହି ଅବସରରେ ଆୟୋଜିତ କାବ୍ୟ ଆବୃତ୍ତି ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ଶ୍ରେଷ୍ଠସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଦୀପ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଆଇନ ସଚେତନତା ଶିବିର

**କଟକ ଅଫିସ, ୨୭।୯**

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସାମାଜିକ ଗଣମାଧ୍ୟମ ଜନିତ ସୁରକ୍ଷା, ସାଇବର ଆଇନ, ଅପରାଧ ନିରାକରଣ ଏବଂ ପରାମର୍ଶ' ଶୀର୍ଷକ ଆଇନ ସଚେତନତା ଶିବିର ଦି ଲ କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଯୋଗଦେଇ ସାଇବର ଆଇନ, ଅପରାଧ ଓ ଏହାର ନିୟନ୍ତ୍ରଣ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ସେହିପରି କଟକ ସାଇବର ଅପରାଧ ଶାଖା ଇନ୍ସପେକ୍ଟର ଅନିଲ୍ୟା ଆନନ୍ଦ ଯୋଗଦେଇ ସାଇବର ଅପରାଧ ରୋକାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ଜରିଆରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଦି ଲ କଲେଜ ଅଧ୍ୟକ୍ଷ ସାମନ୍ତ କୁମାର ରାୟ ସ୍ୱାଗତ ଭାଷଣ ଦେଇଥିଲେ।

# ବନ୍ଦ ବଲ୍ଲାରପୁର କାଗଜ କଳରେ ହାତୀପଲ



**ଚୌଦ୍ୱାର,୨୭।୯(ଡି.ଏନ୍.ଏ.)**

ଦୀର୍ଘଦିନର ବ୍ୟବଧାନ ପରେ ପୁଣି ଚୌଦ୍ୱାର ଅଞ୍ଚଳରେ ହାତୀ ପଶିଥିବା ଦେଖିବାକୁ ମିଳିଛି। ଗତ ଫେବୃୟାରୀରେ ଚନ୍ଦକା ଜଙ୍ଗଲରୁ ଆସିଥିବା ୨୩ ଟିକିଆ ହାତୀପଲ ଖୁଣ୍ଟୁଣୀ ବନାଞ୍ଚଳ ଦେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ପଶି ବ୍ୟାପକ ଫସଲ ନଷ୍ଟ କରିଥିଲେ। ଏପରି କି ବହୁ ଲୋକଙ୍କ ଚାଳଛପର ଘର ଭାଙ୍ଗିଦେଇ ପୁଣି ଚନ୍ଦକା ଜଙ୍ଗଲକୁ ଫେରିଯାଇଥିଲେ। ପୁନର୍ବାର ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନରେ ବନ୍ଦ ପଡିଥିବା ବଲ୍ଲାରପୁର କାଗଜ କଳ ପରିସରରେ ୩ ଟିକିଆ ହାତୀପଲ ପଶିଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖି ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡିଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଉକ୍ତ କାଗଜ କଳ ଦୀର୍ଘଦିନ ହେବ ବନ୍ଦ ରହିବା ଫଳରେ ଏହାର ପରିସରରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହୋଇଛି। ଏହାର ପାଚେରି ଭାଙ୍ଗି ଯାଇଥିବାରୁ ହାତୀମାନେ ଏହା ପରିସରରେ ଥିବା ଜଙ୍ଗଲିଆ ସ୍ଥାନରେ ଲୁଚି ରହିଛନ୍ତି। ଫାଣ୍ଡୀ ଅଧିକାରୀ ରଞ୍ଜନ ନାୟକଙ୍କ ସହ ପୋଲିସ ଟିମ୍ ଓ ବନବିଭାଗ କର୍ମଚାରୀମାନେ ଉକ୍ତ ସ୍ଥାନରେ ଜଗି ରହିଛନ୍ତି। ବିଳମ୍ବିତ ରାତିରେ ହାତୀମାନଙ୍କୁ ଘଉଡାଇ ଜଙ୍ଗଲ ମୁହାଁ କରାଯିବ ବୋଲି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

# 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ'

**କଟକ ସଦର, ୨୭।୯(ଡି.ଏନ୍.ଏ.)**

**ଗୋପାଳ ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ତଥା ଭାଷା ବିଶାରଦ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୪୯ ତମ ଜୟନ୍ତୀ ମଙ୍ଗଳବାର କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ କୃଷି ସମବାୟ ସଭାଗୃହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରଦୀପ୍ତ ପଣ୍ଡା ଯୋଗଦେଇ କହିଥିଲେ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ। ପ୍ରହରାଜଙ୍କ ବ୍ୟଙ୍ଗ ସାହିତ୍ୟ ଅତ୍ୟନ୍ତ ମାର୍ମିକ ଥିଲା। ଏହାର ପ୍ରଚାରପ୍ରସାର କରାଗଲେ ସମସ୍ତେ ଜାଣିପାରନ୍ତେ ବୋଲି ପଣ୍ଡା କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ କଟକ ଜିଲା ପ୍ରତିନିଧି ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ପତ୍ରିକାର ସମ୍ପାଦକ ନିରଞ୍ଜନ ରଥ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ବିଜୟ ଚନ୍ଦ୍ର ଜେନା ଓ କବି ପ୍ରତାପ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ସଞ୍ଜୟ ଛୁଆଲସିଂ ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦର ସମ୍ପାଦକ ପୀୟୂଷ ରଞ୍ଜନ ପରିଡ଼ା ବିବରଣୀ ପାଠ, କବି ରମାକାନ୍ତ ନାୟକ ଅତିଥି ପରିଚୟ, ପୀତାମ୍ବର ମହାପାତ୍ର ସଭା ପରିଚାଳନା ଓ ନୀଳମଣି ସାହୁ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୪୫ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ଚୈତନ୍ୟ ରାଉତ ଓ କବୟିତ୍ରି ଗୀତାଞ୍ଜଳି ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୀତିକାର ବାବାଜୀ ଚରଣ ଜେନା କବିତାର ସମୀକ୍ଷା କରିଥିଲେ।





କନ୍ଦରପୁରସ୍ଥିତ କୃଷି ସମବାୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ତଦନ୍ତ ଦାବିରେ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ

**ମଙ୍ଗୁଳି, ୨୭।୯(ଡି.ଏନ୍.ଏ.)**

**ମହିଳା ଗୋଷ୍ଠୀ ମହାସଂଘରେ ଦୁର୍ନୀତି ଅଭିଯୋଗ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ଏକ ମହିଳା ଗୋଷ୍ଠୀ ମହାସଂଘରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ଗତ ଅଗଷ୍ଟ ୨୮ରେ ସ୍ଥାନୀୟ ବିଡିଓ ଆଶୁତୋଷ ମିଶ୍ରଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଥିଲା। ଇତିମଧ୍ୟରେ ୧ ମାସ ବିତିଥିଲେ ମଧ୍ୟ ଏହାର ତଦନ୍ତ କରାଗଲା ନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ଏହି ଦୁର୍ନୀତିର ତଦନ୍ତ ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଇନ୍ଦ୍ରାଣୀପାଟଣା ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ନାୟକଙ୍କ ନେତୃତ୍ୱରେ ୬ଟି ଗୋଷ୍ଠୀର ସଭାପତି, ସମ୍ପାଦକଙ୍କ ସମେତ ୬୦ଜଣ ସଦସ୍ୟା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବିଡିଓଙ୍କ ଅଫିସ୍ ଘେରାଉ କରିଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ମହାସଂଘରେ ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ, ଏମ୍‌ବିକେ ପୋଷ୍ଟ ପାଇଁ ହୋଇଥିବା ପରୀକ୍ଷାରେ କମ୍ ନମ୍ବର ରଖିଥିବା ମହିଳାଙ୍କୁ ଚାକିରି ଦେବା, ମହାସଂଘର ମାସିକ ରିଜୋଲ୍ୟୁସନ ଖାତାରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ବିଡିଓ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହେଲୁ ବୋଲି ୬ଟି ସଂଘର ସଭାପତି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନା ଅଭିଯୋଗ ଗ୍ରହଣ କରି ଘେରାଉରେ ସାମିଲ ହୋଇଥିବା ମହିଳାଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ବିଡିଓ ଏଠାକୁ ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଘେରାଉ ପ୍ରତ୍ୟାହାର କରିବୁ ନାହିଁ ବୋଲି ମହିଳାମାନେ ଜିଦ୍ ଧରିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ବିଡ଼ିଓ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହ ଆସନ୍ତା ୧ ମାସ ମଧ୍ୟରେ ଦୁର୍ନୀତିର ତଦନ୍ତ କରିବା ପାଇଁ କହିଥିଲେ। ହେଲେ ମହିଳାମାନେ ଏଥିରେ ଅରାଜି ହୋଇ ୧୫ ଦିନ ମଧ୍ୟରେ ତଦନ୍ତ କରିବାକୁ କହିଥିଲେ। ନଚେତ ବିଡିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଥିଲେ। ଏଥିରେ ବିଡିଓ ରାଜି ହୋଇଥିଲେ। ଏ ନେଇ ବିଡ଼ିଓ ମିଶ୍ର କହିଛନ୍ତି, ଅଭିଯୋଗର ସତ୍ୟତା ଜାଣିବା ପାଇଁ ବ୍ଲକ ପକ୍ଷରୁ ତଦନ୍ତ କରାଯିବ। ଯଦି ଏହି ଦୁର୍ନୀତି ଘଟଣାରେ କାହାରି ସମ୍ପୃକ୍ତି ଥାଏ, ତ'ହେଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଧାରଣାରେ ଇତିଶ୍ରୀ ସ୍ୱାଇଁ, ମାନସୀ ଦାସ, ଦୀପାଞ୍ଜଳି ଦାସ, ମଞ୍ଜୁଲତା ନାୟକଙ୍କ ସହ ଅନ୍ୟମାନେ ସାମିଲ ଥିଲେ।



ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କ ସହିତ ମହିଳାମାନେ ଆଲୋଚନା କରୁଛନ୍ତି।

## ଭ୍ରମ ସଂଶୋଧନ

ସେପ୍ଟେମ୍ବର ୨୭ ତାରିଖ ଧରିତ୍ରୀର ମେଟ୍ରୋ ସଂସ୍କରଣର ୬ ନମ୍ବର ପୃଷ୍ଠାରେ ପ୍ରକାଶିତ ବାଲୁକା କଳା ସମ୍ପର୍କିତ ଫଟୋ କ୍ୟାପଶନ୍‌ରେ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ନାମ ପରିବର୍ତ୍ତେ ଭୁଲବଶତଃ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ନାମ ପ୍ରକାଶ ପାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

## ଘୋଡ଼ାନାଚ, ଲୋକକଳା ଦ୍ୱାରା ପର୍ଯ୍ୟଟକଙ୍କୁ ସ୍ୱାଗତ

### କୋଣାର୍କରେ ବିଶ୍ୱ ପର୍ଯ୍ୟଟନ ଦିବସ

କୋଣାର୍କ,୨୭।୯(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଦେଶ ବିଦେଶର ପର୍ଯ୍ୟଟନର ପ୍ରାଣକେନ୍ଦ୍ର କୋଣାର୍କର ସ୍ଥାପତ୍ୟ, କଳା ଓ ସଂସ୍କୃତି ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ଦିବସ ପାଳନ ଅବସରରେ କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ସୂର୍ଯ୍ୟମନ୍ଦିର ପରିଭ୍ରମଣରେ ଆସିଥିବା ପର୍ଯ୍ୟଟକମାନଙ୍କୁ ଗୋଲାପ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାଇଦେଇ ଘୋଡ଼ାନାଚ ଦଳର ଜଟାଧାରୀ ବେହେରା ଓ ସାଥୀମାନଙ୍କ ଦ୍ୱାରା ପରିବେଷିତ ଲୋକ କଳା ଘୋଡ଼ାନାଚ ମାଧ୍ୟମରେ ପର୍ଯ୍ୟଟକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟ ମନ୍ଦିର ପରିସରରେ ଝୋଟି ଚିତା ଓ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଇଣ୍ଡିଆ ବୁକ୍ ଅଫ୍‌ରେ ସମ୍ମାନ ପାଇଥିବା ବାଲୁକା ଶିଳ୍ପୀ ଦ୍ୱାରା ବାଲୁକା କଳା ମାଧ୍ୟମରେ ବାର୍ତ୍ତା ସିଞ୍ଚନ କରାଯାଇଥିଲା। ଚଳିତବର୍ଷ ଏହି ଦିବସ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ପ୍ରଚେଷ୍ଟା ଓ ଉଦ୍ୟମ ଯୋଗୁ ଫଳପ୍ରଦ ହୋଇଥିବା ବେଳେ ପର୍ଯ୍ୟଟକମାନଙ୍କୁ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ବନ୍ଧରେ ଅବଗତ କରାଇବା ସହ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଉଛି ବୋଲି ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କୋଣାର୍କ ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନ ସମ୍ବନ୍ଧୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଏହାକୁ ନେଇ ପର୍ଯ୍ୟଟକ ବହୁତ ଖୁସି ଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାସ ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଯୋଗ ଦେଇଥିଲେ।



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କୋଣାର୍କ ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କୁ ଘୋଡା ନାଚ ଦ୍ୱାରା ସ୍ୱାଗତ କରାଯାଉଛି ।

## ପ୍ରାଚୀନ କଳାକୃତି, ଆତିଥ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ବଳିଷ୍ଠ କରିଛି



ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପର୍ଯ୍ୟଟନ ବିଭାଗର ଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି ।

ସାକ୍ଷୀଗୋପାଳ, ୨୭।୯(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପର୍ଯ୍ୟଟନ ବିଭାଗର ଛାତ୍ରମାନଙ୍କୁ ନେଇ ମଙ୍ଗଳବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ପ୍ରାକୃତିକ ବୈଭ, ପ୍ରାଚୀନ କଳାକୃତି ଓ ଉତ୍ତମ ଆତିଥ୍ୟ ଆମ ପର୍ଯ୍ୟଟନ କ୍ଷେତ୍ରକୁ ବଳିଷ୍ଠ କରିଛି ବୋଲି ମୁଖ୍ୟ ଅତିଥି ଉପସ୍ଥିତ ଛାତ୍ରମାନଙ୍କୁ ବୁଝାଇଥିଲେ। ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ପର୍ଯ୍ୟଟନ ଉପାର୍ଜନର ରାହା ଯୋଗାଇ ଦେଇଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ପାଠ୍ୟକ୍ରମରେ ସରକାର ସାମିଲ କରିବା ଏକ ଉଚିତ ପଦକ୍ଷେପ ବୋଲି ସୂଚନା ଦେଇଥିଲେ। ଏହି ବିଦ୍ୟାଳୟରେ ପର୍ଯ୍ୟଟନ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶିକ୍ଷା ସୁବିଧା ସୁଯୋଗ ରହିଥିବାରୁ ଏଦିଗରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକ ପରାମର୍ଶ ଦେଇଥିଲେ। ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଓ ପର୍ଯ୍ୟଟନ ବିଭାଗ ଶିକ୍ଷକ ବିଶ୍ୱନାଥ ସ୍ୱାଇଁ ସହଯୋଗ କରିଥିଲେ। ପ୍ରାକୃତିକ ସମ୍ପଦ ମଧ୍ୟରେ ପର୍ବତ ମାଳା, ହ୍ରଦ, ବିସ୍ତୀର୍ଣ୍ଣ ବେଳାଭୂମି, ମନ୍ଦିର ମାଳା, ଅଭୟାରଣ୍ୟ ସହିତ ସୁନ୍ଦର କଳାକୃତି, ଯାନିଯାତ୍ରା, ସଂସ୍କୃତି, ଖାଦ୍ୟପେୟ ଆମ ପର୍ଯ୍ୟଟନ କ୍ଷେତ୍ରର ଏକ ଅନନ୍ୟ ପରିଚୟ। ଏଥିପାଇଁ ସରକାର ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ଦେବା ସହ ପର୍ଯ୍ୟଟନର ବିକାଶ ନିମନ୍ତେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଅତୁଲ୍ୟ ଭାରତର ଆତ୍ମା (ଇନ୍‌କ୍ରେଡିବିଲ୍ ଇଣ୍ଡିଆ) ଭାବେ ଉପସ୍ଥାପନ କରାଯାଇଛି। ପରେ ବିଦ୍ୟାଳୟର ପର୍ଯ୍ୟଟନ ବିଭାଗର ଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ।

## ସଂକ୍ଷେପରେ

### କଲେଜ ଛାତ୍ରୀ ନିଖୋଜ

**ଉଦ୍ଧାର ପାଇଁ ପରିବାରର ଅନୁରୋଧ**

ପିପିଲି,୨୭।୯(ଡି.ଏନ୍.ଏ.)- ବଳଙ୍ଗା ଅଞ୍ଚଳର ଜନୈକା କଲେଜ ଛାତ୍ରୀ ନିଖୋଜ ହେବା ନେଇ ସୋମବାର ପରିବାର ଲୋକ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ବଳଙ୍ଗା କଲେଜ ଛକ ନିକଟ ନାହାମଙ୍ଗପାଟଣା ଗ୍ରାମର କଲେଜ ଛାତ୍ରୀ ଗତ ୨୧ ତାରିଖରେ ସାର୍ଟିଫିକେଟ୍ ପାଇଁ କଲେଜକୁ ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ଏନେଇ ପରିବାର ଲୋକେ ସେହିଦିନ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଝିଅକୁ ଫେରାଇ ଆଣିବାକୁ ମଙ୍ଗଳବାର ତାଙ୍କ ବାପା ମା’ ନିବେଦନ କରିଛନ୍ତି। ଏନେଇ ଥାନା ଅଧିକାରୀ ରଶ୍ମି ରଞ୍ଜନ ପୃଷ୍ଟିଙ୍କୁ ପଚାରିବାରେ, ଛାତ୍ରୀଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଛି। ତେବେ ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ସେ କହିଛନ୍ତି।

### ଏକେଏସ୍‌ଏସ୍ ସଂଗଠନର ରିଲିଫ୍ କାର୍ଯ୍ୟ ଜାରି

କଣାସ,୨୭।୯(ସ୍ୱ.ପ୍ର.)- କଣାସ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଞ୍ଚଳିକ କୁଞ୍ଜେଶ୍ୱରୀ ସାଂସ୍କୃତିକ ସଂସଦ(ଏକେଏସ୍‌ଏସ୍) ପକ୍ଷରୁ ବ୍ଲକରେ ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତଗୁଡିକରେ ରିଲିଫ୍ ପ୍ରଦାନ କରାଯାଉଛି। ଏହି ସଂସ୍ଥା ପକ୍ଷରୁ ଅଗଷ୍ଟ ୧୬ରୁ ଏ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ, ଫ୍ରିକିଚେନ୍, ବ୍ୟାପକ କ୍ଷତିଗ୍ରସ୍ତ ପଞ୍ଚାୟତରେ ଶୁଖିଲା ଖାଦ୍ୟପୁଡିଆ ବଣ୍ଟନ, ବନ୍ୟାକ୍ଲିଷ୍ଟ ଶିଶୁଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ, ଶୁଦ୍ଧଜଳ ବଣ୍ଟନ କାର୍ଯ୍ୟ କରାଯାଉଛି। ମଙ୍ଗଳବାର ୩୫୦ଜଣ ପରିବାରଙ୍କୁ ରାଶନ କିଟ୍ ବଣ୍ଟନ କରାଯାଇଛି। ଉକ୍ତ ରିଲିଫ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ରଜନୀକାନ୍ତ ପାଢୀ, ଗୌରୀ ଦାସ, କୃପାସିନ୍ଧୁ ପାଇକରାୟ, ସୁଜାତା ବାହୁବଳେନ୍ଦ୍ର, ସଂଯୁକ୍ତା ପ୍ରଧାନ, ପ୍ରେମାନନ୍ଦ ଜାଲି, ରଜନିରାଣୀ ମାର୍ଥା, ଶାଶ୍ୱତକେଶରୀ ବଳିୟାରସିଂ ଓ ପ୍ରତାପ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ଏଏପି ପକ୍ଷରୁ ଫ୍ରି ବିଜୁଳି ଦସ୍ତଖତ ଆନ୍ଦୋଳନ

ପୁରୀ ଅଫିସ,୨୭।୯- ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ, ପୁରୀ ସଦର ବ୍ଲକ ଅନ୍ତର୍ଗତ ଖମାର ଗ୍ରାମରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମଙ୍ଗଳବାର ୨୦୦ ୟୁନିଟ୍ ଫ୍ରି ବିଜୁଳି ଆନ୍ଦୋଳନ ଦସ୍ତଖତ ଅଭିଯାନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସଦର ବ୍ଲକର ଶତାଧିକ ମହିଳା, ଯୁବତୀ ଯୁବକ ସାମିଲ ହୋଇଥିଲେ। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ସଭାପତି ଶ୍ୟାମଳେନ୍ଦୁ ପ୍ରଧାନ ସଭାର ନେତୃତ୍ୱ ନେଇଥିଲେ। ମିଶ୍ରଣ ପର୍ବରେ ନାରାୟଣ ପ୍ରଧାନ, ରାଧାଶ୍ୟାମ ବିଶ୍ୱାଳଙ୍କ ସମେତ ଶତାଧିକ ମହିଳା ବିଭିନ୍ନ ଦଳ ଛାଡ଼ି ଆପ୍‌ରେ ଯୋଗ ଦେଇଥିଲେ। ସଭାରେ ଜିଲା ସଭାପତି ଓ ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ୨୦୦ ୟୁନିଟ୍ ବିଜୁଳି ଫ୍ରି ପାଇବା ଦାବି କରିଥିଲେ।

## ‘ଜନତାଙ୍କ ସହଭାଗିତା ପର୍ଯ୍ୟଟନକୁ ଅଧିକ ପରିବ୍ୟାପ୍ତ କରେ’

### ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ପୁରୀ ଅଫିସ,୨୭।୯:

ପୁରୀ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ମଙ୍ଗଳବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ କହିଛନ୍ତି, ପର୍ଯ୍ୟଟନ କେବଳ ଖୁସି ଦିଏ ନାହିଁ ବରଂ ଅର୍ଥନୀତି ଓ ପାରସ୍ପରିକ ସଦ୍‌ଭାବନାକୁ ସମୃଦ୍ଧ କରିଥାଏ। ପର୍ଯ୍ୟଟନ ସ୍ଥାନ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁବିଧ ବ୍ୟବସ୍ଥା କରାଯାଉଛି। ତେବେ ସାଧାରଣ ଜନତାଙ୍କ ସହଭାଗିତା ପର୍ଯ୍ୟଟନକୁ ଅଧିକ ପରିବ୍ୟାପ୍ତ କରିଥାଏ ବୋଲି ସେ କହିଥିଲେ। ପରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତାରେ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଶୁଭ୍ରଶ୍ରେୟ ମିଶ୍ର ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟମନ୍ଦିରର ଛାତ୍ର ରୁଦ୍ରପ୍ରସାଦ ଦାଶ ଦ୍ୱିତୀୟ, ବ୍ଲେସ୍ଡ ସେକ୍ରେମେଣ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ର ତୃତୀୟ, ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତାରେ ସୁରଜମଲ ସାହା ମହବିଦ୍ୟାଳୟର ଛାତ୍ରୀ ଇଶାନୀ ବାନାର୍ଜୀ ପ୍ରଥମ, କଲେଜ ଅଫ ମ୍ୟାନେଜମେଣ୍ଟ ଟେକ୍ନୋଲୋଜିର ଛାତ୍ରୀ କଲ୍ୟାଣୀମୟୀ ଜେନା ଦ୍ୱିତୀୟ, କୁଇଜ ପ୍ରତିଯୋଗିତାରେ ଭାର୍ଗବୀ ଉଚ୍ଚ ବିଦ୍ୟାଳୟ ବୀର ନରସିଂହପୁରର ଛାତ୍ର ମହେଶ କୁମାର ବେହେରା ପ୍ରଥମ, ପିପିଲି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୃଷ୍ଟି ସ୍ମିତା ନନ୍ଦ ଦ୍ୱିତୀୟ, ବ୍ଲେସ୍ଡ ସେକ୍ରେମେଣ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ର ଅରମାନ ଚୌଧୁରୀ ତୃତୀୟ ଓ ମହାବିଦ୍ୟାଳୟ କୁଇଜରେ ଏସସିଏସ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଶୈଳବାଳା ଓଝା ପ୍ରଥମ, ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ରିତୁପର୍ଣ୍ଣା ସାହୁ ଦ୍ୱିତୀୟ, ସୁରଜମଲ ସାହା ମହାବିଦ୍ୟାଳୟର ଛାତ୍ରୀ ସୁପର୍ଣ୍ଣା ପ୍ରିୟଦର୍ଶିନୀ ତୃତୀୟଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ଓ ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ପର୍ଯ୍ୟଟନ ବିଭାଗର କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

## ଏନ୍‌ଏସି ପକ୍ଷରୁ ‘ସ୍ୱାଧୀନତାର ଉଚ୍ଛ୍ୱାସ’ କାର୍ଯ୍ୟକ୍ରମ



ନିମାପଡା ଏନ୍‌ଏସି ପକ୍ଷରୁ ଅନୁଷ୍ଠିତ ‘ସ୍ୱାଧୀନତାର ଉଚ୍ଛ୍ୱାସ’ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ବ୍ୟକ୍ତିତ୍ୱ ।

ନିମାପଡ଼ା,୨୭।୯(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ପକ୍ଷରୁ ବସ୍ତିବାସିନ୍ଦା ସଂଘ ସହାୟତାରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ମଙ୍ଗଳବାର ‘ସ୍ୱାଧୀନତାର ଉଚ୍ଛ୍ୱାସ’ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ସମାରୋହ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ୩ ନଂ. ୱାର୍ଡର ମୁସଲମାନ ବସ୍ତି ଓ ୪ନଂ. ୱାର୍ଡର ସୁଇପର କଲୋନୀଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସୁସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ବେହେରା, ସିଟି ମିଶନ ମ୍ୟାନେଜର ଶୁଭଜିତ୍ ସେନାପତି, କମ୍ୟୁନିଟି ସଂଯୋଜିକା ଶୁଭଲକ୍ଷ୍ମୀ ହୋତା, କାଉନସିଲର ଧନୁର୍ଦ୍ଧର ଦାସ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ମାଧବ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବସ୍ତି ବାସିନ୍ଦାର ବାଳିକା ବାଳକ, କୁନି ପିଲା, ମହିଳାମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ଶୀର୍ଷକ ନୃତ୍ୟ ସଙ୍ଗୀତ, ଚିତ୍ରାଙ୍କନ, ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ନିମାପଡ଼ା ପ୍ରାକ୍ଟିସିଂ ୟୁଜି ୟୁପି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିମନ୍ତ ଶେଖର ରଥ ଯୋଗଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସଂଘ ସଭାପତି ବିଜୟ ଗୋଛାୟତ, ସମ୍ପାଦିକା ପ୍ରିୟଙ୍କା ଘଡେଇ, ବିରଞ୍ଚି ନାରାୟଣ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

## ପିପିଡବ୍ଲ୍ୟୁଓ ପ୍ରତିଷ୍ଠାତା ରାଜକିଶୋରଙ୍କ ସ୍ମୃତି ସମାରୋହ

ନିମାପଡ଼ା,୨୭।୯(ଡି.ଏନ୍.ଏ.)

ନିମାପଡ଼ା ଅଞ୍ଚଳର ବିଶିଷ୍ଟ ଜନସେବକ, ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ(ପିପିଡବ୍ଲ୍ୟୁଓ) ପ୍ରତିଷ୍ଠାତା ତଥା ନିମାପଡ଼ାସ୍ଥିତ ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ସାବୁତ୍‌ଙ୍କ ୨ୟ ବାର୍ଷିକ ସ୍ମୃତି ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତଳଅଣ୍ଡିଆସ୍ଥିତ ସଂଗଠନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପିପିଡବ୍ଲ୍ୟୁଓ ସଭାପତି ଗଗନବିହାରୀ ଦାସ, ପ୍ରଫେସର ନାରାୟଣଚନ୍ଦ୍ର ପତି, ଚେତନ କଲେଜ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସକ ଦିଲୀପ ପଟ୍ଟନାୟକ, ଡ. ରବିନାରାୟଣ ସାହୁ ଯୋଗଦେଇ ସ୍ୱର୍ଗତ ସାବୁତ୍‌ଙ୍କ ସ୍ମୃତିଚାରଣ କରିଥିଲେ। ପିପିଡବ୍ଲ୍ୟୁଓର କର୍ମକର୍ତ୍ତା, ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସାବୁତ୍‌ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଦେବାସହ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

## ମାତୃଭାଷା ଓଡ଼ିଆ ଆମ ଅସ୍ମିତା, ସ୍ୱାଭିମାନର ପରିଚୟ

### ଓଡ଼ିଆ ଭାଷାର ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ପୁରୀ ଅଫିସ,୨୭।୯

ଉପେନ୍ଦ୍ର ମିଶ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ଓଡ଼ିଆ ଭାଷାର ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ମଙ୍ଗଳବାର ଉପେନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ଅଧ୍ୟକ୍ଷା ମଞ୍ଜୁଶ୍ରୀ ମିଶ୍ର ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି କହିଥିଲେ, ମାତୃଭାଷା କୌଣସି ଜାତିର ସ୍ୱାଭିମାନ ଓ ସ୍ୱପରିଚୟ ପ୍ରକାଶ କରିଥାଏ। ସାଧାରଣତଃ ଆମେ ମାଆର ଭାଷାକୁ ମାତୃଭାଷା କହୁ। ମା ଶିଶୁଟିର ଆଦ୍ୟଗୁରୁ। ମା’ର ଆଦର୍ଶରେ ଓ ମାତୃଭାଷାର ପରିଚୟ ପାଇ ଶିଶୁଟି ଖନେଇ ଖନେଇ କଥା କହେ ଓ ସମାଜକୁ ଚିହ୍ନେ। ତେଣୁ ମାତୃଭାଷା ଓଡ଼ିଆ ଆମ ଅସ୍ମିତା, ସ୍ୱାଭିମାନର ପରିଚୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଐତିହାସିକ ତଥା ଗବେଷକ ମଦନମୋହନ ମହାପାତ୍ର ଯୋଗଦେଇ କହିଥିଲେ, ଓଡ଼ିଆ ସଂସ୍କୃତିରେ ଚାଟଶାଳୀ ପାଠର ଧାରା ମାଧ୍ୟମରେ ଶିଶୁଟିଏ ନିଜର ଭାଷା, ସଂସ୍କୃତି ଓ ଐତିହ୍ୟର ପରିଚୟ ପାଇଥିଲା। ଅବଧାନ ଶୂନ ପ୍ରୟୋଗ କରି ମା ଓ ଶ୍ରୀ ରୁ ଶିକ୍ଷା ଆରମ୍ଭ କରୁଥିଲେ। ଓଡ଼ିଆ ଭାଷାର ଗୌରବ ବୃଦ୍ଧି ପାଇଁ ବର୍ତ୍ତମାନ ଏହି ପଦ୍ଧତି ଆରମ୍ଭ ହେବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ କବି ଭବାନୀପ୍ରସାଦ ବଳିଆରସିଂ, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଯୋଗେଶ୍ୱର ପ୍ରହରାଜ, ଡ. ସୁଦୀପ୍ତା ମିଶ୍ର ଓ ହେମାଙ୍ଗିନୀ ମହାନ୍ତି ପ୍ରମୁଖ ଯୋଗଦେଇ ମାତୃଭାଷାର ସୁରକ୍ଷା ପାଇଁ ନିଜ ନିଜର ମତ ଉପସ୍ଥାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରେୟା ସମ୍ପଦା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କାର୍ତ୍ତିକ ମାସ କୋଠ ଭୋଗ ପାଇଁ ନଡ଼ିଆ ସଂଗ୍ରହ

ପିପିଲି,୨୭।୯(ଡି.ଏନ୍.ଏ.)

ଶ୍ରୀଜଗନ୍ନାଥ ମନ୍ଦିର କାର୍ତ୍ତିକ ମାସର କୋଠ ଭୋଗ ପାଇଁ ନଡ଼ିଆ ସଂଗ୍ରହ କାର୍ଯ୍ୟ ମଙ୍ଗଳବାର ଗୋବର୍ଦ୍ଧନପୁର ଗ୍ରାମରୁ ଆରମ୍ଭ ହୋଇଛି। ପ୍ରତ୍ୟେକବର୍ଷ କୋଠ ଭୋଗ ନିମନ୍ତେ ପିପିଲି ନିକଟବର୍ତ୍ତୀ ଗୋବର୍ଦ୍ଧନପୁରର ଗତୀଶ୍ୱରଦେବଙ୍କ ପୀଠରୁ ନଡିଆ ପଠାଯାଇଥାଏ। ଜଗନ୍ନାଥପ୍ରେମୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆଖପାଖ ଗ୍ରାମରୁ ନଡିଆ ସଂଗ୍ରହ କରାଯାଉଛି। ବିଭିନ୍ନ ଗ୍ରାମ ପରିକ୍ରମା କରି କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ନଡିଆ ସଂଗ୍ରହ ଅଭିଯାନ ଜାରି ରହିବ। ତେବେ ବାହାର ଅଞ୍ଚଳର ଶ୍ରଦ୍ଧାଳୁ ମଧ୍ୟ ଗତୀଶ୍ୱର ମନ୍ଦିରରେ କୋଠ ଭୋଗ ନିମନ୍ତେ ନଡିଆ ଦେଇପାରିବେ। ୨୦୧୫ରୁ ଶ୍ରୀମନ୍ଦିର ପ୍ରଶାସନର ଅନୁମୋଦନକ୍ରମେ କାର୍ତ୍ତିକ ମାସରେ ମହାପ୍ରଭୁଙ୍କ କୋଠ ଭୋଗ ପାଇଁ ପିପିଲିରୁ ଶ୍ରଦ୍ଧାଳୁମାନେ ଶହ ଶହ ସନ୍ଧ୍ୟାରେ ନଡିଆ ପଠାଇଥାନ୍ତି, ଯାହାକି ପିପିଲି ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ପୁରାଣ ଓ ବର୍ତ୍ତମାନ ସହ ଓତପ୍ରୋତ ଭାବେ ଜଡିତ। ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟକ୍ଷ ସେବା ପାଇଁ ପିପିଲି ଅଞ୍ଚଳର ଶ୍ରଦ୍ଧାଳୁ ବହୁତ ଭାଗ୍ୟବାନ ମନେକରୁଥିବାବେଳେ ଏଥର ୮ଶହରୁ ୧୦୦୦ ନଡିଆ ପଠାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଜଗନ୍ନାଥପ୍ରେମୀ ସାହୁ କହିଛନ୍ତି।



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସ୍ୱସ୍ତିକ୍ ଫାଉଣ୍ଡେସନ ପକ୍ଷରୁ ପୁରୀ ରେଳ ଷ୍ଟେଶନରେ ପର୍ଯ୍ୟଟକଙ୍କୁ ଫୁଲ ଦେଇ ଶୁଭେଚ୍ଛା ଜଣାଯାଉଛି ।

## ଅଷ୍ଟମୀରେ ଆମିଷ ଭୋଗ, ପାଣିକଖାରୁ ବଳି

### ଶ୍ରୀକ୍ଷେତ୍ରରେ ବାଙ୍କୀମୁହାଣ ରାମଚଣ୍ଡୀ ପୀଠ ଅନ୍ୟତମ

ପୁରୀ ଅଫିସ,୨୭।୯

ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷାଠାରୁ ଶ୍ରୀକ୍ଷେତ୍ରରେ ବିଭିନ୍ନ ଦେବୀ ପୀଠରେ ଷୋଳପୂଜା ଆରମ୍ଭ ହୋଇଥାଏ। ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀପୀଠ ମଧ୍ୟରେ ବାଙ୍କୀମୁହାଣ ରାମଚଣ୍ଡୀ ସାହିରେ ଅବସ୍ଥାନ କରୁଥିବା ମା’ ରାମଚଣ୍ଡୀଙ୍କ ପୀଠ ଅନ୍ୟତମ। ମୂଳାଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ମା’ଙ୍କ ଷୋଳପୂଜା ଅନୁଷ୍ଠିତ ହୋଇଥାଏ। କେଉଁ ଆବହମାନ କାଳରୁ ମା’ ଏଠାରେ ପୂଜା ପାଇ ଆସୁଛନ୍ତି। ମା’ ରାମଚଣ୍ଡୀ ହେଉଛନ୍ତି ପରମ ବୈଷ୍ଣବୀ । ମା’ ବାମହସ୍ତରେ ଖଡ୍‌ଗ ଧାରଣ କରିଥିବା ବେଳେ ଡାହାଣ ହସ୍ତରେ ଧନୁ ଧାରଣ କରିଥାନ୍ତି। ମା’ଙ୍କ ଏହି ଷୋଳ ପୂଜା ମଧ୍ୟର ଅଷ୍ଟମୀ ତିଥିରେ ଆମିଷ ଭୋଗ ଓ ପାଣିକଖାରୁ ବଳି ଦିଆଯାଉଥିବା ପ୍ରମୁଖ ପରମ୍ପରା ରହିଛି। ମା’ଙ୍କ ନିକଟରେ ବିଭିନ୍ନ ପୂଜା ପର୍ବାଣିରେ ଭକ୍ତମାନଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳିଥାଏ।

ଷୋଳପୂଜା ଅବସରରେ ମା’ଙ୍କ ନିକଟରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ମା’ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ। ପାର୍ବତୀ, ଭୁବନେଶ୍ୱରୀ, ସର୍ବମଙ୍ଗଳା, ମହାଲକ୍ଷ୍ମୀ, ବନଦୁର୍ଗା, ଜୟଦୁର୍ଗା, ମାତଙ୍ଗି, ସିଂହବାହିନୀ, ତ୍ରିପୁରା ସୁନ୍ଦରୀ, ନାରାୟଣୀ ଓ ମହିଷମର୍ଦ୍ଦିନୀ ଆଦି ସହ ଅନ୍ୟାନ୍ୟ ବେଶ ହୋଇଥାନ୍ତି। ମା’ଙ୍କ ମୁଖ୍ୟ ପୂଜକ ଭବାନୀ ଶଙ୍କର ପାଣିଙ୍କ କହିବା ଅନୁଯାୟୀ, ଆଶ୍ୱିନ ମାସର ମୂଳାଷ୍ଟମୀଠାରୁ ମା’ଙ୍କର ଷୋଡ଼ ଦିନାତ୍ମକ ପୂଜା ହୋଇଥାଏ। ମା’ଙ୍କ ନିକଟରେ ସହସ୍ର କୁମ୍ଭ ବରଣ କରାଯିବା ପରେ ଷୋଡ ଦିନାତ୍ମକ ପୂଜା ଆରମ୍ଭ ହୋଇଥାଏ। ଏହି ଷୋଳପୂଜାର ପ୍ରତ୍ୟେକ ଦିନ ମା’ଙ୍କ ନିକଟରେ ଦୁଇଥର ଷୋଡ଼ଶ ପ୍ରକାର ପୂଜା ଓ ଦୁଇଥର ପଞ୍ଚ ପ୍ରକାର ପୂଜା ହୋଇଥାଏ। ମା’ଙ୍କୁ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ବିଭିନ୍ନ ବେଶରେ ସଜିତ କରାଯାଇଥାଏ। ମା’ଙ୍କ ଦ୍ୱାର ଫିଟାଯାଇ ସୂର୍ଯ୍ୟପୂଜା, ମଙ୍ଗଳା ଆଳତି, ଅବକାଶ, ମହାସ୍ନାନ, ଚଣ୍ଡୀପାଠ, ହୋମ ପରେ ଅନ୍ୟାନ୍ୟ ନୀତିକାନ୍ତି ହୋଇ ରାତିରେ ରାତ୍ର ପୂଜା କରାଯାଏ। ମା’ଙ୍କ ନିକଟରେ ଚାରିଧୂପ ହୋଇଥାଏ। ସକାଳ ଧୂପରେ ମା’ଙ୍କ ନିକଟରେ ଖେଚୁଡି, ଦ୍ୱିପ୍ରହର ଧୂପରେ ଭାତ, ଡାଲି, ଖେଚୁଡି, ତରକାରି, ଶାଗ, ବେସର ଆଦି ଭୋଗ କରାଯାଏ। ସନ୍ଧ୍ୟା ଧୂପରେ କାକରା, ମଣ୍ଡା ପିଠା ଆଦି ଭୋଗ ହୋଇଥାଏ। ସେହିପରି ରାତ୍ର ଭୋଗରେ ମା’ଙ୍କୁ ପଣା ଭୋଗ କରାଯାଏ। ମା’ଙ୍କ ନିକଟରୁ ଶ୍ରୀମନ୍ଦିରରୁ ପ୍ରତ୍ୟେକ ଦିନ ଅର୍ଥାତ ବର୍ଷକ ବାରମାସ ମହାପ୍ରସାଦ ଏବଂ ମାଳ ମାହାର୍ଦ ଆସିଥାଏ। ମୂଳାଷ୍ଟମୀଠାରୁ ମା’ଙ୍କ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହୋଇଥିବା ବେଳେ ଆଶ୍ୱିନ ଅମାବାସ୍ୟାଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଥାଏ। ଯାହାକୁ ନ ପତ୍ରିକା ପୂଜା ବୋଲି କୁହାଯାଇଥାଏ। ମା’ଙ୍କ ନବପତ୍ରିକା ବରଣ କରାଯାଇ ମା’ଙ୍କୁ ନବଦିନାତ୍ମକ ପୂଜାରେ ବସାଯାଏ। ସେହିପରି ଷଷ୍ଠୀତିଥିରୁ ବିଲ୍ୱବରଣ ହୋଇ ମା’ଙ୍କ ତିନି ପୂଜା ଆରମ୍ଭ ହୋଇଥାଏ। ସପ୍ତମୀ ଆୟୁଧ ପୂଜା ସହ ବିଶେଷ ପୂଜା ଅନୁଷ୍ଠିତ ହୁଏ। ଅଷ୍ଟମୀ ତିଥିରେ ମା’ଙ୍କ ନିକଟରେ ଆମିଷ ଭୋଗ ଅନୁଷ୍ଠିତ ହୋଇଥାଏ। ସେହିପରି ଏହି ଦିନ ମା’ ମହିଷ ମର୍ଦ୍ଦିନୀ ବେଶରେ ସଜିତ ହୋଇଥାନ୍ତି। ଅପରପକ୍ଷେ ଅଷ୍ଟମୀ ଏବଂ ନବମୀରେ ମାଙ୍କ ସନ୍ଧି ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଦିନ ମା’ଙ୍କ ନିକଟରେ ପାଣିକଖାରୁ ବଳି ପଡ଼ିଥାଏ। ମା’ଙ୍କୁ ୧୦୮ ପଦ୍ମ ଲାଗି କରାଯିବା ସହ ୧୦୮ ବଳିତାରେ ଆଳତି କରାଯାଏ। ପରେ ନବମୀ ପୂଜା ଆରମ୍ଭ ହୋଇଥାଏ। ମା’ଙ୍କ ପ୍ରତିମୂର୍ତ୍ତି ପାଷାଣରେ ନିର୍ମିତ ହୋଇଥିବା ବେଳେ ମା’ ଷଡ଼ଭୁଜା ବିଶିଷ୍ଟା। ମା ହସ୍ତରେ ଖଡ୍‌ଗ, ଖର୍ପର, ଧନୁସର, ଦୁଇ ହାତରେ ମୂସଳ ଧରି ତ୍ରିପୁରା ସୁରକୁ ବଧ କରିବା ମୁଦ୍ରରେ ରହିଛନ୍ତି।